ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.137, Saturday, 5 September 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୭, ଶନିବାର, ୫ ସେପ୍ଟେମ୍ବର ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort

MONSOON
MASTI

PRICE STARTS FROM
~~₹899/~~
₹749/-
Including GST

ONLY ON
ONLINE
BOOKING

Malatipatpur,Puri.Odisha
FOLLOW US -
TOLL FREE : 1800 120 6676

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.137, Saturday, 5 September 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୭, ଶନିବାର, ୫ ସେପ୍ଟେମ୍ବର ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.137, Saturday, 5 September 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୭, ଶନିବାର, ୫ ସେପ୍ଟେମ୍ବର ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ଚାଷୀଙ୍କ ଖାତାକୁ ଆସିଲା ସିଏମ୍-କିଷାନ ଟଙ୍କା

ଆମ ସରକାର ସଦାସର୍ବଦା ଚାଷୀ କଲ୍ୟାଣ ପାଇଁ ପ୍ରତିବଦ୍ଧ

■ ୮୩୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ
■ ସିଏମ୍ କିଷାନ ସହାୟତା ନୁହେଁ, ଚାଷୀଙ୍କ ପରିଶ୍ରମକୁ ଉଚିତ ସମ୍ମାନ

ଭୁବନେଶ୍ୱର(ବ୍ୟୁରୋ)

ପବିତ୍ର ଜନ୍ମାଷ୍ଟମୀ ଓ କୃଷି ଭିତ୍ତିକ ଗଣପର୍ବ 'ନୂଆଁଖାଇ'ର ଅବ୍ୟବହିତ ପୂର୍ବରୁ ରାଜ୍ୟର ଅଗଣିତ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶୁକ୍ରବାର ସ୍ଥାନୀୟ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ସି.ଏମ୍-କିଷାନ୍ ଯୋଜନାର ପଞ୍ଚମ କିସ୍ତି ବାବଦକୁ ରାଜ୍ୟର ୪୧ଲକ୍ଷ ୩୫ହଜାର ୯୭୮ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୩ହଜାର ୯୪୯ଭୂମିହୀନ କୃଷି ପରିବାରଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୮୩୩କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ ଯେ, ୨୦୨୬-୨୭ରବି ଫସଲ ପୂର୍ବରୁ ବିହନ, ସାର ଓ କୀଟନାଶକ କିଣିବାରେ ଏହି ଅର୍ଥ ଚାଷୀମାନଙ୍କୁ ସହାୟକ ହେବ। ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ସଦାସର୍ବଦା ଚାଷୀ ଓ ଭୂମିହୀନ ପରିବାର ଗୁଡ଼ିକର କଲ୍ୟାଣ ପାଇଁ ପ୍ରତିବଦ୍ଧ । କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶାର ପ୍ରଗତିର ପ୍ରକୃତ ମୂଳଦୁଆ। 'ସି.ଏମ୍ କିଷାନ'ଯୋଜନା ମାଧ୍ୟମରେ ଆମେ କେବଳ ଆର୍ଥିକ ସହାୟତା ପ୍ରଦାନ କରୁନାହୁଁ, ବରଂ ଚାଷୀମାନଙ୍କୁ ଆତ୍ମ ନିର୍ଭରଶୀଳ କରିବା ସହ ସେମାନଙ୍କ ଶ୍ରମକୁ ଉଚିତ ସମ୍ମାନ ଦେଉଛୁ । ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସମୃଦ୍ଧ କୃଷକ ଯୋଜନା, ଧାନ ସଂଗ୍ରହ ଓ ବନ୍ୟା କ୍ଷତିପୂରଣ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରିଛନ୍ତି । ଚଳିତ ୨୦୨୬-୨୭ଖରିଫ ଋତୁ ପାଇଁ ଧାନ ପଞ୍ଜିକରଣ ଅବଧିକୁ ସେପ୍ଟେମ୍ବର ୭ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିପରି ନିକଟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ହୋଇଥିବା ପ୍ରବଳ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ ପାଇଁ ୧୦୦୦କୋଟି ଟଙ୍କାର ବିଶେଷ ସହାୟତା ପ୍ୟାକେଜ୍ ଘୋଷଣା କରାଯାଇଛି । ରାଜସ୍ୱ ଓ କୃଷି ବିଭାଗର କ୍ଷେତ୍ର କର୍ମଚାରୀଙ୍କ କ୍ଷତି ଆକଳନ ରିପୋର୍ଟ ଆଧାରରେ ପ୍ରଭାବିତ ଚାଷୀଙ୍କୁ ଆଶୁ କ୍ଷତିପୂରଣ ଯୋଗାଇ ଦିଆଯିବ। ରାଜ୍ୟରେ କେବଳ ପାରମ୍ପରିକ ଚାଷ ନୁହେଁ, ବିବିଧିକରଣ ହିଁ ଦୁଇଗୁଣ କରିବ ଚାଷୀଙ୍କ ଆୟ ବୋଲି ପ୍ରକାଶ କରି ଆମ ରାଜ୍ୟର ୬୦ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ ଥିବାରୁ ଚାଷୀଙ୍କ ବାର୍ଷିକ ଆୟକୁ ଅତିକମରେ ଦୁଇ ଗୁଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି । 'ସମୃଦ୍ଧ କୃଷକ ଯୋଜନା' ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଏମଏସପି ସହ ରାଜ୍ୟର ଇନପୁଟ୍ ସହାୟତା ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରାଯାଉଛି ଏବଂ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଯାଉଛି । ଗତ ୨୦୨୫-୨୬ ଖରିଫ ଋତୁରେ ୧୮.୮୪ ■ ପୃଷ୍ଠା-୧୫

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲା

ସିବିଆଇ ତଦନ୍ତ ଦାବି କଲେ ପୁଅ

ଜାଣିଶୁଣି କମିସନ୍ ରିପୋର୍ଟକୁ ବିଗତ ସରକାର ହଜେଇ ଦେଇଛନ୍ତି:ପୃଥିରାଜ

ଜଲେଶପଟା(ଅମୃତ ମିଡ଼ିଆ)

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଜି ହେଉଛି ୧୮ତମ ବଳିଦାନ ଦିବସ। ବଳିଦାନ ପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇବା ଲାଗି ତାଙ୍କର ଏକମାତ୍ର ସୁପୁତ୍ର ଲୋକନାଥ ନାଥ ଜଲେଶପଟା ଆଶ୍ରମରେ ପହଞ୍ଚିଥିଲେ । ଆଉ ତାଙ୍କ ସହିତ ତାଙ୍କ ବୋହୂ ବାସନ୍ତୀ ନାଥ ମଧ୍ୟ ସାଙ୍ଗରେ ରହିଥିଲେ। ଏହି ସମୟରେ ଲୋକନାଥ ବାପାଙ୍କ ହତ୍ୟାର ସିବିଆଇ ତଦନ୍ତ କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି, "ବାପାଙ୍କ ହତ୍ୟାକାଣ୍ଡ ଘଟଣାକୁ ଇତିମଧ୍ୟରେ ୧୮ ବର୍ଷ ବିତିଗଲାଣି। କିନ୍ତୁ ଆଜିଯାଏ ହତ୍ୟାକାରୀଙ୍କୁ ସରକାର ଗିରଫ କରି ନାହନ୍ତି। ଏହା ମଧ୍ୟରେ କମିଶନଙ୍କ ତଦନ୍ତ ରିପୋର୍ଟ ହଜିଯାଉଛି। ଏହି ଘଟଣାରେ ସିବିଆଇ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଗିରଫ କରି ଦଣ୍ଡ ଦେଲେ ମୁଁ ଭାରି ଖୁସି ହେବି।" ଅନ୍ୟପଟେ ସ୍ୱାମୀଜୀଙ୍କ ବୋହୂ ବାସନ୍ତୀ ନାଥ ମଧ୍ୟ ସ୍ୱାମୀଜୀଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଆଜି ହେଉଛି ପବିତ୍ର ଜନ୍ମାଷ୍ଟମୀ । ଏଥିସହ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୮ ତମ ଶ୍ରାଦ୍ଧ ବାର୍ଷିକୀ ସାଙ୍ଗକୁ ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ।ଏ ନେଇ ତୁମୁଡିବନ୍ଧ ଜଲେଶପଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମରେ ନିରାଡ଼ମ୍ବର ଭାବେ ଜନ୍ମାଷ୍ଟମୀ ସାଙ୍ଗକୁ ସ୍ୱାମୀଜୀଙ୍କ ବଳିଦାନ ଦିବସ ପାଳନ କରାଯାଉଛି। ସକାଳୁ ସକାଳୁ ସୂର୍ଯ୍ୟ ପୂଜା, ଗୋ ପୂଜନ ସହ ନିକଟସ୍ଥ ରାହୁଲ ନଦୀରୁ ଅନ୍ତେବାସିନୀ କଳସ ଯାତ୍ରା ଆରମ୍ଭ କରିଥିଲେ। ଏହାପୂର୍ବରୁ ■ ପୃଷ୍ଠା-୧୫

ଯୁବକଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ନୟାଗଡ(ଅମୃତ ମିଡ଼ିଆ)

ଯୁବକଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର। ପରିବାର ଲୋକଙ୍କ ପକ୍ଷରୁ ହତ୍ୟା ଅଭିଯୋଗ କରା ଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ଗଛରେ ଟାଙ୍ଗିଦେଇଥିବା ଅଭିଯୋଗ ହୋଇଛି। ରଣପୁର ଥାନା ନୋତର ପଞ୍ଚାୟତ କୋଡିଏ କାହାଣିଆ ଗାଁର ମାନସ କୁମାର ବେହେରା ଗତକାଲି କୌଣସି କାମରେ ଭୁବନେଶ୍ୱର ଯାଇଥିଲେ । ବହୁ ସମୟ ଧରି ଘରକୁ ନଫେରିବା ସହ ତାଙ୍କ ମୋବାଇଲ୍ ଫୋନ୍ ସ୍ୱିଚ୍ ଅଫ୍ ଆସିବାରୁ ପରିବାର ଲୋକଙ୍କ ସନ୍ଦେହ ବଢ଼ିଥିଲା । ପରେ ପରିବାର ଲୋକେ ବହୁ ଖୋଜାଖୋଜି କରି ମାନସଙ୍କୁ ନପାଇବାରୁ ରଣପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ତେବେ ଆଜି ସକାଳୁ ରଣପୁର ଥାନା ନିକଟସ୍ଥ ଭାଲିଆ ତଇଲା ଜଙ୍ଗଲକୁ କିଛି ଲୋକ କାଠ ସଂଗ୍ରହ ପାଇଁ ଯାଉଥିବା ବେଳେ ଏକ କାନ୍ଥୁ ଗଛରେ ଜଣେ ଯୁବକ ଝୁଲୁଥିବା ଦେଖିଥିଲେ। ଏହାପରେ ସେମାନେ ଭୟଭୀତ ହୋଇ ମାନସଙ୍କ ପରିବାର ■ ପୃଷ୍ଠା-୧୫

ଛାତ୍ର ଦୁର୍ଘଟଣା ସହାୟତାକୁ ନେଇ ନୂଆ ନିର୍ଦ୍ଦେଶାବଳୀ
ମୃତ୍ୟୁ କିମ୍ବା ଅକ୍ଷମତା କ୍ଷେତ୍ରରେ ୨ ଲକ୍ଷ ସହାୟତା

ଭୁବନେଶ୍ୱର(ବ୍ୟୁରୋ)

ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ବଡ଼ ଘୋଷଣା । ସ୍କୁଲ ଆସିବା-ଯିବା କିମ୍ବା ପରିସରରେ ଦୁର୍ଘଟଣା ଘଟିଲେ ମିଳିବ ୨ ଲକ୍ଷ ଯାଏଁ ସହାୟତା । ମଧ୍ୟାହ୍ନ ଭୋଜନ ଜନିତ ଅସୁସ୍ଥତା କିମ୍ବା ସଡ଼କ ଦୁର୍ଘଟଣାରେ ମୃତ୍ୟୁ ବା ସ୍ଥାୟୀ ଅକ୍ଷମତା ପାଇଁ ୨ ଲକ୍ଷ ଟଙ୍କା ମିଳିବ। ଆହତ ହେଲେ ଚିକିତ୍ସା ମାଗଣା ଏବଂ ଯାତାୟାତ ପାଇଁ ମିଳିବ ୧୦ ରୁ ୩୦ ହଜାର ଟଙ୍କା । ୨୪ ଘଣ୍ଟା ମଧ୍ୟରେ ସିଧାସଳଖ ମା'ଙ୍କ ବ୍ୟାଙ୍କ ଖାତାକୁ ଯିବ ଟଙ୍କା । ବିଦ୍ୟାଳୟକୁ ଆସିବା-ଯିବା ବେଳେ କିମ୍ବା ସ୍କୁଲ ପରିସରରେ କୌଣସି ଅପ୍ରତ୍ୟାଶିତ ଦୁର୍ଘଟଣାର ଶିକାର ହେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାର ଏକ ବଡ଼ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଆର୍ଥିକ ସହାୟତା ନିମନ୍ତେ 'ଏକ୍ସ-ଗ୍ରାସିଆ ଗ୍ରାଣ୍ଟ ଫଣ୍ଡ'ର ନୂତନ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ପୂର୍ବର ୨୦୧୫ ନିୟମକୁ ସଂଶୋଧନ କରି ଏହାର ପରିସରକୁ ବ୍ୟାପକ କରାଯାଇଛି । ପୂର୍ବରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସୁବିଧା ମିଳୁଥିଲା । ଏଣିକି ଶିଶୁ ବାଟିକାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ମାଇନିଂ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ସୁବିଧା ପାଇପାରିବେ । ?ବିଭାଗୀୟ ବିଜ୍ଞପ୍ତି ଅନୁଯାୟୀ, ଘରୁ ବିଦ୍ୟାଳୟକୁ ଆସିବା କିମ୍ବା ଫେରିବା ସମୟରେ ସଡ଼କ ଦୁର୍ଘଟଣା, ସ୍କୁଲ କୋଠା ଭିତରେ କୌଣସି ଦୁର୍ଘଟଣା, ମଧ୍ୟାହ୍ନ ଭୋଜନ ଖାଇ ଫୁଡ୍ ପଏଜନିଂ ହେବା କିମ୍ବା ସ୍କୁଲର କୌଣସି କାର୍ଯ୍ୟକଳାପ ସମୟରେ ଅଘଟଣ ଘଟି ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହେଲେ କିମ୍ବା ସ୍ଥାୟୀ ଭିନ୍ନକ୍ଷମତା ଦେଖାଦେଲେ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ । କୌଣସି ବଡ଼ ଧରଣର ଦୁର୍ଘଟଣା ଘଟି ଛାତ୍ରଛାତ୍ରୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ଜିଲ୍ଲା ବାହାରକୁ ବା ବଡ଼ ମେଡିକାଲ କଲେଜକୁ ସ୍ଥାନାନ୍ତର କରିବାକୁ ପଡ଼ିଲେ ଯାତାୟାତ ଓ ଆନୁସଙ୍ଗିକ ଖର୍ଚ୍ଚ ବାବଦକୁ ସର୍ବାଧିକ ୩୦,୦୦୦ ଟଙ୍କା ପ୍ରଦାନ କରାଯିବ ।

ଓଡ଼ିଶା ଯାତ୍ରୀ ସୁରକ୍ଷା ଆପ୍'ର ଶୁଭାରମ୍ଭ

■ ଜରୁରୀକାଳୀନ ସହାୟତା ଏବେ ନିକଟତର
■ ସୁରକ୍ଷିତ, ସ୍ମାର୍ଟ ଓ ନାଗରିକ-କୈନ୍ଦ୍ରିକ ସହରୀ ଯାତାୟାତ ଦିଗରେ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର(ବ୍ୟୁରୋ)

ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓଡ଼ିଶା ଯାତ୍ରୀ ସୁରକ୍ଷା ଆପ୍'ର ଶୁଭାରମ୍ଭ କରିଛନ୍ତି । ଓଡ଼ିଶାରେ ସୁରକ୍ଷିତ, ସ୍ମାର୍ଟ ଏବଂ ନାଗରିକ-କୈନ୍ଦ୍ରିକ ସହରୀ ଯାତାୟାତ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଓଡ଼ିଶା ଯାତ୍ରୀର ବ୍ରାଣ୍ଡ ଆମ୍ବାସାଡର, ବିଶିଷ୍ଟ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଥିବା ଏହି ସୁରକ୍ଷା ପଦକ୍ଷେପ, ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ ମାଧ୍ୟମରେ ଏକ ସମ୍ପୂର୍ଣ୍ଣ ଜରୁରୀକାଳୀନ ପ୍ରତିକ୍ରିୟା ସୁବିଧା ଯୋଗାଇ ଦେଉଛି । 'ଶେକ୍ ଆଣ୍ଡ ଆଲର୍ଟ' ସୁବିଧା ମାଧ୍ୟମରେ, ବ୍ୟବହାରକାରୀମାନେ କେବଳ ସେମାନଙ୍କ ଫୋନ୍ ହଲେଇ ଜରୁରୀକାଳୀନ ଆଲର୍ଟ ପଠାଇପାରିବେ ଯାହାଦ୍ୱାରା ଭୟଭୀତ ଥିବା ସମୟରେ କିମ୍ବା ଆପକୁ ବ୍ୟବହାର କରିବାରେ ଅସମର୍ଥ ହେଲେ ମଧ୍ୟ ସେମାନେ ତୁରନ୍ତ ସହାୟତା ପାଇପାରିବେ । ଏହି ଆପରେ ୱାନ୍-କ୍ଲିକ୍ ସୁବିଧା ମଧ୍ୟ ରହିଛି, ଯାହା ମାଧ୍ୟମରେ ଯାତ୍ରୀମାନେ ତୁରନ୍ତ ଜରୁରୀକାଳୀନ ନମ୍ବର ୧୧୨କୁ କଲ୍ କରିପାରିବେ ଏବଂ ସେମାନଙ୍କର ମନୋନୀତ ଜରୁରୀକାଳୀନ ସମ୍ପର୍କୀୟଙ୍କୁ ସୂଚନା ଦେଇପାରିବେ। ବ୍ୟବହାରକାରୀମାନେ ସେମାନଙ୍କର ବିଶ୍ୱସ୍ତ ବ୍ୟକ୍ତିଙ୍କ ସହ ଲାଇଭ୍ ଲୋକେସନ୍ ସେୟାର କରିପାରିବେ, ଯାହାଦ୍ୱାରା ସେମାନଙ୍କ ଯାତ୍ରାର ସମୟାନୁବର୍ତ୍ତୀ ମନିଟରିଂ କରାଯାଇପାରିବ। ଏହି ସୁରକ୍ଷା ମୋଡ୍ୟୁଲଟି କେବଳ ଯାତ୍ରୀଙ୍କ ପାଇଁ ନୁହେଁ, ବରଂ ଚାଳକ (ଡ୍ରାଇଭର) ମାନଙ୍କ ପାଇଁ ମଧ୍ୟ ପ୍ରସ୍ତୁତ କରାଯାଇଛି। କାରଣ ଗାଡ଼ି ଭିତରେ କିଛି ଅସୁବିଧା ହେଲେ, ସମସ୍ତଙ୍କ ପାଇଁ ଏପରି ଏକ ସୁରକ୍ଷା ବ୍ୟବସ୍ଥା ରହିବା ଉଚିତ୍ ଯାହା ପ୍ରକୃତ ବିପଦ ସମୟରେ କାର୍ଯ୍ୟକାରୀ ହୋଇପାରିବ। ଏହି ଆପର ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ନାଗରିକ-ଅନୁକୂଳ ଏବଂ ସମୃଦ୍ଧ ସହର ଗଠନ ପାଇଁ ସୁରକ୍ଷିତ, ସୁଗମ ଓ ନିର୍ଭରଯୋଗ୍ୟ ଯାତାୟାତ ଅତ୍ୟନ୍ତ ଆବଶ୍ୟକ। ଜନସାଧାରଣଙ୍କ ବିଶ୍ୱାସ ବୃଦ୍ଧି କରିବା ଏବଂ ପ୍ରତ୍ୟେକ ନାଗରିକ, ବିଶେଷ କରି ପ୍ରତ୍ୟେକ ମହିଳା ଯେପରି ସ୍ୱାଧୀନ ଭାବେ ଓ ବିନା ଭୟରେ ଯାତ୍ରା କରିପାରିବେ ତାହା ନିଶ୍ଚିତ କରିବା ପାଇଁ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରାଯିବା ଉଚିତ୍ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଏହି ପଦକ୍ଷେପ ନାଗରିକଙ୍କ ସୁରକ୍ଷା, ସଜ୍ଜାନ ଏବଂ ସୁବିଧାକୁ କେନ୍ଦ୍ର କରି ଏକ ଆଧୁନିକ ନଗର ଯୋଗାଯୋଗ ବ୍ୟବସ୍ଥା ବିକଶିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଓଡ଼ିଶା ଯାତ୍ରୀର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ ନାଗରିକମାନଙ୍କୁ, ବିଶେଷ କରି ମହିଳା ଓ ଯୁବବର୍ଗଙ୍କୁ ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ ବ୍ୟବହାର କରିବା ସହ ଏହାର ସୁରକ୍ଷା ଫିଚର ଗୁଡ଼ିକ ବିଷୟରେ ଅବଗତ ହେବାକୁ ଅନୁରୋଧ କରିଛନ୍ତି।

ସେ କହିଲେ...

ବିଦ୍ୟା ଭାରତୀ ହେଉଛି ଆରଏସଏସର ଏକ ଶିକ୍ଷା ସଂଗଠନ। ଏହାର ପୂର୍ଣ୍ଣ ନାମ 'ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ'। ଏହା ୧୯୫୨ ରେ ଉତ୍ତର ପ୍ରଦେଶର ଗୋରଖପୁରରେ ପ୍ରତିଷ୍ଠିତ ହୋଇଥିଲା। ସେଠାରେ ପ୍ରଥମ 'ସରସ୍ୱତୀ ଶିଶୁ ମନ୍ଦିର' ଖୋଲାଯାଇଥିଲା। ପରେ, ସ୍କୁଲ ସଂଖ୍ୟା ବୃଦ୍ଧି ପାଇବା ସହିତ, ୧୯୭୭ ରେ 'ବିଦ୍ୟା ଭାରତୀ' ସଂଗଠନ ଗଠନ କରାଯାଇଥିଲା। ଆଜି ଏହା ଦେଶର ସର୍ବବୃହତ ଘରୋଇ ସ୍କୁଲ ନେଟୱାର୍କ। ଏହାର ଛାୟା ତଳେ, 'ସରସ୍ୱତୀ ଶିଶୁ ମନ୍ଦିର' ଏବଂ 'ସରସ୍ୱତୀ ବିଦ୍ୟା ମନ୍ଦିର' ପ୍ରାଥମିକ ଶିକ୍ଷା ସହିତ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଚାଲିଥାଏ।

ଶୁଭେନ୍ଦୁ ଅଧିକାରୀ
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

ଅସହାୟ ଅବସ୍ଥାରେ ରାଜ୍ୟ ସରକାର

ଯୋଗାଣ ମନ୍ତ୍ରୀଙ୍କ କଥା ଶୁଣୁନି ଏଫ୍‌ସିଆଇ

ବହୁ ପ୍ରତିକୂଳ ପରିସ୍ଥିତି ସହ ଯୁଝିହୋଇ ଚାଷୀ ଧାନ ଅମଳ କରୁଛି। ସେମାନଙ୍କ କଷ୍ଟୋପାର୍ଜିତ ଫସଲ ବିକି, ଋଣ ଶୁଝିବା, ପରିବାର ପ୍ରତିପୋଷଣ କରିବା ଲାଗି ସ୍ୱପ୍ନ ଦେଖୁଛି। ହେଲେ ପ୍ୟାକ୍ସରେ ଧାନ ବିକ୍ରି ବେଳେ ଚାଷୀ ନାନା ସମସ୍ୟାର ସମ୍ମୁଖୀନ ହେଉଛି। ପର୍ଯ୍ୟାପ୍ତ ଅମଳ ସତ୍ତ୍ୱେ ସବୁ ଧାନ ବିକ୍ରି ହେଇପାରୁନି। କହିବାକୁ ଗଲେ ଡବଲଇଞ୍ଜିନ ସରକାର ଚାଷୀ ସମସ୍ୟାର ସମାଧାନ କ୍ଷେତ୍ରରେ ଏକଦମ୍ ଫେଲ ମାରିଛି। ଯୋଗାଣ ମନ୍ତ୍ରୀ ଅସହାୟତା ପ୍ରକାଶ କରିଥିବା ବେଳେ ଏଫ୍‌ସିଆଇ ଜମା ଶୁଣୁନି। ଏଭଳି ସ୍ଥିତିକୁ ନେଇ ବିଜେଡି ସମାଲୋଚନା କରିବା ସହ ସରକାରଙ୍କ ପାରିବାପଣିଆ ନେଇ ପ୍ରଶ୍ନ ଉଠାଇଛି।

ଭୁବନେଶ୍ୱର (ବ୍ୟୁରୋ)

ଫେଲମାରୁଛି ଡବଲ ଇଞ୍ଜିନ ସରକାର। କେନ୍ଦ୍ର- ରାଜ୍ୟ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହୁନାହିଁ। ଯାହାର ପରିଣାମ ଓଡ଼ିଶା ଭୋଗୁଛି। ଏଫ୍‌ସିଆଇ ଆଗରେ ରାଜ୍ୟ ସରକାର ଅସହାୟ ହୋଇପଡ଼ିଛନ୍ତି। ଯୋଗାଣ ମନ୍ତ୍ରୀଙ୍କ କଥା ଶୁଣୁନି ଫୁଡ୍ କର୍ପୋରେସନ ଅଫ୍ ଇଣ୍ଡିଆ। ଏ କଥାକୁ ନିଜେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ୱୀକାର କରିଛନ୍ତି। ଆଉ ଠିକ୍ ଏହା ପରେ ସାମ୍ବାଦିକ ସମ୍ମିଳନୀ କରି ଘେରିଛି ବିଜେଡି। ବିଜେଡି ବରିଷ୍ଠ ନେତା ସଞ୍ଜୟ ଦାସବର୍ମା କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ନୂଆ ସରକାର ଗଠନ ବେଳେ କୁହାଗଲା, ଆମକୁ ସରକାର ଦିଅ ଆମେ ଓଡ଼ିଶାକୁ ଆଗେଇ ନେବୁ। ହେଲେ ଏବେ ଯୋଗାଣ ମନ୍ତ୍ରୀ ନିଜେ ଅସହାୟତା ପ୍ରକାଶ କରୁଛନ୍ତି। କଟନୀ ଛଟନୀଠାରୁ ମିଲରମାନଙ୍କ ଅରାଜକତା ପର୍ଯ୍ୟନ୍ତ ଯାହା ସମସ୍ୟା ଥିଲା ଆମେ ଉପସ୍ଥାପନ କରିଥିଲୁ, ଏବେ ସେ ସବୁକୁ ମନ୍ତ୍ରୀ ମାନିଲେ। କେନ୍ଦ୍ର ସରକାର ଶୁଣୁନାହାନ୍ତି ଅର

ଶିକ୍ଷା ସଂସ୍କାର ଓ ଭିତ୍ତିଭୂମି ବିକାଶ

ଶିକ୍ଷା ବିଭାଗରେ ସଂସ୍କାର ଓ ଭିତ୍ତିଭୂମି ବିକାଶ ଉପରେ ସରକାର ଫୋକସ୍ ଦେବାର ସମୟ ଆସିଛି। ଦେଶର ଭବିଷ୍ୟତ ପିଢ଼ିଙ୍କୁ ଉଚିତ ଶିକ୍ଷା, ସଂସ୍କାର ଦେବା ଓ ସର୍ବୋପରି ବିଶ୍ୱ ବିକାଶର ଭାଗୀଦାରୀ କରିବା ନିହାତି ଆବଶ୍ୟକ। ଏବେକାର ସ୍ଥିତିରେ ପର୍ଯ୍ୟାପ୍ତ ସୁଧାର ଅଣାଯିବାର ଆବଶ୍ୟକତା ରହିଛି। ବିଦ୍ୟାଳୟ ଶିକ୍ଷା ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ସେଭଳି ବିକାଶ ସମ୍ଭବପର ହୋଇନାହିଁ। ସରକାରୀ ଉଦାସୀନତା ହେଉ କି ଅଥାଭାବ କି ବ୍ୟକ୍ତିଗତ ମନୋବଳର ଅଭାବ, ଆମେ ଯେ, ଉତ୍ତମ ଶିକ୍ଷା ବିକାଶ କ୍ଷେତ୍ରରେ ପଛରେ ପଡ଼ିଯାଇଛେ, ତାହା ଗ୍ରହଣ କରିବାକୁ ପଡ଼ିବ। ଦେଶ, ଜାତି ଓ ସମାଜକୁ ଆଗକୁ ନେବାକୁ ହେଲେ ଏହି ବ୍ୟବସ୍ଥାଗି ତ୍ରୁଟିକୁ ସୁଧାରି ଆମକୁ ଆଗକୁ ବଢ଼ିବାକୁ ପଡ଼ିବ। ଏଥିଲାଗି ସାମଗ୍ରିକ ପ୍ରୟାସ ଜରୁରୀ। ପେପର ଲିକ୍ ଓ ପରୀକ୍ଷା ପ୍ରଣାଳୀରେ ସଂସ୍କାର ପ୍ରସଙ୍ଗ ନେଇ ଦିଲ୍ଲୀର ଜନ୍ତର ମନ୍ତର ଠାରେ ଜେନ୍-ଜିଙ୍କ ଐତିହାସିକ ଆନ୍ଦୋଳନ ପରେ ଏବେ ଦେଶର ବିଭିନ୍ନ ସ୍ଥାନରେ ଜେନ୍ ଆଲଫା ପିଢ଼ି କୁହାଯାଉଥିବା ପିଲାମାନେ ରାସ୍ତା ଉପରକୁ ଆସିଛନ୍ତି। ସରକାରୀ ସ୍କୁଲ ବ୍ୟବସ୍ଥାରେ ରହିଥିବା ଅବ୍ୟବସ୍ଥାକୁ ଦୂରକରିବା ସେମାନଙ୍କ ପ୍ରମୁଖ ଦାବି ରହିଥିବା ଜଣାପଡ଼ିଛି।

ସୁଶାନ୍ତ କୁମାର ଦାସ

ଆ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସରକାରୀ ସ୍କୁଲ ବ୍ୟବସ୍ଥାରେ ସଂସ୍କାର ପାଇଁ ଜେନ୍ ଆଲଫାର ଦାବି ପରେ ସେମାନଙ୍କ ଦାବିକୁ ସମର୍ଥନ ଜେନ୍-ଜିଙ୍କୁ ନେତୃତ୍ୱ ଦେଉଥିବା କକ୍ରୋଚ୍ ଜନତା ପାର୍ଟି ଏବେ ଦେଶବ୍ୟାପୀ 'ସ୍କୁଲ ଠିକ୍ କରୋ' ଅଭିଯାନ ଆରମ୍ଭ କରିଛି। ବହୁତ କମ୍ ଦିନ ମଧ୍ୟରେ ସେମାନଙ୍କୁ ଏହି ଅଭିଯାନରେ ବ୍ୟାପକ ସଫଳତା ମିଳିବା ସମ୍ଭାବନା ରହିଛି। ଦେଶର ସବୁ ଅଞ୍ଚଳରୁ ସାଧାରଣ ଲୋକେ ସେମାନଙ୍କ ଅଭିଯାନରେ ସାମିଲ ହୋଇ ନିଜ ନିଜ ଅଞ୍ଚଳର ସରକାରୀ ସ୍କୁଲର ଅବ୍ୟବସ୍ଥାଗୁଡ଼ିକୁ ରେକର୍ଡ଼ କରି ସାମ୍ନାକୁ ଆଣିଛନ୍ତି। ଅବଶ୍ୟ ସେମାନଙ୍କ ଏହି ଅଭିଯାନ ଫଳରେ ଆଶଙ୍କିତ ହୋଇପଡ଼ିଥିବା ସରକାରୀ ଦଳର ଲୋକମାନେ ବିଭିନ୍ନ ସ୍ଥାନରେ ପ୍ରତିବନ୍ଧକ ସୃଷ୍ଟି କରିବା ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗର ବାଙ୍କୁରାରେ ଏକ ସ୍କୁଲର ସ୍ଥିତିକୁ ଯାଞ୍ଚ କରିବାକୁ ଯାଇଥିବା ଜନୈକ ଯୁବକ ଅବଦୁଲ ହାଫିଜଙ୍କ ବାପାଙ୍କୁ ସରକାରୀ ଦଳର ଗୁଣ୍ଡାମାନଙ୍କ ଆକ୍ରମଣର ଶିକାର ହୋଇ ଶେଷରେ ପ୍ରାଣ ହରାଇବାକୁ ପଡ଼ିଛି। ସେହିପରି ରାଜସ୍ଥାନର ଏକ ସ୍କୁଲକୁ ଯାଞ୍ଚ କରିବାକୁ ଯାଉଥିବା ବେଳେ ସିଜେପିର ମୁଖପାତ୍ର ଆଶୁତୋଷ ରାଙ୍କାଙ୍କୁ ଭୟଙ୍କର ଆକ୍ରମଣର ଶିକାର ହେବାକୁ ପଡ଼ିଛି। ଏପରିକି ସିଜେପିର ଏହି 'ସ୍କୁଲ ଠିକ୍ କରୋ' ଅଭିଯାନ ଫଳରେ ନିଜର ଶିକ୍ଷା ବ୍ୟବସ୍ଥାର ମୁଖା ଖୋଲିଯିବା ଭୟରେ ବିଭିନ୍ନ ରାଜ୍ୟର ସରକାରମାନେ ସାମ୍ବାଦିକଙ୍କ ସମେତ ସବୁ ବାହାର ଲୋକଙ୍କ ସ୍କୁଲ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ତେବେ ଯାହା ହେଉ, ଦେଶରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ଆନ୍ଦୋଳନ ସରକାରୀ ସ୍କୁଲ ଶିକ୍ଷାକୁ ନେଇ ସରକାର ଓ ନାଗରିକ ସମସ୍ତଙ୍କୁ ଚିନ୍ତା କରିବାକୁ ଏକରକମ ବାଧ କରିଛି।

ପ୍ରାଥମିକ ବିଦ୍ୟାଳୟର ବିକାଶ ଜରୁରୀ

ଜଣେ ଗରିବ ପରିବାରର ସନ୍ତାନ ମଧ୍ୟ ସମାନ ମର୍ଯ୍ୟାଦାରେ ଗୁଣାତ୍ମକ ଶିକ୍ଷା ପାଇବାର ସୁଯୋଗ ପାଇବ, ଏହି ଆଦର୍ଶ ହିଁ ସ୍ୱାଧୀନ ଭାରତର ଶିକ୍ଷା ଦର୍ଶନର ମୂଳ ଭିତ୍ତିପ୍ରସ୍ତର ଥିଲା। ୧୯୫୫ ମସିହାର ମୁଦାଲିୟର କମିଶନ ହେଉ କିମ୍ବା ୧୯୬୪ ମସିହାର କୋଠାରୀ କମିଶନ, ସମସ୍ତଙ୍କର ଗୋଟିଏ ସ୍ପଷ୍ଟ ଆଭିମୁଖ୍ୟ ଥିଲା ଯେ, ଦେଶର ପ୍ରତ୍ୟେକ ଶିଶୁଙ୍କ ପାଖରେ ସାର୍ବଜନୀନ ଓ ଗୁଣାତ୍ମକ ଶିକ୍ଷାର ଆଲୋକକୁ ପହଞ୍ଚାଇବା। ସାମାଜିକ ଓ ଅର୍ଥନୈତିକ ବୈଷମ୍ୟକୁ ପଛରେ ପକାଇ ଗାଁ ଗାଁରେ ଗଢ଼ି ଉଠିଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ଥିଲା ଶିଶୁମାନଙ୍କ ସ୍ୱପ୍ନ ଦେଖିବାର ପ୍ରଥମ ଠିକଣା। ରଙ୍ଗଛଡ଼ା କାନ୍ଥ, ଭଙ୍ଗା ବେଞ୍ଚ କିମ୍ବା ବର୍ଷା ଦିନେ ଛାତରୁ ପାଣି ଗଳିବା ସତ୍ତ୍ୱେ, ସେହି ସ୍କୁଲଗୁଡ଼ିକର ଦ୍ୱାର କୌଣସି ଶିଶୁ ପାଇଁ କେବେ ବନ୍ଦ ନଥିଲା। ଧନୀ-ଗରିବ, ଜାତି-ଲିଙ୍ଗ ଓ ଧର୍ମର ଭେଦଭାବ ଭୁଲି ପ୍ରତ୍ୟେକ ଶିଶୁକୁ ସମାନ ଭାବେ ସ୍ୱାଗତ ଜଣାଉଥିଲା ସେହି ଗ୍ରାମୀଣ ପ୍ରାଥମିକ ବିଦ୍ୟାଳୟ। ଅଥଚ ଆଜି ଦେଶର ଗୋଟିଏ ପ୍ରାନ୍ତରୁ ଆଉ ଏକ ପ୍ରାନ୍ତ ପର୍ଯ୍ୟନ୍ତ ସରକାରୀ ବିଦ୍ୟାଳୟଗୁଡ଼ିକର ଦ୍ୱାରରେ ଗୋଟିଏ ପରେ ଗୋଟିଏ ତାଲା ଝୁଲୁଛି। ଯେଉଁ ସ୍କୁଲ ପରିସର ଦିନେ ଶିଶୁମାନଙ୍କ ହସ-କୋଳାହଳରେ ମୁଖରିତ ହେଉଥିଲା, ସେଠାରେ ଆଜି ଏକ ଶୂନ୍ୟତା ଓ ଅଦ୍ଭୁତ ନୀରବତା ଛାଇଯାଇଛି।

ସରକାରୀ ବିଦ୍ୟାଳୟକୁ ମିଳୁ ପ୍ରୋତ୍ସାହନ

ନୀତି ଆୟୋଗ ଏବଂ ଏକୀକୃତ ଜିଲ୍ଲା ଶିକ୍ଷା ସୂଚନା ବ୍ୟବସ୍ଥାର ସାମ୍ପ୍ରତିକ ପରିସଂଖ୍ୟାନ ଦେଶର ଶିକ୍ଷା ବ୍ୟବସ୍ଥାର ଏକ ଚିନ୍ତାଜନକ ଚିତ୍ରକୁ ପଦାକୁ ଆଣିଛି। ଗତ ଦଶବର୍ଷ ମଧ୍ୟରେ ଦେଶରେ ପ୍ରାୟ ୯୪ ହଜାର ସରକାରୀ ବିଦ୍ୟାଳୟ ନିଜର ଅସ୍ତିତ୍ୱ ହରାଇଛନ୍ତି, ଯାହାର ଅର୍ଥ ପ୍ରତିଦିନ ହାରାହାରି ପ୍ରାୟ ୨୫ଟି ସ୍କୁଲ ଦେଶର ଶିକ୍ଷା ମାନଚିତ୍ରରୁ ଲିଭିଯାଇଛି। ଏହି ବନ୍ଦ ହୋଇଥିବା ସ୍କୁଲମାନଙ୍କର ସଂଖ୍ୟା ହେଉଛି ଦେଶର ମୋଟ ସରକାରୀ ସ୍କୁଲର ୯% ଅଟେ। କେବଳ ଗତ ୬ବର୍ଷ ଭିତରେ ୭୦ ହଜାର ସ୍କୁଲ ବନ୍ଦ ହୋଇଛି। ସ୍କୁଲ ବନ୍ଦ ହେବାରେ ମଧ୍ୟପ୍ରଦେଶରେ ସର୍ବାଗ୍ରେ (୩୦,୦୦) ରହିଥିବା ବେଳେ ଦ୍ୱିତୀୟରେ ଉତ୍ତରପ୍ରଦେଶ (୨୫,୦୦୦) ଓ ତୃତୀୟରେ ଓଡ଼ିଶା (୧୦,୦୦୦) ରହିଛି। ୨୦୧୪-୧୫ ଶିକ୍ଷାବର୍ଷରେ ସାରା ଦେଶରେ ସରକାରୀ ସ୍କୁଲ ସଂଖ୍ୟା ୧୧.୦୭ ଲକ୍ଷ ଥିବାବେଳେ ବର୍ତ୍ତମାନ ତାହା ୧୦.୧୩ ଲକ୍ଷକୁ ହ୍ରାସ ପାଇଛି। ଦେଶରେ ପ୍ରତିବର୍ଷ ଜନସଂଖ୍ୟାରେ ବୃଦ୍ଧି ଘଟୁଥିବା ବେଳେ ତା' ତୁଳନାରେ ସରକାରୀ ସ୍କୁଲ ସଂଖ୍ୟାରେ ବୃଦ୍ଧି କରିବା ବଦଳରେ ହ୍ରାସ କରିବା ଦେଶର ଶିକ୍ଷାବ୍ୟବସ୍ଥାର ଭବିଷ୍ୟତ ନେଇ ପ୍ରଶ୍ନ ସୃଷ୍ଟି କରିଛି। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଲା, ଗତ ଦଶବର୍ଷ ମଧ୍ୟରେ ଦେଶରେ ଗୋଟିଏ ପଟେ ସରକାରୀ ସ୍କୁଲ ହ୍ରାସ ପାଉଥିବା ବେଳେ ଅନ୍ୟପଟେ ଘରୋଇ ବା ବେସରକାରୀ ସ୍କୁଲ ସଂଖ୍ୟାରେ ବୃଦ୍ଧି ଦେଖାଯାଇଛି। ଦଶବର୍ଷ ତଳେ ଦେଶରେ ୨ ଲକ୍ଷ ୮୮ ହଜାରରୁ ଅଧିକ ଘରୋଇ ସ୍କୁଲ ରହିଥିବା ବେଳେ ବର୍ତ୍ତମାନ ତାହା ବୃଦ୍ଧି ପାଇ ୩ ଲକ୍ଷ ୩୯ ହଜାର ୧୫୧ରେ ପହଞ୍ଚିଛି। ଅର୍ଥାତ୍ ଗତ ଦଶବର୍ଷ ମଧ୍ୟରେ ଦେଶରେ ଘରୋଇ ସ୍କୁଲ ସଂଖ୍ୟାର ବୃଦ୍ଧିହାର ୧୫% ରହିଛି। ଦେଶରେ ସରକାରୀ ସ୍କୁଲ ବନ୍ଦହେବା ଏବଂ ନୂଆ ଘରୋଇ ସ୍କୁଲ ଖୋଲିବାର ପ୍ରତିଫଳନ ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ମଧ୍ୟ ଦେଖିବାକୁ ମିଳିଛି। ଏହି ସମୟ ମଧ୍ୟରେ ସରକାରୀ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨ କୋଟିରୁ ଅଧିକ ହ୍ରାସ ପାଇଛି। ୨୦୧୫ ବେଳକୁ ଦେଶର ୭୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ସରକାରୀ ସ୍କୁଲରେ ପଢୁଥିବା ବେଳେ, ଆଜି ଏହି ହାର ଅଧାରୁ ବି କମ୍ ଅର୍ଥାତ୍ ୪୯.୨୪%କୁ ଚାଲିଯାଇଛି। ଏହାର ଅର୍ଥ ହେଲା, ମୋଦି ସରକାରଙ୍କ ଶାସନ କାଳରେ ଦେଶରେ ସ୍କୁଲଶିକ୍ଷାର ଘରୋଇକରଣ ଜୋରସୋରରେ ଚାଲିଛି।

ସରକାରୀ ଉଦାସୀନତାର ଫଳ ସ୍କୁଲ ମିଶ୍ରଣ

ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ସରକାରୀ ସ୍କୁଲ ବନ୍ଦ ହେବାର ପ୍ରକ୍ରିୟାକୁ ସରକାର ସିଧାସଳଖ ଭାବେ ସ୍କୁଲ ଉଚ୍ଛେଦ ହେଲା ବୋଲି ନକହି ଏକ ସୁନ୍ଦର ଶବ୍ଦକୁ ବ୍ୟବହାର କରିଥାନ୍ତି। ବୈଷୟିକ ଭାବେ ସରକାରୀ ଫାଇଲରେ ଏହାକୁ 'ସ୍କୁଲର ମିଶ୍ରଣ' ବା କିମ୍ବା 'ଏକୀକରଣ' ବୋଲି କୁହାଯାଇଥାଏ। ଏହାର ଅର୍ଥ ହେଲା, ସରକାର ସ୍କୁଲଟିକୁ ସ୍ଥାୟୀ ଭାବେ ବନ୍ଦ ନକରି ଏକ ସ୍ୱଳ୍ପ ସମୟ ପାଇଁ ଅର୍ଥାତ୍ ଅସ୍ଥାୟୀ ଭାବେ ବନ୍ଦ କରୁଛନ୍ତି। ଯଦି ଭବିଷ୍ୟତରେ ପିଲା ହେବେ ତାହେଲେ, ସରକାର ହୁଏତ ପୁଣିଥରେ ସେହି ସ୍କୁଲକୁ ଚାଲୁ କରିପାରନ୍ତି। ତେବେ ସରକାରଙ୍କ ଏଭଳି ଅ ବ । ନ୍ତ ର ଯୁ କ୍ତି ର କୌଣସି ବାସ୍ତବତା ନାହିଁ। କାରଣ ସ୍କୁଲ ମିଶ୍ରଣ ବା ଏକୀକରଣ ନାଁରେ ଥରେ ବନ୍ଦ ହେଉଥିବା ସରକାରୀ ସ୍କୁଲ ଆଉ ଖୋଲିବାର କୌଣସି ସମ୍ଭାବନା ରହୁନାହିଁ। ସ୍କୁଲ ବନ୍ଦ ପଛରେ କେବଳ ପିଲା ଅଭାବ ହିଁ ମୁଖ୍ୟ କାରଣ ନୁହେଁ ବରଂ ତାହା ସରକାରଙ୍କ ଶିକ୍ଷା ବାବଦରେ ଖର୍ଚ୍ଚକୁ କମାଇବା ବା ଶିକ୍ଷା ସଂଙ୍କୋଚନ ନୀତିର ଅଂଶବିଶେଷ ଅଟେ । ଯଦି ସରକାରଙ୍କ ସ୍କୁଲବନ୍ଦ ନିଷ୍ପତ୍ତିଟି ଅସ୍ଥାୟୀ ହୋଇଥାନ୍ତା ଏବଂ କେବଳ ପିଲା ଅଭାବରୁ କିଛି କାଳ ପାଇଁ ହିଁ ତାକୁ ପାଖ ସ୍କୁଲରେ କେବଳ ସଂଲଗ୍ନ କରିଥାନ୍ତେ ଏବଂ ଭବିଷ୍ୟତରେ ପିଲା ହେଲେ ତା'କୁ ପୁଣି ଥରେ କାର୍ଯ୍ୟକ୍ଷମ କରିବାର ଲକ୍ଷ୍ୟ ଥାଆନ୍ତ ତା'ହେଲେ ଗତ ଦଶ ବର୍ଷ ମଧ୍ୟରେ ସଂଲଗ୍ନ ବା ମିଶ୍ରଣ ହୋଇଥିବା ଲକ୍ଷେ ପାଖାପାଖି ସ୍କୁଲରୁ କେତୋଟି ସ୍କୁଲକୁ ପୁଣିଥରେ କାର୍ଯ୍ୟକ୍ଷମ କରିଛନ୍ତି ? ଅବଶ୍ୟ ଏ ପ୍ରଶ୍ନର ଉତ୍ତରଟି ସରକାରଙ୍କ ପାଖରେ ନାହିଁ। ସ୍କୁଲ ବନ୍ଦ ସଂପର୍କରେ ସରକାରଙ୍କ ପକ୍ଷରୁ ଯୁକ୍ତି ଦିଆଯାଉଛି ଯେ, ଏହି ସ୍କୁଲଗୁଡ଼ିକରେ ପିଲାଙ୍କ ସଂଖ୍ୟା ଏତେ କମିଯାଇଛି ଯେ ସେଗୁଡ଼ିକୁ ଚଳାଇବା ଆର୍ଥିକ ଦୃଷ୍ଟିରୁ ବ୍ୟବହାରିକ ନୁହେଁ। କିନ୍ତୁ ଏହି ଯୁକ୍ତିଟି ଅତ୍ୟନ୍ତ ସୁନ୍ଦର ଭାବରେ ମୂଳ ପ୍ରଶ୍ନଟିକୁ ଲୁଚାଇ ଦିଏ । ସେହି ସ୍କୁଲଗୁଡ଼ିକରୁ ପିଲାମାନେ କାହିଁକି ହଜିଗଲେ ?, ସରକାର ନିଜକୁ ପ୍ରଶ୍ନ କରିବା କଥା । କାରଣ ଏଭଳି ସ୍କୁଲ ବନ୍ଦହେବା କୌଣସି ପ୍ରାକୃତିକ ବିପର୍ଯ୍ୟୟର ପରିଣାମ ନୁହେଁ; ବରଂ ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ସରକାରୀ ନୀତିଗତ ଉଦାସୀନତାର ଫଳ ଅଟେ।

ସ୍କୁଲ ମିଶ୍ରଣ ଡ୍ରପ୍-ଆଉଟ୍‌ର କାରଣ

ଗୋଟିଏ ସ୍କୁଲ ବନ୍ଦ ହେଲେ କେବଳ ଗୋଟିଏ ରେଜିଷ୍ଟାର ବନ୍ଦ ହୁଏ ନାହିଁ, ସେହି ଅଞ୍ଚଳର ସବୁଠାରୁ ଦୁର୍ବଳ ବର୍ଗର ପିଲାମାନଙ୍କଠାରୁ ଜୀବନ ବଦଳାଇବାର ଏକମାତ୍ର ସୁଯୋଗଟି ଛଡ଼ାଇ ନିଆଯାଏ। ସରକାରଙ୍କ ଦାବି ଅନୁଯାୟୀ, କମ୍ ଛାତ୍ରଛାତ୍ରୀ ସଂଖ୍ୟା ଥିବା ସ୍କୁଲଗୁଡ଼ିକୁ ନିକଟସ୍ଥ ଅନ୍ୟ ସ୍କୁଲ ସହ ମିଶାଇ ଦେଲେ ଶିକ୍ଷକ, ଭିତ୍ତିଭୂମି ଓ ସରକାରୀ ଅର୍ଥର ଅଧିକ ଦକ୍ଷ ବିନିଯୋଗ ହୋଇପାରିବ। ତାତ୍ତ୍ୱିକ ଭାବେ ଏହି ଯୁକ୍ତିକୁ ଅସ୍ୱୀକାର କରିବା କଷ୍ଟକର, କିନ୍ତୁ ବାସ୍ତବ ଜମିରେ ଏହାର ପ୍ରଭାବ ଅତ୍ୟନ୍ତ ଭୟାନକ । କେବଳ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ ହିଁ ଦେଶର ମୋଟ ବନ୍ଦ ହୋଇଥିବା ସ୍କୁଲର ୬୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୪୦ ହଜାର ସ୍କୁଲ ରହିଛି। ଗୋଟିଏ ଗାଁର ସ୍କୁଲ ବନ୍ଦ ହୋଇଯିବା ମାନେ ଶିଶୁଟି ପାଇଁ ବିଦ୍ୟାଳୟର ଦୂରତା ବଢ଼ିଯିବା। ଯେଉଁ ରାସ୍ତା କିଛି ମିନିଟ୍‌ର ଥିଲା, ତାହା ଅନେକ କିଲୋମିଟରକୁ ପରିବ୍ୟାପ୍ତ ହୋଇଯାଏ। ଖରା, ବର୍ଷା ଓ କାଦୁଅ ମାଡ଼ି ଦୂର ସ୍କୁଲକୁ ଯିବା ଛୋଟ ଶିଶୁ ପାଇଁ କ୍ଲାନ୍ତିକର ହୋଇପଡ଼େ, ଯାହା ପ୍ରଥମେ ଅନିୟମିତ ଉପସ୍ଥିତି ଏବଂ ପରେ ସ୍କୁଲ ଛାଡ଼ିବା ବା ଡ୍ରପ୍ ଆଉଟ୍‌ର ମୁଖ୍ୟ କାରଣ ହୁଏ। ଏହାର ସବୁଠାରୁ ନିର୍ଦ୍ଦୟ ଆଘାତ ଝିଅମାନଙ୍କ ଶିକ୍ଷା ଉପରେ ପଡ଼ିଥାଏ। ଦୂରତା, ସୁରକ୍ଷାର ଅଭାବ ଓ ଯାତାୟାତ ଖର୍ଚ୍ଚ ଯୋଗୁଁ ଅଭିଭାବକମାନେ ସର୍ବପ୍ରଥମେ ଝିଅଙ୍କ ପଢ଼ାପଢ଼ି ବନ୍ଦ କରିଦିଅନ୍ତି। ମଧ୍ୟପ୍ରଦେଶର ସରକାରୀ ତଥ୍ୟରୁ ହିଁ ଜଣାପଡ଼ିଛି ଯେ, ଲକ୍ଷ ଲକ୍ଷ ଶିଶୁଙ୍କର କୌଣସି ସ୍କୁଲ ସମ୍ବନ୍ଧୀୟ ନଥିପତ୍ର ନାହିଁ, ସେମାନେ ଯେପରି ଶିକ୍ଷା ବ୍ୟବସ୍ଥାର ଅଦୃଶ୍ୟ ଅନ୍ଧକାର ଭିତରେ ଏକଦମ୍ ହଜିଯାଇଛନ୍ତି।

ଭିତ୍ତିଭୂମି ଅଭାବ, ଶିକ୍ଷକ ସମସ୍ୟା କାଳ

ବ । ସ୍ତ ବ ରେ, ସରକାରୀ ସ୍କୁଲଗୁଡ଼ିକରେ ଛାତ୍ରସଂଖ୍ୟା କମିବାର ମୂଳ କାରଣ ହେଉଛି ଭିତ୍ତିଭୂମିର ଅବକ୍ଷୟ ଏବଂ ଶିକ୍ଷକଙ୍କ ପ୍ରଚଣ୍ଡ ଅଭାବ। ସରକାରୀ ବଜେଟ କାଟ୍ ଯୋଗୁଁ ଆଜି ଦେଶର ୧ ଲକ୍ଷରୁ ଅଧିକ ସରକାରୀ ସ୍କୁଲରେ ବିଦ୍ୟୁତ୍ ସଂଯୋଗ ନାହିଁ ଏବଂ ପ୍ରାୟ ୧୮,୫୯୨ଟି ସ୍କୁଲରେ ଛାତ୍ରୀମାନଙ୍କ ପାଇଁ ଶୌଚାଳୟର କୌଣସି ପ୍ରକାରର ସୁବିଧା ନାହିଁ। ଦେଶରେ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲମାନଙ୍କରେ ଲକ୍ଷାଧିକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଗତ ବାର ବର୍ଷ ମଧ୍ୟରେ ଦେଶରେ ସ୍କୁଲଶିକ୍ଷା କ୍ଷେତ୍ରରେ ଛାତ୍ର-ଶିକ୍ଷକ ଅନୁପାତ ବୃଦ୍ଧି ପାଇଛି। ଦେଶର ୧,୧୦,୯୭୧ଟି ସ୍କୁଲ କେବଳ ଜଣେ ଶିକ୍ଷକଙ୍କ ଦ୍ୱାରା ଚାଲିଛି, ଯାହାର ୮୯ ପ୍ରତିଶତ ଗ୍ରାମାଞ୍ଚଳରେ ଅବସ୍ଥିତ। ଜଣେ ଶିକ୍ଷକ ଏକାସଙ୍ଗରେ ଏକାଧିକ ଶ୍ରେଣୀର ପିଲାଙ୍କୁ ପଢ଼ାଇବା ସହ ଅନ୍ୟାନ୍ୟ କାର୍ଯ୍ୟ ତୁଲାଉଥିବାରୁ ପାଠପଢ଼ାର ମାନ ମଧ୍ୟ ହ୍ରାସ ପାଉଛି। ପାଠପଢ଼ାର ମାନ କମିବାରୁ ଅଭିଭାବକମାନେ ବାଧହୋଇ ନିଜ ପିଲାଙ୍କୁ ବେସରକାରୀ ସ୍କୁଲକୁ ନେଉଛନ୍ତି। ଯେତେ ଗରିବ ହେଲେ ବି ଏହି କାରଣରୁ ହିଁ ଅଭିଭାବକମାନେ ନିଜର ପିଲାକୁ ସରକାରୀ ସ୍କୁଲ ବଦଳରେ ଟଙ୍କା ଦେଇ ଘରୋଇ ସ୍କୁଲରେ ଦାଖଲ କରାଇବାକୁ ଏକରକମ ବାଧ ହୋଇଥାନ୍ତି। ଯାହିଫଳରେ ସରକାରୀ ସ୍କୁଲରେ ପିଲାଙ୍କ ସଂଖ୍ୟା ହ୍ରାସ ପାଏ ଏବଂ ସରକାରଙ୍କ ସ୍କୁଲ ବନ୍ଦ କରିବାକୁ ମଉକା ମିଳିଯାଏ। 'ପିଲାସଂଖ୍ୟା କମିଯିବା' ଦର୍ଶାଇ ସରକାର ସେହି ସ୍କୁଲଗୁଡ଼ିକୁ ବନ୍ଦ କରିଦେଉଛନ୍ତି। ଏହା ଏକ ଭୟାନକ ଦୁଃଚକ୍ରକୁ ସୃଷ୍ଟି କରିଛି। ସବୁଠାରୁ ଚିନ୍ତାର ବିଷୟ ହେଲା, ଦେଶର ଗ୍ରାମାଞ୍ଚଳରେ ପିଲା ଅଭାବ ନାଁରେ ସରକାର ଯେଉଁସବୁ ସ୍କୁଲକୁ ବନ୍ଦ କରୁଛନ୍ତି, ତା'ର ସିଂହଭାଗଟି ଆଦିବାସୀ ଓ ଦଳିତ ବହୁଳ ଅଞ୍ଚଳରେ ରହିଛି। ଅର୍ଥାତ୍ ସରକାରଙ୍କ ଉପରୋକ୍ତ ସ୍କୁଲ ବନ୍ଦ ବା ଶିକ୍ଷା ସଙ୍କୋଚନ ନୀତିର ସିଧାସଳଖ ପ୍ରଭାବ ଦେଶର ଆଦିବାସୀ ଓ ଦଳିତ ପିଲାଙ୍କ ଶିକ୍ଷା ଉପରେ ପଡୁଛି।

ନୀତି ଆୟୋଗର ରିପୋର୍ଟ ଅନୁସାରେ, ମାଧ୍ୟମିକ ସ୍ତରରେ ଡ୍ରପ୍-ଆଉଟ୍ ହାର ୧୧.୫ ପ୍ରତିଶତରେ ପହଞ୍ଚିଛି। କେରଳ ଓ ପୁଡୁଚେରୀ ଭଳି ରାଜ୍ୟରେ ନାମଲେଖା ହାର ୯୯.୬ ପ୍ରତିଶତ ଥିବାବେଳେ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାର ଭଳି ରାଜ୍ୟରେ ଏହା ଅତ୍ୟନ୍ତ ଶୋଚନୀୟ। କରୋନା ମହାମାରୀ ପରଠାରୁ ଡିଜିଟାଲ୍ ବିଭାଜନ ଯୋଗୁଁ ଅନେକ ଗରିବ ଶିଶୁ ଅନଲାଇନ୍ ଶିକ୍ଷାରୁ ବଞ୍ଚିତହୋଇ ବାଧହୋଇ ଶ୍ରମିକ ପାଲଟି ଯାଇଛନ୍ତି। ସରକାରୀ ସ୍କୁଲ ବନ୍ଦହେବା ଏବଂ ବେସରକାରୀ ସ୍କୁଲ ବୃଦ୍ଧିପାଇବା କେବଳ ପରିସଂଖ୍ୟାନର ଖେଳ ନୁହେଁ; ଏହା ଭାରତର ଶିକ୍ଷାନୀତିରେ ଆସୁଥିବା ଏକ ବିପଜ୍ଜନକ ପରିବର୍ତ୍ତନର ସଙ୍କେତକୁ ଦର୍ଶାଉଛି। ସରକାରଙ୍କ ପ୍ରୋତ୍ସାହନରେ ଶିକ୍ଷା ଧୀରେ ଧୀରେ ଏକ 'ସାମିଧାନିକ ଜନକଲ୍ୟାଣକାରୀ ଅଧିକାର'ରୁ 'ବଜାର-ନିର୍ଭରଶୀଳ ପଣ୍ୟ' ରୂପେ ପରିଣତ ହେଉଛି।

ଶିକ୍ଷା ଅଧିକାର ଆଇନ ଧର୍ମକୁ ଆଖିଠାର

ଭାରତ ଭଳି ଏକ ବିକାଶଶୀଳ ଦେଶରେ ଶିକ୍ଷା କେବଳ ଏକ ପଣ୍ୟ କିମ୍ବା ବ୍ୟବସାୟ ହୋଇ ରହିପାରିବ ନାହିଁ। ଏକ ପୁଞ୍ଜିବାଦୀ ବ୍ୟବସ୍ଥାରେ ଘରୋଇ ସ୍କୁଲଗୁଡ଼ିକ ଦେଶର ଶିକ୍ଷା ବ୍ୟବସ୍ଥାରେ ଏକ ଅଂଶବିଶେଷ ହୋଇପାରନ୍ତି, କିନ୍ତୁ ସେଗୁଡ଼ିକ ସରକାରୀ ଶିକ୍ଷାର ବିକଳ୍ପ ସାଜିବା ସମାଜ ପାଇଁ ଶୁଭଙ୍କର ନୁହେଁ। ଅତଏବ ସରକାରୀ ସ୍କୁଲଗୁଡ଼ିକର ମାନ ବୃଦ୍ଧିକରିବା ସହିତ ଘରୋଇ ସ୍କୁଲଗୁଡ଼ିକ ଉପରେ ଉଚିତ୍ ଆଇନଗତ ନିୟନ୍ତ୍ରଣ ରଖିବା ଦ୍ୱାରା ହିଁ ଦେଶର ପ୍ରତ୍ୟେକ ଶିଶୁଙ୍କୁ ସମାନ, ଶସ୍ତା ଓ ଗୁଣାତ୍ମକ ଶିକ୍ଷା ଯୋଗାଇ ଦିଆଯାଇପାରିବ। ଶିକ୍ଷା ଅଧିକାର ଆଇନ ଶିଶୁଙ୍କୁ ସ୍କୁଲ ଯିବାର ଅଧିକାର ଦେଇଛି ସତ, କିନ୍ତୁ ବାସ୍ତବ କ୍ଷେତ୍ରରେ ଗରିବ ପରିବାରର ପିଲାମାନେ ଏହି ଅଧିକାରକୁ ହାସଲ କରିବା ଅନେକ ସମୟରେ ସମ୍ଭବ ହେଉନି। ସେମାନଙ୍କ ପାଇଁ ଅଧିକାର ପାଇବାକୁ ଅଦାଲତର ଦ୍ୱାରସ୍ଥ ହେବା ବି ସମ୍ଭବ ନୁହେଁ। କେନ୍ଦ୍ର ଓ ରାଜ୍ୟ ସରକାର ନିଜ ନିଜ ଭିତରେ ଦାୟିତ୍ୱ

୫ ସେପ୍ଟେମ୍ବର ୨୦୨୬

ପଶ୍ଚିମ ଓଡ଼ିଶା

ପୃଷ୍ଠା ୩

୧୨୦ କୋଟିର ଟେଣ୍ଡର ନେଇ କଣ୍ଟ୍ରାକ୍ଟର ଆସୋସିଏସନ୍‌ର ଅଭିଯୋଗ

ଲଟେରୀ ପ୍ରକ୍ରିୟାରେ ପକ୍ଷପାତିତା ; ଭିଜିଲାନ୍ସ ନିକଟରେ ସ୍ୱାଧୀନ ତଦନ୍ତ ଦାବି

କଳାହାଣ୍ଡି(ଅମୃତ ମିଡିଆ): କଳାହାଣ୍ଡି ରୁରାଲ୍ ୱାର୍କସ୍ ସର୍କଲ୍ ଅଧୀନରେ ପ୍ରାୟ ୧୨୦ କୋଟି ଟଙ୍କାର ୧୮ରୁ ୧୯ଟି ସରକାରୀ କାମ ପାଇଁ ହୋଇଥିବା ଟେଣ୍ଡରକୁ ନେଇ ବିବାଦ ଦେଖାଦେଇଛି। BPT/ONLINE-୧୫/୨୦୨୫-୨୬ ନମ୍ବର ବିଶିଷ୍ଟ ଏହି ଟେଣ୍ଡରରେ ପକ୍ଷପାତିତା, ଅନିୟମିତତା, ମିଳିତ ଚକ୍ରାନ୍ତ ଓ ପଦବୀର ଦୁରୁପଯୋଗ ହୋଇଥିବା ଅଭିଯୋଗ କରି କଳାହାଣ୍ଡି କଣ୍ଟ୍ରାକ୍ଟର ଆସୋସିଏସନ୍ ପକ୍ଷରୁ ଭିଜିଲାନ୍ସ ନିକଟରେ ତଦନ୍ତ ଦାବି କରାଯାଇଛି। ଆସୋସିଏସନ୍‌ର ସଭାପତି ଜଗୁ ମଣ୍ଡଳ ଏବଂ ନନ୍ଦ ନାଏକଙ୍କ ପକ୍ଷରୁ ଉଠାଯାଇଥିବା ଅଭିଯୋଗ ଅନୁଯାୟୀ, ଟେଣ୍ଡର ଓ ଲଟେରି ପ୍ରକ୍ରିୟା ସମସ୍ତ ବିଡରଙ୍କ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ସମାନ ଭାବେ ପରିଚାଳିତ ହୋଇନଥିବା ନେଇ ପ୍ରଶ୍ନ ଉଠିଛି। ବିଶେଷକରି କେତେକ ଠିକାଦାରଙ୍କୁ ଅନୁଚିତ ସୁବିଧା ମିଳିଥିବା ଏବଂ ଯୋଗ୍ୟ ବିଡରଙ୍କୁ ଲଟେରି ପ୍ରକ୍ରିୟାରେ ଭାଗ ନେବାରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ରହିଛି। ଅଭିଯୋଗରେ ଆହୁରି କୁହାଯାଇଛି ଯେ କେତେକ ବିଡର ନଥିବା ବ୍ୟକ୍ତିଙ୍କୁ ଚୟନମୂଳକ ଭାବେ ଲଟେରି ପ୍ରକ୍ରିୟାରେ ପ୍ରବେଶ ସୁଯୋଗ ମିଳିଥିବା ବେଳେ କେତେକ ଯୋଗ୍ୟ ବିଡରଙ୍କୁ ଅଟକାଯାଇଥିଲା। ଏହି ଅଭିଯୋଗର ସତ୍ୟତା ଯାଞ୍ଚ ପାଇଁ ମୂଳ ଉପସ୍ଥାନ ରେକର୍ଡ, ଲଟେରି ଦସ୍ତାବିଜ, ସିସିଟିଭି ଫୁଟେଜ୍, ଭିଡିଓ ରେକର୍ଡିଂ, ଇଲେକ୍ଟ୍ରୋନିକ୍ ରେକର୍ଡ ଏବଂ ବିଡର ଓ ଅଧିକାରୀଙ୍କ ବୟାନ ଯାଞ୍ଚ କରିବାକୁ ଦାବି ହୋଇଛି।

ଟେଣ୍ଡର ପ୍ରକ୍ରିୟାରେ ସଂପୃକ୍ତ ରୁରାଲ୍ ୱାର୍କସ୍ ବିଭାଗର କେତେକ ଅଧିକାରୀଙ୍କ ଭୂମିକା ମଧ୍ୟ ଯାଞ୍ଚ କରିବାକୁ ଅଭିଯୋଗରେ ଦାବି କରାଯାଇଛି। ଟେଣ୍ଡର ପ୍ରସ୍ତୁତି, ବିଡରଙ୍କ ଯୋଗ୍ୟତା/ଅଯୋଗ୍ୟତା, ବିଡ୍ ମୂଲ୍ୟାୟନ, ଲଟେରି ପ୍ରକ୍ରିୟା, ଅନୁମୋଦନ ଓ କାମ ବଣ୍ଟନ ପର୍ଯ୍ୟନ୍ତ ସମଗ୍ର ପ୍ରଶାସନିକ ପ୍ରକ୍ରିୟାର ତଦନ୍ତ କରିବାକୁ କୁହାଯାଇଛି।

ଏହା ସହ ସଂପୃକ୍ତ ଅଧିକାରୀ ଓ ଲାଭାନ୍ୱିତ ଠିକାଦାରଙ୍କ ମଧ୍ୟରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସମ୍ପର୍କ, ଆର୍ଥିକ ସ୍ୱାର୍ଥ, ବ୍ୟବସାୟିକ ସମ୍ପର୍କ, ସ୍ୱାର୍ଥ ସଂଘାତ କିମ୍ବା ଅନୁଚିତ ଯୋଗସୂତ୍ର ଥିଲା କି ନାହିଁ ତଦନ୍ତ କରିବାକୁ ମଧ୍ୟ ଦାବି ହୋଇଛି। ୧୮ରୁ ୧୯ଟି କାମର ବଣ୍ଟନ ପ୍ରକ୍ରିୟା ଯାଞ୍ଚ କରି କୌଣସି ଠିକାଦାର କିମ୍ବା ଗୋଷ୍ଠୀ ଅନୁପାତହୀନ ଲାଭ ପାଇଛି କି ନାହିଁ ଖୋଜିବାକୁ କୁହାଯାଇଛି।

ପ୍ରମାଣ ନଷ୍ଟ କିମ୍ବା ଅନୁପଲବ୍ଧ ହୋଇଯିବା ଆଶଙ୍କା ଦର୍ଶାଇ ଟେଣ୍ଡର ସମ୍ପର୍କିତ ମୂଳ ଫାଇଲ୍, ବିଡ୍, ତୁଳନାତ୍ମକ ବିବରଣୀ, ମୂଲ୍ୟାୟନ ରେକର୍ଡ, ଇ-ପ୍ରୋକ୍ୟୁରମେଣ୍ଟ ରେକର୍ଡ, ସିଷ୍ଟମ୍ ଲଗ୍, ଲଟେରି ସ୍କ୍ରିପ୍ଟ, ଟୋକନ୍, ଉପସ୍ଥାନ ପତ୍ର, ସିସିଟିଭି ଫୁଟେଜ୍, ଭିଡିଓ/ଅଡିଓ ରେକର୍ଡିଂ, ନୋଟ୍‌ସିଟ୍, ଚିଠିପତ୍ର ଓ ଇ-ମେଲ୍ ଆଦି ସୁରକ୍ଷିତ ରଖିବାକୁ ଭିଜିଲାନ୍ସ ନିକଟରେ ଦାବି ହୋଇଛି।

ଆଇନ ଅନୁଯାୟୀ ଅନୁମତି ଥିଲେ ସମ୍ପୃକ୍ତ WhatsApp ଚାଟ୍/ଗ୍ରୁପ୍, SMS, ଇ-ମେଲ୍, କଲ୍ ଡିଟେଲ୍ ରେକର୍ଡ ଓ ଅନ୍ୟ ଇଲେକ୍ଟ୍ରୋନିକ୍ ପ୍ରମାଣ ମଧ୍ୟ ଯାଞ୍ଚ କରିବାକୁ ଅଭିଯୋଗରେ ଅନୁରୋଧ ରହିଛି।

କଣ୍ଟ୍ରାକ୍ଟର ଆସୋସିଏସନ୍ ପକ୍ଷରୁ ଦାବି କରାଯାଇଛି ଯେ ପ୍ରାଥମିକ ଯାଞ୍ଚ ଶେଷ ନହେବା ପର୍ଯ୍ୟନ୍ତ BPT/ONLINE-୧୫/୨୦୨୫-୨୬ ଟେଣ୍ଡର ଓ ଏହା ସହ ସଂପୃକ୍ତ ଆୱାର୍ଡ/ଫାଇନାଲାଇଜେସନ୍ ପ୍ରକ୍ରିୟାକୁ ନିୟମାନୁସାରେ ସ୍ଥଗିତ ରଖାଯାଉ। ଏହା ସହ ଟେଣ୍ଡର ପ୍ରକ୍ରିୟାରେ ପୂର୍ବରୁ ସଂପୃକ୍ତ ନଥିବା ଅଧିକାରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ, ସ୍ୱାଧୀନ ଓ ସମୟବଦ୍ଧ ତଦନ୍ତ କମିଟି ଗଠନ କରାଯାଉ।

ପ୍ରାଥମିକ ଭାବେ ଅନିୟମିତତାର ପ୍ରମାଣ ମିଳିଲେ ଭିଜିଲାନ୍ସ, କ୍ରାଇମ୍ ବ୍ରାଞ୍ଚ/CID-CB କିମ୍ବା ଆଇନ ଅନୁଯାୟୀ ଅନ୍ୟ କୌଣସି ସ୍ୱାଧୀନ ସଂସ୍ଥା ଦ୍ୱାରା ତଦନ୍ତ କରାଯାଉ ବୋଲି ଦାବି ହୋଇଛି। ଅନିୟମିତତା ପ୍ରମାଣିତ ହେଲେ ଆଇନ ଅନୁଯାୟୀ ଟେଣ୍ଡର/ଆୱାର୍ଡ ବାତିଲ୍, ପୁନଃ ଟେଣ୍ଡର ଏବଂ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଉପଯୁକ୍ତ ବିଭାଗୀୟ, ଭିଜିଲାନ୍ସ କିମ୍ବା ଅପରାଧିକ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦାବି ରହିଛି।

ତେବେ ଅଭିଯୋଗପତ୍ରରେ ଉଠାଯାଇଥିବା ଅଭିଯୋଗଗୁଡ଼ିକର ସତ୍ୟତା ସ୍ୱାଧୀନ ତଦନ୍ତ ଓ ସରକାରୀ ରେକର୍ଡ ଯାଞ୍ଚ ପରେ ହିଁ ସ୍ପଷ୍ଟ ହେବ। ଅଭିଯୋଗପତ୍ରରେ ମଧ୍ୟ ଅପ୍ରମାଣିତ ଅଭିଯୋଗ ଆଧାରରେ କୌଣସି ବ୍ୟକ୍ତିଙ୍କ ଦୋଷ କିମ୍ବା ନିର୍ଦ୍ଦୋଷତା ସମ୍ପର୍କରେ ନିଷ୍ପର୍ଷ ନନେବାକୁ ଅନୁରୋଧ କରାଯାଇଛି।

ବେଆଇନ ବାଣ ଗୋଦାମ ଉପରେ ଚଢ଼ଉ

୨୬୫ କିଲୋ ଜବତ, ଜଣେ ଗିରଫ

ରାଉରକେଲା। (ଅମୃତ ମିଡିଆ): ରାଉରକେଲା ସେକ୍ଟର-୧୫ ଥାନା ପୋଲିସ ବେଆଇନ ବାଣ ବିରୋଧରେ ବଡ କାର୍ଯ୍ୟାନୁଷ୍ଠାନ ନେଇଛି। ସେକ୍ଟର-୧୮ ଉତ୍କଳ ବସ୍ତିରେ ଥିବା ଏକ ବେଆଇନ ଫାୟାର କ୍ରାକର ଗୋଦାମ ଚିହ୍ନଟ କରି ପୋଲିସ ପ୍ରାୟ ୧.୫ ଲକ୍ଷ ଟଙ୍କା ମୂଲ୍ୟର ୨୬୫ କିଲୋଗ୍ରାମ ବାଣ ଜବତ କରିଛି। ପୋଲିସ ପ୍ରେସ ନୋଟ ୧୪୮-୨୬ ଅନୁସାରେ, ସେକ୍ଟର-୧୫ ଥାନା ମାମଲା ନମ୍ବର ୧୪୮ ତା ୦୩.୦୯.୨୦୨୬, ଧାରା ୨୮୮ ବିଏନ୍‌ଏସ୍ ସହ ଧାରା ୫ ଓଡିଶା ବାଣ ଏବଂ ଲାଉଡ ସ୍ପିକର ନିୟନ୍ତ୍ରଣ ଆଇନ/ ୯(ଖ)(୧)(ଖ) ଭାରତୀୟ ବିସ୍ଫୋରକ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ ୦୩.୦୯.୨୦୨୬ରେ ସେକ୍ଟର-୧୫ ପିଏସ୍‌ର ଏସ୍‌ଆଇ ଅମିକା ମାଣ୍ଡି ପେଟ୍ରୋଲିଂ ସମୟରେ ସେକ୍ଟର-୧୮ ଉତ୍କଳ ବସ୍ତିରେ ଏକ ବେଆଇନ ବାଣ ଗୋଦାମ ବିଷୟରେ ସୂଚନା ପାଇଥିଲେ। ତଡ଼ାଉ କରି ସେଠାରୁ ବିଭିନ୍ନ ବ୍ରାଣ୍ଡର ବିଭିନ୍ନ ପ୍ରକାରର ଫାୟାର କ୍ରାକର ଥିବା ୨୨ଟି କାଗଜ କାର୍ଟୁନ ପ୍ୟାକେଟ ଜବତ କରାଯାଇଛି। ଏହାର ମୋଟ ଓଜନ ୨୬୫.୦୮ କିଲୋଗ୍ରାମ ଏବଂ ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ଟଙ୍କା। ତଦନ୍ତ ପରେ ଗୋଦାମଟି ସେକ୍ଟର-୧୮ ଉତ୍କଳ ବସ୍ତିର ବିଜୟ ସାଙ୍କ ପୁଅ ଦୀପକ କୁମାର ସା(୨୮)ର ବୋଲି ଜଣାପଡିଛି। ପୋଲିସ ଲାଇସେନ୍ସ ମାଗିବାରୁ ସେ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନଥିଲେ। ସେ ନିଜ ବ୍ୟକ୍ତିଗତ ଲାଭ ପାଇଁ ସାଧାରଣ ଲୋକଙ୍କୁ ଏହି ବାଣ ବିକ୍ରି କରୁଥିବା ସ୍ୱୀକାର କରିଛି।

ବୁଲା ଗାଈଗୋରୁଙ୍କ ପାଇଁ ଚିନ୍ତାରେ ଚାଷୀ

ବଲାଙ୍ଗୀର(ଅମୃତ ମିଡିଆ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ଅଞ୍ଚଳରେ ବୁଲା ଗାଈଗୋରୁଙ୍କ ପାଇଁ ଚିନ୍ତାରେ ଚାଷୀ ଅଛନ୍ତି । ଏବେ ଖରିଫ ଚାଷର ସମୟ । ଚାଷୀମାନେ ନିଜ ଜମିରେ ବିଭିନ୍ନ ପ୍ରକାରର ଚାଷ କରିଛନ୍ତି । ଏହି ଚାଷକୁ ବୁଲା ଗାଈ, ଗୋରୁ ନଷ୍ଟ କରି ଦେଉଛି । ସେଥିପାଇଁ ଏବେ ଚିନ୍ତାରେ ଅଛନ୍ତି ଚାଷୀ । ସେଥିପାଇଁ ଯଥାଶୀଘ୍ର ଏଇ ବୁଲା ଗାଈଗୋରୁ ମାନଙ୍କ ଥଇଥାନ କରାଯାଉ ଏବଂ ଯେଉଁମାନେ ଗାଈଗୋରୁ ନ ଚରାଇ ଛାଡି ଦେଉଛନ୍ତି ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସିନ୍ଧେକେଲା ଅଞ୍ଚଳର ଚାଷୀମାନେ ଦାବି କରୁଛନ୍ତି ।

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ: ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ବେନକେରା ଗ୍ରାମ ନିକଟସ୍ଥ ଏକ କପା କ୍ଷେତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତ ଯୁବକ ହେଲେ ହରେକୃଷ୍ଣ ବରିହା (୨୭)। ସୂଚନା ଅନୁଯାୟୀ, ହରେକୃଷ୍ଣ କପା କ୍ଷେତରେ ଥିବା ଏକ ଗଛରେ ଗାମୁଛା ସାହାଯ୍ୟରେ ଫାଶୀ ଲଗାଇଥିବା ଅବସ୍ଥାରେ ମିଳିଥିଲେ। ଘଟଣାଟି ପ୍ରକାଶ ପାଇବା ପରେ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ପାରିବାରିକ କଳହକୁ କେନ୍ଦ୍ର କରି ହରେକୃଷ୍ଣ ଏଭଳି ଚରମ ପଦକ୍ଷେପ ନେଇଥିବା ନେଇ ଗ୍ରାମରେ ଚର୍ଚ୍ଚା ହେଉଛି। ତେବେ ଆତ୍ମହତ୍ୟାର ପ୍ରକୃତ କାରଣ ସମ୍ପର୍କରେ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ସବୁଠାରୁ ହୃଦୟବିଦାରକ ଦିଗ ହେଉଛି, ମୃତ ହରେକୃଷ୍ଣଙ୍କ ଦୁଇଟି ସନ୍ତାନ ଥିବାବେଳେ ତାଙ୍କ ପତ୍ନୀ ବର୍ତ୍ତମାନ ଗର୍ଭବତୀ ଥିବା ଜଣାପଡ଼ିଛି। ଯୁବ ବୟସରେ ତାଙ୍କ ଅକାଳ ମୃତ୍ୟୁ ପରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ଏନେଇ ଖପ୍ରାଖୋଲ ଥାନାରେ ୟୁଡି କେସ୍ ନଂ-୯/୨୦୨୬ ରୁଜୁ କରାଯାଇଛି। ଖପ୍ରାଖୋଲ ପୋଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏନେଇ ମାମଲାର ତଦନ୍ତକାରୀ ଅଧିକାରୀ ନାରାୟଣ ସାହୁ ସୂଚନା ଦେଇଛନ୍ତି।

ସ୍ୱାସ୍ଥ୍ୟସେବା ଓ ବିଭିନ୍ନ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମୀକ୍ଷା କଲେ ମୁକେଶ ମହାଲିଙ୍ଗ

କଳାହାଣ୍ଡି(ଅମୃତ ମିଡିଆ): ଓଡ଼ିଶା ସରକାରଙ୍କ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ ଶୁକ୍ରବାର ଓଡିଶା ରାଜ୍ୟ ସରକାରଙ୍କ ପ୍ରଯୋଜିତ ସିଏମ କିସାନ କାର୍ଯ୍ୟକ୍ରମ ଆନୁକୂଲ୍ୟରେ କଳାହାଣ୍ଡି ଜିଲ୍ଲାର ସ୍ୱାସ୍ଥ୍ୟ ସେବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ମ୍ୟାଲେରିଆ ନିୟନ୍ତ୍ରଣ, ସିକେଲ ସେଲ ନିରାକରଣ, ଟୀକାକରଣ ଓ ଅନ୍ୟାନ୍ୟ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ମାନବ ସମ୍ବଳ, ସ୍ୱାସ୍ଥ୍ୟ ସୂଚକ, ମାତୃ ଓ ଶିଶୁ ମୃତ୍ୟୁ ହ୍ରାସ, ପୂର୍ଣ୍ଣ ଟୀକାକରଣ, ରକ୍ତହୀନତା ନିୟନ୍ତ୍ରଣ ଏବଂ ଅସଂକ୍ରାମକ ରୋଗ ନିୟନ୍ତ୍ରଣ ଉପରେ ଉପସ୍ଥାପନା କରାଯାଇଥିଲା। ଜିଲ୍ଲାରେ ୧ଟି ମେଡିକାଲ କଲେଜ, ୧ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ,

୧ଟି ଉପଖଣ୍ଡ ଚିକିତ୍ସାଳୟ, ୧୭ଟି ସିଏଚସି, ୪୫ଟି ଆମ ହସ୍ପିଟାଲ ପିଏଚସି ଓ ୨୪୧ଟି ଆମ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟରତ ଥିବା ସୂଚନା ଦିଆଯାଇଥିଲା। ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ଜିଲ୍ଲାରେ ଓଜଝ କାର୍ଯ୍ୟକ୍ରମ, ଖଖଓଘ ବଣ୍ଟନ, ଉଇଗବଘ ଶିବିର, ସ୍କୁଲ ଛାତ୍ରଛାତ୍ରୀଙ୍କ ସ୍କ୍ରିନିଂ ଏବଂ ରିୟଲ ଟାଇମ ମନିଟରିଂ ପାଇଁ ODK ଟୁଲ ବ୍ୟବହାର ଭଳି ବିଭିନ୍ନ ପଦକ୍ଷେପ ନିଆଯାଇଥିବା ଉପସ୍ଥାପନା କରାଯାଇଥିଲା। ମାତୃ ସ୍ୱାସ୍ଥ୍ୟ କ୍ଷେତ୍ରରେ PMSMA, SUMAN ଓ ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ ମାଧ୍ୟମରେ ଗର୍ଭବତୀ ଚିହ୍ନଟ, ଅଲ୍ଟ୍ରାସାଉଣ୍ଡ ସେବା, ମାତୃ ଓ ଶିଶୁଙ୍କ ପାଇଁ ନିରାପଦ ସ୍ୱାସ୍ଥ୍ୟ ସେବା ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିବା ଜଣାଯାଇଥିଲା। ଜିଲ୍ଲାରେ ଜାତୀୟ ସିକେଲ ସେଲ ଏନିମିଆ ନିରାକରଣ ମିଶନ ଅଧୀନରେ ବ୍ୟାପକ ସ୍କ୍ରିନିଂ, ଗାଜେଲ ମେସିନ ଦ୍ୱାରା ପରୀକ୍ଷା ଓ ରୋଗୀଙ୍କୁ ନିୟମିତ ଚିକିତ୍ସା ସେବା ପ୍ରଦାନ କରାଯାଉଥିବା ସୂଚନା ଦିଆଯାଇଥିଲା। ମାନ୍ୟବର ମନ୍ତ୍ରୀ ଜିଲ୍ଲାର ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ କରିବା, ଶୂନ୍ୟପଦ ପୂରଣ, ମାତୃ ଓ ଶିଶୁ ମୃତ୍ୟୁ ହାର ହ୍ରାସ, ମ୍ୟାଲେରିଆ ଓ ସିକେଲ ସେଲ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହିତ ଦୂରଦୂରାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଶୀ, ଜିଲ୍ଲାପାଳ ପଙ୍କାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନୁୟ କୁମାର ଦରୱାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ହରେକୃଷ୍ଣ ଶତପଥି , ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଅଧିକାରୀ ଏବଂ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀମାନେ ଉପସ୍ଥିତ ଥିଲେ।

ଟେଣ୍ଡର କାମ ପ୍ରତ୍ୟାହାର ପାଇଁ ଯୁବକଙ୍କୁ ଅପହରଣ

ବନ୍ଧୁକ ଦେଖାଇ ଟଙ୍କା ଓ ଦସ୍ତାବିଜ ଛଡ଼ାଇ ନେଇଥିବା ଅଭିଯୋଗ; ବିଜେପୁର ଥାନାରେ ମାମଲା

ବରଗଡ(ଅମୃତ ମିଡିଆ): ଟେଣ୍ଡର କାମ ପ୍ରତ୍ୟାହାର କରିବାକୁ ଧମକ ଦେଇ ଜଣେ ଯୁବକଙ୍କୁ ଅପହରଣ, ମାଡ଼ ମାରିବା ଓ ବନ୍ଧୁକ ଦେଖାଇ ଭୟଭୀତ କରାଯାଇଥିବା ନେଇ ବିଜେପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ହେଲେ ପୁଟୁକା ଗ୍ରାମର ରାଜକୁମାର ମେହେର (୨୮)। ଅଭିଯୋଗ ଅନୁଯାୟୀ, ସେପ୍ଟେମ୍ବର ୧ ତାରିଖ ଅପରାହ୍ନ ପ୍ରାୟ ୧ଟା ୩୦ରେ ରାଜକୁମାର ଟେଣ୍ଡର ସମ୍ପର୍କିତ ସମସ୍ତ କାଗଜପତ୍ର ଧରି ବିଜେପୁର ଏନ୍‌ଏସି କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରେ ମହେଶ ଦେବତା, ନରସିଂହ ଓରଫ ପପୁ ପୂଜାରୀ, କୌଶିକ ପାଣିଗ୍ରାହୀଙ୍କ ସମେତ ପ୍ରାୟ ୨୦ରୁ ୩୦ ଜଣ ଲୋକ ଏକ ଥାର ଗାଡ଼ିରେ ତାଙ୍କୁ ଜୋରଜବରଦସ୍ତ ଉଠାଇ ନେଇ ସରଣ୍ଡାପାଳି ନିକଟ ଏକ ନିଛାଟିଆ ସ୍ଥାନକୁ ନେଇଥିବା ଅଭିଯୋଗ ହୋଇଛି। ସେଠାରେ ବନ୍ଧୁକ ଦେଖାଇ ଟେଣ୍ଡର କାମରୁ ଓହରିଯିବା ପାଇଁ ଧମକ ଦିଆଯିବା ସହ ତାଙ୍କ ପାଖରେ ଥିବା ୧୦ ହଜାର ୩ଶହ ଟଙ୍କା, ଲାଇସେନ୍ସ ଓ ଅନ୍ୟାନ୍ୟ କାଗଜପତ୍ର ନେଇଯାଇଥିବା ରାଜକୁମାର ଅଭିଯୋଗ କରିଛନ୍ତି। ଏପରିକି ଏକ ଖାଲି କାଗଜରେ ତାଙ୍କ ଦସ୍ତଖତ ନେଇ ତାଙ୍କୁ ମାଡ଼ ମାରିବା ସହ ଜାତିଆଣ ଗାଳିଗୁଲଜ କରାଯାଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ପୁଣି ତାଙ୍କ ଓ ତାଙ୍କ ପିଲାମାନଙ୍କୁ ହତ୍ୟା କରିବାର ଧମକ ଦେଇ ଟେଣ୍ଡର ପ୍ରତ୍ୟାହାର କରିବାକୁ ବାଧ କରାଯାଇଥିବା ଅଭିଯୋଗ ରହିଛି। ପରେ ସେହିଦିନ ପ୍ରାୟ ୩ଟା ୩୦ରେ ତାଙ୍କୁ ବିଜେପୁର ଏନ୍‌ଏସି କାର୍ଯ୍ୟାଳୟକୁ ଆଣି କୌଶିକ ପାଣିଗ୍ରାହୀଙ୍କ ନାମରେ ଟେଣ୍ଡରରୁ ଓହରିବା ସମ୍ପର୍କିତ ଲିଖିତ ଦସ୍ତାବିଜରେ ଦସ୍ତଖତ କରାଇଥିବା ଅଭିଯୋଗ ହୋଇଛି। ଏହା ସହ ତାଙ୍କ ହାତରେ ଜୋରଜବରଦସ୍ତ ବନ୍ଧୁକ ଧରାଇ ଫଟୋ ଉଠାଇବା ଏବଂ ମିଥ୍ୟା ମାମଲାରେ ଫସାଇବାକୁ ଧମକ ଦିଆଯାଇଥିବା ସେ ପୁଲିସକୁ କହିଛନ୍ତି।

ଭୟ କାରଣରୁ ଅଭିଯୋଗ କରିବାରେ ବିଳମ୍ବ ହୋଇଥିବା ରାଜକୁମାର ପ୍ରକାଶ କରିଛନ୍ତି।

ସୋନଗଡ ନଦୀରେ ନଦୀଗର୍ଭ ଜଳ ସଞ୍ଚୟ ପ୍ରକଳ୍ପ ପାଇଁ ଟେଣ୍ଡର

ଦେଓଗାଁ(ଅମୃତ ମିଡିଆ): ଦୀର୍ଘ ଅଢ଼େଇ ଦଶନ୍ଧିର ଅପେକ୍ଷାର ଅନ୍ତ ଘଟିଛି । ଦେଓଗାଁ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି । ପୂର୍ବ ସରକାର ଅମଳରେ ଘୋଷଣା ହୋଇଥିବା ପ୍ରସ୍ତାବିତ ସୋନଗଡ ନଦୀର ସିକୁଆଁରେ ଆଇଏସ୍‌ଏସ୍ ବା ନଦୀଗର୍ଭ ଜଳ ସଞ୍ଚୟ ପ୍ରକଳ୍ପ ନିର୍ମାଣ ପାଇଁ ଜଳସେଚନ ବିଭାଗ ଟେଣ୍ଡର ବାହାର କରିଛି । ଜଳସେଚନ ବିଭାଗର ଭବାନୀପାଟଣା ସ୍ଥିତ ଡେଲବେସିନର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବରେ ଏହି ଆଇଏସ୍‌ଏସ୍ ନିର୍ମାଣ ପାଇଁ ୯୧ କୋଟି ୧୧ଲକ୍ଷ ୧୯ହଜାର ୮୩୦ଟଙ୍କାର ଟେଣ୍ଡର ପ୍ରକାଶ ପାଇଛି । ଇ-ପ୍ରକ୍ୟୁରମେଣ୍ଟ ନୋଟିସ ନମ୍ବର-ଇପିସି/୦୨/୨୦୨୬-୨୭ ତଥା ବିଡ ଆଇଡେଣ୍ଟିଫିକେସନ ନମ୍ବର-ବିଡ-୦୩/୨୬-୨୭ରେ ଏହା ଡେଲବେସିନ ଚିଫଇଞ୍ଜିନିୟରଙ୍କ କାର୍ଯ୍ୟାଳୟରୁ ଏହା ବାହାରିଛି । ଟେଣ୍ଡର ପରେ ଦୁଇବର୍ଷ ମଧ୍ୟରେ ଏହାର ନିର୍ମାଣ କାମ ସରିବ ବୋଲି ନିର୍ଦ୍ଧାରଣ କରାଯାଇଛି ।

ପ୍ରକାଶ ଯେ, ସୋନଗଡ ନଦୀରେ ବର୍ଷା ମାସ ପରେ ପାଣି ଶୁଖିଯାଉଛି । ଯାହା ଫଳରେ ଦେଓଗାଁ ଓ ସଦର ବ୍ଲକ ଅଞ୍ଚଳର ଅନେକ ଗ୍ରାମକୁ ପାନୀୟଜଳ ଯୋଗାଣ ହୋଇପାରୁନାହିଁ । ଏହି ଆଇଏସ୍‌ଏସ୍ ନିର୍ମାଣ ହେଲେ ଦେଓଗାଁ ବ୍ଲକର ୨୦ଟ

ସମ୍ପାଦକୀୟ...

ଦୁର୍ନୀତିରେ ଆଗରେ ସରକାର !

ବର୍ତ୍ତମାନ ସରକାର ବହୁତ ଆଗରେ ! ଏମିତି ଆମେ କହିବାରେ କିଛି ବି ଅସୁବିଧା ନାହିଁ । ସରକାର ତ ସବୁ କ୍ଷେତ୍ରରେ ଆଗରେ ଥିଲେ ଏବଂ ଆଗରେ ରହିବେ । କାରଣ ସରକାର ଆଗରେ ରହିଲେ ସମାଜ ବି ଆଗରେ ରହିବ। ସମାଜରେ ସାଧାରଣ ଜନତା ବି ଆଗରେ ରହିବେ । ସେଥିପାଇଁ ତ କୁହାଯାଏ ପରିବାର ମୂଳରେ, ସରକାର ଚୂଳରେ ଏବଂ ମଧ୍ୟରେ ସମାଜ । ଅର୍ଥାତ ପରିବାରରୁ ସମାଜ ଗଠନର ଶୁଭାରମ୍ଭ ହୁଏ। କୌଣସି ବି ଭଲ ସମାଜ ଗଠନ ପଛରେ ଏକ ସୁସଂସ୍କାରୀ ଏବଂ ସଶକ୍ତ ପରିବାରର ଭୂମିକାକୁ କେବେ ବି ଅସ୍ୱୀକାର କରିହେବ ନାହିଁ। ତେବେ ସବୁବେଳେ ସ୍ଥିତି ଏବଂ ପରିସ୍ଥିତି କିନ୍ତୁ ସମାନ ନଥାଏ। ଏକ ସୁନ୍ଦର ଏବଂ ସଶକ୍ତ ସମାଜ ଗଠନ ପଛରେ ହୁଏତ ଏକ ସୁନ୍ଦର ତଥା ସଶକ୍ତ ପରିବାରର ଆବଶ୍ୟକତା ରହିଛି। ତେବେ କୌଣସି ବି ଏକ ଦେଶର ଅବା ରାଷ୍ଟ୍ରର ସାମୂହିକ ହିତ ସାଧନ ଦୃଷ୍ଟିରୁ କେବଳ ଯେ ପରିବାରର ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇପାରେ ତାହା ନୁହେଁ , ଅନ୍ୟାନ୍ୟ ଆବଶ୍ୟକତା ବି ରହିଛି ଯାହା ମଧ୍ୟରେ ରହିଛି ଅନ୍ୟାନ୍ୟ ତଥ୍ୟ ଏବଂ ଅନ୍ୟାନ୍ୟ ତତ୍ୱ। ସରକାର ମଧ୍ୟ ସେହିଭଳି ଏକ ତତ୍ୱ ଯାହା ମଧ୍ୟରେ ଭରିରହିଛି ଅନେକ ତଥ୍ୟ ଏବଂ ଯାହା ମଧ୍ୟରେ ମୁଖ୍ୟ ହେଉଛି ରାଷ୍ଟ୍ର ତତ୍ୱ ଏବଂ ସମାଜ ତତ୍ୱ ଆଦି ଅତି ମହତ୍ୱପୂର୍ଣ୍ଣ ବିଷୟ ଯାହାକୁ ବିଚାରକୁ ନେବା କୌଣସି ବି ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ସର୍ବାଧିକ ଗୁରୁତ୍ୱପୂର୍ଣ ବିଷୟ। ଯାହାକି କେବଳ ସରକାର ଦ୍ୱାରା ହିଁ ସମ୍ଭବ ହେଇପାରେ।ହେଲେ ସରକାର ଯଦି ଅସ୍ୱଚ୍ଛ ଏବଂ ସରକାର ଯଦି ଦୁର୍ନୀତିଗ୍ରସ୍ତ ତେବେ ସମାଜକୁ ସ୍ୱଚ୍ଛ ଶାସନ ଦେବ କିଏ,ରାଷ୍ଟ୍ର ଗଠନରେ କୌଣସି ଏକ ଦୁର୍ନୀତିଗ୍ରସ୍ତ ସରକାର ସମାଜକୁ କେବେ ବି ସଠିକ୍ ନ୍ୟାୟ ପ୍ରଦାନ କରିପାରିବ ନାହିଁ ଯାହା କି ଏକ ଆଦର୍ଶ ସମାଜ ଗଠନରେ ବାଧକ ସାଜିବ । ଭାରତର ସରକାରୀ ସଂସ୍ଥା ବିରୋଧରେ ଏବେ ଆସିଛି ସଙ୍ଗୀନ ଅଭିଯୋଗ ଯାହା ଏବର ନୁହେଁ , ବହୁ ପୁର୍ବର। ସ୍ୱାଧୀନତା ପୂର୍ବରୁ ହୁଏତ ଭାରତର ପରିସ୍ଥିତି ଯଦିଓ ଏକ ପ୍ରକାର ଠିକ୍ ଥିଲା, ତେବେ ସ୍ୱାଧୀନତା ପରେ ପରେ ଧୀରେ ଧୀରେ ବିଗିଡ଼ିବାରେ ଲାଗିଥିଲା ପରିସ୍ଥିତି। ଧୀରେ ଧୀରେ ଭାରତରେ ବଢ଼ିବାରେ ଲାଗିଥିଲା ଦୁର୍ନୀତି। କାନକୁ ତ ବିଶ୍ୱାସ ହେଉନି କି ମନକୁ ତ ଭଲ ଲାଗୁନି । ହେଲେ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ୍‌ଙ୍କ ରିପୋର୍ଟ ଅନୁସାରେ ଦେଶରେ ସରକାରୀ ସଂସ୍ଥାଙ୍କ ବିରୋଧରେ ଆସଛି ସର୍ବାଧିକ ଦୁର୍ନୀତି ଅଭିଯୋଗ। ସର୍ବଶେଷ ଏବଂ ସବିଶେଷ ରିପୋର୍ଟ ଯାହା କହୁଛି ୨୦୨୫ ମସିହା ଶେଷ ସୁଦ୍ଧା ଭାରତର ବିଭିନ୍ନ ସରକାରୀ ସଂସ୍ଥା ବିରୋଧରେ ଅତି କମ୍‌ରେ ପ୍ରାୟ ସତୁରୀ ହଜାରେରୁ ଅଧିକ ରହିଛି ଦୁର୍ନୀତି ଅଭିଯୋଗ। ତେବେ ଦେଶର ରେଲ୍ ୱେ ଏବଂ ଦେଶର ସବୁଠାରୁ ଭରସାଯୋଗ୍ୟ ସଂସ୍ଥା କୁହାଯାଉଥିବା ଭାରତର ବିଭିନ୍ ବ୍ୟାଙ୍କ ମାନଙ୍କ ବିରୋଧରେ ଆସିଛି ସର୍ବାଧିକ ଦୁର୍ନୀତି ଅଭିଯୋଗ ଯେଉଁମାନଙ୍କ ମଧ୍ୟରେ ରହିଛି ଦେଶର ସବୁଠାରୁ ଅଧିକ ଜାତୀୟକରଣ ବ୍ୟାଙ୍କ ବା ଯାହାକୁ ଆମେ କହୁଛୁ ନେସନାଲାଇଜଡ ବ୍ୟାଙ୍କ। ଶେଷର ଅନ୍ୟାନ୍ୟ ବିଭାଗ ମଧ୍ୟ ରହିଛି ତେବେ ଗତ ବର୍ଷ ଶେଷ ସୁଦ୍ଧା କେବଳ ୬୪ ହଜାର ୯୦୫ ସଂସ୍ଥାଙ୍କ ବିରୋଧରେ ଆସିଥିବା ଅଭିଯୋଗର ସମାଧାନ ଭିଜିଲାନ୍ସ୍ କୋର୍ଟ ଦ୍ୱାରା ହୋଇଥବା ବେଳେ ବାକି ପଡ଼ିଛି ଆହୁରି ଅନେକ କେସ୍ । ଯାହାକି ଦେଶର ସରକାରଙ୍କ ପ୍ରତି ସିଧା ଅଙ୍ଗୁଳି ନିର୍ଦ୍ଦେଶ।

ଗୁରୁ ହିଁ ବ୍ରହ୍ମା ବିଷ୍ଣୁ ମହେଶ୍ୱର

ଚିତ୍ତରଞ୍ଜନ ପୃଷ୍ଟି

ସମାଜରେ ଶ୍ରେଷ୍ଠ ପୁରୁଷ ହେଉଛନ୍ତି ଗୁରୁ । ଗୁରୁଙ୍କ ସ୍ଥାନ ସର୍ବାଗ୍ରେ ।ଗୁରୁବିନା ଜ୍ଞାନ ଲାଭ କରିବା ଅସମ୍ଭବ ।ଗୁରୁଙ୍କ ଆଶୀର୍ବାଦରେ ଶିଷ୍ୟ ଶୀର୍ଷ ସ୍ଥାନରେ ପହଞ୍ଚିଥାଏ ।ସମାଜରେ ଶିଷ୍ୟ ମନରୁ ଅଜ୍ଞାନ ଅନ୍ଧକାର ଦୂରକରି ଜ୍ଞାନର ଆଲୋକ ଭରି ଦେଉଥିବା ବ୍ୟକ୍ତି ହେଉଛନ୍ତି ଗୁରୁ ।ମନରୁ ଅହଂକାର ଦୂରକରି ମୋକ୍ଷ ପ୍ରାପ୍ତି ନିମନ୍ତେ ମାର୍ଗ ଦେଖାଉଥିବା ବ୍ୟକ୍ତିହିଁ ଗୁରୁ ଅଟନ୍ତି ।ଅଜ୍ଞାନତା ମଣିଷର ଏକ ବଡ ଶତ୍ରୁ ଅଟେ ।ମନରୁ ଅଜ୍ଞାନତା ଦୂରକରି ସତ୍ୟ ଅହିଂସା ପଥରେ ଅଗ୍ରସର ହେବାପାଇଁ ହିତୋପଦେଶ ଦେଉଥିବ ବ୍ୟକ୍ତି ହେଉଛନ୍ତି ଗୁରୁ ।ଗୁରୁବିନା ସତ୍ ଜ୍ଞାନ ଲାଭ କରିବା ଅସମ୍ଭବ ।ଗୁରୁହିଁ ପ୍ରେରଣାର ଉତ୍ସ ।ବିନାଗୁରୁ ରେ କେହିକେବେ ଜ୍ଞାନୀ ପଦବାଚ୍ୟ ହୋଇପାରିନଥାଏ ।କୋମଳମତି ଶିଶୁମାନଙ୍କର ଜ୍ଞାନର ପ୍ରଦୀପକୁ ପ୍ରଜ୍ୱଳିତ କରିପାରୁଥିବା ବ୍ୟକ୍ତିହିଁ ହେଉଛନ୍ତି ଗୁରୁ । ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଯୋଗ୍ୟ ଗୁରୁ ହୋଇଥାନ୍ତି । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭାଷାରେ- "ନିଜକୁ ଯେ ନିରନ୍ତର ଶିଷ୍ୟ ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ୍ୟେ ଜଣେ।ତେଣୁ ଶାସ୍ତ୍ରରେ କୁହାଯାଇଛି

'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର;

ଗୁରୁ ସାକ୍ଷାତ ପରମ ବ୍ରହ୍ମ, ତସ୍ମୈଶ୍ରୀ ଗୁରବେ ନମଃ' ।

ଗୁରୁ ହେଉଛନ୍ତି ସ୍ୱୟଂ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କର ଚଳନ୍ତି ପ୍ରତିମା। ଗୁରୁ ହେଉଛନ୍ତି ପରମବ୍ରହ୍ମ।ଗୁରୁ ଓ ଈଶ୍ୱର ମଧ୍ୟରେ ଭିନ୍ନ ଭିନ୍ନ ଭାବ ନ ଆଣି ଗୁରୁଙ୍କୁ ଯଥାର୍ଥରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସମନ୍ୱୟ ବୋଲି ଜ୍ଞାନ କରାଯାଏ। କାରଣ ବ୍ରହ୍ମା ସୃଷ୍ଟି କର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଏବଂ ମହେଶ୍ୱର ସଂହାର କର୍ତ୍ତା ବୋଲି ବିଶ୍ୱାସ କରାଯାଏ। ଠିକ୍ ସେହିପରି ଗୁରୁଶକ୍ତି ଜୀବମାନଙ୍କ ମଧ୍ୟରେ ଥିବା କୁସଂସ୍କାରକୁ ଦୂର କରି ପାପ, ତାପ, ଶାପକୁ ନିଜର ଅଲୌକିକ ଦିବ୍ୟ ଶକ୍ତି ଦ୍ୱାରା ଶିଷ୍ୟଠାରୁ ହରଣ କରାଇ ସତ୍ ଚେତନା ଓ ଦିବ୍ୟ ଗୁଣାବଳୀରେ ଗଢ଼ି ତୋଳିଥାନ୍ତି ।ଯୁଗେ ଯୁଗେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ।ଗୁରୁ ନିଜ ଜୀବନକୁ ଉତ୍ସର୍ଗୀକୃତ କରି ଶିଷ୍ୟର ମଙ୍ଗଳ କାମନା କରିଥାନ୍ତି ।ଶିଷ୍ୟର ସମସ୍ତ ପ୍ରକାର ଦ୍ୱନ୍ଦକୁ ଦୂରକରି ଉତ୍ତମ ଦିଗଦର୍ଶନ ଦେଇଥାନ୍ତି ।

ଗୁରୁ ହେଉଛନ୍ତି ଶିକ୍ଷାଦାତା,ପ୍ରେରଣାଦାତା,ସତ୍ୟମାର୍ଗ ପ୍ରଦର୍ଶକ ।ଗୁରୁ ହେଉଛନ୍ତି ଶାଶ୍ୱତ ।ଏକ ଆଦର୍ଶ ସମାଜ ଗଠନରେ ଗୁରୁଙ୍କ ଭୂମିକା ଅତୁଳନୀୟ ।ସମାଜର କଲ୍ୟାଣ ସାଧନ କରିବା, ସାମାଜିକ ମୂଲ୍ୟବୋଧର ସୁରକ୍ଷା କରିବା ଜଣେ ଆଦର୍ଶ ଗୁରୁଙ୍କର ପରମ କର୍ତ୍ତବ୍ୟ ଅଟେ ।ଗୁରୁ ଯିଏକି ଅଜ୍ଞାନ ରୂପକ ଅନ୍ଧକାର କୁ ଦୂରକରି ଜ୍ଞାନ ରୂପକ ଆଲୋକ ପ୍ରଦାନ କରନ୍ତି ।ଗୁରୁ ଜ୍ଞାନ ପ୍ରଦାନ କରିବା ସହିତ ଶିଷ୍ୟ ମାନଙ୍କ ମନରେଥିବା ଅନ୍ତର୍ନିହିତ ସୃଜନୀ ଶକ୍ତିକୁ ବିକଶିତ କରିଥାନ୍ତି ।ଗୁରୁ ସର୍ବଦା ଶିଷ୍ୟର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ତାର ଭବିଷ୍ୟତକୁ ଉତ୍ତମ ଭାବେ ଗଢିତୋଳିବା ପାଇଁ ନିରନ୍ତର ଚେଷ୍ଟା କରନ୍ତି ।ପିତାମାତା ଆମକୁ ଜନ୍ମ ଦେଇଥାନ୍ତି କିନ୍ତୁ ଜୀବନର ମାର୍ଗ ଦର୍ଶନ କରାଉଥିବା ବ୍ୟକ୍ତି ହେଉଛନ୍ତି ଗୁରୁ ।ଯିଏ ଆମକୁ କୌଣସି ବିଷୟରେ ଜ୍ଞାନ ପ୍ରଦାନ କରିବା ସହିତ କାର୍ଯ୍ୟ କରିବା ଏବଂ ଜୀବନ ବଞ୍ଚିବାର କଳା କୌଶଳ ଶିଖାନ୍ତି ସେ ଆମର ଗୁରୁ ଅଟନ୍ତି ।ଏଥିପାଇଁ ଗୁରୁଙ୍କ ମହତ୍ତ୍ୱକୁ ଦର୍ଶାଇ ମହାନ ସନ୍ଥ କବୀର ଦାସ କହିଛନ୍ତି-

'ଗୁରୁ ଗୋବିନ୍ଦ ଦୋନୋ ଖଡେ,କାକେ ଲାଗୁଁ ପାୟ

ବଲିହାରି ଗୁରୁ ଆପନେ ଗୋବିନ୍ଦ ଦିୟୋ ବତାୟ'।

ଭଗବାନଙ୍କଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଗୁରୁଙ୍କର ହୋଇଥାଏ ।ଗୁରୁ ଭଗବାନଙ୍କୁ ପାଇବାର ମାର୍ଗ ଦେଖାଇଥାନ୍ତି ।ଗୁରୁ ସର୍ବଦା ଶିଷ୍ୟର ମଙ୍ଗଳ କାମନା କରନ୍ତି ।ଗୁରୁଙ୍କଠାରୁ ଉତ୍ତମ ଶିକ୍ଷାପାଇ ଯେ କେହି ଉତ୍ତମ ନାଗରିକ ହୋଇପାରନ୍ତି । ଗୁରୁ ପିତାମାତାଙ୍କ ଠାରୁ ଉର୍ଦ୍ଧ୍ୱରେ ।ଗୁରୁଙ୍କୁ ସ୍ୱିଦା ଈଶ୍ୱରଙ୍କ ସହିତ ତୁଳନା କରାଯାଇଛି ।ଗୁରୁ ସର୍ବାଦା ନମସ୍ୟ ଓ ପୂଜ୍ୟ ହୋଇଥାନ୍ତି ।ଗୁରୁ ହେଉଛନ୍ତି ମହାନ ପୁରୁଷ ।ତେଣୁ ଭାଗବତରେ କୁହାଯାଇଛି

'ଗୁରୁଙ୍କୁ ନମଣିବ ନର ଗୁରୁହିଁ ସାକ୍ଷାତ ଈଶ୍ୱର' ।

ସେହିଭଳି ଜଣେ ମହାନ ଗୁରୁ ହେଉଛନ୍ତି ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ । ରାଧାକୃଷ୍ଣନ ଏକାଧାରରେ ଜଣେ ସୁଗୁରୁ, ଶିକ୍ଷାବିତ୍, ଛାତ୍ରବତ୍ସଳ ଶିକ୍ଷକ, ଦାର୍ଶନିକ ଓ କୁଟନୀତିଜ୍ଞ ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ଜୀବନ ଶିକ୍ଷାର ବିକାଶରେ ସମର୍ପିତ ଥିଲା । ୧୮୮୮ ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଭାଣି ଠାରେ ଜନ୍ମଗ୍ରହଣ କରିଥିଲେ ଏହି ମହାନ ବ୍ୟକ୍ତିତ୍ୱ। ୧୯୬୨ ମସିହାରେ ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ ଭାରତର ରାଷ୍ଟ୍ରପତି ପଦ ମଣ୍ଡନ କରିବା ଅବସରରେ ତାଙ୍କର କେତକ ଶୁଭ ଚିନ୍ତକ ବନ୍ଧୁ ଓ ପୁରାତନ ଛାତ୍ର ତାଙ୍କ ଜନ୍ମଦିନକୁ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ; କିନ୍ତୁ ସେ ଏହି ଦିନକୁ ଗୁରୁଦିବସ ଭାବେ ସମଗ୍ର ଭାରତବର୍ଷରେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ସୁତରାଂ ସେପ୍ଟେମ୍ବର ୫ ତାରିଖ ୧୯୬୨ ମସିହା ଠାରୁ ତାଙ୍କର ପବିତ୍ର ଜନ୍ମଦିବସକୁ 'ଗୁରୁ ଦିବସ' ଭାବରେ ଜାତୀୟସ୍ତରରେ ପାଳନ କରିବା ପାଇଁ ଭାରତ ସରକାର ଘୋଷଣା କରିଥିଲେ ।ଗୁରୁଶିଷ୍ୟ ପରମ୍ପରାର ଅପୂର୍ବ ନିଦର୍ଶନ ସ୍ୱରୂପ ଏହି ଦିବସ ପାଳିତ ହୋଇ ଆସୁଛି ।ଶିକ୍ଷା ପ୍ରତି ଡଃ ରାଧାକୃଷ୍ଣନର ଅବଦାନକୁ ମନେରଖିବା ପାଇଁ ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି ।ରାଧାକୃଷ୍ଣନଙ୍କ ଆଦର୍ଶ ଓ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଭାରତର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ତାଙ୍କୁ 'ଜାତୀୟ ଗୁରୁ' ଭାବରେ ଗ୍ରହଣ କରିଥିଲେ।କାରଣ ସେ ହିନ୍ଦୁ ଦର୍ଶନ ଓ ସଂସ୍କୃତି ସମ୍ବନ୍ଧୀୟ ଅନ୍ଧକାର ବିଶ୍ୱବାସୀଙ୍କ ମନରୁ ଦୂରୀଭୂତ କରିଥିଲେ ।

ଭାରତୀୟ ଓ ଉତ୍କଳୀୟ ସଂସ୍କୃତି ହିଁ ଗୁରୁ-ଶିଷ୍ୟ ପରମ୍ପରା ଉପରେ ପ୍ରତିଷ୍ଠିତ। ଭାରତର ଇତିହାସର ପୃଷ୍ଠା ଉନ୍ମୋଚନ କଲେ ଏକ ଆଦର୍ଶ ଶିକ୍ଷା ପଦ୍ଧତିର ଦର୍ଶନ ହୁଏ ।ବିଦ୍ୟାର୍ଥୀମାନେ ଗୁରୁକୁଳ ଆଶ୍ରମରେ ଶିଖଲାଭ କରୁଥିଲେ । ସେଇଥିପାଇଁ ରାମାୟଣ, ମହାଭାରତ, ବେଦ, ଉପନିଷଦ, ଗୀତା ଓ ଭାଗବତରେ ଗୁରୁକୁଳ ଆଶ୍ରମର ମହନୀୟତା ବିଷୟରେ ବର୍ଣ୍ଣନା କରାଯାଇଛି ।ବିଦ୍ୟାର୍ଥୀମାନଙ୍କୁ କର୍ମ କୁଶଳତା, ଜୀବନ ପଦ୍ଧତି,ନୈତିକତା, ମୂଲ୍ୟବୋଧ ଭିତିକ ଶିକ୍ଷା ଦିଆଯାଉଥିଲା ।ଗୁରୁକୁଳ ଆଶ୍ରମରେ ଶିଷ୍ୟମାନେ ଗୁରୁମାନଙ୍କୁ ଉପଯୁକ୍ତ ସମ୍ମାନ ଦେଉଥିଲେ ।ଗୁରୁକୁଳ ଆଶ୍ରମରେ ବ୍ୟକ୍ତି ଓ ସମଗ୍ର ମାନବ ସମାଜର ଜୀବନ ବ୍ୟବସ୍ଥାରେ ମୂଲ୍ୟବୋଧର ଆଧିପତ୍ୟ ଥିଲା ।ସତ୍ୟ, ଅହିଂସା, ଅପରିଗ୍ରହ, ଅସ୍ତେୟ, ନୀତିମତ୍ତା, ଶାନ୍ତି, ପାରସ୍ପରିକ ସ୍ନେହ ଓ ସେବାଭାବ ଜୀବନର ଏକମାତ୍ର ଧ୍ୟେୟ ଥିଲା ।ପୁରାଣ ଯୁଗର ସେହି ଗୁରୁ ଶିଷ୍ୟ ପରମ୍ପରାର ମହନୀୟତା ଏବେମଧ୍ୟ ଉଜ୍ଜୀବିତ ଅଛି ।ସେହି ଗୁରୁଶିଷ୍ୟ ସମ୍ପର୍କର ମହନୀୟତା ବର୍ତ୍ତମାନ ଯୁଗରେ ବଳିଷ୍ଠ ଉଦାହରଣ ହୋଇ ରହିଛି ।ସେହି ମହାନ ଗୁରୁଶିଷ୍ୟ ହେଉଛନ୍ତି ଗୁରୁ ଦ୍ରୋଣାଚାର୍ଯ୍ୟ ଶିଷ୍ୟ ଏକଲବ୍ୟ, ଗୁରୁ ଚାଣକ୍ୟ ଶିଷ୍ୟ ଚନ୍ଦ୍ରଗୁପ୍ତ,ଗୁରୁ ଧୌମ୍ୟ ଶିଷ୍ୟ ଆରୁଣୀ, ଗୁରୁ ରାମକୃଷ୍ଣ ପରମହଂସ ଶିଷ୍ୟ ବିବେକାନନ୍ଦ ।ସେହି ଗୁରୁ ଶିଷ୍ୟ ମାନଙ୍କ ମହନୀୟତାକୁ ଆଜିମଧ୍ୟ ଆମେ ମନେପକାଉଛେ । ସେମାନଙ୍କର ସୃତି ଚାରଣ କରୁଛେ । ଏହି ଗୁରୁଶିଷ୍ୟର ମହନୀୟ ପରମ୍ପରାକୁ ବଜାୟ ରଖିବାକୁ ପଡିବ । ଗୁରୁହିଁ ଶ୍ରେଷ୍ଠ ପୁରୁଷ ଅଟନ୍ତି ।ଯୁଗେ ଯୁଗେ ଗୁରୁଙ୍କର ମହିମା ରହିଆସିଛି ।ଆମର କର୍ତ୍ତବ୍ୟ ହେଉଛି ଗୁରୁଙ୍କ ସମ୍ମାନଦେବା, କାରଣ ଗୁରୁ ଆମର ଚରିତ୍ର ନିର୍ମାଣରେ ସହାୟକ ହୁଅନ୍ତି । ଗୁରୁଙ୍କଠାରୁ ଉତ୍ତମ ଶିକ୍ଷାପାଇ ଯେ କେହି ଉତ୍ତମ ନାଗରିକ ହୋଇପାରନ୍ତି । ଯେତେବେଳେ ଜଣେ ଗୁରୁଙ୍କ ସାନିଧ୍ୟ ଲାଭ କରେ, ସେତେବେଳେ ସେ ଜୀବନର ସବୁ କ୍ଷେତ୍ରରେ ସଫଳତା ଲାଭ କରିଥାଏ ।ସମାଜରେ ମହାନ ବ୍ୟକ୍ତିତ୍ୱ ମାନଙ୍କର ସୃଷ୍ଟି ପଛରେ ଜଣେ ଜଣେ ବିଶିଷ୍ଟ ତଥା ଆଦର୍ଶ ଗୁରୁଙ୍କର ଅବଦାନ ଥାଏ ।ତେଣୁ ସର୍ବଦା ଗୁରୁ ସମାଜରେ ଶ୍ରେଷ୍ଠ ବୋଲି ବିବେଚିତ ହୁଅନ୍ତି ।

ନିମାପଡା ପୁରୀ
ମୋ-୯୭୭୮୧୭୭୫୦୧

ଜ୍ଞାନାମୃତ

ବୁଦ୍ଧିବଳ

ଜଣେ ଯୁବକ ଥରେ କୌଣସି ଜରୁରୀ କାମରେ ବାହାରିଗଲେ ଏକ ଦୂର ସ୍ଥାନକୁ। ତାଙ୍କ ଯାତ୍ରା ପଥରେ କିଛି ବିପଦର ଆଶଙ୍କା ରହିଥିଲା। ଏଣୁ ସେଥିନେଇ ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ୍ ଗୁରୁଙ୍କ୍ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ୍ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ୍ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ୍ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଲ ପାଠୁଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାଠୁଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବଡିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାଠୁଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛି ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ୍ କିନ୍ତୁ ପାଠୁଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ୍ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କୁ ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା, ତାହା ହେଉଛି ପ୍ରକୃତ କଥା। କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ବାହୁବଳରେ ନଥାଏ।

ଗୁରୁ ଦିବସର ତାତ୍ପର୍ଯ୍ୟ ଓ ମହନୀୟତା

ଉମାଶଙ୍କର ପ୍ରସାଦ

ଭାରତବର୍ଷରେ କେଉଁ ଆଦିମ କାଳରୁ ଗୁରୁମାନଙ୍କର ବୈଶିଷ୍ଟ୍ୟ ରହିଅଛି । ଗୁରୁମାନଙ୍କର ସ୍ଥାନ ଆମ ସନାତନ ସଂସ୍କୃତିରେ ଯଥେଷ୍ଟ ଉପରେ । ଗୁରୁଙ୍କୁ ରାମଚରିତ ମାନସରେ ସନ୍ଥ ତୁଳସୀଦାସ ଆଶୁତୋଷ ଶିବଙ୍କ ସହିତ ତୁଳନା କରି କହିଛନ୍ତି "ବନ୍ଦେ ବୋଧମୟ ନିତ୍ୟଂ ଗୁରୁ ଶଙ୍କର ରୂପିଣମ"। ଗୁରୁ ଠାରୁ ଶିକ୍ଷ୍ୟ ଜ୍ଞାନ ଲାଭ କରି ନିଜର ଅଜ୍ଞାନ ରୂପୀ ଅନ୍ଧକାରରୁ ଆଲୋକବର୍ତ୍ତୀକା ପାଇଥାଏ । ତେଣୁ ଗୁରୁର ସଂଜ୍ଞା ନିରୂପଣ କରିବାକୁ ଯାଇ ଯଥାର୍ଥରେ କୁହାଯାଇଛି

"ଗୁକାରୋଽନ୍ଧକାରସ୍ତୁ ରୁକାର ସ୍ତନ୍ନିବର୍ତ୍ତକଃ,

ଅନ୍ଧକାର ନିବୃତ୍ୟାତୁ ଗୁରୁରିତ୍

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପବିତ୍ର ଜନ୍ମାଷ୍ଟମୀ ପାଳିତ

ଫୁଲବାଣୀ (ଅମୃତ ମିଡିଆ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀ ପରିସର ରେ ପବିତ୍ର ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ ବହୁ ସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ପରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବରିଷ୍ଠ ଆଚାର୍ଯ୍ୟ ଦେବେନ୍ଦ୍ର ପଟ୍ଟନାୟକ ଙ୍କ ରଚନାରେ ଦୁର୍ଯ୍ୟୋଧନ ସିଂଙ୍କ ସଂଯୋଜନାରେ ସାମୂହିକ ସଂଗୀତ ଗାନ କରାଗଲା । ଆଚାର୍ଯ୍ୟା ପ୍ରତିଭା ଦାଶଙ୍କ ଦ୍ୱାରା ଭାଗବତ ପଠନ କରାଯାଇଥିଲା । ତତ୍ ପରେ ପୂଜନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ହରପ୍ରିୟା ମିଶ୍ର ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବ୍ରଜବନ୍ଧୁ ମଲ୍ଲିକ ଅନ୍ୟ ତମ ଅତିଥି ଭାବେ ଯୋଗ ଦେଇ ଶ୍ରୀକୃଷ୍ଣଙ୍କ ଲୀଳା ବିଷୟରେ ଶିଶୁ ମାନଙ୍କୁ ଅବଗତ କରାଇଥିଲେ।ଶିଶୁ ମାନେ କୃଷ୍ଣ ଓ ରାଧାରାଣୀ ବେଶରେ ସଜେଇ ହୋଇ ବେଶ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥି ସହିତ ଭଜନ ପ୍ରତିଯୋଗିତା ମଧ୍ୟ ହୋଇଥିଲା । ଭଜନ ପ୍ରତିଯୋଗିତା ରେ ଅଷ୍ଟମ ଶ୍ରେଣୀର ରୟାଲ ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାଇଶ୍ରଦ୍ଧା ଓଝା କୃଷ୍ଣ ବେଶରେ ପ୍ରଥମ,ଏଞ୍ଜେଲ ଆସ୍ମାନ ଶିଶୁ ଭଜନରେ ପ୍ରଥମ ହୋଇ ପୁରସ୍କୃତ ହୋଇଥିଲେ। ଏଥି ସହିତ ୧୭୫ ଜଣ ଶିଶୁ ବାଟିକା ବିଭାଗ ର ଶିଶୁଙ୍କୁ ରାଧାକୃଷ୍ଣ ବେଶ ପାଇଁ ପୁରସ୍କୃତ ମଧ୍ୟ କରାଯାଇଥିଲା। ଶିଶୁମାନଙ୍କ ମନ୍ଦିର ଭ୍ରମଣ, ଶ୍ରୀକୃଷ୍ଣଙ୍କ ଦହି ହାଣ୍ଡି ଭାଙ୍ଗିବା,ଦୋଳିରେ ଶ୍ରୀକୃଷ୍ଣଙ୍କୁ ଝୁଲାଇବା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗ ଏବଂ ଅଭିଭାବକ, ଅଭିଭାବିକା ମାନଙ୍କ ଉପସ୍ଥିତି କାର୍ଯ୍ୟକ୍ରମ ଟିକୁ ସରସ ସୁନ୍ଦର କରିପାରିଥିଲା। ପରିଶେଷରେ ଉପସ୍ଥିତ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

ଭାରସାମ୍ୟ ହରାଇ ଗଛକୁ ପିଟିଲା ବସ୍, ୨୦ରୁ ଊର୍ଦ୍ଧ୍ୱ ଆହତ, ଚାଳକ ଗୁରୁତର



ନୟାଗଡ (ଅମୃତ ମିଡିଆ) : ନୟାଗଡ ଜିଲ୍ଲା ଇଟାମାଟି ଥାନା ବାଉଁଶିଆ ପଡ଼ା ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଯାଇଛି । ଚାଳକଙ୍କ ଅସାବଧାନତା ଯୋଗୁଁ ଅନ୍ନପୂର୍ଣ୍ଣା ନାମକ ଏକ ଘରୋଇ ଯାତ୍ରୀ ବାହି ବସ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ବିରାଟ ଗଛକୁ ପିଟି ଥିଲା । ଫଳରେ ଗାଡ଼ି ଟିର ଆଗ ପଟ ପିଟି ହୋଇ ଚୁରମାର ହୋଇ ଯାଇଛି । ଏହି ଦୁର୍ଘଟଣାରେ ୨୦ ରୁ ଊର୍ଦ୍ଧ୍ୱ ଯାତ୍ରୀ ମାନେ ଆହାତ ହୋଇ ଥିବା ବେଳେ ବସ ଚାଳକଙ୍କ ଅବସ୍ଥା ଗୁରୁତର ହୋଇଛି । ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ଓ ଇଟାମାଟି ପୋଲିସ ଉଦ୍ଧାର କରିଥିଲେ । ଆହତ ମାନଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ମୁଖ୍ୟ ଚିକିତ୍ସାଳୟକୁ ପାଠ ଯାଇଛି ଏବଂ ଗୁରୁତର ଚାଳକଙ୍କ ଅବସ୍ଥା ସଙ୍କଟପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରକୁ ଡାକ୍ତର ସ୍ଥାନାନ୍ତରିତ କରିଛନ୍ତି । ଇଟାମାଟି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ସଡ଼କ ଦୁର୍ଘଟଣାରେ ସିଆର୍‌ସିସି ମୃତ

ରଘୁନାଥପୁର (ଅମୃତ ମିଡିଆ) : ରଘୁନାଥପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ସିଦ୍ଧେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଦେଉଳସାହି କ୍ଲଷ୍ଟରର ସିଆରସିସି ଚତୁର୍ଭୁଜ ନାୟକ (୪୮) ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି। ସୂଚନାଯୋଗ୍ୟ, ଆଜି ଅପରାହ୍ନ ୪ଟା ୩୦ମିନିଟରେ ମୃତ୍ୟୁବରଣ କରିଥିବା ଶ୍ରୀ ନାୟକ ଓ ତାଙ୍କ ଭିଣୋଇ ସୁଶାନ୍ତ କୁମାର ନାୟକ (୪୫)କଟକରୁ ତାଙ୍କ ଘର ନାଲିବରକୁ ଏକ ବାଇକ୍ ଯୋଗେ ଫେରୁଥିବା ବେଳେ ରଘୁନାଥପୁର ଥାନା ଅନ୍ତର୍ଗତ ବର୍ତ୍ତା ହଂସ ଉପରେ ଏକ ଟ୍ରକକୁ ଓଭରଟେକ କରିବାକୁ ଯାଇ ବିପରୀତ ଦିଗରୁ ଆସୁଥିବା ଏକ ତେଲ ଟ୍ୟାଙ୍କରରେ ବାଇକର ମିରର ଲାଗି ଯାଇଥିଲା। ଫଳରେ ଶ୍ରୀ ନାୟକ ତେଲ ଟ୍ୟାଙ୍କର ଚକା ତଳେ ପଡି ଯାଇଥିଲେ। ଟ୍ୟାଙ୍କରର ଚକା ତାଙ୍କ ମୁଣ୍ଡ ଉପରେ ଚଢି ଯିବାରୁ ଘଟଣାସ୍ଥଳରେ ସେ ମୃତ୍ୟୁବରଣ କରିଥିଲେ। ଖବରପାଇ ରଘୁନାଥପୁର ପୋଲିସ, ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତି ମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡ଼ାକ୍ତର ଶ୍ରୀ ନାୟକଙ୍କୁ ମୃତ ଘୋଷଣା ପରେ ରଘୁନାଥପୁର ପୋଲିସ ୧୫୭/୨୬ରେ ଏକ ମୋକଦ୍ଦମା ରୁଜୁ କରି ଶବକୁ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ତେଲ ଟ୍ୟାଙ୍କରକୁ ଜବତ କରିଥିଲା। ସମୟ ଅତିକ୍ରାନ୍ତ ହୋଇ ଯାଇଥିବାରୁ ବ୍ୟବଚ୍ଛେଦ ପାଇଁ ଶବକୁ ଆସନ୍ତାକାଲି ଜଗତସିଂହପୁର ବଡ଼ ଡ଼ାକ୍ତରଖାନାକୁ ପଠାଯିବ ବୋଲି ପୋଲିସ ସୁତ୍ରରୁ ପ୍ରକାଶ ପାଇଛି।

ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରରେ ଭାଗବତର ଜମ୍ବୁଦୀପ ପ୍ରସଙ୍ଗ ଆଲୋଚିତ

ନୀଳଗିରି (ଅମୃତ ମିଡିଆ) : ଭୌତିକ ଗୁଣରେ କଳୁଷିତ ନହେଲେ ଈଶ୍ୱରଙ୍କ ଶୁଦ୍ଧ ସ୍ୱରୂପ ପୂର୍ଣ୍ଣ ଚେତନା ଦ୍ୱାରା ଅନୁଭବ କରିହୁଏ । ଆଧ୍ୟାତ୍ମିକ ଶକ୍ତି ଭୌତିକଶକ୍ତିକୁ ସଂକ୍ରମିତ କରିପାରେ ନାହିଁ । ଜଡଚକ୍ଷୁରେ ରାମଚନ୍ଦ୍ରଙ୍କ ଗୁଣାବଳୀ ଦର୍ଶନ କରିହୁଏ ନାହିଁ । ଅସୁର ସଂହାର ଓ ଭକ୍ତର ସୁରକ୍ଷା ରୂପକ ଦୁଇଟି ଉଦ୍ଦେଶ୍ୟ ପାଇଁ ଭଗବାନ ମାନବୀୟ ଲୀଳା କରନ୍ତି । ଦିବ୍ୟଜ୍ଞାନ ମାର୍ଗରେ ଅଗ୍ରଗତି ମନୁଷ୍ୟ ଜୀବନର ଲକ୍ଷ୍ୟ । ସଂସାରରେ ଧନ, ଯଶ, ବଳବୀର୍ଯ୍ୟ, ପ୍ରଭାବ, ସୌନ୍ଦର୍ଯ୍ୟ ଓ ତ୍ୟାଗ ହେଉଛି ଷଡଐଶ୍ୱର୍ଯ୍ୟ । ଏହି ଐଶ୍ୱର୍ଯ୍ୟପ୍ରତି ବିମୁଖତା ବ୍ୟକ୍ତିକୁ ଦିବ୍ୟସ୍ତରରେ ଉପନୀତ କରାଏ । ଶୁଦ୍ଧଭକ୍ତି ବଳରେ କୃପାପ୍ରାପ୍ତି ହୁଏ । ଆଧ୍ୟାତ୍ମିକ ଭାବ ଜାଗ୍ରତ କରିବା ଆମ୍ଭୋପଲବ୍ଧିର ମାର୍ଗ ଅଟେ । କେବଳ ଭାରତବର୍ଷରେ ମାନବ ଜୀବନର ପ୍ରକୃତ ସଫଳତା ଲାଭ ହୁଏ । ଜଳାବୃତ ବର୍ଷ ପରି ଭାରତରେ ମଳୟ, ମଙ୍ଗଳପ୍ରସ୍ଥ, ମୈନାକ, ତ୍ରିକୂଟ, ଋଷଭ, କୁଟକ, କୋଲ୍ଲୁଳ, ସହ୍ୟ, ଦେବଗିରି, ଋଷ୍ୟମୂକ, ଶ୍ରୀଶୈଳ, ବେ୍ୟଙ୍କଟ, ମହେନ୍ଦ୍ର, ବାରିଧାର, ବିନ୍ଧ୍ୟ, ଶୁକ୍ତିମାନ, ଋକ୍ଷଗିରି, ପାରିଯାତ୍ର, ଦ୍ରୋଣ, ଚିତ୍ରକୁଟ, ଗୋବର୍ଦ୍ଧନ , ରୈବତକ, କକୁଭ, ନୀଳ, ଗୋକାମୁଖ, ଇନ୍ଦ୍ରନୀଳ, କାମଗିରି, ଆଦି ପର୍ବତ, ବ୍ରହ୍ମପୁତ୍ର, ସୋଣ , ଚନ୍ଦ୍ରବସା, ତାମ୍ରପର୍ଣ୍ଣୀ, ଅବଟୋଦା, କୃତମାଳା, ବୈହାୟସୀ, କାବେରୀ, ବେଣୀ, ପୟସ୍ୱିନୀ, ଶର୍କରାବର୍ତ୍ତା, ତୁଙ୍ଗଭଦ୍ରା, କୃଷ୍ଣବେନ୍ୟା, ଭୀମରଥୀ, ଗୋଦାବରୀ, ନିର୍ବିନ୍ଧ୍ୟା, ପାୟୋଷ୍ଣୀ, ତାପୀ, ରେବା, ସୁରସା, ନର୍ମଦା, ଚର୍ମନ୍ୱତି, ମହାନଦୀ, ଋଷିକୂଲ୍ୟା, ତ୍ରିସାମା, କୌଶିକି, ମନ୍ଦାକିନୀ, ଯମୁନା, ସରସ୍ୱତୀ, ଦୃଶଦ୍ୱତୀ, ଗୋମତୀ, ସରଜୁ, ରୋଧସ୍ୱତୀ, ସପ୍ତବତୀ, ସୁଶୋମା, ଶତଦୃ, ଚନ୍ଦ୍ରଭାଗା, ବିତସ୍ତା, ଅସକ୍ନି ଆଦି ନଦୀ ବିଦ୍ୟମାନ ଅଛି । ସର୍ବୋପରି ଯେଉଁବ୍ୟକ୍ତି ଭାରତବର୍ଷରେ ଜନ୍ମିତ ସେ ଭକ୍ତି ସାଧନ ପାଇଁ ଭାରତବର୍ଷରେ ଥିବା ସୁବିଧାକୁ ହାସଲ କରି ସେ ତାର ଜନ୍ମ ସାର୍ଥକ କରିବା ଉଚିତବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରର ୧୧୩ ତମ ଭାଗବତୀୟ ଆସରରେ ଭାଗବତର ପଞ୍ଚମ ସ୍କନ୍ଧ ଉନବିଂଶ ଅଧ୍ୟାୟରେ ବର୍ଣ୍ଣିତ ଜମ୍ବୁଦୀପ ବର୍ଣ୍ଣନା ଅବକାଶରେ ଜଗତସିଂହପୁରର ପଣ୍ଡିତ ଭାବଗ୍ରାହୀ ମିଶ୍ର ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପଣ୍ଡିତ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଶ୍ରୀମାନ ଯଜ୍ଞଦୀପ ମିଶ୍ର ଓଁକାର ଧ୍ୱନି ଗାନ କରିଥିବାବେଳେ କୁମାରୀ ଭାର୍ଗବୀ ରାଉତ ସ୍ୱାଗତ ଭଜନ ପରିବେଷଣ କରିଥିଲେ । ଅନ୍ତିମ ପର୍ଯ୍ୟାୟରେ ସଂପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିବାବେଳେ କୁମାରୀ ମାମାଲି ସାହୁ କୃତଜ୍ଞତା ଜ୍ଞାପନ ଓ ଶ୍ରୀଯୁକ୍ତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ । ଏହି ଆସରରେ ବହୁ ଭାଗବତପ୍ରେମୀ ଯୋଗଦାନ କରିଥିଲେ ।

ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ସାଇକେଲ ଚାଳକ ସୁରକ୍ଷା ଅଭିଯାନ

ଯାଜପୁର (ଅମୃତ ମିଡିଆ) : ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ପ୍ଲାଣ୍ଟ ପରିସର ବାହାରେ ଏକ ବ୍ୟାପକ 'ସାଇକେଲ ଚାଳକ ସୁରକ୍ଷା ଅଭିଯାନ' ସଫଳତାର ସହ ଆୟୋଜିତ ହୋଇଯାଇଛି । ସାଇକେଲ ଚାଳକମାନଙ୍କ ନିରାପଦ ଯାତାୟାତ ଏବଂ ରାସ୍ତାରେ ସେମାନଙ୍କ ସ୍ପଷ୍ଟ ଦୃଶ୍ୟମାନତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା କିମ୍ବା ରାତ୍ରୀ ସମୟରେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି, ଏହି ଅଭିଯାନ ଅଧୀନରେ ୩୧୧ଟି ସାଇକେଲରେ ରେଟ୍ରୋ-ରିଫ୍ଲେକ୍ଟିଭ୍ ଷ୍ଟିକର୍ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୧୦୨ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଏନ୍‌ଏଲ୍‌ର ଅପରେସନ୍ସ ଆଣ୍ଡ ମେଣ୍ଟେନାନ୍ସ ଚିଫ୍ ବିନୀତ ରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କମ୍ପାନୀର ରୋଡ୍ ଆଣ୍ଡ ରେଲ୍ ସେଫ୍ଟି ସବ୍-କମିଟି (ଆରଆରଏସଏସ), ସୁରକ୍ଷା ବିଭାଗ, ସିକ୍ୟୁରିଟି ବିଭାଗ ଏବଂ ମାନବ ସମ୍ବଳ ତଥା ପ୍ରଶାସନ ବିଭାଗର ମିଳିତ ସହଯୋଗରେ ଏହି ଅଭିଯାନ ଆୟୋଜନ କରାଯାଇଥିଲା। ଏହି ପଦକ୍ଷେପ ସଡ଼କ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ କର୍ମଚାରୀ ତଥା ସ୍ଥାନୀୟ ଜନସାଧାରଣଙ୍କ ସୁରକ୍ଷା ଏବଂ କଲ୍ୟାଣ ପ୍ରତି ଏନ୍‌ଆଇଏନ୍‌ଏଲ୍‌ର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ସବୁ ବର୍ଷଭଳି ଚଳିତ ବର୍ଷ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଧୂମ -ଧାମରେ ପାଳିତ ହେଇଯାଇଛି । ଏଥିରେ ବହୁ କୁନି-କୁନି ଛାତ୍ର-ଛାତ୍ରୀ ମାନେ ରାଧା-କୃଷ୍ଣ ବେଷରେ ସଜେଇ ହେଇଥିଲେ । ପୂଜା-ପାଠ ହୋମ-ଯଜ୍ଞ ହୋଇଥିଲା । ଗୀତା ପାଠ କରିଥିଲେ ଗୁରୁମା 'ନିରୁପମା ତ୍ରିପାଠୀ' ସଂକଳ୍ପ ରେ ବସିଥିଲେ ଅଜିତ କୁମାର ମହାନ୍ତି, ସମ୍ପାଦକ ହିମାଂଶୁ ଶେଖର ବଳ କାଯ୍ୟକ୍ରମ ସୁଚାର ରୂପେ ତୁଲାଇଥିଲେ । ଗୁରୁମା ପୁଷ୍ପଲତା ରାଉତ ପିଲା ମାନଙ୍କ ଓ ଅଭିଭାବକ ମାନଙ୍କର ଦେଖା ଶୁଣା କରିଥିଲେ । 'କ୍ରୀଷ୍ଣା ଜିତି ନାୟକ'କୃଷ୍ଣ ହୋଇ ଦହି ହାଣ୍ଡି ଭାଙ୍ଗିଥିଲା ବେଳେ'ଶର୍ମିଷ୍ଠା ସିଂହଙ୍କୁ' ରାଧାରୂପେ ଦେଖିବାକୁ ମିଳିଥିଲା । ଦହି ହାଣ୍ଡି ଭାଙ୍ଗିବା ଦୃଶ୍ୟ ପିଲା ମାନେ ବେଶ ଉପଭୋଗ କରିଥିଲେ । ଅଭିଭାବକ ମଧ୍ୟରେ ବେଶ ଉଚ୍ଛାହ ଦେଖିବାକୁ ମିଳିଥିଲା । ପରେ ବାଲିଚନ୍ଦ୍ରପୁର ବଜାର ପରାକର୍ମା କରିଥିଲେ । ପ୍ରାଧନ ଆଚଯ୍ୟ ପୂର୍ଷ ଚନ୍ଦ୍ର ହୋତା ବେଶ ଖୁସି ଅଛନ୍ତି । ଆଗାମୀ ଦିନରେ ଆହୁରି ବଡ଼ ଆଡ଼ମ୍ବରେ ପୂଜା ଅର୍ଚନା କରିବେ ବୋଲି ମତପ୍ରକାଶ କରିଛନ୍ତି।



ବାଲୁଗାଁ ଇସ୍କନରେ ଜନ୍ମାଷ୍ଟମୀ ଉତ୍ସବ

ବାଲୁଗାଁ (ଅମୃତ ମିଡିଆ) : ପବିତ୍ର ଜନ୍ମାଷ୍ଟମୀ ଅବସରରେ ବାଲୁଗାଁ ସ୍ଥିତ ଇସ୍କନ ଠାରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହିଅବସରରେ ଦିନତମାମ ଭଜନ ସମାରୋହ ସାଙ୍ଗକୁ ହରେ ରାମ ହରେ କୃଷ୍ଣ ଧ୍ୱନୀରେ ପରିସର କମ୍ପି ଉଠୁଥିଲା। ଦିନସାରା ଭକ୍ତଙ୍କ ଦର୍ଶନ ଲାଗିରହିଥିଲା। ସନ୍ଧ୍ୟା ଆଳତି ସମୟରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସାନ୍ଧ୍ୟ ଅଧିବେଶନରେ ସ୍ଥାନୀୟ କୁନି କୁନି ଛାତ୍ରଛାତ୍ରୀ ଶ୍ରୀକୃଷ୍ଣ ଜନ୍ମ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ। ଭକ୍ତଙ୍କ ନିମିତ୍ତ ଶୃଙ୍ଖଳିତ ଦର୍ଶନ ସାଙ୍ଗକୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

ଯାଜପୁର ଜିଲ୍ଲା ଖଣିଜ ପାଣ୍ଠିର କୋଟି କୋଟି ଟଙ୍କା ଜାଲିଆତି ଅଭିଯୋଗ

ଜେନାପୁର (ଅମୃତ ମିଡିଆ) : ଯାଜପୁର ଜିଲ୍ଲାର ଖଣିଜ ପାଣ୍ଠି ଅପବ୍ୟୟର ଜାଲିଆତି ହିସାବ ଚିନ୍ତାଜନକ ହୋଇ ପଡିଛି । କେବଳ ଜିଲ୍ଲା ସ୍ତରୀୟ ପ୍ରଶାସନିକ ପରିଚାଳନା ବାବଦରେ ଗତ ୩ ଟି ଆର୍ଥିକ ବର୍ଷରେ ୧୧ କୋଟି ୧୪ ଲକ୍ଷ ୯୫ ହଜାର ୭୨୭ ଟଙ୍କା ବ୍ୟୟ କରାଯାଇଛି । ଏ ବାବଦ ଅର୍ଥକୁ କେବଳ ମିଛ କାଗଜପତ୍ରରେ ବଳରେ ହରିଲୁଟ କରାଯାଇଛି । ଏହାର ପରିଚାଳନା କରୁଥିବା ସଂସ୍ଥା ନିଜର କର୍ମଚାରୀଙ୍କ ଦରମା ଏବଂ ଅନ୍ୟାନ୍ୟ ବାବଦରେ ଢେର ଅଧିକ ଅର୍ଥ ହରିଲୁଟ କରିଛନ୍ତି । ଖବରରୁ ପ୍ରକାଶ, ବିଜୁଳି ବିଲ ବାବଦରେ ୨୦୨୨-୨୩, ୨୦୨୩-୨୪ ରେ ଆଦୌ ଖର୍ଚ୍ଚ ହୋଇ ନଥିବାର ଦର୍ଶାଯାଇଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ହଠାତ ଏ ବାବଦକୁ ୧ କୋଟି ୮୨ ଲକ୍ଷ ଟଙ୍କା ଖର୍ଚ୍ଚ ଦର୍ଶାଯିବା ସମସ୍ତଙ୍କୁ ଚକିତ କରିଛି । ସେହିପରି ଘରୋଇ ମେଡିକାଲକୁ ୧୦ କୋଟି ଟଙ୍କା ଦିଆଯିବା ଜିଲ୍ଲାବାସୀଙ୍କୁ ବିଚଳିତ କରିଛି । ଖଣି ପ୍ରଭାବିତ ଅଂଚଳରେ ମେଧାବୀ ଛାତ୍ରଙ୍କ କୋଚିଂ ପାଇଁ ଓଡିଆ ଅସ୍ମିତାକୁ ଆଘାତ ଦେଇ ରାଜସ୍ଥାନର ଏକ କୋଚିଂ ସେଂଟରକୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି ଧାରାରେ ଭୁବନେଶ୍ୱରର ଏକ ଘରୋଇ କୋଚିଂ ସେଂଟରକୁ ୯୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ତଥ୍ୟ ଅନୁସାରେ ଜିଲ୍ଲା ସ୍ତରୀୟ ପ୍ରଶାସନିକ ପରିଚାଳନା ବାବଦରେ ୨୦୨୨-୨୩ ବର୍ଷରେ ୨ କୋଟି ୬୨ ଲକ୍ଷ ୮୨ ହଜାର ୩୮୨ ଟଙ୍କା, ୨୦୨୩-୨୪ରେ ୨ କୋଟି ୭୬ ଲକ୍ଷ ୩୦ ହଜାର ୨୯୧ ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ଏହି ଖର୍ଚ୍ଚ ୨୦୨୪-୨୫ ଆର୍ଥିକ ବର୍ଷରେ ଦୁଇଗୁଣ ବଢି ୫ କୋଟି ୭୫ ଲକ୍ଷ ୮୩ ହଜାର ୫୪ ଟଙ୍କାରେ ଯେତିକି ଆଶ୍ଚର୍ଯ୍ୟ ଜନକ ତତୋଧିକ ଉଦବେଗ ଜନକ। ସେହିପରି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଓ ପରାମର୍ଶ ଫି ବାବଦରେ ୩ ବର୍ଷରେ ୧୧ ଲକ୍ଷ ୮୮ ହଜାର, ବୋଲେରୋ ଗାଡି ଭଡ଼ା ବାବଦରେ ୯ ଲକ୍ଷ ୪୫ ହଜାର ୫୪୪ ଟଙ୍କା, ୨୦୨୪-୨୫ ରେ ସ୍ୱତନ୍ତ୍ର ଭାବେ ଇନୋଭା ଗାଡି ଭଡା ବାବଦରେ ୨ ଲକ୍ଷ ୯୦ ହଜାର ୨୮୦ ଟଙ୍କା ସମେତ ମୋଟ ଭଡା ବାବଦରେ ୧୨.୩୫ ଲକ୍ଷ ଖର୍ଚ୍ଚ କରାଯାଇଛି। ଆଇନଗତ ପରାମର୍ଶ ଫି ବାବଦକୁ ୨୦୨୨-୨୩ ରେ ୮.୭୨ ଲକ୍ଷ ଟଙ୍କା, ୨୦୨୩-୨୪ରେ ୨.୫୫ ଲକ୍ଷ ସମେତ ମୋଟ ୧୧ ଲକ୍ଷ ୨୭ ହଜାର ଟଙ୍କା ବ୍ୟୟ କରାଯାଇଛି। ବିଜ୍ଞାପନ ବାବଦରେ ୩ ବର୍ଷରେ ୪ ଲକ୍ଷ ୯୦ ହଜାର ୮୮୪ ଟଙ୍କା, ଗାଡି ମରାମତି ବାବଦରେ ୩ ବର୍ଷରେ ୨ ଲକ୍ଷ ୪୪ ହଜାର ୨୪୭ ଟଙ୍କା, ସରକାରୀ ଓ ବେସରକାରୀ ଅଡିଟ୍ ଫିସ ବାବଦକୁ ୨ ଲକ୍ଷ ୫ ହଜାର ଟଙ୍କା, ବୋଲେରୋ ଏବଂ ଇନୋଭା ବାବଦରେ ଭଡା ପରେ ବି ଗ୍ରସ୍ତ ଖର୍ଚ୍ଚ ବାବଦକୁ ୧ ଲକ୍ଷ ୮୦ ହଜାର ୧୬୪ ଟଙ୍କା, କାଗଜପତ୍ର ଓ ଛାପା କାମ ପାଇଁ ୨ ବର୍ଷରେ ୧ ଲକ୍ଷ ୩୩ ହଜାର ଟଙ୍କା, ୨୦୨୨-୨୩ ରେ ଅଫିସ ଖର୍ଚ୍ଚ ବାବଦରେ ୧ ଲକ୍ଷ ୬୮୦ ଟଙ୍କା, ୩ ବର୍ଷରେ ଟେଲିଫୋନ ଓ ଇଂଟରନେଟ ବିଲ ବାବଦକୁ ୧ ଲକ୍ଷ ୧ ହଜାର ୨୪୧ ଟଙ୍କା ବ୍ୟୟ କରାଯାଇଛି । ଗତ ତିନି ଆର୍ଥିକ ବର୍ଷରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଇଁ ଜିଲ୍ଲା ସ୍ତରୀୟ ପ୍ରଶାସନିକ ପରିଚାଳନା ନାମରେ ହୋଇଥିବା ୧୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବ୍ୟାପକ ଦୁର୍ନିତି ହୋଇଥିବାର ଅଡିଟ ରିପୋର୍ଟ ତଥ୍ୟର

୧୦ କିଲୋ ୯୩୦ ଗ୍ରାମ୍ ଗଞ୍ଜେଇ ଜବତ, ଚାଲାଣକାରୀ ଗିରଫ

ବାଇକ୍ ଡିକି ଓ ସିଟ୍ ତଳେ ଚାଲାଣ ହେଉଥିଲା ନିଶାଦ୍ରବ୍ୟ

ଖପ୍ରାଖୋଲ (ଅଶୋକ କୁମାର ବାଗ) : ଗଞ୍ଜେଇ ଚାଲାଣ ବିରୋଧରେ ଖପ୍ରାଖୋଲ ପୋଲିସର ଅଭିଯାନକୁ ମିଳିଛି ବଡ଼ ସଫଳତା। ଶୁକ୍ରବାର ଖପ୍ରାଖୋଲ-ଧଣ୍ଡାମୁଣ୍ଡା ରାସ୍ତାରେ ପେଟ୍ରୋଲିଂ ସମୟରେ ଜଣେ ଅଭିଯୁକ୍ତଙ୍କଠାରୁ ୧୦ କିଲୋ ୯୩୦ ଗ୍ରାମ ଗଞ୍ଜେଇ ଜବତ କରିଛି ପୋଲିସ। ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ ମୋଟରସାଇକେଲ ମଧ୍ୟ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ଖପ୍ରାଖୋଲ ଥାନା ଏସ୍ଆଇ ଲିଙ୍ଗରାଜ କିଷାନ ପୋଲିସ ଟିମ୍ ସହ ଖପ୍ରାଖୋଲରୁ ଧଣ୍ଡାମୁଣ୍ଡା ରାସ୍ତାରେ ପେଟ୍ରୋଲିଂ କରୁଥିଲେ। ଏହି ସମୟରେ ଧଣ୍ଡାମୁଣ୍ଡା ପଟୁ ଗୁଣ୍ଡୁରୁପାଲି ଦିଗକୁ ଜଣେ ବ୍ୟକ୍ତି ଅତ୍ୟଧିକ ବେଗରେ ବାଇକ୍ ଚଳାଇ ଆସୁଥିବା ଦେଖି ପୋଲିସ ତାଙ୍କୁ ଅଟକାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜ ନାମ କଲେଶ୍ୱର ଜାଲ (୩୮) ଏବଂ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ସାନଉଡେନ ଗ୍ରାମର ବାସିନ୍ଦା ବୋଲି ପରିଚୟ ଦେଇଥିଲେ। ତାଙ୍କ ଚାଲିଚଳନ ଓ ଉତ୍ତରରେ ସନ୍ଦେହ ହେବାରୁ ପୋଲିସ ତାଙ୍କୁ ତଲାସି କରିଥିଲା। ତଲାସି ସମୟରେ ତାଙ୍କ ନିକଟରୁ ଏକ ଧଳା ପ୍ଲାଷ୍ଟିକ ବସ୍ତାରେ ଗଞ୍ଜେଇ ମିଳିଥିଲା। ପରେ ବାଇକ୍‌ର ଡିକି ଓ ସିଟ୍ ତଳେ ଯାଞ୍ଚ କରିବାରୁ ଲୁଚାଇ ରଖାଯାଇଥିବା ଆହୁରି ବହୁ ପରିମାଣର ଗଞ୍ଜେଇ ଉଦ୍ଧାର ହୋଇଥିଲା। ଘଟଣାସ୍ଥଳରେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ସୁନ୍ଦର ରାଉତରାୟ ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ରହିଥିଲେ। ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ସମେତ ପୋଲିସ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଆଇନାନୁଯାୟୀ ତଲାସି ଓ ଜବତ ପ୍ରକ୍ରିୟା ସମ୍ପନ୍ନ କରିଥିଲେ। ଜବତ ଗଞ୍ଜେଇକୁ ଓଜନ କରାଯିବା ପରେ ଏହାର ଓଜନ ୧୦ କିଲୋ ୯୩୦ ଗ୍ରାମ ବୋଲି ଜଣାପଡ଼ିଥିଲା। ଏନେଇ ଖପ୍ରାଖୋଲ ଥାନାରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଧିକ ପଚରାଉଚରା କରାଯାଇଥିଲା। ପଚରାଉଚରାରୁ ଅଭିଯୁକ୍ତ ବାଲିଗୁଡ଼ା ଅଞ୍ଚଳରୁ ଗଞ୍ଜେଇ ଆଣି ଖପ୍ରାଖୋଲ ଓ ଲାଠୋର ଅଞ୍ଚଳରେ ଯୋଗାଣ କରୁଥିବା ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ। ଏହି ଗଞ୍ଜେଇ ଚାଲାଣ ଚକ୍ରରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ଏବଂ ଏହାର ମୁଖ୍ୟ ଉତ୍ସ ଓ ଯୋଗାଣ ଶୃଙ୍ଖଳ କେଉଁଠାକୁ ବ୍ୟାପିଛି, ସେନେଇ ପୋଲିସର ତଦନ୍ତ ଜାରି ରହିଛି ବୋଲି ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି। ଏହି ଅବସରରେ ଖପ୍ରାଖୋଲ ତହସିଲଦାର ତଥା ମାଜିଷ୍ଟ୍ରେଟ୍ ଆଦିତ୍ୟ ସୁନ୍ଦର ରାଉତରାୟ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଛନ୍ତି। ନିଶା ଯୁବସମାଜର ଭବିଷ୍ୟତକୁ ନଷ୍ଟ କରିବା ସହ ପରିବାର ଓ ସମାଜରେ ଅଶାନ୍ତି ସୃଷ୍ଟି କରୁଥିବାରୁ ଏଥିପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଶେଷକରି ଯୁବପିଢ଼ି ନିଶାର ପ୍ରଲୋଭନରୁ ଦୂରେଇ ଶିକ୍ଷା, କ୍ରୀଡ଼ା ଓ ସୃଜନଶୀଳ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନରେ ଭାଗୀଦାର ହେବାକୁ ସେ ଆହ୍ୱାନ ଦେଇଛନ୍ତି।

ବଲାଙ୍ଗୀର ବିଧାନସଭା ମଣ୍ଡଳୀର ବିକାଶମୂଳକ କାର୍ଯ୍ୟସମୀକ୍ଷା

ସିକୁଆଁ–ସୋନଗଡ଼ ବ୍ୟାରେଜ୍ ପାଇଁ ୯୧.୧୧ କୋଟିର ଟେଣ୍ଡର ନେଇ ଖୁସି ପ୍ରକାଶ କଲେ ବିଧାୟକ

ବଲାଙ୍ଗୀର (ଅମୃତ ମିଡିଆ) : ବଲାଙ୍ଗିର ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ଓ ସମସ୍ୟା ସମାଧାନ ନେଇ ଏକ ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବଲାଙ୍ଗିର ବିଧାୟକ ଶ୍ରୀ କଳିକେଶ ନାରାୟଣ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଜୟାନନ୍ଦ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନପ୍ରତିନିଧି ଯୋଗଦେଇଥିଲେ। ବୈଠକରେ ଯୋଗାଣ, ସାମାଜିକ କଲ୍ୟାଣ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଲୋୟର ସୁକତେଲ, ପୂର୍ତ୍ତ, ସଂସ୍କୃତି, ଜଙ୍ଗଲ, ଗ୍ରାମ୍ୟ ଜଳଯୋଗାଣ, ସ୍ୱାସ୍ଥ୍ୟ, କୃଷି, କ୍ଷୁଦ୍ର ଜଳସେଚନ, ଅବକାରୀ ଓ ଗୃହ ବିଭାଗ ସମେତ ବିଭିନ୍ନ ବିଭାଗର ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ନେଇ ଆଲୋଚନା କରାଯାଇଥିଲା। ବିଶେଷକରି ଦେଓଗାଁ ବ୍ଲକ୍‌ର ସିକୁଆଁ ନିକଟ ସୋନଗଡ଼ ନଦୀରେ ବ୍ୟାରେଜ୍ ନିର୍ମାଣ ପାଇଁ ଜଳସେଚନ ବିଭାଗ ପକ୍ଷରୁ ୯୧ କୋଟି ୧୧ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ ହୋଇଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ପଦକ୍ଷେପକୁ ନେଇ ବିଧାୟକ ଶ୍ରୀ ସିଂହଦେଓ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ବଲାଙ୍ଗିର ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଦେଓଗାଁ ବ୍ଲକ୍ ଅଧକ୍ଷ ଦୟାନିଧି ଖମାରୀ, ପୂର୍ବତନ ବ୍ଲକ୍ ଅଧକ୍ଷ ଲକ୍ଷ୍ମଣ ମେହେର ଓ ଦେଓଗାଁ ବ୍ଲକ୍ ବିଧାୟକ ପ୍ରତିନିଧି ଶୁସିଲ ଚାନ୍ଦଙ୍କ ସମେତ ବହୁ ଜନପ୍ରତିନିଧି ବିଧାୟକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟପକ୍ଷରେ ବାଲି ଉତ୍ତୋଳନ ଓ ଯୋଗାଣ ସମ୍ପର୍କିତ ପ୍ରସଙ୍ଗରେ ବୈଠକରେ ବିଧାୟକ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ବାଲି ମାଫିଆଙ୍କ ପ୍ରତି ସହାନୁଭୂତି ଦେଖାଇ ଘର ନିର୍ମାଣ କରୁଥିବା ଗରିବ ହିତାଧିକାରୀଙ୍କୁ ଅଯଥା ହଇରାଣ କରାଯାଉଥିବା ନେଇ ସେ ଅଭିଯୋଗ କରିଥିଲେ। ଏପରି ଘଟଣା ଯେପରି ନ ଘଟେ ସେଥିପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ସେ ତାଗିଦ କରିଥିଲେ। ସେହିପରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଏସ୍‌ସି/ଏସ୍‌ଟି ସ୍କୁଲଗୁଡ଼ିକର ନିର୍ମାଣ ଓ ଉନ୍ନୟନ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବା ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରି ଲୋକଙ୍କୁ ଏହାର ସୁଫଳ ପ୍ରଦାନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର ଚାଲୁଥିବା ପ୍ରକଳ୍ପ, ଅଗ୍ରଗତି ଓ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ବଲାଙ୍ଗିର ନିର୍ବାଚନ ମଣ୍ଡଳୀର ବିକାଶ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କ ସମସ୍ୟାର ଶୀଘ୍ର ସମାଧାନ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ।

ରାଧା-କୃଷ୍ଣ ବେଶରେ କୁନି କୁନି ପିଲାଙ୍କ ମନମୋହିଲା ଜନ୍ମାଷ୍ଟମୀ ଶୋଭାଯାତ୍ରା

ଖପ୍ରାଖୋଲ (ଅଶୋକ କୁମାର ବାଗ) : ଭକ୍ତି, ଉତ୍ସାହ ଓ ଆନନ୍ଦର ପରିବେଶରେ ଖପ୍ରାଖୋଲ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ପର୍ବ ଧୁମଧାମରେ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ରାଧା, କୃଷ୍ଣ, ସୁଦାମାଙ୍କ ସମେତ ବିଭିନ୍ନ ପୌରାଣିକ ବେଶଭୂଷାରେ ସଜ୍ଜିତ ହୋଇ ଏକ ଆକର୍ଷଣୀୟ ଶୋଭାଯାତ୍ରାରେ ଖପ୍ରାଖୋଲ ପରିକ୍ରମା କରିଥିଲେ। କୁନି କୁନି ରାଧା-କୃଷ୍ଣଙ୍କ ମନମୋହକ ବେଶ, ରଙ୍ଗବେରଙ୍ଗ ପୋଷାକ ଓ ନିଆରା ଅଭିନୟ ଦେଖି ରାସ୍ତାକଡ଼ରେ ଠିଆ ହୋଇଥିବା ଲୋକଙ୍କ ମୁହଁରେ ହସ ଫୁଟିଥିଲା। ବିଭିନ୍ନ ବେଶରେ ସଜ୍ଜିତ ଶିଶୁମାନେ ଉପସ୍ଥିତ ଲୋକଙ୍କ ମନ ମୋହି ନେବା ସହ ଜନ୍ମାଷ୍ଟମୀର ଆଧ୍ୟାତ୍ମିକ ଓ ସାଂସ୍କୃତିକ ମାହୋଲକୁ ଆହୁରି ଜୀବନ୍ତ କରିଦେଇଥିଲେ। ଶୋଭାଯାତ୍ରା ସମୟରେ ଦହିହାଣ୍ଡିରୁ ଦହି ଆଣି ଲୋକଙ୍କୁ ବଣ୍ଟନ କରାଯାଇଥିଲା। ଏହା ଦେଖି ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଥିଲା। ଶିଶୁମାନଙ୍କ ଏହି ନିଆରା ପ୍ରୟାସ ମାଧ୍ୟମରେ ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନ, ବାଲ୍ୟଲୀଳା ଓ ଭାଇଚାରାର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗନ୍ଧର୍ବ ମହାକୁଡ଼, ଗୁରୁଜୀ ହୃଷିକେଶ ବେହେରା, ଅଭିଷେକ ସାହୁ, ଗୁରୁମା ବାଣାପାଣି ପଧାନ, ମିତା ପଧାନ, କାମିନୀ ବରିହା, ରିତାଞ୍ଜଳି ପଣ୍ଡା, ହୃଦେଶ୍ୱରୀ ସାହୁ, ସ୍ୱାଗତିକା ଅନାପତିଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କୁନି କୁନି ରାଧା-କୃଷ୍ଣଙ୍କ ମନମୋହକ ବେଶଭୂଷା ଓ ଶୋଭାଯାତ୍ରା ଖପ୍ରାଖୋଲବାସୀଙ୍କ ମନରେ ଜନ୍ମାଷ୍ଟମୀର ଆନନ୍ଦକୁ ଦ୍ୱିଗୁଣିତ କରିଥିବା ବେଳେ ଏହାର ଦୃଶ୍ୟ ଦୀର୍ଘ ସମୟ ଧରି ଲୋକଙ୍କ ମନରେ ଛାପ ଛାଡ଼ିଥିଲା।

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ହଡପଜମି ଫେରାଇବା ବ୍ୟବସ୍ଥା କରନ୍ତୁ ଉପମୁଖ୍ୟମନ୍ତ୍ରୀ : ନରସିଂହ

ବଲାଙ୍ଗୀର (ଅମୃତ ମିଡିଆ) : ରାଜେନ୍ଦ୍ର ମହାବିଦ୍ୟାଳୟ ବିଶ୍ୱ ବିଦ୍ୟାଳୟର ରୂପ ନେଲା, କିନ୍ତୁ ଆଜି ଯାଏଁ ବିଶ୍ୱ ବିଦ୍ୟାଳୟ କେବଳ ଏକ ସାଇନବୋର୍ଡରେ ରହିଯାଇଛି। ଶିକ୍ଷକ ଓ ଅଣଶିକ୍ଷକ ପଦବୀର ଏଠି ମରୁଡି ପଡିଛି। ଭିତ୍ତିଭୂମି ମଧ୍ୟ କୌଣସି ଆଖି ଦୃଶ୍ୟିଆ ବିକାଶ ହୋଇନାହିଁ। ଦୁଇ ଦିନ ତଳେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ନିଜେ ସ୍ୱିକାର କରିଛନ୍ତି ଯେ ତାଙ୍କ ପୂର୍ବ ପୁରୁଷ ଏହି ଶିକ୍ଷାନୁଷ୍ଠାନ ପାଇଁ ୨୦୦ ଏକର ଜମି ପ୍ରଦାନ କରିଥିଲେ। ସେ ଏହା ବି ସ୍ୱିକାର କରିଛନ୍ତି ଯେ ସେହି ଜମିକୁ ବିଶ୍ୱ ବିଦ୍ୟାଳୟ ନିଜର କରି ରଖି ନାହିଁ ଏହାର ୭୫ ଭାଗ ଜମି ହଡପ ହୋଇଯାଇଛି। ତାଙ୍କର ଏହି ସ୍ପଷ୍ଟ ମନ୍ତବ୍ୟ ପାଇଁ ମୁଁ ନିଶ୍ଚିତ ଭାବେ ତାଙ୍କୁ ଧନ୍ୟବାଦ ଦେଉଛି ଏବଂ ତା ସହ ଅନୁରୋଧ କରୁଛି ଯେ ତାଙ୍କ ସରକାର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ଏହି ହଡପ ହୋଇଯାଇଥିବା ଜମିକୁ ଯେତେ ଶିଘ୍ର ହେବ ଜମି ହଡପକାରି ଙ୍କ କବଜାରୁ ମୁକଲାଇ ପୁଣି ବିଶ୍ୱ ବିଦ୍ୟାଳୟକୁ ଫେରେଇବାର ବ୍ୟବସ୍ଥା କରନ୍ତୁ । ଯେହେତୁ ସେ ଏବେ ଉପ ମୁଖ୍ୟମନ୍ତ୍ରୀ ଭାବେ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି ଏବଂ ଏହି ଅନୁଷ୍ଠାନ ତାଙ୍କ ପୂର୍ବପୁରୁଷଙ୍କ ନାଁ ରେ ନାମିତ ଅଛି ତେଣୁ ଶିକ୍ଷାର ବିକାଶ ପାଇଁ ବିଶ୍ୱ ବିଦ୍ୟାଳୟର ହଡପ ଜମିକୁ ପୁଣି ଫେରେଇ ପାରିଲେ ବଲାଙ୍ଗିରବାସୀ ନିଶ୍ଚିତ ଭାବରେ କୃତଜ୍ଞତା ପ୍ରକାଶ କରିବେ ବୋଲି ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି। ଏହା ସହ ଆହୁରି ମଧ୍ୟ ସେ କହିଛନ୍ତି ଯେ ଯେହେତୁ ପୂର୍ବ ସରକାର ସମୟରେ ବିଧାନସଭା ଅଧିବେଶନରେ ରାଜ୍ୟପାଳ ନିଜ ଅଭିଭାଷଣରେ କେବିକେ ଅଂଚଳରେ ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ହେବ ବୋଲି କହିଥିଲେ ଏବଂ ଏହା ମଧ୍ୟ ସତ୍ୟ ଯେ କେବିକେ ଅଂଚଳରୁ କୃଷି ବିଶ୍ୱ ବିଦ୍ୟାଳୟ ପାଇଁ କେବଳ ବଲାଙ୍ଗିରବାସୀ ହିଁ ଦାବି କରି ଆସୁଛନ୍ତି ତେଣୁ ଉପ ମୁଖ୍ୟମନ୍ତ୍ରୀ ବଲାଙ୍ଗିରବାସୀଙ୍କ ଦାବିକୁ ସମ୍ମାନ ଦେଇ ବଲାଙ୍ଗିର ରେ କୃଷି ବିଶ୍ୱ ବିଦ୍ୟାଳୟ ଦିଗରେ ପଦକ୍ଷେପ ନେବେ । ଗତଜାତ ମିଶ୍ରଣ ରାଜିନାମାରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଯଦି ହାଇକୋର୍ଟର ବ୍ୟାଂଚ ଭବିଷ୍ୟତରେ କେବେ ବି ସ୍ଥାପନ ହୁଏ ତେବେ ବଲାଙ୍ଗିର ର ଦାବିକୁ ଅଣଦେଖା କରାଯାଇ ପାରିବ ନାହିଁ । ଏହି ମନ୍ତବ୍ୟକୁ ମଧ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରତିଷ୍ଠା ଦିବସରେ ଦେହୋରାଇଛନ୍ତି । ତାଙ୍କର ଏହି ଉକ୍ତି ସହ ମୁଁ ମଧ୍ୟ ସହମତ । ତେଣୁ ବର୍ତ୍ତମାନର ସରକାର ବଲାଙ୍ଗିର ରେ ଯେପରି ହାଇକୋର୍ଟ ବ୍ୟାଂଚ ସ୍ଥାପନ କରିବେ ସେ ଦିଗରେ ଉପମୁଖ୍ୟମନ୍ତ୍ରୀ ପଦକ୍ଷେପ ନିଅନ୍ତୁ । ବିଜେପି ସରକାର ଇତି ମଧ୍ୟରେ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ହୋଇଗଲାଣି ଏହା ସତ୍ତ୍ୱେ ସରକାରଙ୍କ ଘୋଷିତ ଦେଓଗାଁ ଚିନିକଳ ଆଜି ପର୍ଯ୍ୟନ୍ତ ଚାଲୁ ହୋଇପାରୁନାହିଁ ଏହା ଯେପରି ଶିଘ୍ର ଚାଲୁ ହେବ ଏବଂ ଜିଲ୍ଲାର ଲୋକେ ଏହା ସୁଫଳ ପାଇପାରିବେ ସେ ଦିଗରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଶିଘ୍ର ପଦକ୍ଷେପ ନିଅନ୍ତୁ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

ବେ-ବନ୍ଦୋବସ୍ତ ମାମଲା ସମାଧାନ ମନ୍ଥର

ଛନ୍ଦି ହୋଇଛି ସାଢ଼େ ୬ ହଜାର ଏକର ଜମି

ଝାରସୁଗୁଡ଼ା (ଅମୃତ ମିଡିଆ) : ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନରେ ବେ-ବନ୍ଦୋବସ୍ତ ଜମି ସଂକ୍ରାନ୍ତ ମାମଲା ଫଇସଲାରେ ମନ୍ଥରତା ଦେଖାଦେଇଛି। ଏହାକୁ ନେଇ ଉତ୍ତରାଞ୍ଚଳ ରାଜସ୍ୱ କମିସନର ସଂଗ୍ରାମ କେଶରୀ ମହାପାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୨୬ ଜୁନ ୩୦ରେ ଶେଷ ହୋଇଥିବା ତ୍ରୈମାସିକ ସମୀକ୍ଷାରେ ଉତ୍ତରାଞ୍ଚଳରେ ମୋଟ ୯୯୮ଟି ବେ-ବନ୍ଦୋବସ୍ତ ମାମଲା ଫଇସଲା ଅପେକ୍ଷାରେ ରହିଥିବା ଜଣାପଡ଼ିଛି। ଏହି ମାମଲାଗୁଡ଼ିକ ସହ ୬,୪୭୮.୦୪୯ ଏକର ଜମିର ଭବିଷ୍ୟତ ଝୁଲିରହିଛି। ବକେୟା ମାମଲା ସଂଖ୍ୟାରେ କେନ୍ଦୁଝରଜିଲ୍ଲା ସର୍ବାଗ୍ରେ ରହିଛି। ଏଠାରେ ୩୧୩ଟି ମାମଲା ରହିଥିବା ବେଳେ ବଲାଙ୍ଗୀରରେ ୨୯୧, ସୁବର୍ଣ୍ଣପୁରରେ ୧୭୧ ଓ ବରଗଡ଼ରେ ୧୪୩ଟି ମାମଲା ବକେୟା ରହିଛି। ସମ୍ବଲପୁରରେ ୩୭, ସୁନ୍ଦରଗଡ଼ରେ ୩୬, ବୌଦ୍ଧରେ ୬ ଓ ଝାରସୁଗୁଡ଼ାରେ ଗୋଟିଏ ମାମଲା ଫଇସଲା ଅପେକ୍ଷାରେ ରହିଛି। ସମୀକ୍ଷା ଅବଧିରେ ବଲାଙ୍ଗୀରର ୨ଟି, ବରଗଡ଼ର ୩ଟି, ଦେବଗଡ଼ର ଗୋଟିଏ, କେନ୍ଦୁଝରର ୧୦ଟି ଏବଂ ସମ୍ବଲପୁରର ଗୋଟିଏ ମାମଲା ଫଇସଲା ହୋଇଛି। ହେଲେ ବୌଦ୍ଧ, ଝାରସୁଗୁଡ଼ା, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ରେ ଏହି ସମୟରେ କୌଣସି ମାମଲା ଫଇସଲା ହୋଇନଥିବା ରିପୋର୍ଟରେ ଦର୍ଶାଯାଇଛି। ବିଶେଷକରି ବଲାଙ୍ଗୀର, ବରଗଡ଼, କେନ୍ଦୁଝର ଓ ସୁବର୍ଣ୍ଣପୁର ଜିଲ୍ଲାରେ ଶତାଧିକ ମାମଲା ବକେୟା ରହିଛି। ବଲାଙ୍ଗୀରରେ ୨୯୧ଟି ମାମଲା ସହ ୨,୩୧୬.୪୦ ଏକର, ବରଗଡ଼ରେ ୧୪୩ଟି ମାମଲା ସହ ୧,୫୯୯.୧୨ ଏକର, କେନ୍ଦୁଝରରେ ୩୧୩ଟି ମାମଲା ସହ ୪୯୪.୩୧ ଏକର ଏବଂ ସୁବର୍ଣ୍ଣପୁରରେ ୧୭୧ଟି ମାମଲା ସହ ୧,୧୦୫.୯୨ ଏକର ଜମି ଫଇସଲା ଅପେକ୍ଷାରେ ରହିଛି। ବେ-ବନ୍ଦୋବସ୍ତ ଜମିର ରେକର୍ଡ ଅଫ୍ ରାଇଟ୍‌ରେ ଥିବା ତ୍ରୁଟି ଦୂର କରି ଖଜଣା ବନ୍ଦୋବସ୍ତ କରିବା ପାଇଁ ୨୦୨୫ ଜାନୁଆରି ୧୫ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ସମୟ ବଢ଼ାଇଥିଲା। ଏହା ସତ୍ତ୍ୱେ ମାମଲା ଫଇସଲାରେ ଆଶାନୁରୂପ ଅଗ୍ରଗତି ନ ହେବା ନେଇ ରାଜସ୍ୱ ଆୟୁକ୍ତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବକେୟା ମାମଲାର ନିୟମିତ ସମୀକ୍ଷା କରି ତ୍ୱରିତ ଫଇସଲା କରିବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ତହସିଲଦାରମାନଙ୍କୁ ପ୍ରଭାବୀ ପଦକ୍ଷେପ ନେବାକୁ କୁହାଯାଇଛି। ଏଥିସହ ତ୍ରୈମାସିକ ପ୍ରଗତି ରିପୋର୍ଟ ମଧ୍ୟ ସମୟାନୁସାରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଥାଉକି, ବର୍ତ୍ତମାନ ରାଜ୍ୟରେ ଭିତ୍ତିଭୂମି ବିକାଶ ନେଇ ଘନଘନ ବୈଠକ ସହ ଖସଡ଼ା ପ୍ରସ୍ତୁତ ହେଉଛି। ଏଥିପାଇଁ ହଜାର ହଜାର କୋଟି ଟଙ୍କାର ଅର୍ଥ ବି ମଞ୍ଜୁର ହେଉଛି। ଏଭଳି ସ୍ଥିତିରେ ସାଢ଼େ ୬ ହଜାର ଏକର ଜମି ପଡ଼ିରହିବା ନିହାତି ଭାବେ ରାଜସ୍ୱ ବିଭାଗର ଚିନ୍ତା ବଢ଼ାଇ ଦେଇଛି।

ଟିଟିଲାଗଡ଼ରେ ଜିଲ୍ଲାସ୍ତରୀୟ ଫୁଟ୍‌ବଲ୍ ପ୍ରତିଯୋଗିତା

ପେନାଲ୍‌ଟିରେ ଖଜୁରପଡ଼ା ଓ ଜଗୁଆ ବିଜୟୀ

ବଲାଙ୍ଗୀର (ଅମୃତ ମିଡିଆ) : ଟିଟିଲାଗଡ଼ ଷ୍ଟାଡିୟମରେ ଜମୁଝି ବଲାଙ୍ଗିର ଜିଲ୍ଲା ସିନିୟର ଡିଷ୍ଟ୍ରିକ୍ଟ ନକ୍‌ଆଉଟ୍ ଫୁଟବଲ୍ ପ୍ରତିଯୋଗିତା। ଟିଟିଲାଗଡ଼ ଆଥଲେଟିକ୍ ଆସ

ସେପ୍ଟେମ୍ବର ୩୦ ଯାଏଁ ଦ୍ୱାରଶୁଣୀ ଘାଟି ରାସ୍ତା କଟକଣା ବୃଦ୍ଧି

ବୁଧବାରଠାରୁ ଶନିବାର ପର୍ଯ୍ୟନ୍ତ ଦିବା ୧୧ରୁ ୪ଟା ଯାଏଁ ଯାତାୟାତ ବନ୍ଦ

ବାରିପଦା(ଅମୃତମିଡିଆ): ଦ୍ୱାରଶୁଣୀ ଘାଟି ମଧ୍ୟ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ପାଇଁ କଟକଣା ଅବଧିକୁ ଚଳିତ ମାସ ସେପଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୂପ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଆଦେଶ ଜାରି କରାଯାଇଛି । ପ୍ରତ୍ୟେକ ସପ୍ତାହରେ ବୁଧବାରରୁ ଶନିବାର ପର୍ଯ୍ୟନ୍ତ ଦିନ ୧୧ଟା ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ଏହି ରାସ୍ତା ମଧ୍ୟ ଦେଇ ଯିବାଆସିବା ବନ୍ଦ ରହିବ । ଏହି ଦିନ ମାନଙ୍କରେ ଦ୍ୱାରଶୁଣୀ ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାର୍ଶ୍ୱରେ ଥିବା ପ୍ରବେଶ ପଥ ବନ୍ଦ ରହିବ । ଯେକୌଣସି ଦୁଇ ଚକିଆରୁ ଉର୍ଦ୍ଧ୍ୱ ସମସ୍ତ ଯାନ ଓ ପଥଚାରୀ ମାନେ ଏହି ସମୟରେ ଯାତାୟାତ କରି ପାରିବେ ନାହିଁ । ଏହାସହ ଘାଟୀ ଆଖପାଖରେ ଗାଇଛେଳି ଚାରଣ କରାଇବା ମଧ୍ୟ ବାରଣ କରାଯାଇଛି । ସେହିପରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଯାନ ତଥା ବିଭିନ୍ନ ଜରୁରୀକାଳୀନ ଯାନ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରୁ ଅନୁମତି ମିଳିବା ପରେ ହିଁ ଯାତାୟତ କରିପାରିବେ । କିନ୍ତୁ ସାଧାରଣ ଲୋକଙ୍କ ଯାନ ତଥା ପରିବହନକାରୀ ଯାନ କଟକଣା ସମୟରେ ଉପଯୁକ୍ତ ପାର୍କିଂ ସ୍ଥାନରେ ରହି ଅପେକ୍ଷା କରିବାକୁ ପଡିବ । କଟକଣା ସମାପ୍ତ ହେବା ପରେ ପ୍ରାଥମିକତା ଭିତ୍ତିରେ ପ୍ରଥମେ ସାଧାରଣ ଲୋକଙ୍କ ଯାନକୁ ଯାତାୟତ ପାଇଁ ଛଡାଯିବ । ତେବେ କ୍ଷୁଦ୍ର ଯାନ ବ୍ୟବହାରକାରୀ ସାଧାରଣ ଲୋକ ସୁଗମ ଯାତାୟାତ ପାଇଁ ବିଶୋଇ- ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର ରାସ୍ତାକୁ ବିକଳ୍ପ ରାସ୍ତା ଭାବରେ ବ୍ୟବହାର କରିପାରିବେ । ଯେକୌଣସି ଅପ୍ରିତିକର ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପୋଲିସ ମୁତୟନ କରିବାକୁ ବିଶୋଇ ଓ ବାଙ୍ଗିରିପୋଷି ଥାନାକୁ ଜିଲ୍ଲା ପ୍ରଶାସନ ତରଫରୁ ଅବଗତ କରାଯାଇଛି ।

କରଞ୍ଜିଆ ଓ ଯଶିପୁରରେ ଅବକାରୀ ଧରପଗଡ଼

୧୨୯ କେଜି ଗଞ୍ଜେଇ ଜବତ, ୪ ଗିରଫ

ବାରିପଦା(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଓ ଯଶିପୁର ଅବକାରୀ ଥାନା ପକ୍ଷରୁ ମାଦକଦ୍ରବ୍ୟ ବିରୋଧୀ ଅଭିଯାନରେ ବଡ଼ ସଫଳତା ମିଳିଛି । ଦୁଇଟି ପୃଥକ ମାମଲାରେ ମୋଟ ୧୨୯ କେଜି ଗଞ୍ଜେଇ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି । ଜବତ ଗଞ୍ଜେଇ ସହ ଦୁଇଟି ଚାରିଚକିଆ ଗାଡ଼ି ଓ ୪ଟି ମୋବାଇଲ ଫୋନ ମଧ୍ୟ ଜବତ ହୋଇଛି । ଏନେଇ ଏନ୍ ?ଡିପିଏସ୍ ? ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି । କରଞ୍ଜିଆ ଅବକାରୀ ଥାନା ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ଚଢ଼େଇଭୋଳ ରିଲାଏନ୍ସ ପେଟ୍ରୋଲ ପମ୍ପ ସମ୍ମୁଖରୁ ଅନୁଗୁଳ ଜିଲ୍ଲା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଦ୍ୱାରୀ (୩୦) ଓ ସୁବେନ୍ଦୁ ମାଝୀ (୩୨)ଙ୍କୁ ଧରାଯାଇଥିଲା। ସେମାନଙ୍କ ନିକଟରୁ ୬୬ କେଜି ଗଞ୍ଜେଇ ତିନୋଟି ଧଳା ରଙ୍ଗର ଜରି ବସ୍ତାରୁ ଜବତ ହୋଇଥିଲା । ଏଥିସହ ଏକ ମହିନ୍ଦ୍ରା ବୋଲେରୋ ଓ ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି । ସେହିପରି ଯଶିପୁର ଅବକାରୀ ଥାନା ପକ୍ଷରୁ ଯଶିପୁର ବଜାରର ବାଦାମଛକ ଅଞ୍ଚଳରୁ କୃଷ୍ଣଚନ୍ଦ୍ର ବେହେରା (୪୬) ଓ ସୁବ୍ରତ ସାହୁ (୨୯)ଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ନିକଟରୁ ୬୩ କେଜି ଗଞ୍ଜେଇ, ଏକ ରୂପା ରଙ୍ଗର ମାରୁତି ୱାଗନର ଓ ଦୁଇଟି ମୋବାଇଲ ଫୋନ ଜବତ ହୋଇଛି । ଦୁଇଟି ମାମଲାରେ ଗିରଫ ୪ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ର କରଞ୍ଜିଆ ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

ଏନ୍‌ସିସି କ୍ୟାମ୍ପ୍‌ରେ ଅସନଯୋଡ଼ା ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର କୃତିତ୍ୱ

ବାରିପଦା(ଅମୃତମିଡିଆ): ଭୁବନେଶ୍ୱର ସ୍ଥିତ ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଏକ ସପ୍ତାହ ଏନସିସି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ୨୦୨୬-୨୭ ଶିକ୍ଷାବର୍ଷର ଏ ସାର୍ଟିଫିକେଟ ପରୀକ୍ଷାରେ ସାମିଲ ହେବା ପାଇଁ ୱାନ (ଓଡ଼ିଶା) ଗାର୍ଲ୍ସ ବାଟାଲିୟନ (ଏନସିସି) ଅଧୀନରେ ଥିବା ପି.ଏମ.ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ ?ୟାଳୟ, ଅସନଯୋଡାର ୩୭ ଜଣ କ୍ୟାଡେଟ ଏହି ଶିବିରରେ ସଫଳତାର ସହ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ସହ ବିଦ ?ୟାଳୟର ଏନ ସି ସି ଅଫିସର କାପୁରାମଣି ମାର୍ଣ୍ଡି ଉପସ୍ଥିତ ରହି କ୍ୟାଡେଟ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି କ୍ୟାମ୍ପରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଅସନଯୋଡା ବିଦ ?ୟାଳୟର କ ?ୟାଡେଟ ମାନେ ଅସାଧାରଣ ପ୍ରତିଭା ପ୍ରଦର୍ଶନ କରି ନୃତ୍ୟ ଏବଂ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ସହ ବିଜେତା ଟ୍ରଫି ହାସଲ କରିଛନ୍ତି । କେବଳ ସେତିକି ନୁହେଁ, ଜର୍ମାନ ଡ୍ରିଲରେ ନିଜର ଶୃଙ୍ଖଳା ଦେଖାଇ ସ୍ୱତନ୍ତ୍ର ପୁରସ୍କାର ଲାଭ କରିଛନ୍ତି । ଏହି କ୍ୟାମ୍ପରେ ସବୁଠାରୁ ଗୌରବର ବିଷୟ ଥିଲା ଶ୍ରେଷ୍ଠ ନେତୃତ୍ୱ ପୁରସ୍କାର । ବ୍ରହ୍ମପୁର, ସମ୍ବଲପୁର ଏବଂ କଟକ ଗ୍ରୁପର ପ୍ରାୟ ୨୨ଟି ଦଳ ମଧ୍ୟରୁ ଏହି ଅନୁଷ୍ଠାନର ନବମ ଶ୍ରେଣୀର ଛାତ୍ରୀ ରଶ୍ମିତା ହାଁସଦାଙ୍କୁ ତାଙ୍କର ଉତ୍କୃଷ୍ଟ ନେତୃତ୍ୱ ଗୁଣ ପାଇଁ ବେଷ୍ଟ ଲିଡରସିପ ସମ୍ମାନରେ ସମ୍ମାନିତ କରାଯାଇଛି । କ୍ୟାଡେଟ ମାନଙ୍କର ଏହି ଅଦ୍ଭୁତପୂର୍ବ ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ଷଡଙ୍ଗୀ, ସମସ୍ତ ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମସ୍ତ ବିଜେତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

ଗୋଟିଏ ପରିବାରର ମା' ଓ କନ୍ୟା ଖାଦ୍ୟ ସୁରକ୍ଷାରୁ ବଂଚିତ

ବାରିପଦା /ଉଦଳା(ଅମୃତମିଡିଆ): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ଼ ନଂ-୩ (ନାଗପାଳ)ରେ ବସବାସ କରୁଥିବା ରଘୁନାଥ ସିଂଙ୍କ ସହଧର୍ମିଣୀ ଡୁମୁନି ମାର୍ଣ୍ଡି ଓ ତାଙ୍କର ୮ବର୍ଷ ବୟସର କନ୍ୟା ସୁଖ ସିଂ ଉଭୟେ ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରର ଉକ୍ତ ୨ ସଦସ୍ୟ। ସରକାର ଯୋଗାଇ ଦେଉଥିବା ମୁଣ୍ଡ ପିଛା ୫ କିଗ୍ରା ଚାଉଳ ପାଇପାରୁ ନାହାଁନ୍ତି । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ସେମାନେ କହିଛନ୍ତି । ସରକାରୀ ବାବୁ ମାନଙ୍କ ନିକଟରେ ଏ ବାବଦରେ ବାରୟାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁ ନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବୀ ଅନୁରୋଧ ଜଣାଇଛନ୍ତି ।

ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଜନ୍ମାଷ୍ଟମୀ ପାଳିତ

ବାରିପଦା /ସାହାରପଡ଼ା(ଅମୃତମିଡିଆ): କେନ୍ଦୁଝର ଜିଲ୍ଲା, ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁରସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଆଜି ପବିତ୍ର କୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର କୁନି କୁନି ଶିଶୁମାନେ ଭଗବାନ ଶ୍ରୀକୃଷ୍ଣଙ୍କ ବେଶଭୂଷାରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଶିଶୁମାନଙ୍କର ମନୋମୁଗ୍ଧକର କୃଷ୍ଣ ବେଶ ଓ ଉତ୍ସବମୁଖର ପରିବେଶ ସମସ୍ତଙ୍କ ମନକୁ ଆକର୍ଷିତ କରିଥିଲା। ବିଦ୍ୟାଳୟ ପରିସରରୁ ଶିଶୁମାନେ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରିବା ପରେ ପୁନର୍ବାର ବିଦ୍ୟାଳୟକୁ ଫେରିଥିଲେ। ପରେ ଉପସ୍ଥିତ ଶିଶୁମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଗୁରୁମା ବାସନ୍ତୀ ମହାନ୍ତ ଓ ନିଗମ ପରିଡାଙ୍କ ତତ୍ତ୍ୱାବଧାନ ଓ ପରିଚାଳନାରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। କୃଷ୍ଣ ଜନ୍ମାଷ୍ଟମୀ ଅବସରରେ କୁନି କୁନି ଶିଶୁମାନଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା।

ବେତନଟୀ ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ

ନିଶାମୁକ୍ତି ପାଇଁ ନେଲେ ଶପଥ

ବାରିପଦା(ଅମୃତମିଡିଆ): ଡ୍ରାଇଭର ମହାସଂଘର ବେତନଟୀ ବ୍ଲକ ସ୍ତରୀୟ କର୍ମକର୍ତାଙ୍କୁ ନେଇ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି । ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଆଗ୍ରିଆସ୍ଥିତ ହନୁମାନ ମନ୍ଦିର ପରିସରରେ ଡ୍ରାଇଭର ମହାସଂଘର ବେତନଟୀ ବ୍ଲକ ସଭାପତି ଅନାଦି ଚରଣ ବିଶ୍ୱାଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ପଦାଧିକାରୀଙ୍କ ସମେତ ୨୪ଟି ପଞ୍ଚାୟତର ଡ୍ରାଇଭର ଭାଇମାନେ ଯୋଗ ଦାନ କରିଥିଲେ । ବୈଠକ ପ୍ରାରମ୍ଭରେ ଜଗନ୍ନାଥ ମହାପ୍ରଭୁଙ୍କ ପାଦପଦ୍ମରେ ପୁଷ୍ପ , ଧୂପ ଏବଂ ନୈବେଦ୍ୟ ଅର୍ପଣ କରିବା ସହ ଡ୍ରାଇଭର ମହାସଂଘର

ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ । ଡ୍ରାଇଭର ଏକତା ଜିନ୍ଦାବାଦର ସ୍ଲୋଗାନ ରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ସମ୍ପାଦକ ତାରିଣୀକାନ୍ତ ବେହେରା ପୂର୍ବ ବର୍ଷର ସମସ୍ତ ବିବରଣୀ ପଠନ କରିବା ସହ ଡ୍ରାଇଭର ଭାଇ ମାନଙ୍କର ସୁରକ୍ଷା ଏବଂ ନ୍ୟାୟିକ ଦୃଷ୍ଟି କୋଣରୁ ବିଭିନ୍ନ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଉପସଭାପତି ରଣଜିତ ସିଂହ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ପତି ଏବଂ କୋଷାଧ୍ୟକ୍ଷଭବାନୀ ଶଙ୍କର ସାହୁ ପ୍ରମୁଖ ଯୋଗ ଦେଇ ଗାଡ଼ି ଚାଳନା ସମୟରେ ସମସ୍ତ ନିୟମ ମାନିବା ,ସିଟ ବେଲ୍ଟ ବାନ୍ଧିବା, ବ୍ୟତିବ୍ରସ୍ତ ହୋଇ ଗାଡ଼ିଚାଳନା ନ କରିବା , ନିଶା ସେବନରୁ ନିବୃତ୍ତ ରହି ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ମାନଙ୍କୁ ଉପଦେଶ ଦେଇଥିଲେ। ସମସ୍ତ ଡ୍ରାଇଭର ପରସ୍ପରର ସୁଖ ଏବଂ ଦୁଃଖ ସାଥି ଅଛନ୍ତି ବୋଲି ସର୍ବସମ୍ମୁଖରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବୈଶିଙ୍ଗା ସେବାକେନ୍ଦ୍ର ତରଫରୁ ବ୍ରହ୍ମକୁମାର ସତ୍ୟପ୍ରକାଶ ଭାଇ ଯୋଗଦାନ କରି ସମସ୍ତ ଡ୍ରାଇଭର ଭାଇମାନଙ୍କୁ ପରମାତ୍ମଚିନ୍ତନରେ ରହିବା ସହ ପ୍ରଭୁଙ୍କ ଗୁଣମାନ କରି ଗାଡ଼ି ଚାଳନା କରିବା ପାଇଁ କହିଥିଲେ । ନିଶା ପାଇଁ ଅନେକ ସମୟରେ ମର୍ମନ୍ତୁଦ ଦୁର୍ଘଟଣା ହେଉଛି , ତେଣୁ ନିଶାଠୁ ନିଜକୁ ସମ୍ପୂର୍ଣ୍ଣ ଦୂରେଇ ରଖିବା ପାଇଁ ଉପସ୍ଥିତ ସମସ୍ତ ଡ୍ରାଇଭର ଭାଇଙ୍କୁ ଏକ ବାର୍ତ୍ତା ପ୍ରଦାନ କରିଥିଲେ । ଏହା ସହ ସମସ୍ତେ ସାମୂହିକ ଭାବେ ମହାବୀର ମନ୍ଦିର ପ୍ରାଙ୍ଗଣରେ ନିଶାମୁକ୍ତି ପ୍ରତିଜ୍ଞା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିଲେଶ ଶର୍ମା, ମହେଶ୍ୱର ମହାନ୍ତ, ଭୁବନ ମହାନ୍ତ, ସୋମନାଥ ଦେହୁରୀ, ସୂର୍ଯ୍ୟନାରାୟଣ ଟୁଡୁ, ଭାଦୁ ସିଂ, ଉମେଶ ଶର୍ମା, କୁମାର ସରେନ, ଗଙ୍ଗାଧର ମାଝୀ, ଦ୍ୱିଜୀପ ଜେନା, ପାତା ସିଂ, ରବୀନ୍ଦ୍ର ବେହେରା, ଚନା ମାଝୀ, ଗୋପିନାଥ ମହାନ୍ତ, ପୁଥୁନାଥ ସୋରେନଙ୍କ ସମେତ ସମସ୍ତ ୨୪ଟି ପଞ୍ଚାୟତର ଏଡମିନଙ୍କ ସମେତ ଅନେକ ଡ୍ରାଇଭର ଭାଇ ଯୋଗଦାନ କରିଥିଲେ ।

ଲଗାଣ ବର୍ଷା ଯୋଗୁଁ ଭାଙ୍ଗିଲା ଘର; କୂଳ ଖାଉଛି ଘଣଘଣୀ

ପଦକ୍ଷେପ ନେବା ପାଇଁ ଦାବି

ବାରିପଦା(ଅମୃତମିଡିଆ): ଲଗାଣ ବର୍ଷା ଯୋଗୁଁ, ଠାକୁରମୁଣ୍ଡା ପଂଚାୟତର ପଣସ ଡିହା ୱାର୍ଡ ନଂ -୧୦ ଏବଂ ରୁଗୁଡ଼ିବେଡା ୱାର୍ଡ ନଂ ୮ର ଘଣଘଣୀ ସାହିର ଜନଜୀବନ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ପଣସଡିହା ୱାର୍ଡ ନଂ -୧୦ର ବଲ୍ଲଭ ନାଏକଙ୍କ ଘର ଭାଙ୍ଗି ପଡିଥିବାବେଳେ, ତାଙ୍କ ପରିବାର ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ସେହିପରି ୮ ନମ୍ବର ୱାର୍ଡ ରୁଗୁଡ଼ିବେଡା ଘଣଘଣୀ ସାହିର ଘଣଘଣୀ କେନାଲ ପାଣି ୫୦ଗୋଟି ପରିବାରର ଘର ଖାଇ ବିପର୍ଯ୍ୟସ୍ତ ସୃଷ୍ଟି କରିଛି । ଏହି ସାହିର, କୁନୀ ସେଠୀ, ରଞ୍ଜନ ବେହେରା, ବାବୁଲୁ ବେହେରା, ନନ୍ଦକିଶୋର ବାରିକ, ପ୍ରଦ୍ୟୁମ୍ନ ବାରିକ, ସୁବୋଧ ବାରିକ, ଶଙ୍କର ସେଠୀ, ନିତ୍ୟାନନ୍ଦ ସେଠୀ, ବିଶ୍ୱନାଥ ସେଠୀ, ଦୋଳଗୋବିନ୍ଦ ସେଠୀ, ଉଦିଆ ସେଠୀ ପ୍ରମୁଖଙ୍କ ଘର କଡ଼କୁ ଘଣଘଣୀ କେନାଲ ଖାଇଚାଲିଛି। ଫଳରେ ଏହି ପରିବାର ଲୋକେ ପ୍ରଶାସନକୁ ଏ ବାବଦରେ ପ୍ରତିକାର ପାଇଁ ଅନୁରୋଧ କରିଛନ୍ତି। ବିଶେଷ ଭାବେ ଏହି ଲୋକମାନେ ନିଜକୁ ଅସୁରକ୍ଷିତ ମନେ କରି ଜୀବନ ବିତାଉଛନ୍ତି। ଅତିଶୀଘ୍ର ପଣସଡିହା ୧୦ ନମ୍ବର ୱାର୍ଡର ବଲ୍ଲଭ ନାଏକଙ୍କୁ ଆବାସ ଗୃହ ପ୍ରଦାନ ସହିତ ଘଣଘଣୀ ସାହି ବାସିନ୍ଦାଙ୍କ ଦାବୀ ପୂରଣ କରିବାପାଇଁ ରଞ୍ଜନ ବେହେରା, ନନ୍ଦ କିଶୋର ବାରିକ, କୁନି ସେଠୀ ଓ ଅନ୍ୟମାନେ ଦାବି କରିଛନ୍ତି ।

ବାଛୁରୀପଡ଼ା କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବାରିପଦା(ଅମୃତମିଡିଆ): ବେତନଟୀ ବ୍ଲକ, ପୁରୁଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାଛୁରୀପଡା କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବାଉଁଶବାଗାନ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଜନ୍ମେଜୟ ସ୍ୱାଇଁ ଓ ବାଛୁରୀପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁପ୍ରଭା ମଞ୍ଜରୀ ପରିଡାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୁରୁଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା ଦାସ ପୌରହିତ୍ୟ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଦେ ମୁଖ୍ୟଅତିଥି, ବାଉଁଶବାଗାନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଧଳ ମୁଖ୍ୟବକ୍ତା, ସିଆରସିସି ରାଜେଶ କୁମାର ସାହୁ ଓ କବୟିତ୍ରୀ ତୃପ୍ତି ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ ଓ ଶିକ୍ଷକ ପରେଶ କୁମାର ପାଣି ବେଦମନ୍ତ୍ର ପାଠ କରିଥିଲେ । ଶିକ୍ଷକ ବିଶ୍ୱଜିତ ବେହେରା, ଶିକ୍ଷୟିତ୍ରୀ ଅନୁପୂର୍ଣ୍ଣା ଦାଶବାବୁ ଓ ଶିକ୍ଷକ ରବୀନ୍ଦ୍ର କୁମାର ରାଉତ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ ଅତନୁ କୁମାର ପଣ୍ଡା, ଚିତ୍ତରଞ୍ଜନ ସାହୁ, କୃତିବାସ ପଢ଼ିଆରୀ, ବୀରଭଦ୍ର ମହାନ୍ତ, ଝରଣା ଦାଶ, ଉମ୍ବରୁଧର ମହାନ୍ତ, ମମତା ମହାନ୍ତି, ବର୍ଷା ପ୍ରିୟଦର୍ଶିନୀ ଦାସ, ମମତାବାଳା ଜେନା, କମଳପ୍ରଭା ଜିତବାବୁ, ସୁରମା ପାଣିଗ୍ରାହୀ ଓ ମମତା ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ

ପଲ୍ଲୀ ପ୍ରଦୀପ ଅନ୍ତର୍ଯ୍ୟାମୀ ବେହେରାଙ୍କ ବିଂଶତିତମ ଶ୍ରାଦ୍ଧ ବାର୍ଷିକ ପାଳିତ

ବାରିପଦା /ଉଦଳା(ଅମୃତମିଡିଆ): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ କୁଶଳଦା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା କୁଶଳଦା ହାଇସ୍କୁଲର ପ୍ରାଣ ପ୍ରତିଷ୍ଠାତା ପଲ୍ଲୀ ପ୍ରଦୀପ ଅନ୍ତର୍ଯ୍ୟାମୀ ବେହେରା 'ବାବୁ'ଙ୍କର ବିଂଶତିତମ ଶ୍ରାଦ୍ଧ ଦିବସ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ, ଅନ୍ତର୍ଯ୍ୟାମୀ ବେହେରା ମେମୋରିୟାଲ ଟ୍ରଷ୍ଟ ଓ ରିଡ୍‌ସ, ବାଲେଶ୍ୱର ତରଫରୁ ମିଳିତ ଭାବରେ ପାଳିତ ହୋଇ ଯାଇଛି । ସ୍ୱର୍ଗୀୟ ବେହେରାଙ୍କର କୁଶଳଦାସ୍ଥ ବାସଭବନ ପରିସରେ ଏହା ଆୟୋଜିତ ହୋଇଥିବା ବେଳେ ଛାତ୍ର ସଂଘର କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ ସନାତନ ଜେନାଙ୍କ ଅଧ୍ୟକ୍ଷତା ଓ ପୁରାତନ ଛାତ୍ର ସଂଘର ସଂପାଦକ ରବିକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତ

ଚାକିରି କରାଇଦେବା ନାଁ ରେ ଠକେଇ ଘଟଣାରେ ୪ ଗିରଫ

ଛତ୍ରପୁର (ଅମୃତ ମିଡିଆ): ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ଲୁଟ ଘଟଣାରେ ୪ ଜଣଙ୍କୁ ଗିରଫ୍ କରିଛି ଛତ୍ରପୁର ଥାନା ପୋଲିସ୍ । ଗିରଫ୍ ଅଭିଯୁକ୍ତ ମାନେ ହେଲେ ଛତ୍ରପୁର ଥାନା ଅନ୍ତର୍ଗତ ପୁରୁଣା ଛତ୍ରପୁର ଗ୍ରାମର ବିଷ୍ଣୁ ପ୍ରିୟା ବେହେରା, କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ପାଇକ ଜମୁନା ଗ୍ରାମର ନାରାୟଣ ସେଠୀ ଓ ତାଙ୍କ ସ୍ତ୍ରୀ ଦୀପା ବେହେରା ଓ ଗଞ୍ଜାମ ଥାନା ଅନ୍ତର୍ଗତ ଅଗଷ୍ଟି ନୂଆଗାଁ ଗ୍ରାମର ସୁନୀତା ଦାସ । ଗତ ବୁଧବାର ସନ୍ଧ୍ୟାରେ ଛତ୍ରପୁର ସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଚାକିରି ପାଇଁ ନିଯୁକ୍ତିମେଳା ତଥା ଇଣ୍ଟରଭ୍ୟୁ ଚାଲିଥିବା ବେଳେ ଠକେଇ ହେଉଥିବା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ପ୍ରାୟ ୧ ବର୍ଷ ଧରି ଅଭିଯୁକ୍ତ ମାନେ ଏପରି ଜିଲ୍ଲାର ବିଭିନ୍ନ ସ୍ଥାନରୁ ଯୁବକ ଯୁବତୀ ମାନଙ୍କୁ ଚାକିରିର ପ୍ରଲୋଭନ ଦେଖାଇ ଟଙ୍କା ଲୁଟ କରୁଥିଲେ । ଗତ ବୁଧବାର ଦିନ ଫେକ ଇଣ୍ଟରଭ୍ୟୁ ତଥା ନିଯୁକ୍ତି ମେଳା ଚାଲିଥିବା ବେଳେ ପ୍ରାର୍ଥୀ ମାନଙ୍କୁ ବାରମ୍ବାର ଟଙ୍କା ମାଗିବାରୁ ପ୍ରାର୍ଥୀ ମାନେ ପୋଲିସ୍ କୁ ଖବର ଦେଇଥିଲେ । ଘଟଣା ସ୍ଥଳରୁ ମୁଖ୍ୟ ଅଭିଯୁକ୍ତ

ଫେରାର ଥିବା ବେଳେ ୩ ଜଣ ମଧ୍ୟସ୍ଥିଙ୍କୁ ଛତ୍ରପୁର ଏକାମ୍ର ନଗର ସ୍ଥିତ ଏକ ଭଡା ଘରୁ ଟେଇ ଥାନାରେ ଅଟକ ରଖି ପୋଲିସ୍ ତଦନ୍ତ ଚଳାଇଥିଲା । ଏନେଇ ଛତ୍ରପୁର ର ଇମ୍ରାନ ଖାନ ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ଛତ୍ରପୁର ଥାନା ପୋଲିସ୍ ୪୨୦ ନୟରରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଘଟଣାରେ ସମ୍ପୃକ୍ତ ମୁଖୟ ଅଭିଯୁକ୍ତ ସମେତ ୪ ଜଣଙ୍କୁ ପୋଲିସ୍ ଗିରଫ୍ କରି କୋର୍ଟ ଚାଲାଣ କରିଛି । ସେମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ ବୋଲି ଛତ୍ରପୁର ଥାଧିକାରୀ ସବ୍ୟସାଚୀ ମଲ୍ଲ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅଭୀଯୁକ୍ତ ମାନଙ୍କ ଠାରୁ ଫେକ୍ ନିଯୁକ୍ତି ପତ୍ର, ଆଇଡିକାର୍ଡ, ଏକ ବାଇକ, ୨୫ ହଜାର ଟଙ୍କା ଓ ୩ ଟି ମୋବାଇଲକୁ ପୋଲିସ୍ ଜବତ କରିଛି ।

ହାତୀଓଟ ଏମଏସ୍ଏସ୍ବିଏମ୍‌ରେ ବିଜ୍ଞାନ ମେଳା

ପୋଲସରା (ଅମୃତ ମିଡିଆ): ପୋଲସରା ହାତୀଓଟ ପଞ୍ଚାୟତ ସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଜ୍ଞାନ ବିଜ୍ଞାନ ମେଳାରେ ତିନିଟି ବିଭାଗରୁ ମୋଟ ୨୩ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ବାଳକ ବାଳିକା ମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ମେଳାକୁ ଅନୁଷ୍ଠାନର ପରିଚାଳନା କମିଟି ଉପସଭାପତି ସନ୍ତୋଷ କୁମାର ପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭ ଉଦଘାଟନ କରିବା ସହିତ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେବାସହ ପ୍ରତିଯୋଗୀମାନଙ୍କ ସଫଳତା ଶୁଭକାମନା କରିଥିଲେ । ପରେ ପ୍ରଦର୍ଶନୀ ମେଳା ସମାପ୍ତ ପରେ ଅନୁଷ୍ଠାନର ସୁଜାତା, ରମାଦେବୀ ଓ ଶୁଭଲକ୍ଷ୍ମୀ ଗୁରୁମାମାନଙ୍କ ଦ୍ୱାରା ପ୍ରକଳ୍ପ ଗୁଡ଼ିକର ପରିଦର୍ଶନ ସ୍ୱରୂପ ମୂଲ୍ୟାୟନ କରିଥିଲେ । ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୈଠକରେ 'କ' ବିଭାଗରୁ ହରପ୍ରିୟା ପ୍ରଧାନ ପ୍ରଥମ ସ୍ଥାନ, ଶୋହନ ଶେଖର ସାହୁ ଦ୍ୱିତୀୟ ସ୍ଥାନ

ଓ ଦିବ୍ୟାଂଶୀ ପାଢ଼ୀ ତୃତୀୟ ସ୍ଥାନ ଏବଂ 'ଖ' ବିଭାଗରୁ ପ୍ରିୟଳ ସ୍ୱାଇଁ ପ୍ରଥମ ସ୍ଥାନ, ପ୍ରିୟାଲି ସାହୁ ୨ୟ ସ୍ଥାନ ଓ ପ୍ରିୟାଂଶୁ ଶେଖର ପାଢ଼ୀ ୩ୟ ସ୍ଥାନ ଏବଂ 'ଗ' ବିଭାଗରୁ ଅର୍ପିତା ପାତ୍ର ୧ମ, ପ୍ରିୟାଂଶୀ ପ୍ରିୟଦର୍ଶିନୀ ସାହୁ ୨ୟ ଓ ପ୍ରିୟାରାଣୀ ପଣ୍ଡା ୩ୟ ସ୍ଥାନ ଅଧିକାର କରି ପୋଲସରା ପୌରପରିଷଦ କଲେଜ ତୋଟାସାହି ସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟା ଭବନରେ ଆଗାମୀ ଦିନରେ ହେବାକୁ ଥିବା ବ୍ଲକ୍ ସ୍ତରୀୟ ବିଜ୍ଞାନ ମେଳାରେ ଯୋଗଦେବାକୁ ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ଫକ୍ଷରୁ ପୁରସ୍କୃତ କରାଯାଇଥିଲା । ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ କମିଟି ସମ୍ପାଦକ ସନ୍ତୋଷ କୁମାର ମହାରଣା, ସହ ସମ୍ପାଦକ ଜଗନ୍ନାଥ ସାହୁ ଏବଂ ସମସ୍ତ ଗୁରୁମାମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା ।

ଜନ୍ମାଷ୍ଟମୀରେ ଚାଷୀ ଭାଇଭଉଣୀଙ୍କୁ 'ସିଏମ୍ କିଷାନ' ଉପହାର

ଗଞ୍ଜାମର ୨.୩୯ ଲକ୍ଷ ଚାଷୀ ପରିବାରଙ୍କ ଖାତାକୁ ଗଲା ୪୮.୨୧ କୋଟି ଟଙ୍କା

ଛତ୍ରପୁର (ଅମୃତ ମିଡିଆ): ପବିତ୍ର ଜନ୍ମାଷ୍ଟମୀ ଅବସରରେ ରାଜ୍ୟ ତଥା ଗଞ୍ଜାମ ଜିଲ୍ଲାର ଅନ୍ନଦାତା ଚାଷୀ ପରିବାରଙ୍କୁ ମିଳିଛି ଆର୍ଥିକ ସହାୟତା । 'ମୁଖ୍ୟମନ୍ତ୍ରୀ କିଷାନ ସମ୍ମାନ ନିଧି' ଯୋଜନାର ୨୪ତମ କିସ୍ତିରେ ଜିଲ୍ଲାର ୨ ଲକ୍ଷ ୩୯ ହଜାର ୨୨୨ ଚାଷୀ ପରିବାରଙ୍କୁ ମୋଟ ୪୮ କୋଟି ୨୧ ଲକ୍ଷ ୧୮ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସିଂ ଜରିଆରେ ସହାୟତା ବଣ୍ଟନର ଶୁଭାରମ୍ଭ କରିଥିଲେ । ଡିବିଟି ମାଧ୍ୟମରେ ସହାୟତା ରାଶି ସିଧାସଳଖ ଚାଷୀଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ଖାତାକୁ ପଠାଯାଇଛି । ଏହି ଅବସରରେ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲ୍ଲା ପରିଷଦର ରଖିକୁଲ୍ୟା ସଙ୍ଗିଜନୀ କକ୍ଷରେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଅନ୍ନଦାତା ଚାଷୀ ଭାଇ ଓ ଭଉଣୀଙ୍କ କଲ୍ୟାଣ ଓ ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ୀକରଣକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । 'ଜୟ ଯବାନ, ଜୟ କିଷାନ'ର ଆଦର୍ଶକୁ ଆଗେଇ ନେଇ ଚାଷୀଙ୍କ ଆୟ ବୃଦ୍ଧି ଓ ଆତ୍ମନିର୍ଭରଶୀଳତା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଚାଷୀଙ୍କ ପାଇଁ ଧାନର ଏମ୍ ?ଏସ୍ ?ପି ଉପରେ ମିଳୁଥିବା ୮୦୦ ଟଙ୍କା ଇନପୁଟ୍ ସହାୟତା ସମେତ ବିଭିନ୍ନ କୃଷକକଲ୍ୟାଣ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏହି ସହାୟତା ଚାଷୀଙ୍କ ଆର୍ଥିକ ସ୍ଥିତିକୁ ମଜବୁତ କରିବା ସହ ଚାଷ କାର୍ଯ୍ୟକୁ ଅଧିକ ସୁଦୃଢ଼ କରୁଛି ବୋଲି ସେ କହିଥିଲେ ।

ଗଞ୍ଜାମ ଜିଲ୍ଲାପାଳ ଭି. କାର୍ତ୍ତି ଭାସନ ଚାଷୀଙ୍କ ଅକ୍ଲାନ୍ତ ପରିଶ୍ରମକୁ ସାଧୁବାଦ ଜଣାଇବା ସହ କହିଥିଲେ ଯେ, 'ସିଏମ୍ କିଷାନ' ଯୋଜନାରୁ ଚାଷୀମାନେ ବାର୍ଷିକ ୪,୦୦୦ ଟଙ୍କା ଏବଂ 'ପିଏମ୍ କିଷାନ' ଯୋଜନାରୁ ୬,୦୦୦ ଟଙ୍କା, ଅର୍ଥାତ୍ ମୋଟ ୧୦,୦୦୦ ଟଙ୍କାର ସହାୟତା ପାଉଛନ୍ତି । ଏହା କୃଷି ଉପକରଣ କ୍ରୟ ସହ ଚାଷ କାର୍ଯ୍ୟରେ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛି ।

ଚଳିତ ରବି ଋତୁ ପାଇଁ ଜିଲ୍ଲାର ୨,୩୯,୨୨୨ ଚାଷୀ ପରିବାରଙ୍କୁ ମୋଟ ୪୮ କୋଟି ୨୧ ଲକ୍ଷ ୧୮ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏଥିମଧ୍ୟରୁ ୨,୩୭,୪୯୭ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାରଙ୍କୁ ୪୭ କୋଟି ୪୯ ଲକ୍ଷ ୯୪ ହଜାର ଟଙ୍କା ଏବଂ ୧,୭୨୫ ଜଣ ଭୂମିହୀନ କୃଷି ପରିବାରଙ୍କୁ ଜୀବିକା ନିର୍ବାହ ନିମନ୍ତେ ୭୧ ଲକ୍ଷ ୨୪ ହଜାର ଟଙ୍କା ପ୍ରଦାନ କରାଯାଇଛି । ସମାରୋହରେ ପ୍ରତୀକାତ୍ମକ ଭାବେ ରଙ୍ଗାଇଲୁଣ୍ଡା ବ୍ଲକର ଯୁଧିଷ୍ଠିର ବେହେରା, ଛତ୍ରପୁର ବ୍ଲକର ଦୁର୍ଯ୍ୟୋଧନ ପ୍ରଧାନ, ଗଞ୍ଜାମ ବ୍ଲକର ବାସୀ ଦାସ ଓ ବିଶ୍ୱମ୍ଭର ପ୍ରଧାନ ଏବଂ ପୁରୁଷୋତ୍ତମପୁର ବ୍ଲକର ରଞ୍ଜନ କୁମାର ବେହେରାଙ୍କୁ ଅତିଥିମାନେ ଚେକ୍ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ନାଥଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ ।

ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ

ବ୍ରହ୍ମପୁର (ଅମୃତ ମିଡିଆ): ସ୍ଥାନୀୟ ପ୍ରହଲ୍ଲାଦ ନଗର ମାଳୁଆଣୀ ମନ୍ଦିର ନିକଟରେ ଅବସ୍ଥିତ ମା' ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ମହାସମାରୋହରେ ପାଳନ ହୋଇଥିଲା । ସ୍ୱଶକ୍ତି ଜାଗରଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଅଧକ୍ଷ ପୂଜନୀୟ ସଦଗୁରୁ ଶ୍ରୀ କ୍ରୀଷ୍ଣାଭେୟାଜୀ ଏବଂ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ନିଗମାନନ୍ଦ ପଣ୍ଡା ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ । କାର୍ଯ୍ୟକ୍ରମ ର ମୁଖ୍ୟ ଆକର୍ଷକ ପୂଜ୍ୟ ଗୁରୁଦେବ ଶ୍ରୀ କ୍ରୀଷ୍ଣାଭେୟାଜୀ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ଓ ମାତା ଯଶୋଦାଙ୍କ ତ୍ୟାଗ ଉପରେ ଆଲୋକପାତ କରିଥିଲେ । ଯଶୋଦା ର ଅର୍ଥ ବୁଝାଇ କହିଥିଲେ ଯିଏ ଯଶ ଅର୍ଥାତ୍ ଜ୍ଞାନ ଦାନ କରେ ସେ ଯଶୋଦା । ପ୍ରତ୍ୟେକ ଗୁରୁଜୀ ଗୁରୁମା ଜଣେ ଜଣେ ଯଶୋଦା କାରଣ ସେମାନଙ୍କ ପ୍ରଚେଷ୍ଟା ଫଳରେ ଛୋଟ ଛୋଟ ଶିଶୁମାନଙ୍କର ଭବିଷ୍ୟତ ଗଠନ ହୁଏ । ସେହିପରି ନିଗମାନନ୍ଦ ପଣ୍ଡା ମଧ୍ୟ ନିଜ ଶିକ୍ଷକତା ଜୀବନ ଅନୁଭୂତି ଦର୍ଶାଇ କହିଥିଲେ ଶିଶୁ ବାଟିକା ଓ ଶିଶୁ ବୋଧ ପରି କୋମଳମତି ଶିଶୁଙ୍କୁ ଶିକ୍ଷା ଦେବା ହେଉଛି

ଶିକ୍ଷା ଜୀବନରେ ଶ୍ରେଷ୍ଠ ଅବଦାନ । ଅନିଲ କୁମାର ଚୌଧୁରୀଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସ୍ୱଶକ୍ତି ଜାଗରଣ ସେବା ଟ୍ରଷ୍ଟ ର ବରିଷ୍ଠ ସଦସ୍ୟ ସମାଜସେବୀ ସନ୍ତୋଷ କୁମାର ମହାନ୍ତି, ଦ୍ୱାରିକା ପ୍ରସାଦ ମହାନ୍ତି, କୋଷାଧ୍ୟକ୍ଷ ସାଇ ପ୍ରସାଦ ପାତ୍ରୁ, ସତ୍ୟନାରାୟଣ ପାତ୍ର, ଆଇନଜୀବୀ ଦିଲ୍ଲୀପ କୁମାର ଷଡଙ୍ଗୀ,ଲଳିତ ମହାରଣା ଏବଂ ବିଦ୍ୟାଳୟର ପ୍ରତିଷ୍ଠାତା ସାମ୍ବାଦିକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ । କୁନିକୁନି ପିଲାମାନେ ରାଧା, କୃଷ୍ଣ ଏବଂ ଅନ୍ୟାନ୍ୟ ବେଶ ପରିଧାନ ସହ ସେମାନଙ୍କ ରଙ୍ଗାରଙ୍ଗ ନାଚଗୀତ ସମସ୍ତଙ୍କ ମନ ମୋହିତ କରିଥିଲା । ଶେଷରେ ପୂଜ୍ୟ ଗୁରୁଦେବ ଶ୍ରୀକ୍ରୀଷ୍ଣା ଭେୟାଜୀଙ୍କ ତରଫରୁ ସମସ୍ତ ଛାତ୍ର ଛାତ୍ରୀଙ୍କୁ ନୂତନ ପୋଷାକ ବଣ୍ଟନ କରାଯାଇଥିଲା । ଏଥିରେ ସ୍ୱଶକ୍ତି ଜାଗରଣ ସେବା ଟ୍ରଷ୍ଟ ର ସଦସ୍ୟ ଶ୍ରୀହରି ଦାସ, ଦୀପକ କୁମାର ପାଣିଗ୍ରାହୀ, ଚନ୍ଦନ ସାହୁ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ ସହାୟକ ଉପସ୍ଥିତ ରହି ସୁନ୍ଦର ଭାବରେ ପରିଚାଳନା କରିଥିଲେ ।

ଦୂରଶିକ୍ଷା ପାଇଁ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟକୁ ଅନୁମତି

ପାଟଣା (ଅମୃତ ମିଡିଆ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରୁ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ଦୂରଶିକ୍ଷାରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଅନୁମତି ମିଳିଛି । ଫଳରେ ଅଞ୍ଚଳର ଛାତ୍ରୀଛାତ୍ର ଘର ପାଖରେ ରହି ଯୁଜି ଓ ପିଜି ପାଠ୍ୟକ୍ରମରେ ନାମ ଲେଖାଇ ପଢ଼ିବା ସହ ପରୀକ୍ଷା ଦେଇପାରିବେ ।

ଏହି ପ୍ରକ୍ରିୟା ପୂର୍ବତନ ଅଧକ୍ଷ ବୀରେନ୍ଦ୍ର କୁମାର ସାହୁଙ୍କ ସମୟରେ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଅଧକ୍ଷ ଜଗନ୍ନାଥ ମହାନ୍ତଙ୍କ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହେଉଛି । ଦୂରଶିକ୍ଷା ସୁବିଧା ମିଳିବା ଦ୍ୱାରା ସ୍ଥାନୀୟ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଅଧକ୍ଷ ମହାନ୍ତ କହିଛନ୍ତି ।

ମନମୋହିଲା ଡି.ଏ.ଭି ବିଦ୍ୟାଳୟର ଭଜନ ସନ୍ଧ୍ୟା

ବ୍ରହ୍ମପୁର (ଅମୃତ ମିଡିଆ): ଡ଼ି.ଏ.ଭି ପବ୍ଲିକ ସ୍କୁଲ ପରିସରରେ ଏକ ମନୋମୁଗ୍ଧକର ତଥା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ 'ଭଜନ ସନ୍ଧ୍ୟା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ଧାରାଶ୍ରୀ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଡି ଏ ଭି ବିଦ୍ୟାଳୟର ପୂର୍ବତନ ଅଧକ୍ଷା ଦୀପ ଗମ୍ଭୀର, ଡି ଏ ଭି, ଛତ୍ରପୁର ବିଦ୍ୟାଳୟର ଅଧକ୍ଷ ଦୁର୍ଗାପ୍ରସାଦ ସାହୁ ଏବଂ ପୂର୍ବତନ ପର୍ଯ୍ୟବେକ୍ଷିକା ଏସ. ସ୍ୱର୍ଣା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

ଏଥିରେ ନର୍ସରୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ଜେଜେବାପା/ଜେଜେ ମାଆ ଭଜନ ପରିବେଷଣ କରିଥିଲେ । ମଧୁର ସଙ୍ଗୀତ ଓ ଭକ୍ତିମୟ ସୁରରେ ସମଗ୍ର ବିଦ୍ୟାଳୟ ପରିସର ଆଧ୍ୟାତ୍ମିକ ଭାବନାରେ ପରିପୂର୍ଣ୍ଣ ହୋଇ ଉଠିଥିଲା । ଏହି ଭଜନ ସନ୍ଧ୍ୟା ଅବସରରେ ନର୍ସରୀଠାରୁ ୟୁ.କେ.ଜି ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା ।

'ଭକ୍ତିରେ ଶାନ୍ତି ଓ ସଙ୍ଗୀତରେ ଏକତା'- ଏହି ବାର୍ତ୍ତା ନେଇ ଆୟୋଜିତ ଭଜନ ସନ୍ଧ୍ୟା ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇଥିଲା । ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ ।

ଶ୍ରୀକୃଷ୍ଣ ମେଳାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉତ୍ସବମୁଖର

ଭଞ୍ଜନଗର (ଅମୃତ ମିଡିଆ): ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ଭଞ୍ଜନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀକୃଷ୍ଣ ମେଳା ଉତ୍ସାହ ଓ ମହାଆନନ୍ଦର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସର ସମ୍ପୂର୍ଣ୍ଣ କୃଷ୍ଣମୟ ହୋଇଉଠିଥିଲା । ମେଳାରେ ମୋଟ ୭୦ ଜଣ ବେଶଧାରୀ ଶିଶୁ ଅଂଶଗ୍ରହଣ କରି ଶ୍ରୀକୃଷ୍ଣଙ୍କ ବିଭିନ୍ନ ଲୀଳା ଓ ଚରିତ୍ରକୁ ଜୀବନ୍ତ କରିଥିଲେ । ଏହାସହ ଶିଶୁମାନଙ୍କ ଦ୍ୱାରା ଗୀତା ପଠନ, ଭାଗବତ ପଠନ, ଦହିହାଣ୍ଡି ଭଙ୍ଗା ଓ ୪ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ଅଧିକ ଆନନ୍ଦ ଓ ଭାବମୟ କରିଥିଲା ।

କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡକ୍ଟର କମ୍ବୁପାଣି ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀକୃଷ୍ଣ ମେଳାର ତାତ୍ପର୍ଯ୍ୟ ଓ ଶ୍ରୀକୃଷ୍ଣଙ୍କ ଜୀବନାଦର୍ଶ ସମ୍ପର୍କରେ ମୂଲ୍ୟବାନ ବୌଦ୍ଧିକ ତଥ୍ୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଗଙ୍ଗାଧର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ରଶ୍ମିତା ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟ ଉତ୍ତମ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ଭଉଣୀଭାଇଙ୍କୁ ମାଡ଼ମାରି ସୁନା ଅଳଙ୍କାର ଲୁଟ୍ ଘଟଣା...

୩ ବର୍ଷ ପରେ ଜେଲ ଗଲା ଅଭିଯୁକ୍ତ

ଦିଗପହଣ୍ଡି (ଅମୃତ ମିଡିଆ): ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଧିନରେ ଘଟିଥିଲା ଏକ ଡକାୟତି ଘଟଣା । ଏହି ଥାନା ଅନ୍ତର୍ଗତ କଙ୍କଆ ଗ୍ରାମ ନିକଟ ଗ୍ରାମବିକାଶ ହାଇସ୍କୁଲ ହଷ୍ଟେଲରୁ ବ୍ରହ୍ମପୁର ଅଭିମୁଖେ ସ୍କୁଟିରେ ଫେରୁଥିବା ବ୍ରହ୍ମପୁର ବାପୁଜୀ ନଗର ୪ର୍ଥ ଲେନରେ ରହୁଥିବା ଗଜପତି ଜିଲା ରାମଗିରି ଥାନା ବଲାଡ଼ି ଗ୍ରାମର ସୁଭ୍ରତାରାଣୀ ପ୍ରଧାନ, ତାଙ୍କ ଭାଇ ଜ୍ଞାନଜୟ ପ୍ରଧାନ,ସମ୍ପର୍କୀୟ ଭଉଣୀ ସନ୍ତୋଶୀ ପ୍ରଧାନଙ୍କୁ ଗତ ୨୦

॥ ୧୫୭ ଦିନର ନୀରବ ସତ୍ୟାଗ୍ରହ ପଦଯାତ୍ରା ॥

ଦର୍ଶନ ଅଧିକାର ପାଇଁ ସତ୍ୟ, ଅହିଂସା ଓ ସଂକଳ୍ପର ଯାତ୍ରା

ପୁରୀ (ବ୍ୟୁରୋ): ଆଜି ପବିତ୍ର ଜନ୍ମାଷ୍ଟମୀ। ଧର୍ମର ସୁରକ୍ଷା, ସତ୍ୟର ପ୍ରତିଷ୍ଠା ଓ ଅନ୍ୟାୟ ବିରୋଧରେ ନ୍ୟାୟର ପଥରେ ଅଟଳ ରହିବାର ପ୍ରେରଣା ଦେଇଥିବା ଏହି ପବିତ୍ର ଦିନରେ ମଧ୍ୟ ଥମିନାହିଁ ପୁରୀବାସୀଙ୍କ ସତ୍ୟାଗ୍ରହ। ଆଜି ଏହି ଅହିଂସାମୂଳକ ପଦଯାତ୍ରା ୧୫୭ତମ ଦିନରେ ପହଞ୍ଚିଛି । ୧୫୭ ଦିନ ଧରି ଗୋଟିଏ ଦାବି, ଗୋଟିଏ ସ୍ୱର ଓ ଗୋଟିଏ ସଂକଳ୍ପ—ପୁରୀବାସୀଙ୍କ ପାଇଁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର, ସ୍ଥାୟୀ ଓ ସମ୍ମାନଜନକ ବ୍ୟବସ୍ଥା।ଗତ ଉତ୍କଳ ଦିବସ, ୧ ଏପ୍ରିଲରୁ ବଳକଣ୍ଠିସ୍ଥିତ ଭକ୍ତ ସାଲବେଗ ପାଠରୁ ଆରମ୍ଭ ହୋଇଥିବା ଏହି ସଚେତନତା ପଦଯାତ୍ରା ଆଜି ୧୫୭ ଦିନ ଅତିକ୍ରମ କରିଛି। ଦିନ ପରେ ଦିନ ବିତିଛି, ପରିସ୍ଥିତି ବଦଳିଛି, କିନ୍ତୁ ପୁରୀବାସୀଙ୍କ ଦାବି ଓ ସଂକଳ୍ପରେ କୌଣସି ପରିବର୍ତ୍ତନ ଆସିନାହିଁ।ପବିତ୍ର ଜନ୍ମାଷ୍ଟମୀ ଅବସରରେ ଆଜି ସତ୍ୟାଗ୍ରହୀ ପଦଯାତ୍ରୀମାନେ ପୁଣି ଭକ୍ତ ସାଲବେଗ ପୀଠରେ ଏକତ୍ରିତ ହୋଇଥିଲେ। ଶାନ୍ତି ଓ ଅହିଂସାର ବାର୍ତ୍ତା ନେଇ ଶ୍ରୀମନ୍ଦିର ଅଭିମୁଖେ ପଦଯାତ୍ରା କରିଥିଲେ। ଶ୍ରୀମନ୍ଦିର ନିକଟରେ ପହଞ୍ଚି ପତିତପାବନଙ୍କ ଦର୍ଶନ କରିବା ସହ ପୁରୀବାସୀଙ୍କ ନ୍ୟାୟସଙ୍ଗତ ଦାବି ଶୀଘ୍ର ପୂରଣ ହେଉ ଏବଂ ପୂର୍ବପରି ସମ୍ମାନଜନକ ଦର୍ଶନ ବ୍ୟବସ୍ଥା ଫେରିଆସୁ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସତ୍ୟାଗ୍ରହୀମାନଙ୍କ କହିବା କଥା, ଏହା କୌଣସି ସୁବିଧା ପାଇବାର ଦାବି ନୁହେଁ; ଏହା ପୁରୀବାସୀଙ୍କ ଦୀର୍ଘଦିନର ଧାର୍ମିକ ପରମ୍ପରା, ଆସ୍ଥା, ସ୍ୱାଭିମାନ ଓ ଅଧିକାର ସହ ଜଡ଼ିତ ପ୍ରଶ୍ନ। ତେଣୁ ସମାଧାନ ମଧ୍ୟ ସାମୟିକ ନୁହେଁ, ସ୍ଥାୟୀ ଓ ସମ୍ମାନଜନକ ହେବା ଆବଶ୍ୟକ।ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି ଯେ, ୧୫୭ ଦିନର ଏହି ଯାତ୍ରା ପୁରୀବାସୀଙ୍କ ଦୃଢ଼ ମନୋବଳର ପ୍ରମାଣ। ଆନ୍ଦୋଳନର ମାର୍ଗ ଶାନ୍ତିପୂର୍ଣ୍ଣ, କିନ୍ତୁ ଦାବି ପ୍ରତି ସଂକଳ୍ପ ଅଟଳ। ଏହା କୌଣସି ଦଳ, ବ୍ୟକ୍ତି କିମ୍ବା ସରକାର ବିରୋଧୀ ଆନ୍ଦୋଳନ ନୁହେଁ , ଏହା ପୁରୀବାସୀଙ୍କ ଅଧିକାର ଓ ଭାବନା ପାଇଁ ଏକ ଗଣତାନ୍ତ୍ରିକ ଓ ଅହିଂସାମୂଳକ ପ୍ରୟାସ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ପଦଯାତ୍ରା ବନ୍ଦ ହେବ ନାହିଁ।ଶୁକ୍ରବାର ଏହି ସଚେତନତା ସତ୍ୟାଗ୍ରହ ପଦଯାତ୍ରାରେ ସର୍ବଶ୍ରୀ ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ଜଗଦାନନ୍ଦ ରାୟ, ଜୁପିଟର ଦାସ, ଲିଙ୍ଗରାଜ ସାହୁ, ଅରୁଣା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ମନୀଷା ପାତ୍ର, ସାଳିନୀ ପ୍ରଧାନ, ତ୍ରିଶା ରାଣୀ, ସାଗରିକା ମଲ୍ଲିକ, ଦୀପା ବେହେରା, ମମତା ସ୍ୱାଇଁ, ମନୋରଞ୍ଜନ ରଣସିଂହ, ଶିଶିରକାନ୍ତ ଶତପଥୀ, ସନ୍ତୋଷ ସେନାପତି, ବାପିନା ସାମନ୍ତରାୟ, କାଶୀନାଥ ସାହୁ ଓ ମାନସ ପଟ୍ଟନାୟକ ସମେତ ବହୁ ସତ୍ୟାଗ୍ରହୀ ସାମିଲ ହୋଇଥିଲେ।ପବିତ୍ର ଜନ୍ମାଷ୍ଟମୀ ଆମକୁ ସତ୍ୟ, ଧର୍ମ ଓ ନ୍ୟାୟର ପଥରେ ଅଟଳ ରହିବାର ପ୍ରେରଣା ଦିଏ। ସେହି ପବିତ୍ର ଭାବନାରେ ଆଜି ୧୫୭ ଦିନର ସତ୍ୟାଗ୍ରହ ପୁଣି ଦୃଢ଼ ସ୍ୱରରେ କହୁଛି ଦାବି ନମାନିବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଚାଲିବ। ଅହିଂସାର ପଥରୁ ଆମେ ହଟିବୁ ନାହିଁ। ପୁରୀବାସୀଙ୍କ ସମ୍ମାନଜନକ ଦର୍ଶନ ଅଧିକାର ନିଶ୍ଚିତ ନହେବା ପର୍ଯ୍ୟନ୍ତ ଏହି ସଂଘର୍ଷ ଥମିବ ନାହିଁ। ୧୫୭ ଦିନର ପଦଯାତ୍ରା ଏହା କେବଳ ଏକ ଆନ୍ଦୋଳନ ନୁହେଁ, ଏହା ପୁରୀବାସୀଙ୍କ ସ୍ୱାଭିମାନର ସ୍ୱର। ସତ୍ୟର ବିଜୟ ହେଉ। ଅହିଂସାର ବିଜୟ ହେଉ। ପୁରୀବାସୀଙ୍କ ନ୍ୟାୟସଙ୍ଗତ ଅଧିକାରର ବିଜୟ ହେଉ।

ବିଭିନ୍ନ ସ୍କୁଲରେ ଜନ୍ମାଷ୍ଟମୀ ଉତ୍ସବ

ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଘୋଡ଼ାବଜାର, ପୁରୀ ପରିସରରେ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଅଛି । ଶ୍ରୀକୃଷ୍ଣଙ୍କ ପବିତ୍ର ଜନ୍ମ ପର୍ବରେ ମୁଖ୍ୟ ଅତିଥି ତଥା ସୁପ୍ରବଚକ ସମ୍ମାନନୀୟ ପ୍ରମୋଦ କୁମାର ଦଳେଇ (ବରିଷ୍ଠ ଅଧ୍ୟାପକ) ଯୋଗ ଦେଇ ଶ୍ରୀକୃଷ୍ଣ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଭାଗବତ ପାଠ ଓ ପୂଜାର୍ଚ୍ଚନା କରିଥିଲେ । ବିଦ୍ୟାଳୟରେ ପଢୁଥିବା କୁନି କୁନି ଭାଇ ଓ ଭଉଣୀ ସହ ପଢା ଆରମ୍ଭ କରିବାକୁ ଯାଉଥିବା ପ୍ରାୟ ୮୦ଜଣ ଶିଶୁ ଭାଇ-ଭଉଣୀ କୃଷ୍ଣ ଓ ରାଧାରାଣୀ ବେଶରେ ସୁସଜ୍ଜିତ ଦୋଳିରେ ଝୁଲି ଥିଲେ । ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଶ୍ରୀକୃଷ୍ଣଙ୍କ ଜୀବନ ଚରିତ୍ର ବିଷୟରେ ସଂକ୍ଷେପରେ ବର୍ଣ୍ଣନା କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପ୍ରଧାନ ମଂଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ଅଦ୍ୟ ଦିବସର ଆଭିମୁଖ୍ୟ କଥନ ପ୍ରଦାନ କରିଥିଲେ । ସ୍ଥାନୀୟ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡଃ ଅଭିମନ୍ୟୁ ଭୂୟାଁ ଆଶୀର୍ବଚନ ପ୍ରଦାନ କରିଥିଲେ । ଶ୍ରୀକୃଷ୍ଣ ବେଶଧାରୀ କୁନି କୁନି ଶିଶୁ ଭାଇଭାଉଣୀମାନଙ୍କୁ ସେମାନଙ୍କ ପିତା ମାତା ଗୁରୁଜୀ ଗୁରୁମା ତଥା ସ୍ଥାନୀୟ ପରିଚାଳନା ସମିତିର ସମସ୍ତ ସଦସ୍ୟ ବୃନ୍ଦଙ୍କ ଦ୍ୱାରା ହଳଦୀ ପାଣିରେ ପଦ ପ୍ରକ୍ଷାଳନ କରି ବନ୍ଦାପନା କରିବା ସହିତ ସେମାନଙ୍କର ଆଗାମୀ ଭବିଷ୍ୟତ ସମୃଦ୍ଧମୟ ତଥା ନିରାମୟ ହେଉ ବୋଲି ବାଳକୃଷ୍ଣଙ୍କ ନିକଟରେ ଆଶିଷ ଭିକ୍ଷା କରିଥିଲେ । ସେହି ଶିଶୁମାନଙ୍କୁ ପେଡା ଓ ମିଷ୍ଟାନ୍ନ ଖୁଆଇ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ଅରବିନ୍ଦ ଶତପଥୀ ସମେତ ସମସ୍ତ ସଦସ୍ୟ ସଦସ୍ୟା ବୃନ୍ଦ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନନୀୟ ଶ୍ରୀଯୁକ୍ତ ଅରବିନ୍ଦ ଦାସ ଶିଶୁମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଶେଷରେ ସ୍ଥାନୀୟ ପରିଚାଳନା ସମିତିର ସମ୍ପାଦକ ଶ୍ରୀଯୁକ୍ତ ଅରବିନ୍ଦ ଶତପଥୀ ଆଜିର କାର୍ଯ୍ୟକ୍ରମର ଧନ୍ୟବାଦ ଅର୍ପଣ କରିଥିଲେ ।

ମଧୁବନ ସରସ୍ୱତୀ ଶିଶୁ ମନ୍ଦିର: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୁରୀ ସ୍ଥିତ ବୌଦ୍ଧିକ ମଣ୍ଡପରେ ଖୁବ୍ ଆଡମ୍ବରରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଅଛି । ଭକ୍ତ ଉତ୍ସବର ମୁଖ୍ୟ ଅତିଥି ତଥା ପ୍ରବଚକ ସୁଶାନ୍ତ କୁମାର ନାୟକ ମହୋଦୟଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ମାନନୀୟ ଶ୍ରୀଯୁକ୍ତ ରତ୍ନାକର ସାହୁ ମହୋଦୟ, ଉପସଭାପତି ମାନନୀୟ ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ସାହୁ ମହୋଦୟ,ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ସରୋଜ କୁମାର ସେଠୀ ମହୋଦୟ, ସଭ୍ୟା ମାନନୀୟା ଶ୍ରୀମତୀ ନିବେଦିତା ସହ ମ ହୋ ଦ ୟ , ବିଦ୍ୟାଳୟର ସହ-ପ୍ରଧାନ ଆଚାର୍ଯ୍ୟ ମାନନୀୟ ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ପାଣି ମହୋଦୟ ମଂଚାସୀନ ଅତିଥିରୂପେ ଯୋଗଦେଇଥିଲେ ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ବରିଷ୍ଠା ଆଚାର୍ଯ୍ୟ ଶ୍ରୀମତୀ ନମିତାରାଣୀ ମିଶ୍ର ଓ ସୁହାନୀ ସେଠୀ ଗୁରୁମାଙ୍କ ଦ୍ୱାରା ପବିତ୍ର ଭାଗବତ ପଠନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସମ୍ବନ୍ଧନା କରିଥିଲେ । ଏହି ଅବସରରେ ଜନ୍ମାଷ୍ଟମୀର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । କୁନି କୁନି ଶିଶୁ ଭାଇ । ଭଉଣୀ ମାନେ ରାଧା ଓ କୃଷ୍ଣ ବେଶରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ । ଏହା ପରେ କୃଷ୍ଣ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ବରିଷ୍ଠା ଆଚାର୍ଯ୍ୟା ମାନନୀୟା ଶ୍ରୀମତୀ ନମିତାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ଶିଶୁ ଭାଇ/ ଭଉଣୀ ମାନଙ୍କୁ ପ୍ରସାଦ ବଂଟନ କରାଯାଇ ପରେ ଶାନ୍ତିମନ୍ତ୍ର ଦ୍ୱାରା ସଭାସାଙ୍ଗ କରାଯାଇଥିଲା ।

ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ମନ୍ଦିର: ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ମନ୍ଦିର ରେ ଜନ୍ମାଷ୍ଟମୀ ଉତ୍ସବ ମହା ଉଲ୍ଲାସ ମଧ୍ୟରେ ରେ ପାଳନ କରାଯାଇଛି ଓ ଗୋବିନ୍ଦ ଜି ଗୌଡ଼ୀୟ ମଠ ର ମଠାଧିଶ ଶ୍ରୀ ପାଦ ସନାତନ ଦାସ ଉତ୍ସବ କୁ ପ୍ରଦୀପ ଜାଳି ଶୁଭାରମ୍ଭ କରିଥିଲେ ଓ ପ୍ରାରମ୍ଭ ରେ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଉତ୍ସବ ର ଆଭିମୁଖ୍ୟ ପ୍ରଦାନ କରିଥିଲେ ଓ ବିଦ୍ୟାଳୟ ପରିସର ରେ ବରିଷ୍ଠ ଆଚାର୍ଯ୍ୟ ରତ୍ନାକର ମହାପାତ୍ର ଶ୍ରୀକୃଷ୍ଣ ଜନ୍ମ ଭାଗବତ ପାଠ କରିଥିଲେ ଓ ମୁଖ୍ୟ ଅତିଥି ଶ୍ରୀକୃଷ୍ଣ ଜନ୍ମବୃତ୍ତାନ୍ତ ପିଲାମାନ ଙ୍କୁ ଶୁଣାଇ ତାଙ୍କ ଚରିତ୍ର ସମ୍ପର୍କ ରେ ଆଲୋଚନା କରିଥିଲେ ଓ ଅନେକ ସଂଖ୍ୟା ରେ ବିଦ୍ୟାଳୟ ର ଶିଶୁ ମାନେ କୃଷ୍ଣ ରାଧା ବେଶ ଧାରଣ କରି ବିଦ୍ୟାଳୟ ରେ ଉପସ୍ଥିତ ରହିବା ସଂଗେ ସଂଗେ ନିକଟସ୍ଥ ସାହି ବସ୍ତି ରେ ପରିଭ୍ରମଣ କରି ଜନ୍ମାଷ୍ଟମୀ ର ଶୁଭେଚ୍ଛାବାର୍ତ୍ତା ଜଣାଇଥିଲେ ଓ ଶଙ୍ଖ ହୁଳୁହୁଳି, ଘଣ୍ଟା ନାଦ ମଧ୍ୟ ରେ ବିଦ୍ୟାଳୟ ପ୍ରକମ୍ପିତ ହୋଇଥିଲା ଓ ବିଦ୍ୟାଳୟ ପରିସର ରେ କରାଯାଇଥିବା ଦୋଳି ରେ ଅଭ୍ୟାବକ ଓ ଅଭିଭାବକା ମାନେ ନିଜ କୃଷ୍ଣ ରାଧା ବେଶ ଧାରି ଶିଶୁ ମନ ଙ୍କୁ ଦୋଳି ରେ ଝୁଲାଇ ଆନନ୍ଦ ନେଇଥିଲେ ଓ ଶିଶୁ ମାନେ ଶ୍ରୀକୃଷ୍ଣ ଫୋଟୋ ଚିତ୍ର ରେ ପୁଷ୍ପମାଲ୍ୟ ଓ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ଓ କୁନି କୁନି କୃଷ୍ଣ ରାଧା ଙ୍କୁ ଆରତୀ କରାଯାଇ ବନ୍ଦାପନା କାର୍ଯ୍ୟ ସାରିବା ପରେ ଲବଣୀ ସେବନ କରାଯାଇଥିଲା ଓ କାର୍ଯ୍ୟକ୍ରମ ର ଆରମ୍ଭ ରେ ଗୁରୁଜୀ କ୍ଷିତୀଶ ଦାସ ଯଜ୍ଞାଦି କାର୍ଯ୍ୟକୁ ପରିଚାଳନା କରିଥିଲେ ଓ ପରିଶେଷ ରେ ବେଶ ଧାରି ଶିଶୁ ମନ ଙ୍କୁ ବିଦ୍ୟାଳୟ ପକ୍ଷ ରୁ ପୁରସ୍କାର ବିତରଣ କରାଯାଇଥିଲା ଓ ଏହି ସମସ୍ତ କାର୍ଯ୍ୟକ୍ରମ କୁ ଶ୍ରୀପାଦ ସଚ୍ଚିଦାନନ୍ଦ ମହାରାଜା ଜି ଓ ବିଦ୍ୟାଳୟ ପରିଚାଳନା ସମିତି ର କୋଷାଧକ୍ଷା ଶ୍ରୀମତୀ ମମତା ରାଣୀ ସାହୁ ଉପସ୍ଥିତ ରହି ସୁପରିଚାଳନା କରିଥିଲେ ।

☐ ସିଏମ୍ କିଷାନ ଯୋଜନାର ୫ମ କିସ୍ତି
ପୁରୀ ଜିଲ୍ଲାର ୧୮୮୨୫୨ ଚାଷୀଙ୍କୁ ୩୭,୭୫,୨୩୦୦୦ ଟଙ୍କା ପ୍ରଦାନ

ପୁରୀ (ବ୍ୟୁରୋ): ପବିତ୍ର ଜନ୍ମାଷ୍ଟମୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଚାଷୀ ମାନଙ୍କୁ ସିଏମ କିଶାନ ଅର୍ଥ ସହାୟତା ଅନଲାଇନ ମାଧ୍ୟମରେ ଏୟୁଏଟି କୃଷି ଶିକ୍ଷା ସଦନ କକ୍ଷରୁ ପ୍ରଦାନ କରିଛନ୍ତି।ପୁରୀ ଜିଲ୍ଲାର ୧୮୮୨୫୨ ଜଣ ଚାଷୀ ଙ୍କୁ ୩୭ କୋଟି ୭୫ ଲକ୍ଷ ୨୩ ହଜାର ଟଙ୍କା ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ଆଜି ସଦଭାବନା ସଭାଗୃହ ଠାରେ ଏହି ଉପଲକ୍ଷେ ଆୟୋଜିତ ପୁରୀ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ବିକାଶ, ଅଣ୍ଡା,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ଉପସ୍ଥିତ ଥିବା କୃଷକ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।କୃଷି ଆମ ଦେଶର ଅର୍ଥନୀତି ର ମୁଖ୍ୟ ମାଧ୍ୟମ।କୃଷକ ମାନଙ୍କ ତ୍ୟାଗ, କଠୋର ପରିଶ୍ରମ ଓ ନିଷ୍ଠା ଯୋଗୁଁ ଆମେ ଖାଦ୍ୟ ପାଇ ପାରୁଛନ୍ତି।ସେମାନଙ୍କ ଉନ୍ନତି ଓ ବିକାଶ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ପିଏମ କିଶାନ ଓ ସିଏମ କିଶାନ ସହାୟତା କୃଷକଙ୍କ ଖାତାକୁ ସିଧାସଳଖ ଯାଉଛି। ଯାହା ସେମାନଙ୍କ କୃଷି ର ବିକାଶ ରେ ସହାୟକ ହେଉଛି। ଆଜି କୃଷକମାନଙ୍କୁ ଏହି ସହାୟତା ଅର୍ଥ ପ୍ରଦାନ ସେମାନଙ୍କ ରବି କୃଷି କୁ ଅଧିକ ସମୃଦ୍ଧ କରିବ ବୋଲି ମନ୍ତ୍ରୀ କହିଥିଲେ। ଜିଲ୍ଲା ଯୋଜନା ବୋର୍ଡ ର ଅଧକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ କୃଷି ଓ କୃଷକ ଙ୍କୁ ସମସ୍ତ ସହଯୋଗ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି ଓ ସେମାନଙ୍କ ସହ ସବୁ ପରିସ୍ଥିତି ରେ ଦୃଢ ହୋଇ ସରକାର ଠିଆ ହୋଇଛନ୍ତି ବୋଲି କହିଥିଲେ।କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ।କାର୍ଯ୍ୟକ୍ରମ ରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶିବାଶିଷ ମିଶ୍ର,ସାକ୍ଷୀଗୋପାଳ ଜିଲ୍ଲା କୃଷି ଅଧିକାରୀ ଡ. ପରେଶ କୁମାର ପଣ୍ଡା,ଜିଲ୍ଲା କୃଷି ଅଧିକାରୀ ନିମାପଡା ସବ୍ୟସାଚୀ ଦାସ,ସିଡିଭିଓ ପିୟୁଷ ପଲ୍ଲବ ପରିଡା,ଜିଲ୍ଲା ମତ୍ସ୍ୟ ଅଧିକାରୀଡ. ମନୋଜ କୁମାର ପାଣି, ଉଦ୍ୟାନ ଅଧିକାରୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ,କୃଷି ବୈଜ୍ଞାନିକ ପ୍ରମୁଖ ଯୋଗ ଦେଇଥିଲେ।୧୮୭୭୭୨ କ୍ଷୁଦ୍ର, ମଧ୍ୟମ ଓ ନାମ ମାତ୍ର ଚାଷୀ ଓ ୪୭୦ ଜଣ ଭୂମି ହୀନ ଚାଷୀ ଙ୍କୁ ଏହି ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା।କାର୍ଯ୍ୟକ୍ରମ କୁ ଯୋଜନା ଅଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ ପରିଚାଳନା କରିଥିଲେ।କୃଷି ବିଭାଗର ଅନ୍ୟାନ୍ୟ ଅଧିକାରୀ, କୃଷକ ମାନେ ଯୋଗ ଦେଇଥିଲେ।

ବଳିଆପଣ୍ଡା ବାସିନ୍ଦାଙ୍କୁ ଡମ୍ପିଂୟାର୍ଡ ପ୍ରଦୂଷଣରୁ ମିଳିବ ମୁକ୍ତି

ପୁରୀ (ବ୍ୟୁରୋ): ବଳିଆପଣ୍ଡା ବାସିନ୍ଦାଙ୍କୁ ପ୍ରଦୂଷଣରୁ ମିଳିବ ଆଶ୍ୱସ୍ତି । ବଳିଆପଣ୍ଡାରେ ଥିବା ଡମ୍ପିଙ୍ଗ ୟାର୍ଡ ପ୍ରଦୂଷଣରୁ ମିଳିବ ମୁକ୍ତି । ନିର୍ମାଣ ହେବ ମେଗା ଏମଆରଏଫ ପ୍ଲାଣ୍ଟ । ଏହି ପ୍ଲାଣ୍ଟ ଦ୍ୱାରା ପ୍ରତିଦିନ ୧୦୦ ଟନ୍ ଅଳିଆ ପୃଥକୀକରଣ ସହ ପ୍ରକ୍ରିୟାକରଣ କରାଯିବ । ଏହି ମେଗା ଏମଆରଏଫ ପ୍ଲାଣ୍ଟ ପାଇଁ ୨୨ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ପୁରୀ ମହାନଗର ନିଗମର ଯୁଗ୍ମ କମିଶନର କହିଛନ୍ତି ନୂଆ ଏମ୍ଆରଏଫ ମେଗା ପ୍ଲାଣ୍ଟ ହେଲେ ଆବର୍ଜନା ସଠିକ୍ ଭାବରେ ପ୍ରକ୍ରିୟାକରଣ କରାଯାଇପାରିବ। ଗତ ଅଗଷ୍ଟ ୩୧ ତାରିଖ ସ୍ୱାୟତ୍ତ ଶାସନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ତେବେ ଏହି ପ୍ରକଳ୍ପ ନିର୍ମାଣ ହେଲେ ବଳିଆପଣ୍ଡା ଅଞ୍ଚଳରେ ହେଉଥିବା ପ୍ରଦୂଷଣ ହ୍ରାସ ପାଇବ ବୋଲି ସ୍ଥାନୀୟ ବାସିନ୍ଦା ଆଶା ରଖିଛନ୍ତି । ରାଜ୍ୟ ସରକାର ପୁରୀ ମହାନଗର ନିଗମରେ ଡମ୍ପିୟାର୍ଡ ସମସ୍ୟାର ସମାଧାନ ପାଇଁ ମେଗା ଏମଆରଏଫ ପ୍ଲାଣ୍ଟ ସ୍ଥାପନ ନେଇ ଶିଳାନ୍ୟାସ କରିଥିବାରୁ ଏହାକୁ ପୁରୀ ସହରବାସୀ ଓ ସ୍ଥାନୀୟ ବାସିନ୍ଦା ସ୍ୱାଗତ କରିଛନ୍ତି । ପୁରୀ ଜିଲ୍ଲା କଂଗ୍ରେସର ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, ବଳିଆପଣ୍ଡା ଅଳିଆ ଗଦାକୁ ସ୍ଥାନାନ୍ତର ପାଇଁ ଅନେକ ଥର ଆନ୍ଦୋଳନ ହୋଇଛି । ଜନବସତି ଭିତରେ ଅଳିଆ ପାହାଡ ଥିବାରୁ ଏଥିରେ ନିଆଁ ଲାଗି ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଛି । ବଳିଆପଣ୍ଡା ଅଞ୍ଚଳର ୫ଟି ୱାର୍ଡର ହଜାର ହଜାର ବାସିନ୍ଦା ବାୟୁ ପ୍ରଦୂଷଣ ଓ ଧୂଆଁ ଯୋଗୁ ଘରେ ରହିବା ଏକ ପ୍ରକାର ମୁସ୍କିଲ ହୋଇପଡିଛି। ଅନେକ ଲୋକ ବାୟୁ ପ୍ରଦୂଷଣ ଯୋଗୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଲେଣି । ହେଲେ ଦୀର୍ଘ ବର୍ଷ ହେବ ମେଗା ପ୍ଲାଣ୍ଟ କରାଯାଇ ଅଳିଆ ପ୍ରକ୍ରିୟାକରଣ କରାଯାଇ ପ

ଗୁରୁ ଭକ୍ତି

ନୀଳାଦ୍ରି ବିହାରୀ ମହାପାତ୍ର

କହିବି ପିଲାଏ ଶୁଣ ମନଦେଇ
ଅତି ଦରକାରୀ କଥା
ଗୁରୁଙ୍କ ବଚନ ଅମୃତ ସମାନ
ହେବ ଦିନେ ସାମରଥା ।

କିଶୋର ସମୟ ଅତି ମୂଲ୍ୟବାନ
ହେଳା କରନାହିଁ ତିଳେ
ଗୁରୁଙ୍କୁ ମାନିବ ବିଦ୍ୟା ଅରଜିବ
କଠୋର ସାଧନା ବଳେ ।

ଗୁରୁଙ୍କୁ ଦେଖିବ ଗୁଣ ଆଚରିବ
କର୍ମେ ହେବ ଆଗୁସାର
ସୁଗୁଣ ବହିବ ଧର୍ମ ଆଚରିବ
ଭବୁ ହୋଇଯିବ ପାର ।

ଗୁରୁ ହିଁ ଜୀବନ ଗୁରୁ ପ୍ରାଣଧନ
ଗୁରୁ ବିନା ନାହିଁ ମୁକ୍ତି
କୋଟିଏ ପ୍ରଣାମ ଘେନ ଗୁରୁଦେବ
ଶ୍ରୀଚରଣ ତଳେ ସ୍ତୁତି ।

ଶିକ୍ଷାଦାନ ଯାର ଜୀବନ ସାଧନା
ତପସ୍ୟା ସେନେହ ଦାନ
ଗୁରୁଜନ ମାନେ ଜଗତେ ବିଖ୍ୟାତ
ସଦା ଅଟନ୍ତି ମହାନ ।

ଅହରହ ଶିଶ୍ୟେ ଢାଳିଦେଉଥାନ୍ତି
ଜ୍ଞାନର ଅମୃତଧାରା
ହୃଦୟ କନ୍ଦରୁ ଝରିପଡେ ପ୍ରେମ
ଆହା କେତେ ମନୋହରା ।

ସ୍ନେହ ସୁଦ୍ଧାବୋଳା ବାତ୍ସଲ୍ୟ ମମତା
ମଧୁଝରା ଗୁଣାବଳୀ
ନିରତେ ବାଣ୍ଟିଣ ସହସ୍ର ସନ୍ତାନେ
ପିତୃଭାବ ହୃଦେ ଭରି ।

ମଧୁମୟ ବାଣୀ ଗୁରୁଙ୍କ ମୁଖରୁ
ସଂସାର ଜନେ ଶିଖନ୍ତି
ସଂସ୍କାର ଆଚାର ବିଚାର ପ୍ରକାର
ଗୁରୁଠାରୁ ପାଉଥାନ୍ତି ।

ରାଷ୍ଟ୍ର ନିର୍ମାଣରେ ବିଜ୍ଞାଣୀ ସାଜନ୍ତି
ସୁସନ୍ତାନ ଗଢିଦେଇ
ଦେଶର ନାମକୁ ଉଜ୍ଜୀବିତକରି
ଜ୍ଞାନ ସଂଜୀବନୀ ଦେଇ ।

ମଣିଷ ତିଆର ଛୋଟକଥା ନୁହଁ
ମାଟି ପିଣ୍ଡୁଳାର ସମ
ସୁନ୍ଦର ମୂର୍ତ୍ତିଟି ଗଢ଼ିଦେଇପାରେ
ସାଧ୍ୟଣ ଅସାଧ୍ୟ କର୍ମ ।

ଶିକ୍ଷକ ଡାକ୍ତର ମନ୍ତ୍ରୀ ଓ ଲେଖକ
ଗୁରୁ ହାତେ ଗଢାହୋଇ
ସମସ୍ତେ ମିଶିଣ ସୁନାର ଭାରତ
ନିରନ୍ତର ଗଢିଦେଇ ।

ଗୁରୁକୃପା ବଳେ ଅସାଧ୍ୟ ସାଧନ
ମାନବ ଲଭଇ ସିନା
ସଂସାର ମନ୍ଦିରେ ମୁଣ୍ଡି ମାରିଦିଏ
ଅପାର ତାଙ୍କ କରୁଣା ।

ଯୁଗେଯୁଗେ ଗୁରୁ ତୁମରି ମହିମା
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ତୁମରି ଶରଣେ ମୁକତି ମିଳଇ
ଅଜ୍ଞାନ ହୁଅଇ ଦୂର ।

ବୁଢ଼େଇଶୁଣି ଉ.ପ୍ରା. ବିଦ୍ୟାଳୟ ,
ପୋଲସରା, ଗଞ୍ଜାମ ।
୯୮୬୧୩୬୩୮୬୨

ଗୁରୁଦକ୍ଷିଣା

ପ୍ରତିଭା ଦାଶ

ଅଜ୍ଞାନ ଅନ୍ଧାର ଭେଦି ଯିଏ
ଜ୍ଞାନ ପ୍ରଦୀପ ଜାଳନ୍ତି
ଅବାଟର ଦିଗହରା ପାଦ
ସତ୍ୟ ପଥେ ନେଇଥାନ୍ତି ।
ସିଏ ଗୁରୁ, ସିଏ ଜ୍ଞାନ
ସିଏ ଜୀବନର ଜ୍ୟୋତି
ତାଙ୍କ ତପସ୍ୟା, ତାଙ୍କ ଶିକ୍ଷା
ଆମ ଜୀବନର ଗତି ।
ଅକ୍ଷର ଧରାଇ ହାତରେ ଆମ
ଶବ୍ଦ ଶିଖାଇ ଦେଲେ
ଶବ୍ଦ ଭିତରେ ଭାବର ଭାଷା
ହ ?ଦୟରେ ଭରିଦେଲେ ।
ଲେଖନୀ ମୁନେ ଲେଖେଇ
ଦେଲେ ଜୀବନର ଇତିହାସ
ସତ୍ୟ ଶିବ ସୁନ୍ଦର ପଥେ
ଦର୍ଶାଇ ନିଜ ବିଶ୍ୱାସ ।
ମାଆ ଦେଲେ ଜୀବନ ଆମକୁ
ବାପା ଦେଇଥିଲେ ନାମ
ଗୁରୁ ଦେଲେ ଜ୍ଞାନର ଆଲୋକ
ଶିଖାଇ ମାନବଧର୍ମ ।
ମାଆ ଆମର ମମତାମୟୀ
ବାପା ଆଶାର ଆଲୋକ
ଗୁରୁ ଆମର ଜ୍ଞାନର ସୂର୍ଯ୍ୟ
ଅନ୍ଧାରେ ଆଲୋକ ଦୀପ ।
ଗୁରୁ ଅଟନ୍ତି ଦୀପର ଶିଖା
ଗୁରୁ ସ୍ରୋତସ୍ୱିନୀ ଧାରା
ଗୁରୁ ଅଟନ୍ତି ଦିଗ୍ ବଳୟର
ଉଜ୍ଜଳ ଧ ?ବତାରା ।
ଶିଷ୍ୟ ଯେବେ ଶିଖର ଛୁଏଁ
ଗୁରୁ ହସନ୍ତି ଦୂରେ
ନିଜ ସ୍ୱପ୍ନର ସଫଳତାକୁ
ଦେଖନ୍ତି ଶିଷ୍ୟ ରୂପରେ ।
ଗୁରୁ ଚାହାଁନ୍ତି ଶିଷ୍ୟ ତାଙ୍କର
ହେଉ ଜଗତଜିତା
ନୀତି, ନ୍ୟାୟର ପଥରେ ଚାଲି
ଗଢୁ ଧର୍ମ ମାନବତା ।
ଏହାହିଁ ହେଉ ଗୁରୁଦକ୍ଷିଣା
ସତ୍ୟରେ ରହିବୁ ସଦା
ତୁମ ଆଦର୍ଶ ହ ?ଦୟେ ଧରି
ଗଢିବୁ ଦେଶ ମର୍ଯ୍ୟାଦା ।
କିପରି ଋଣ କିବା ସମ୍ପର୍କ
କେମିତି ଏ ଅନୁରାଗ
ଗୁରୁ ଶିଷ୍ୟର ପବିତ୍ର ବନ୍ଧନ
ଆଦର୍ଶ ଯୁଗ ଯୁଗାନ୍ତ ।

ଗୁଣ୍ଡିଚା ବିହାର, ପୁରୀ.
୯୪୩୭୨୮୦୫୯୯.

ଗୁରୁ ପୂଜନ

ସୁନନ୍ଦା ମହାନ୍ତି

ରଖିଛି ସାଇତି ଫୁଲ ଦୁବ ଚନ୍ଦନ
କରିବାକୁ ଗୁରୁ ପଦ ବନ୍ଦନ
ପାଇବାକୁ ଗୁରୁଜ୍ଞାନ
ଗୁରୁପୂଜନ କର ଆମ୍ଭନ
କର ନିରୀକ୍ଷଣ ବଦଳିବ ଜୀବନ
ଗୁରୁଦିବସରେ ଗୁରୁଙ୍କୁ ପୂଜିଲେ
ଆକାଶେ ପାତାଳେ ନହେବ କମ୍ପନ
ନଦୀରେ ବନ୍ୟା ଆସିବ ନାହିଁ
ସମୁଦ୍ରରେ ବି ସୁନାମୀ ଉଠିବ ନାହିଁ
ଗଛ ଦେଉଥିବ ରସାଳ ଫଳ
ଗୁନ୍ଥି ଫୁଲହାର ଯିବା ବଉଳ
ରାଧାକୃଷ୍ଣନଙ୍କ ପାଳିବା ଜନ୍ମଦିନ
ତାଙ୍କ କଥା ଶ୍ରବଣ ଓ କଥନ
ପଠନେ ଲଗାଇ ମନ ମୁନ ଚୈତନ୍ୟ
ଗୁରୁ ତୁଲ୍ୟ ଆମ ପିତା ଓ ମାତା
ପାଠ ପଢି ହୋଇ ଜଗତଜିତା
ଶିକ୍ଷକ ଗୁରୁ ଯେ ଦିଅନ୍ତି ଜ୍ଞାନ
ମହକରେ ତାଙ୍କ ଭରୁ ଜୀବନ।

ସାକ୍ଷୀଗୋପାଳ, ପୁରୀ

ଗୁରୁ

ଲକ୍ଷ୍ମୀପ୍ରିୟା ଦାଶ

ବିଶ୍ୱ ଅନ୍ଧାରର ହେ ମହାନାୟକ
ଗୁରୁ ତୁମେ ବିଶ୍ୱ ପୂଜନୀୟ,
କରେ ପ୍ରଣିପାତ
ପୟରେ ତୁମର
ଯୁଗେ ଯୁଗେ ତୁମେ ବନ୍ଦନୀୟ ।
ନୀତି ଆଦର୍ଶର ମହାର୍ଗ ବିଜୟ
ଗାଥା ଗାଏ ପୁଣି
ଏ ଜଗତ,
ଯୁଗେ ଯୁଗେ ଗୁରୁ
ଶିଷ୍ୟ ପରମ୍ପରା
ମାର୍ଗ ଦର୍ଶନ ର
ଜୀବନ ଗୀତ ।
ଉପମନ୍ୟୁ ପରି ଗୁରୁ ଭକ୍ତି ଜାଣ
ଜୀବନ ଦର୍ଶନ
ହୋଇଛି ଧନ୍ୟ,
ଏକ ଲବ୍ୟ ସେତ
ହୋଇ ଶ୍ରେଷ୍ଠ ବୀର
ରଖିଗଲେ ଯହିଁ
ଗୁରୁଙ୍କ ମାନ ।
ଶ୍ରୀରାମ ଙ୍କ ଗୁରୁ
ବଶିଷ୍ଠ ମହର୍ଷି
ମହାନ ସଂସ୍କାରୀ ବିଶ୍ୱାମିତ୍ର,
ଧର୍ମ ସଂସ୍କାର ପ୍ରେରଣା ର ଉତ୍ସ
ଦେଖାଇଲେ ମାର୍ଗ ପବିତ୍ର ।
ଶ୍ରୀକୃଷ୍ଣ ଙ୍କ ଗୁରୁ ମୁନି ସାନ୍ଦିପନୀ
ଶିଖାଇଲେସେତ
ପ୍ରେମର ବାର୍ତ୍ତା,
କର୍ଣ୍ଣ ଙ୍କ ର ଗୁରୁ ଋଷି
ପଶୁରାମ
ଧୈର୍ଯ୍ୟ ଜ୍ଞାନ ଗୁଣେ
ଅସୀମ ସତ୍ତା ।
ପାଣ୍ଡବ କୌରବ ଗୁରୁ ଦ୍ରୋଣାଚାର୍ଯ୍ୟ
ସୃଷ୍ଟି କଲେ ସେତ ମହାନ୍ ଯୋଦ୍ଧା
ଶିବାଜୀ ଙ୍କ ଗୁରୁ ଭକ୍ତ ରାମ ଦାସ
ଶତ୍ରୁ ସୈନେ ବରିଲେ ବାଧା ।
ଚନ୍ଦ୍ରଗୁପ୍ତ ଗୁରୁ ଚାଣକ୍ୟ ଯହିଁ ଯେ
ନ୍ୟାୟ ଅନ୍ୟାୟ ର କରିଲେ ରକ୍ଷା ,
ଯୁଗେ ଯୁଗେ ଗୁରୁ
ଯୁଗ ପ୍ରବର୍ତ୍ତକ
ଗୁରୁ ପଦେ କରେ ଆର୍ଶୀବାଦ ଭିକ୍ଷା ।

ସମ୍ପାଦିକା ଗ୍ରାମ୍ୟ ରମ୍ୟ ଗଡ଼ ମୋଟରୀ
ଡେଲାଙ୍ଗ ପୁରୀ ୭୫୨୦୧୫

ଗୁରୁ ବନ୍ଦନା

ସରସ୍ୱତୀ ବାରିକ୍

(ନବାକ୍ଷରୀ ଛନ୍ଦ)
୧-ନମଇଁ ଗୁରୁଙ୍କ ପୟରେ
ଅଜ୍ଞାନ ନାଶ କର ବାରେ ।
୨-ତିମିରାଚ୍ଛନ୍ନେ ଆଚ୍ଛାଦିତ
କର୍ମକୁ କର ମୋ ମାର୍ଜିତ ।
୩ ତୁମେ ତ ସାକ୍ଷାତ ଈଶ୍ୱର
ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱର ।
୪- ଅମୃତ ପିଯୁଷ ଝରଇ
ଶତ ସ୍ପନ୍ଦନ ଭରିଦେଇ ।
୫ତ୍ୟାଗ ଆଦର୍ଶର ମଣିଷ
ଅମା ଅନ୍ଧାର କର ଶେଷ ।
୬. କର୍ମ ଚେତନା ଭରିଦିଅ
ସମାଜ ଗାଉ ତୁମ ଜୟ ।
୭. ଭୀଷ୍ମ ଶପଥ ତୁମେ ନେଲ
କେତେ ଅର୍ଜୁନ ସୃଷ୍ଟି କଲ ।
୮.ସଳିତା ପରି ଜଳି ଜଳି
ଶତ ଶତ ଜୀବନ ତୋଳି
୯.ପିତାମାତାଟି ଶ୍ରେଷ୍ଠ ଗୁରୁ
ହେଜି ସୁଜନେ ସେବା କରୁ।

ଗୀତି ଭାରତୀ ସରସ୍ୱତୀ
ବାସୁଦେବପୁର ଭଦ୍ରକ
୯୩୩୭୦୮୭୫୦୦

ପ୍ରଜ୍ଞାର ପ୍ରତିଧ୍ୱନି

ପ୍ରଣତି ଆଚାର୍ଯ୍ୟ ମିଶ୍ର

ସେ କେବଳ ଏକ ବ୍ୟକ୍ତିସତ୍ତା ନୁହନ୍ତି
ସେ ଏକ କାଳଜୟୀ ଚେତନା,
ମାଟିର ଶିଳାକୁ ପ୍ରତିମା କରିବାର
ସେ ନିଶବ୍ଦ ଆରାଧନା।
?ସେ ଅକ୍ଷର ଗାଥାରେ ଲେଖି ପାରନ୍ତି
ଭବିଷ୍ୟତର ଆଲେଖ୍ୟ,
ଅନ୍ଧକାରର ତମସା ଭେଦି
ଦେଖାନ୍ତି ଆଲୋକର ଲକ୍ଷ୍ୟ।
କଳାପଟାର ସେହି ଗହୀର ବକ୍ଷରେ
ଶ୍ରେଣୀଗୃହର ସୀମିତ ପରିସରରେ
ଆଙ୍କିଦେଇଯାନ୍ତି ଅସୀମ ଆକାଶ।
ସେ ଶ୍ୱେତ ସ୍ୱାକ୍ଷରର ଧାର,
ଚିନ୍ତାହୀନ ପ୍ରାଣେ ଭରିଦିଅନ୍ତି
ଜ୍ଞାନର ଅସୀମ ସଂସ୍କାର।
ସେ ଆଲୋକର ସେହି ଦୀପାବଳି,
ଯାହାର ସିକ୍ତ ଶିଖାରେ
ଆମେ ଆଲୋକ ଚିହ୍ନୁ,
ଶବ୍ଦର ସେହି ଗଭୀରତା,
ଯାହାର ସ୍ପର୍ଶରେ
ଆମେ ନୀରବତାକୁ ବୁଝୁ।
ସେ କେବଳ ଦିଗଦର୍ଶକ ନୁହଁନ୍ତି ,
ନୀରବରେ ଗଢ଼ିଚାଲିଥିବା
ସମାଜର ଅଦୃଶ୍ୟ ସ୍ରଷ୍ଟା ଟିଏ ।

ନୟାଗଡ଼
ମୋ:୯୪୩୭୬୪୨୯୪୭

ପ୍ରଣମେ ମୁଁ ବାରବାର

ପ୍ରବାସିନୀ ମିଶ୍ର

ଏ ଗୁରୁମାଟିର ଗୁରୁଣା ଗୁରୁ
ହେ ପୂଜ୍ୟ ରାଧାକ୍ରିଷ୍ଣନ
ଗୁରୁ ଦିବସର ଜନମଦାତା
କୋଟି ପ୍ରଣାମ ମୋ ଘେନ
ମହାନ୍ ବାଣୀରେ ମଧୁମୟ ମାଟି
ଆଚାର୍ଯ୍ୟ ଦେବ ଭବ
ଶୁଷ୍କ ଶରୀରରେ ଜୀବନ ସଞ୍ଚାର
ସଜାଇ ନବ ପଲ୍ଲବ
ସରଗ ରାଇଜୁ ଏ ମରତ ଧାମେ
ଆଣିଲେ ମୋ ପିତାମାତା
ଚିନ୍ତାରୁ ଚେତନା ଭରିଦେଲ ଗୁରୁ
ଦେଲ ବୈକୁଣ୍ଠର ବାର୍ତ୍ତା
ଆଲେଖା ମୋର ଏ ଜୀବନ କାଗଜେ
ଟାଣି ଦେଲ ଶତ ଗାର
କଣ୍ଟକିତ ପଥେ ଚାଲିବା ଶିଖାଇ
ଚିର ନମସ୍ୟ ହୋଇଲ
ଗୁରୁ ସତ୍ୟ ଶିବ ଗୁରୁ ହିଁ ସୁନ୍ଦର
ଗୁରୁ ସକ୍ଷାତ ଈଶ୍ୱର
ଭକ୍ତିର ପୁଷ୍ପକୁ ଅଜାଡି ପୟରେ
ପ୍ରଣମେ ମୁଁ ବାରବାର ।
ଶିକ୍ଷୟିତ୍ରୀ

ଶ୍ରୀବିହାର ରାଉତ, ପୁରୀ
ମୋ-୯୯୩୮୪୯୬୪୧୬

ଗୁରୁ ସାକ୍ଷାତ ଈଶ୍ୱର



ରାମଚନ୍ଦ୍ର ବେହେରା

ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ
ଗୁରୁ ସଖା ସହୋଦର
ଗୁରୁ ସୁଖଦାତା ଗୁରୁ ମୁକ୍ତିଦାତା
ଗୁରୁ ଜ୍ଞାନ ସୂତ୍ରଧର
ଗୁରୁ ଚଳନ୍ତି ଠାକୁର
ଗୁରୁ ବିନା ଜ୍ଞାନ ନୁହଁଇ ସମ୍ଭବ
ଗୁରି ହିଁ ପରମେଶ୍ୱର ।
ଗୁରୁଙ୍କ ପରାଣେ ସଦା ଶୋଭାପାଏ
ଦିବ୍ୟ ଆଲୋକର ଶିଖା
ସେହି ଆଲୋକରେ ଆଲୋକିତ ହୋଇ
ଶିଷ୍ୟ ପୂର୍ଣ୍ଣକରେ ଶିକ୍ଷା
ଗୁରୁ ସଦା ବନ୍ଦନୀୟ
ତାଙ୍କ୍ କୃପାବଳେ ଶିଷ୍ୟର ଜୀବନ
ହୋଇଥାଏ କମନୀୟ ।
ଆରୁଣି ଶିବାଜୀ ବୁଦ୍ଧ ଏକଲବ୍ୟ
ଗୁରୁଙ୍କ ଆଶିଷ ବଳେ
ଗୁରୁ ଶିଷ୍ୟଙ୍କର ଅତୁଟ ବନ୍ଧନ
ରଚିଗଲେ ମହୀତଳେ
ଗୁରୁ ପିତାମାତା ଆମ
ଧର୍ମର ସ୍ୱରୂପ ଜ୍ଞାନର ପ୍ରଦୀପ
କିଏ ହେବ ତାଙ୍କ୍ ସମ।
ଗୁରୁଙ୍କ ସେବା ଯେ କରେ ଭକ୍ତିରେ
ଜଗତରେ ପାଏ ମାନ
ମାତା ସରସ୍ୱତୀ କରୁଣା ଢାଳନ୍ତି
ଖୁସିରେ କଟେ ତା'ଦିନ
ଗୁରୁଙ୍କୁ ପରାଣେ ନ'ମଣିବ ନର
ଗୁରୁ ଅଟନ୍ତି ସାକ୍ଷାତ ଈଶ୍ୱର
ଗୁରୁ ଗଢିଥାନ୍ତି ଶିଷ୍ୟ ଭବିଷ୍ୟତ
ପବିତ୍ର ଗୁରୁ ଦିବସେ
ଗୁରୁଙ୍କ ଚରଣେ ଲୋଟିଯିବା ଆସ
ତାଙ୍କ୍ ଶୁଭାଶିଷ ଆଶେ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୪୫୬୩୪୩୪୬

ପୁରୀ ଜିଲ୍ଲାସ୍କୁଲ ପ୍ରାକ୍ତନ ଶିକ୍ଷକ
ମଧୁସୂଦନ ପଟ୍ଟନାୟକଙ୍କ ସ୍ମୃତିରେ

ଦେବପ୍ରସାଦ ରଥ

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଦେବୋ ମହେଶ୍ୱର
ଗୁରୁ ସାକ୍ଷାତ୍ ପରମବ୍ରହ୍ମ
ତସ୍ମୈଶ୍ରୀ ଗୁରବେ ନମଃ

ଆଜି ପବିତ୍ର ଗୁରୁ ଦିବସ । ଚାହୁଁ ଚାହୁଁ ମଧୁ ସାରଙ୍କ ତିରୋଧାନ ବର୍ଷେ ଅତିବାହିତ ହୋଇଗଲା । ସାର୍ ଗତବର୍ଷ ଜୁଲାଇ ମାସ ୧୮ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଅସ୍ତଗାମୀ ସୂର୍ଯ୍ୟ ଚକ୍ରବାଳରେ ଅଦୃଶ୍ୟ ହୋଇଗଲେ ସଂସାର ଯେପରି ତିମିରାଚ୍ଛନ୍ନ ହୋଇଯାଏ, ଠିକ୍ ସେହିପରି ସାରଙ୍କ ବିୟୋଗରେ ଛାତ୍ର ସମାଜକୁ ଅମାଅନ୍ଧାର ଘୋଟି ଆସିଥିଲା । କାଳର କରାଳ ଲହରୀରେ ଆପଣ ବିଲୀନ ହୋଇଯାଇଛନ୍ତି ସତ, ଏହି ସତ୍ୟକୁ ଅସ୍ୱୀକାର କରିହେବ ନାହିଁ । ଏହା ବିଧୁର ବିଧାନ, ସାର୍ ଆପଣଙ୍କ ଅନ୍ତିମ ଯାତ୍ରା ଏକ ବିସ୍ମୟକର ଦିବ୍ୟ ଦୁନିଆକୁ ଯାହା ମର୍ତ୍ତ୍ୟ ଲୋକ ମାନବ ପାଇଁ ଅପହଞ୍ଚ । ସମୟ ଚକ୍ରରେ ସେ ଦୁନିଆକୁ ପ୍ରବେଶ କରିବାର ପ୍ରଥମ ବର୍ଷ ପୂର୍ତ୍ତି ହୋଇଛି ଓ ଆଜିର ଗୁରୁ ଦିବସରେ ମୋ ଏହି କ୍ଷୁଦ୍ର ଲେଖାଟି ସାରଙ୍କୁ ଉତ୍ସର୍ଗ କରୁଛି ।ଏହା ପୂର୍ବରୁ ସାରଙ୍କର ଉଚ୍ଚଅଧିକାରୀ ଓ ସହକର୍ମୀ ଘନଶ୍ୟାମ ମିଶ୍ର (ପ୍ରଧାନ ଶିକ୍ଷକ), ଉଦୟନାଥ ମହାନ୍ତି (ପ୍ରଧାନ ଶିକ୍ଷକ), ଆଦିକନ୍ଦ ମହାପାତ୍ର, ଗୋପୀନାଥ ମିଶ୍ର, ବିନାୟକ ମିଶ୍ର ଭାସ୍କର ଚନ୍ଦ୍ର ମିଶ୍ର (ସଂସ୍କୃତ), ନରସିଂହ ନନ୍ଦଶର୍ମା (ହିନ୍ଦୀ), ଜଗନ୍ନାଥ ସାର ବାଲାଜୀ ପଣ୍ଡା, କିଶୋରୀ ଚରଣ ଦାସ, ମଧୁ ଦାଶ ଓ ଅନ୍ୟ ଶିକ୍ଷକମାନେ ପ୍ରାୟ ସଂସାରରୁ ବିଦାୟ ନେଇ ସାରିଲେଣି ଓ କେଉଁ ଅଜଣା ରାଇଜକୁ ଚାଲିଗଲେଣି । ମଧୁସାର ମଧ ସେଇ ଅଲୌକିକ, ଅଦୃଶ୍ୟ ରାଇଜକୁ ଚାଲିଗଲେ । ଏହି ସମସ୍ତ ଗୁରୁମାନଙ୍କୁ ମୋର ଅଶେଷ ପ୍ରଣିପାତ ଜଣାଉଛି ।୧୯୬୨ ଜୁଲାଇ ମାସରେ ନୌବାହିନୀ ପୁରୀ ଜିଲ୍ଲା ସ୍କୁଲରେ ସାର ଶହେ କ୍ୟାଡ଼େଟକୁ ନେଇ ଆରମ୍ଭ କରିଥିଲେ । ୧୯୬୫ ମସିହା ମୋର ନବମ ଶ୍ରେଣୀ । ଏନ.ସି.ସି ଅଥବା ନେଭୀ କେଉଁଟା ନେବି ଦ୍ୱିଧାରେ ପଡ଼ିଥିଲି । ସ୍ଥିର କଲି ନେଭି ନେଭୀ ନେବି । ମଧୁ ସାରଙ୍କୁ ସାକ୍ଷାତ କଲି । ସାର୍ ମୋତେ ନେଭୀ ନେବାକୁ ସମ୍ମତି ପ୍ରକାଶ କଲେ । ସାରଙ୍କ ପ୍ରତି ଯେଉଁ ଅହେତୁକ ଭୟ ମୋ ମନରେ ଥିଲା ସାରଙ୍କର ପ୍ରଥମ ସାକ୍ଷାତ ପରେ ତାହା ଅପସରି ଗଲା । ସାର୍ ଶୃଙ୍ଖଳା ଓ ସମୟନୁବର୍ତ୍ତିତା ର ଏକ ମୂର୍ତ୍ତୀମନ୍ତ ପ୍ରତୀକ ଥିଲେ । ସ୍ୱର୍ଗତ ଆଦିକନ୍ଦ ସାର୍ କୁହନ୍ତି ''ପୁରୀ ଜିଲ୍ଲାସ୍କୁଲ ତାଙ୍କ ପାଇଁ ଏକ ମନ୍ଦିର ସଦୃଶ ଥିଲା ।'' ସେହିପରି ସ୍ୱର୍ଗତ ମଧୁସୂଦନ ପଟ୍ଟନାୟକ ସ୍କୁଲରେ ଛାତ୍ରମାନେ ଶିକ୍ଷାଲାଭ କରିବା ସଂଗେ ଚରିତ୍ର ଗଠନ ପାଇଁ ଶୃଙ୍ଖଳା, ସମୟାନୁବର୍ତ୍ତିତା ଶିକ୍ଷା ଲାଭ କରିବା ଉଚିତ୍ ବୋଲି କହୁଥିଲେ । ସେଥିପାଇଁ ଶିକ୍ଷାଦାନ, ଶୃଙ୍ଖଳା ଓ ସମୟାନୁବର୍ତ୍ତିତାକୁ ଏକ ରଜ୍ଜୁରେ ସେ ବାନ୍ଧିରଖୁଥିଲେ । ସାର୍ ମୋର ଦଶମ ଓ ଏକାଦଶ କ୍ଲାସରେ (ସାମାଜିକ ବିଜ୍ଞାନ) ଓ ନଗର ବିଜ୍ଞାନ ଶିକ୍ଷା ଦାନ କରୁଥିଲେ । କ୍ଲାସ ଘଣ୍ଟା ବାଜିଲା ସାଙ୍ଗେ ସାଙ୍ଗେ ତତ୍କ୍ଷଣାତ ସାର୍ ଉପସ୍ଥିତ ହୋଇଯାଉଥିଲେ । କାରଣ– ଏହା ମଧୁ ସାରଙ୍କର କ୍ଲାସ । କ୍ଲାସରେ ପ୍ରଥମ ଧାଡ଼ିରେ ବସି ମୁଁ ଭୂଗୋଳ ସଂପର୍କିତ ବିଷୟରେ ଯେତେବେଳେ ପ୍ରଶ୍ନ ପଚାରେ ସାର୍ ସହାସ୍ୟ ବଦନରେ ବୁଝାଇ ଦେଉଥିଲେ । ଦୀର୍ଘ ୪୮ବର୍ଷ ପରେ ୨୦୧୫ ମସିହାରେ ପୁରୀ ଜିଲ୍ଲାସ୍କୁଲ ପୂରାତନ ଛାତ୍ରମାନଙ୍କର ପୁରୀରେ ଆୟୋଜିତ ଏକ ବନ୍ଧୁ ମିଳନରେ ମୋତେ ଦେଖି ସାର ଚିହ୍ନି ପାରିଲେ ଓ କହିଥିଲେ ତମେ ସେଇ ଦେବ ରଥ ମୋତେ ପ୍ରଶ୍ନପଚାର କ୍ଲାସରେ । ସାରଙ୍କ ଅସାଧାରଣ ସ୍ମରଣ ଶକ୍ତି ଅବଲୋକନ କରି ମୁଁ ଆଚମ୍ବିତ ଓ ଅଭିଭୂତ ହୋଇଯାଇଥିଲି । ଆଜି ସାରଙ୍କ ଶରୀର ସହ ତାଙ୍କର ଅସାଧାରଣ ମେଧା ଶକ୍ତି ବହ୍ନିର ଲେଲିହାନ ଶିଖାରେ ଭସ୍ମୀଭୂତ ହୋଇଯାଇଛି ସତ, କିନ୍ତୁ ମୋ ପରି ଅନେକ ଛାତ୍ରଙ୍କର ମନର ନିଭୃତ କୋଣରେ ସାରଙ୍କ ସେହି ଅସାଧାରଣ ଧୂଶକ୍ତି ସ୍ମୃତିର ପେଟିକା ମଧ୍ୟରେ ସାଇତା ହୋଇ ରହିଗଲା ଓ ସାରଙ୍କର ସେହି ମେଧା ଶକ୍ତିକୁ ଛାତ୍ରମାନେ ସ୍ମରଣ କରୁଥିବେ ବୋଲି ମୋର ଦୃଢ ବିଶ୍ୱାସ । ପୁରୀ ଜିଲ୍ଲାସ୍କୁଲ ବ୍ୟତୀତ ବିଭିନ୍ନ ହାଇସ୍କୁଲରେ ସାର୍ ଯୋଗଦାନ କରି ଯେଉଁ ବୃହତ ଛାତ୍ର, ଛାତ୍ରୀ ବର୍ଗ ଗଠନ କରିଯାଇଛନ୍ତି, ସମସ୍ତଙ୍କ ମନରେ ମଧୁ ସାରଙ୍କ ସ୍ମୃତି ଉଜ୍ଜାବିତ ହୋଇ ରହିଥିବ । ପିଢି ପିଢି ପରେ ଯେଉଁ ଛାତ୍ରମାନେ ସ୍କୁଲରେ ଅଧ୍ୟୟନ କରୁଥିବେ, ଜଣେ ଆଦର୍ଶବାଦୀ, ନୀତିବାନ୍ ଶିକ୍ଷକ ଯେଉଁ ମୂଲ୍ୟବୋଧ ସ୍ଥାପନ କରିଯାଇଛନ୍ତି ତାହା ସେମାନଙ୍କୁ ଅନୁପ୍ରାଣିତ କରୁଥିବ ବୋଲି ମୋର ଆଶା । ସାରଙ୍କ ସହ ବ୍ୟକ୍ତିଗତ ଆଳାପ, ଆଲୋଚନା ପରେ ମୁଁ ସାରଙ୍କ ଠାରୁ ବିଦାୟ ନେବା ବେଳେ ସାରଙ୍କର କେତେକ ଶବ୍ଦାବଳୀର ଝଙ୍କାର ମୋ ମନରେ ସଦାସର୍ବଦା ଗୁଞ୍ଜରିତ ହୋଇଚାଲିଥିବ। ଉରଙ୍ଗ, ଶଙ୍କୁଙ୍କ ଙ୍ଗଭଙ୍ଗ ଶ୍ଚଙ୍କ ଶ୍ଚବଳର ମଙ୍କୁଲଲର" ମୁଁ ମଧ ସାରଙ୍କ ସ୍ନେହ, ଆଦରଭରା କଥାରେ ଭାବବିହ୍ୱଳ ହୋଇ ସମ୍ମତି ପ୍ରକାଶ କରେ ।୧୯୩୫ ମସିହା ନୟାଗଡ଼ ଜିଲ୍ଲା ଶରଣକୂଳ ଥାନା ଅନ୍ତର୍ଗତ ଭାଲିଆଡ଼ିହି ଗ୍ରାମରେ ଏହି ଯୋଗଜନ୍ୟା ପୁରୁଷ ଜନ୍ମଗ୍ରହଣ କରିଥିଲେ ଓ ଜୀବନ ଯାତ୍ରା ସ୍ଥାୟୀ ବାସସ୍ଥାନ ପୁରୀ ଦତ୍ତତୋଟା ସ୍ଥିତ କୈବଲ୍ୟ ନିବାସ ପର୍ଯ୍ୟନ୍ତ । ଅବସର ଗ୍ରହଣ କରିଥିଲେ ମଧ ସାରସ୍ୱତ ସାଧନାରେ ନିମଗ୍ନ ହୋଇଥିଲେ ଏବଂ ଓଡ଼ିଆ, ଇଂରାଜୀ ବାଣୀ ଭଣ୍ଡାରକୁ ପରିପୂର୍ଣ୍ଣ, ସମୃଦ୍ଧ

କରିଥିଲେ । ଏହାବ୍ୟତୀତ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଇଂରାଜୀ ଓ ଓଡ଼ିଆ ସାହିତ୍ୟରେ ଅନେକ ଉପାଦେୟ ପୁସ୍ତକାବଳୀ ରଚନା କରିଯାଇଛନ୍ତି । ୧୯୬୦ ମସିହାରେ ବ୍ରହ୍ମାରମ୍ଭେ ଲଘୁକ୍ରିୟା ସାରଙ୍କର ପ୍ରଥମ ପୁସ୍ତକ ଓ ସ୍ୱୟଂଭୁ ତାଙ୍କର ଶେଷ ପୁସ୍ତକ ଯେଉଁଥିରେ ଦେବୀ ସୁଭଦ୍ରାଙ୍କ ଉପରେ ସାରଙ୍କର ଏକ ସାରଗର୍ଭକ ଆଲେଖ୍ୟ ରହିଛି । ମଧୁ ସାର୍ ୟୁନିଟ୍ –୧ ବାଳକ ହାଇସ୍କୁଲ, ଭୁବନେଶ୍ୱର ଗଦାଧର ହାଇସ୍କୁଲ, ପୁରୀ, ବାଙ୍କୀ ରଗଡ଼ି ସେକେଣ୍ଡାରୀ ଟ୍ରେନିଂ ସ୍କୁଲ, ଭାର୍ଗବୀ ହାଇସ୍କୁଲ, ବୀର ନରସିଂହପୁର, ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ, ଦାଣ୍ଡମୁକୁନ୍ଦପୁର, ବେରକୋଇ ସରକାରୀ ହାଇସ୍କୁଲ, ଡ଼େଲାଙ୍ଗ, ଡ଼ି.ଆଇ. ପୁରୀ, ଡ଼ି.ଆଇ ନିମାପଡ଼ା ଏବଂ ସରକାରୀ ନିୟମ ଅନୁସାରେ ୧୯୯୩ ମସିହା ଜୁଲାଇ ମାସ ୩୧ ତାରିଖରେ କାକଟପୁର ସରକାରୀ ହାଇସ୍କୁଲରୁ ଅବସର ଗ୍ରହଣ କରିଥିଲେ ଓ ସାରଙ୍କ ଦୀର୍ଘ କର୍ମମୟ ଜୀବନର ଅବସାନ ଘଟିଲା ।୨୦୧୫ ରୁ ୨୦୨୫ ଦୀର୍ଘ ୧୦ ବର୍ଷ ସାରଙ୍କର ଘନିଷ୍ଠ ସାନିଧ୍ୟ ଲାଭକରି ମୁଁ ନିଜକୁ ଧନ୍ୟ ମନେ କରୁଛି । ପୂରାତନ ଛାତ୍ରମାନଙ୍କ ସମାବେଶରେ ଯୋଗଦେବାକୁ ଯେତେବେଳେ ସାରଙ୍କୁ ମୁଁ ଅନୁରୋଧ କରିଛି, ସାର ସାହାସ୍ୟ ବଦନରେ ସମ୍ମତି ପ୍ରକାଶ କରୁଥିଲେ । ସାରଙ୍କୁ ୧୯୬୭ ମାଟ୍ରିକ ଛାତ୍ରମାନେ ମାନପତ୍ର, ଉପଢୌକନ ଉପହାର ଦେଇ ସମ୍ବର୍ଦ୍ଧିତ କରିପାରିଛୁ ଓ ସେଥିପାଇଁ ମୁଁ ମୋର ବ୍ୟକ୍ତିଗତ ପ୍ରଚେଷ୍ଟା ଯଥାସାଧ୍ୟ କରିଥିଲି, ନଚେତ୍ ମୋ ମନରେ ଅଶେଷ ଗ୍ଲାନି, ଅବସୋସ ରହିଯାଇଥାନ୍ତା । ଏହି ସମ୍ବର୍ଦ୍ଧନା ଉତ୍ସବ ସାରଙ୍କ ଅନୁଗତ ଛାତ୍ର ଅଶୋକ ରାୟଙ୍କ ପୁରୀ ଦତ୍ତତୋଟାସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସାରଙ୍କର ଅନେକ ଅନୁଗତ ଛାତ୍ରମାନେ ଯୋଗ ଦେଇଥିଲେ ।୧୯୬୭ ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ପ୍ରକାଶିତ ସ୍ମରଣୀକାକୁ ସାର ଭୂୟସୀ ପ୍ରଶଂସା କରିଥିଲେ । ଏହା ଦେବ ରଥ, ଅଶୋକ ରାୟ, ପ୍ରମୋଦ ବାହିନୀପତି ଆଦି ଛାତ୍ରମାନଙ୍କର ଅକ୍ଲାନ୍ତ ପରିଶ୍ରମର ଫଳ ବୋଲି ସାର ମତପ୍ରକାଶ କରିଥିଲେ । ଏହା ଛାତ୍ରମାନଙ୍କୁ ସାରଙ୍କର ଅଶେଷ ଭଲ ପାଇବାର ନିର୍ଦଶନ ବୋଲି ଛାତ୍ରମାନେ ଅନୁଭବ କରିଥିଲେ ଓ ସେମାନଙ୍କର ଶ୍ରମ ସାର୍ଥକ ହେଲା ବୋଲି ଗଭୀର ସନ୍ତୋଷ ଲାଭ କରିଥିଲେ ।ଶେଷର ଏତିକି କହିବି ସାରଙ୍କର ଏହି ଅକିଞ୍ଚନ ଛାତ୍ରଙ୍କ ପ୍ରତି ଅଶେଷ ଭଲ ପାଇବା ଓ ଆଶୀର୍ବାଦ ରହିଥିବା ଅନୁଭବ କରିଛି ଓ ମୁଁ ଓ ଅଶୋକ ଜଣେ ଆଜ୍ଞାଧୀନ ଛାତ୍ର ଭାବରେ ଜଣେ ମହାଗୁରୁଙ୍କ ପାଇଁ ଯାହା କର୍ତ୍ତବ୍ୟ କରିବା କଥା କରିଛୁ । ସେ ତାଙ୍କ ପରିବାର ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀଙ୍କ ମେଳରେ ଆନନ୍ଦରେ ସମୟ ଅତିବାହିତ କରୁଥିଲେ । ଅବଶ୍ୟ ଏହା ପୂର୍ବରୁ ତାଙ୍କର ଦେବୀ ପ୍ରତୀମ ଅନ୍ତରଙ୍ଗ ସହଧର୍ମିଣୀ ବାସନ୍ତୀ ଦେବୀଙ୍କର ଆକସ୍ମିକ ମୃତ୍ୟୁରେ ଗଭୀର ଆଘାତ ପ୍ରାପ୍ତ ହୋଇଥିଲେ ମଧ ଭାଙ୍ଗି ପଡ଼ିନଥିଲେ । ସେ ତାଙ୍କର ପ୍ରିୟତମା ପତ୍ନୀଙ୍କୁ କିପରି ଅତ୍ୟନ୍ତ ଭଲ ପାଉଥିଲେ ସାରଙ୍କ 'ତୁମ ପ୍ରତି' ଉତ୍ସର୍ଗ ଏକ କ୍ଷୁଦ୍ର କବିତାର କିଛି ପଂକ୍ତିରୁ ସହଜରେ ଅନୁମେୟ କରିହୁଏ କବିତାର ଉଦ୍ଧୃତାଂଶ "ତମେ ଥିଲ ବୋଲି ତ ମୁଁ ଥିଲି।ଆଜି ତମେ ନାହଁ, ମୁଁ ଆଜି ଏକ ପତ୍ରହୀନ ବୃକ୍ଷ ମୋ ଚାରିପାଖେ, ତୁମ ସ୍ମୃତିର ଚୁନା ଚୁନା ଫୁଲ ଯେଉଁଆଡ଼େ ଚାହିଁଦେଲେ, ଦେଖାଯାଅ ତୁମ ସଜଳ ଚାହାଣୀର ଅପସୋରା ମୁଁହ, ନୀରବରେ ନିଭୃତରେ ଅଶ୍ରୁ ଝରେ ମୋ ହୃଦୟରେ ତୁମରି ସ୍ମୃତିରେ ।''ସାରଙ୍କୁ ଶତ ଶତ ପ୍ରଣାମ ସହ ଛାତ୍ରମାନେ ଭକ୍ତିପ୍ଲୁତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।ଆପଣଙ୍କ ଶରୀର ପଞ୍ଚଭୂତରେ ବିଲୀନ ହୋଇଯାଇଛି ସତ..ଶରୀର ନଶ୍ୱର, ଆତ୍ମା ଅବିନଶ୍ୱର। ତୁମର ଆତ୍ମା ପରମାତ୍ମା, ପରଂବ୍ରହ୍ମରେ ବିଲୀନ ହେଉ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।

୭୧୫ ଆଇସ୍ ଫ୍ୟାକ୍ଟ୍ରୀ ଲେନ୍,
ଚିନ୍ତାମଣିଶ୍ୱର, ବୁଦ୍ଧେଶ୍ୱରୀ
ଭୁବନେଶ୍ୱର
ଫୋନ୍ ନଂ-୮୪୫୭୦୮୭୨୮୭

ଗୁରୁ-ଶିଷ୍ୟ ପରମ୍ପରା

ଜୟଶ୍ରୀ ମୁଦ୍ରା

ଆଧୁନିକତା ଭିତରେ ହଜିଯାଉଛି ନୈତିକତାର ମୂଳଦୁଆ। ଅଜ୍ଞାନ ରୂପକ ଅନ୍ଧକାରରେ ଯିଏ ଜ୍ଞାନର ଆଲୋକ ବର୍ତ୍ତିକା ଦେଖାନ୍ତି, ସେ ହେଉଛନ୍ତି ଗୁରୁ। ଗୁରୁଙ୍କ ବିନା ଜୀବନର କୌଣସି ଅର୍ଥ ନାହିଁ। ସେ ଆମର ଜନ୍ମଦାତା ପିତା-ମାତା ହୁଅନ୍ତୁ କି ବିଦ୍ୟାଳୟର ଶିକ୍ଷକ ଅଥବା ଜୀବନ ପଥରେ ଭେଟୁଥିବା ପ୍ରତ୍ୟେକ ଶିକ୍ଷଣୀୟ ବ୍ୟକ୍ତି - ସମସ୍ତେ ଗୁରୁ ରୂପେ ଆମକୁ ମାର୍ଗଦର୍ଶନ କରାନ୍ତି। ସଫଳତାର ଶୀର୍ଷରେ ପହଞ୍ଚିଲା ପରେ ମଧ ଗୁରୁଙ୍କ ଆଦର୍ଶକୁ ଜୀବନରେ କେବେବି ଭୁଲି ହୁଏ ନାହିଁ।ଭାରତୀୟ ସଂସ୍କୃତିରେ ଏହି ଗୁରୁ-ଶିଷ୍ୟ ସମ୍ପର୍କ କେବଳ ଏକ ସମ୍ପର୍କ ନୁହେଁ, ଏହା ଏକ ସଂସ୍କାର। ଯେଉଁଠି ଗୁରୁ ଶବ୍ଦର ଅର୍ଥ - ଅନ୍ଧକାରରୁ ଆଲୋକକୁ ନେଉଥିବା ମଣିଷ। କିନ୍ତୁ ଆଜି ଏକବିଂଶ ଶତାବ୍ଦୀର ଏହି ଦ୍ରୁତ ଗତିର ସମୟରେ ଛିଡା ହୋଇ ଚାରିଆଡେ ଅନାଇଲେ, ଏହି ପବିତ୍ର ପରମ୍ପରା ଧୀରେ ଧୀରେ କ୍ଷୀଣ ହେଉଥିବା ଭଳି ମନେହୁଏ।ପୂର୍ବ କାଳରେ ଶିଷ୍ୟ ଗୁରୁଙ୍କ ଆଶ୍ରମରେ ରହି ଶିକ୍ଷା ଲାଭ କରୁଥିଲା। ସେଠାରେ ସେ କେବଳ ପାଠ ପଢୁ ନଥିଲା, ଜୀବନ ଜିଇଁବା କଳା ଶିଖୁଥିଲା। ଗୁରୁ ଶିଷ୍ୟକୁ ପୁତ୍ର ଭଳି ସ୍ନେହ କରୁଥିଲେ ଓ ଶିଷ୍ୟ ଗୁରୁଙ୍କୁ ପିତା ଭଳି ସମ୍ମାନ ଦେଉଥିଲା। ଏକଲବ୍ୟର ଗୁରୁଭକ୍ତି ହେଉ କି ଆରୁଣିର ଗୁରୁସେବା, ଆମ ଇତିହାସ ଏହି ପରମ୍ପରାର ଅନେକ ଉଦାହରଣରେ ଭରା। ସେତେବେଳେ ଗୁରୁ ଦକ୍ଷିଣା ଥିଲା ସମ୍ମାନର ପ୍ରତୀକ ।ଆଜି କିନ୍ତୁ ସେ ଗୁରୁକୁଳ ନାହିଁ। ଅଛି ସ୍ମାର୍ଟ କ୍ଲାସରୁମ୍, ଅନଲାଇନ୍ କ୍ଲାସ୍ ଓ ଗୁଗଲ୍। ଆମେ ଗୋଟେ କ୍ଲିକ୍ ରେ ସାରା ଦୁନିଆର ଜ୍ଞାନ ପାଇଯାଉଛୁ। ଏହା ଭଲ କଥା, କିନ୍ତୁ ଏହି ସୁବିଧା ଭିତରେ ଆମେ ଗୁରୁଙ୍କ ମହତ୍ତ୍ୱକୁ ଭୁଲିଯାଉଛୁ କି ? ଗୁଗଲ୍ ଆମକୁ ସୂଚନା ଦେଇପାରେ, କିନ୍ତୁ ସଂସ୍କାର ଦେଇପାରେ



ଆଜି ସମୟ ବଦଳିଛି। ଆମେ ପିଲାଙ୍କୁ ଚନ୍ଦ୍ରରେ ଘର କେମିତି ବନାଇବେ ତାହା ଶିଖାଉଛୁ, କିନ୍ତୁ ପୃଥିବୀରେ ଭଲ ମଣିଷଟିଏ ହୋଇ କେମିତି ରହିବେ ତାହା ଶିଖାଉ ନାହୁଁ। ଶିକ୍ଷା ଏବେ ଏକ ବ୍ୟବସାୟ ପାଲଟିଛି। ଗୁରୁ ଏବେ ସର୍ଭିସ ପ୍ରୋଭାଇଡର ଆଉ ଶିଷ୍ୟ କଷ୍ଟମର। ଶ୍ରେଣୀଗୃହରେ ଆତ୍ମୀୟତା ନାହିଁ, ଅଛି କେବଳ ସିଲାବସ୍ ସାରିବାର ତତ୍ପରତା। ପ୍ରଣାମ ଜାଗାରେ ହାଏ ସାର୍ ଆସିଛି। ଏଠି ଶିକ୍ଷକ ମଧ ଛାତ୍ରକୁ ଭୟ କରୁଛି, କାଳେ ମୋ ବିରୁଦ୍ଧରେ କମ୍ପ୍ଲେନ ହେଇଯିବ।ଏଥିପାଇଁ କିଏ ଦାୟୀ ? କେବଳ ପିଲା ନୁହେଁ, ସମାଜ, ପ୍ରଯୁକ୍ତି ବିଦ୍ୟା ଓ ଆମ ଶିକ୍ଷା ବ୍ୟବସ୍ଥା ମଧ ଦାୟୀ। ଆମେ ମାର୍କ ପଛରେ ଦୌଡୁଛୁ, ମୂଲ୍ୟବୋଧ ପଛରେ ନୁହେଁ। ପିତାମାତା ମଧ ପିଲାକୁ କୁହନ୍ତି - ଟିଚର କିଛି କହିଲେ ଆମକୁ କହିବୁ। ଏଠି ଗୁରୁ-ଶିଷ୍ୟ ଭିତରେ ଯେଉଁ ଭୟ ମିଶ୍ରିତ ଭକ୍ତି ଥିଲା, ତାହା ଆଜି ନାହିଁ।ତେଣୁ ଏବେ ବି ସମୟ ଅଛି। ପ୍ରଯୁକ୍ତି ବିଦ୍ୟା ସହିତ ଆମେ ଯେତେ ଆଗକୁ ଯାଉ, ଗୁରୁଙ୍କ ପାଦ ତଳେ ବସି ଶିଖିବାର ସଂସ୍କାରକୁ ବଞ୍ଚାଇ ରଖିବା ନିହାତି ଜରୁରୀ। କାରଣ ମେସିନ୍ ଆମକୁ ସୂଚନା ଦେଇପାରେ, କିନ୍ତୁ ମଣିଷ ହେବାର କଳା କେବଳ ଗୁରୁ ହିଁ ଶିଖାଇ ପାରିବେ। ଆସନ୍ତୁ, ଏହି ଗୁରୁ ଦିବସରେ ଆମେ ସମସ୍ତେ ଆମ ଜୀବନର ପ୍ରତ୍ୟେକ ଗୁରୁଙ୍କୁ ମନେ ପକାଇ ଭକ୍ତିପୂତ ପ୍ରଣାମ ଜଣାଇବା, କାରଣ ଗୁରୁ ବିନା ଜ୍ଞାନ ନାହିଁ ଓ ଜ୍ଞାନ ବିନା ମଣିଷ ନାହିଁ।

ଉପସ୍ଥାପିକା
ଆକାଶବାଣୀ, ପୁରୀ
ମୋ: ୯୮୬୧୦୧୭୦୭୮

ତନୁଜ କୁମାର ମଲଣା

ମାନବ ଜୀବନର ମାର୍ଗଦର୍ଶିକା:
ଗୁରୁ-ଶିଷ୍ୟ ପରମ୍ପରା

ଭାରତୀୟ ସଂସ୍କୃତି ଓ ମହାନ ସଭ୍ୟତାର ସବୁଠାରୁ ଗୌରବମୟ ତଥା ଅନିର୍ବଚନୀୟ ଅଧ୍ୟାୟ ହେଉଛି 'ଗୁରୁ-ଶିଷ୍ୟ ପରମ୍ପରା'। ଏହି ଅନାବିଳ ପରମ୍ପରା କେବଳ ଜ୍ଞାନ ଆଦାନପ୍ରଦାନର ଏକ ସାଧାରଣ ମାଧ୍ୟମ ନୁହେଁ, ବରଂ ଏହା ଦୁଇଟି ଆତ୍ମାର ଆଧ୍ୟାତ୍ମିକ ଓ ପାରମାର୍ଥିକ ସମ୍ପର୍କର ସେତୁ। ଆମ ସନାତନ ସଂସ୍କୃତିରେ ଗୁରୁଙ୍କୁ ଭଗବତ ସତ୍ତାଠାରୁ ମଧ ଉଚ୍ଚ ସ୍ଥାନ ପ୍ରଦାନ କରାଯାଇଛି। ବ୍ୟୁତ୍ପତ୍ତିଗତ ଅର୍ଥ ଅନୁଯାୟୀ, 'ଗୁ' ଶବ୍ଦର ଅର୍ଥ ଅନ୍ଧକାର ଏବଂ 'ରୁ' ଶବ୍ଦର ଅର୍ଥ ଆଲୋକ। ଅର୍ଥାତ୍, ଯିଏ ମାନବ ମନରୁ ଅଜ୍ଞାନରୂପକ ତିମିରକୁ ଦୂର କରି ଜ୍ଞାନରୂପକ ଭାସ୍କର ଆଲୋକ ପ୍ରଦାନ କରନ୍ତି, ସିଏ ହିଁ ପ୍ରକୃତ ଗୁରୁ। ଯଥାର୍ଥରେ କୁହାଯାଇଛି:'ଗୁରୁ ଜ୍ଞାନ-ଦୀପ ଜାଳି ହୃଦୟରେ, ପ୍ରକାଶ ବିସ୍ତାରେ ଅନ୍ଧକାରେ,

ମାଟି ପିଣ୍ଡୁଳାକୁ ରୂପ ଦେଇ ସିଏ, ମଣିଷ ଗଢ଼ଇ ଏ ସଂସାରେ।' ଶାସ୍ତ୍ରର ଇତିହାସ: ତ୍ୟାଗ ଓ ନିଷ୍ଠାର ଅପୂର୍ବ ଗାଥା:ଭାରତର ପୁରାଣ ଓ ଇତିହାସ ଗୁରୁ-ଶିଷ୍ୟଙ୍କ ଅପୂର୍ବ ତ୍ୟାଗ, ନିଷ୍ଠା ଓ ସମର୍ପଣର ଅସଂଖ୍ୟ ନିଦର୍ଶନରେ ସମୃଦ୍ଧ। ପୌରାଣିକ ଯୁଗରେ ସ୍ୱୟଂ ପୂର୍ଣ୍ଣବ୍ରହ୍ମ ଶ୍ରୀକୃଷ୍ଣ ଜଣେ ସାଧାରଣ ଶିଷ୍ୟ ଭଳି ଗୁରୁ ସାନ୍ଦୀପନିଙ୍କ ଆଶ୍ରମରେ ରହି ଶିକ୍ଷା ଗ୍ରହଣ କରିଥିଲେ। ସେହିପରି ନିଜ ଜୀବନକୁ ପାଣି ଛଡ଼ାଇ ଗୁରୁଙ୍କ ଆଜ୍ଞା ଅକ୍ଷରଶଃ ପାଳନ କରିଥିବା ଆରୁଣି ଏବଂ ପ୍ରତ୍ୟକ୍ଷରେ ଶିକ୍ଷା ନପାଇ ମଧ କେବଳ ମୃଣ୍ମୟ ମୂର୍ତ୍ତିକୁ ସାକ୍ଷୀ ରଖି ଶ୍ରେଷ୍ଠ ଧନୁର୍ଦ୍ଧର ହୋଇଥିବା ଏକଲବ୍ୟଙ୍କ ଗୁରୁଭକ୍ତି ଆଜି ବି ବିଶ୍ୱ ପାଇଁ ପ୍ରେରଣାର ଉତ୍ସ।ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ, ମହାପଣ୍ଡିତ ଆଚାର୍ଯ୍ୟ ଚାଣକ୍ୟ ଏବଂ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଅପୂର୍ବ ସମନ୍ୱୟ ଭାରତବର୍ଷର ଭାଗ୍ୟରେଖା ବଦଳାଇ ଦେଇଥିଲା। ଜଣେ ସାଧାରଣ ବାଳକଙ୍କ ଭିତରେ ଥିବା ସୁପ୍ତ ପ୍ରତିଭାକୁ ଚିହ୍ନି ତାଙ୍କ ଅଖଣ୍ଡ ଭାରତର ସମ୍ରାଟ ଭାବେ ଗଢ଼ି ତୋଳିଥିଲେ ଚାଣକ୍ୟ। ସେହିପରି ଆଧୁନିକ ଇତିହାସରେ ଶ୍

‘ଇଓଏସ-୦୫’ ଉପଗ୍ରହର ସଫଳ ଉତ୍କ୍ଷେପଣ

- ନିରବଚ୍ଛିନ୍ନ ଭିଡିଓ ଫୁଟେଜ୍ ପ୍ରଦାନ କରିବ ଜାତୀୟ ଉପଗ୍ରହ
- ଶ୍ରୀହରିକୋଟାସ୍ଥିତ ମହାକାଶ କେନ୍ଦ୍ରରୁ ହେଲା ଲଞ୍ଚ
- ବାତ୍ୟାଠାରୁ ନୌସେନା ସୁରକ୍ଷା କ୍ଷେତ୍ରରେ କରିବ ସହାୟତା

ଶ୍ରୀହରିକୋଟା, ୪।୯: ସେପ୍ଟେମ୍ବର ୪ ତାରିଖ ଭୋର ୩:୧୪ ମିନିଟରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ମହାକାଶ କେନ୍ଦ୍ରରୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଜିଏସଏଲଭି-ଏଫ୧୭ ରକେଟ୍ ମାଧ୍ୟମରେ ‘ଇଓଏସ-୦୫’ ଭୂ-ପର୍ଯ୍ୟବେକ୍ଷଣ ଉପଗ୍ରହର ସଫଳ ଉତକ୍ଷେପଣ କରିଛି। ପିଏସଏଲଭି ରକେଟର କ୍ରମାଗତ ଅସଫଳତା ପରେ ଇସ୍ରୋ ପାଇଁ ଏହି ସଫଳତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। କେନ୍ଦ୍ର ବିଜ୍ଞାନ ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ ଏହାକୁ ମହାକାଶ କ୍ଷେତ୍ରରେ ଭାରତର ଆଉ ଏକ ବିଶାଳ ପଦକ୍ଷେପ ବୋଲି ଅଭିନନ୍ଦନ ଜଣାଇଛନ୍ତି। ପ୍ରାୟ ୨୩୭୬ କିଲୋଗ୍ରାମ ଓଜନର ଏହି ଆଧୁନିକ ଉପଗ୍ରହଟି ଭୂ-ସ୍ଥିର କକ୍ଷପଥରେ ସ୍ଥାପିତ ହୋଇ ସାରା ଭାରତୀୟ ସୂପକଣ୍ଟିନେଣ୍ଟ, ମହାସାଗର ଓ ସୀମାନ୍ତ ଅଞ୍ଚଳ ଉପରେ ଚବିଶ ଘଣ୍ଟା କ୍ରମାଗତ ନଜର ରଖିବ। ସାଧାରଣ ଉପଗ୍ରହଗୁଡ଼ିକ କେବଳ ସ୍ଥିର ଛବି ଦେଉଥିବା ବେଳେ ଇଓଏସ-୦୫ ଏକ ଜୀବନ୍ତ ‘ମୁଭି’ ଭଳି ନିରବଚ୍ଛିନ୍ନ ଭିଡିଓ ଫୁଟେଜ୍ ପ୍ରଦାନ କରିବ। ଏହା ଦ୍ୱାରା ବାତ୍ୟା, ବନ୍ୟା, ଜଙ୍ଗଲ ନିଆଁ, ପରିବେଶ ପରିବର୍ତ୍ତନ ଓ ନୌସେନା ସୁରକ୍ଷା କ୍ଷେତ୍ରରେ ବିପୁଳ ସହାୟତା ମିଳିପାରିବ। ୨୦୨୧ ମସିହାରେ ଜିଆଇଏସଏଟି-୧ ମିସନ୍ ଅସଫଳ ହେବା ପରେ ଏହି ସ୍ୱପ୍ନ ଅଧୂରା ରହିଥିଲା, ଯାହା ଆଜି ପୂରଣ ହୋଇଛି। ‘ନଟି ବଏ’ ଭାବେ ପରିଚିତ ଜିଏସଏଲଭି ଆଜି ନିଜର ଦକ୍ଷତା ପ୍ରମାଣିତ କରିଛି। ୧୯୯୦ ଦଶକରେ ଆମେରିକାର କଟକଣା ଯୋଗୁଁ ରାଷ୍ଟ୍ର ଗୋଷ୍ଠୀରୁ କ୍ରାୟୋଜେନିକ୍ ଇଞ୍ଜିନ୍ ପ୍ରଯୁକ୍ତିବିଦ୍ୟା ନମିଳିବା ପରେ ଇସ୍ରୋ ବୈଜ୍ଞାନିକମାନେ ଦୀର୍ଘ ୨୦ ବର୍ଷର କଠିନ ପରିଶ୍ରମ ବଳରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ଏହି ସଫଳତା ହାସଲ କରିଛନ୍ତି। ଇସ୍ରୋ ଅଧ୍ୟକ୍ଷ ଡ. ଭି ନାରାୟଣନ୍ ଏହାକୁ ବୈଜ୍ଞାନିକମାନଙ୍କ ଆତ୍ମବିଶ୍ୱାସର ପ୍ରତୀକ ବୋଲି କହିବା ସହ ଚଳିତ ଆର୍ଥିକ ବର୍ଷରେ ’ଗଗନଯାନ’ ସହ ଆହୁରି ୬ଟି ପ୍ରମୁଖ ମିସନ୍ ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ଦେଇଛନ୍ତି।

ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମହାକାଶ ମିସନରେ ସଫଳତା ହାସଲ କରିଛି। ଜିଏସଏଲଭି-ଏଫ୧୭ ରକେଟ୍ ସଫଳତାର ସହ ‘ଇଓଏସ-୦୫’ ଇମେଜିଂ ଉପଗ୍ରହକୁ ଏହାର ଉଦ୍ଦିଷ୍ଟ କକ୍ଷପଥରେ ସ୍ଥାପନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସଫଳତା ପାଇଁ ଇସ୍ରୋ ଏବଂ ଦେଶର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ ମିଶନର ସଫଳତାରେ ଖୁସି ପ୍ରକାଶ କରିଛନ୍ତି। ସେ ଏହାକୁ ଇସ୍ରୋ ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବରେ ବର୍ଣ୍ଣନା କରି କହିଛନ୍ତି, ‘ଏହା ସମଗ୍ର ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ।’ ପ୍ରଧାନମନ୍ତ୍ରୀଙ୍କ ଅନୁଯାୟୀ, ଜିଏସଏଲଭି-ଏଫ୧୭ ଦ୍ୱାରା ଜିଓସିକ୍ରୋନାସ୍ କକ୍ଷପଥରେ ‘ଇଓଏସ-୦୫’ ର ବିତରଣ ଭାରତର ମହାକାଶ କ୍ଷମତା, ପ୍ରଯୁକ୍ତିବିଦ୍ୟା ଅଗ୍ରଗତି ଏବଂ ନିରନ୍ତର ବୃଦ୍ଧି ପାଉଥିବା ନବସୃଜନକୁ ପ୍ରଦର୍ଶନ କରୁଛି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଟୋଲ୍ ପ୍ଲାଜାରେ ଲଗାଅ ସିସିଟିଭି

ଅକ୍ଟୋବର ୬ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୪।୯: ଜାତୀୟ ରାଜପଥଗୁଡ଼ିକରେ ଜବରଦଖଲ ଏବଂ ରାସ୍ତା କଡ଼ରେ ଅବ୍ୟବସ୍ଥିତ ଭାବେ ଗାଡ଼ି ପାର୍କିଂକୁ ସୁପ୍ରିମକୋର୍ଟ ଗୁରୁବାର ବଡ଼ ସମସ୍ୟା ଭାବେ ଦର୍ଶାଇଛନ୍ତି। ସବୁ ଟୋଲ୍ ପ୍ଲାଜାରେ ସିସିଟିଭି କ୍ୟାମେରା ଲଗାଇ ଜାତୀୟ ରାଜପଥ ଉପରେ କାହିଁକି ନଜର ରଖାଯାଇପାରିବ ନାହିଁ ଏବଂ ଏଥିଲାଗି ସ୍ୱତନ୍ତ୍ର ମନିଟରିଂ ରୁମ୍ କାହିଁକି ବନାଯାଇପାରିବ ନାହିଁ ବୋଲି ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ (ଏନ୍ଏଚ୍ଏଆଇ)କୁ ପ୍ରଶ୍ନ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୬ ତାରିଖରେ ହେବ। ଗତବର୍ଷ ରାଜସ୍ଥାନ ପଲେ ?ଦି ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୧୫ ଜଣଙ୍କ ପ୍ରାଣହାନି ହେବା ପରେ ସୁପ୍ରିମକୋର୍ଟ ସେ ସମ୍ପର୍କରେ ସ୍ୱତଃସଂଜ୍ଞାନ ନେଇଥିଲେ। ଗୁରୁବାର ସେହି ମାମଲାର ଶୁଣାଣି କରି ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଥିଲେ ଯେ, ଜାତୀୟ ରାଜପଥ ଜବରଦଖଲ ଏବଂ ଏହା କଡ଼ରେ ବେଆଇନ ଭାବେ ଗାଡ଼ି ପାର୍କିଂ ସଡ଼କ ସୁରକ୍ଷା ଦିଗରେ ଦୁଇଟି ବଡ଼ ସମସ୍ୟା। ଏନ୍ଏଚ୍ଏଆଇ କାହିଁକି ସବୁ ଟୋଲ୍ ପ୍ଲାଜାରେ ସିସିଟିଭି କ୍ୟାମେରା ଲଗାଇ ଏହା ଉପରେ ନଜର ରଖିବା ସମ୍ପର୍କରେ ଚିନ୍ତା କରୁନାହିଁ। ସବୁ ଟୋଲ୍ ପ୍ଲାଜାରେ ମନିଟରିଂ ରୁମ୍ ସ୍ଥାପନ କରାଯାଇପାରିବ। ଏନ୍ଏଚ୍ଏଆଇ ପକ୍ଷରୁ ହାଜର ଓକିଲ ବିନା ଅନୁମତିରେ ରାଜପଥରେ ଗାଡ଼ି ପାର୍କିଂକୁ ରୋକିବା ଲାଗି ନିୟମିତ ପାଟ୍ରୋଲିଂ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା କରିଥିଲେ। ଏହାପରେ ଖଣ୍ଡପୀଠ କହିଥିଲେ ଯେ, ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରାଳୟ, ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏବଂ ତାମିଲନାଡୁ ସରକାର ଅଦ୍ୟାବଧି ଏହି ମାମଲାରେ ସେମାନଙ୍କର ସତ୍ୟପାଠ ଦାଖଲ କରିନାହାନ୍ତି। ଏପରିସ୍ଥଳେ ଦୁଇ ସପ୍ତାହ ମଧ୍ୟରେ ଉଭୟ ମନ୍ତ୍ରାଳୟକୁ ସତ୍ୟପାଠ ଦାଖଲ କରିବାକୁ ହେବ। ତାମିଲନାଡୁ ସରକାରଙ୍କୁ ମାମଲାର ଆଗାମୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ କୋର୍ଟ କହିଛନ୍ତି।

ସୂଚନାଥାଉକି, ଏହା ପୂର୍ବରୁ ଏପ୍ରିଲ ୧୩ ତାରିଖର ଶୁଣାଣିରେ ସୁପ୍ରିମକୋର୍ଟ ଜାତୀୟ ରାଜପଥର ସୁରକ୍ଷା ବୃଦ୍ଧି ଲାଗି ଅନେକ ଅଗ୍ରଗାମୀ ଆଦେଶ ଜାରି କରିଥିଲେ। କୌଣସି ଭାରୀ କିମ୍ବା ବ୍ୟାବସାୟିକ ଗାଡ଼ି ଜାତୀୟ ରାଜପଥ କଡ଼ରେ ପାର୍କ ହୋଇପାରିବ ନାହିଁ। ଏଭଳି ଗାଡ଼ି କେବଳ ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ ରହିପାରିବ ବୋଲି କହିଥିଲେ।

ରେକର୍ଡ କଲେ ଇଟାଲୀ ପ୍ରଧାନମନ୍ତ୍ରୀ

ମେଲୋନୀଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦୀ

ନୂଆଦିଲ୍ଲୀ, ୪।୯: ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ନୂଆ ରେକର୍ଡ । ମେଲୋନିଙ୍କ ନେତୃତ୍ୱରେ ମେଷ ସରକାରକୁ ପୂରିଲା ୧୪୧୩ ଦିନ । ୨୦୦୦ ଦଶକର ସିଲଭିଓ ବର୍ଲୁସ୍କୋନିଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଅପେକ୍ଷା ଏହା ଗୋଟିଏ ଦିନ ଅଧିକ । ମେଲୋନିଙ୍କ ସରକାରର ଚାରି ବର୍ଷର କାର୍ଯ୍ୟକାଳ ପୂରଣ କରିବାକୁ ଏବେ ବି ପ୍ରାୟ ସାତ ସପ୍ତାହ ବାକି ଅଛି । ତେବେ ଇଟାଲୀ ରାଜନୀତିରେ ସରକାର ବଦଳିବା ସାଧାରଣ କଥା । ହେଲେ ମେଲୋନି ଏତେ ଦିନ ଧରି ଶାସନରେ ରହିବା ବଡ଼ ଉପଲବ୍ଧି। ମେଲୋନିଙ୍କ ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି । ମୋଦି କହିଛନ୍ତି ଯେ, ଇଟାଲୀର ଯୁଦ୍ଧ ପରବର୍ତ୍ତୀ ଇତିହାସରେ ମେଲୋନି ସବୁଠାରୁ ଦୀର୍ଘ ସମୟ ଧରି ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି । ଯାହାକି ତାଙ୍କ ନେତୃତ୍ୱ ପ୍ରତି ଇଟାଲୀୟ ଲୋକଙ୍କ ବିଶ୍ୱାସକୁ ପ୍ରତିଫଳିତ କରୁଛି । ଏହି ଉପଲବ୍ଧି ପାଇଁ ତାଙ୍କୁ ଶୁଭେଚ୍ଛା । ଆଗାମୀ ବର୍ଷ ଗୁଡ଼ିକ ମଧ୍ୟ ତାଙ୍କ ପାଇଁ ସଫଳତାର ବର୍ଷ ହେଉ । ମେଲୋନିଙ୍କ ବନ୍ଧୁତା ପାଇଁ ଭାରତ ଏବଂ ଇଟାଲି ମଧ୍ୟରେ ରଣନୈତିକ ସମ୍ପର୍କ ମଜବୁତ ହୋଇଛି । ଦୁଇ ଦେଶର ସମୃଦ୍ଧ ଭବିଷ୍ୟତ ପାଇଁ ମେଲୋନିଙ୍କ ସହ ମିଶି ଆଗକୁ କାମ କରିବାକୁ ଚାହୁଁଛି । ସୋସିଆଲ ମିଡିଆରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେଲୋନିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମେଲୋନି ଶୁକ୍ରବାର ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଏନେଇ ପୋଷ୍ଟ କରିଥିଲେ । ସେ ଲେଖିଛନ୍ତି ଯେ, ସରକାରରେ ଦୀର୍ଘ ଦିନ ଯାଏଁ ରହି ରେକର୍ଡ କରିବା କିଛି ବଡ଼ କଥା ନୁହେଁ ।

ଭାରତୀୟ କମ୍ପାନୀ ସହିତ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରି ଫସିଲେ

ଇସ୍ତଫା ଦେଲେ ଏଷ୍ଟୋନିଆର ପ୍ରତିରକ୍ଷା ମନ୍ତ୍ରୀ

ଟାଲିନ୍, ୪।୯: ୟୁକ୍ରେନକୁ ସମର୍ଥନ କରିବା ପାଇଁ ୭୦ ନିୟୁତ ୟୁରୋ (୭୬୮.୫୦ କୋଟି ଟଙ୍କାରୁ ଅଧିକ)ର ଗୋଳାବାରୁଦ ଚୁକ୍ତି ଏକ ଭାରତୀୟ ମାଲିକାନାରେ ଥିବା କମ୍ପାନି ସହିତ ଜଡିତ କ୍ରୟ ଦୁର୍ନୀତିରେ ଫସିଯିବା ପରେ ଏଷ୍ଟୋନିଆର ପ୍ରତିରକ୍ଷା ମନ୍ତ୍ରୀ ହାନୋ ପେଭକୁର ଇସ୍ତଫା ଦେଇଛନ୍ତି। ୨୦୨୨ ମସିହାରୁ ପ୍ରତିରକ୍ଷା ମନ୍ତ୍ରୀ ଭାବରେ କାର୍ଯ୍ୟ କରୁଥିବା ପେଭକୁର ବୁଧବାର ତାଙ୍କ ଇସ୍ତଫା ଘୋଷଣା କରି କହିଛନ୍ତି ଯେ, ସେ ଏଷ୍ଟୋନିଆର ଜାତୀୟ ଅଡିଟ୍ କାର୍ଯ୍ୟାଳୟ ଦ୍ୱାରା ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ପରେ ପ୍ରତିରକ୍ଷା ଚୁକ୍ତିର ଦାୟିତ୍ୱ ନେଇ ଇସ୍ତଫା ଦେଉଛନ୍ତି। ପ୍ରତିରକ୍ଷା କ୍ରୟ ଦୁର୍ନୀତିରେ ଫସିବା ପରେ ଏଷ୍ଟୋନିଆର ପ୍ରତିରକ୍ଷା ମନ୍ତ୍ରୀ ହାନୋ ପେଭକୁର ଇସ୍ତଫା ଦେଇଛନ୍ତି। ୟୁରୋପୀୟ ସଂଘ ଦ୍ୱାରା ଅନୁଦାନପ୍ରାପ୍ତ ୭୦ନିୟୁତ ୟୁରୋ (ପ୍ରାୟ ୭୭୦ କୋଟି) ପ୍ରତିରକ୍ଷା ଚୁକ୍ତି ୟୁକ୍ରେନକୁ ସହାୟତା କରିବା ପାଇଁ ଗୋଳାବାରୁଦ କ୍ରୟ କରିବା ପାଇଁ ହୋଇଥିଲା।

ଏଥିରେ ଏକ ଭାରତୀୟ ମାଲିକାନାରେ ଥିବା କମ୍ପାନି ସାମିଲ ଥିଲା। ୨୦୨୨ ମସିହାରୁ ଏଷ୍ଟୋନିଆର ପ୍ରତିରକ୍ଷା ମନ୍ତ୍ରୀ ଥିବା ପେଭକୁର ବୁଧବାର ବିକ୍ରୟିତ ଟେଲିଭିଜନରେ ତାଙ୍କ ଇସ୍ତଫା ଘୋଷଣା କରିଥିଲେ। ଇସ୍ତଫା ଘୋଷଣା କରି ପେଭକୁର କହିଛନ୍ତି ଯେ, ସେ ତାଙ୍କ ମନ୍ତ୍ରଣାଳୟର ସମସ୍ୟା ପାଇଁ ରାଜନୈତିକ ଦାୟିତ୍ୱ ନେଉଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ସେ କହିଛନ୍ତି, ‘ଏଷ୍ଟୋନିଆର ସୁରକ୍ଷା ଜଣେ ବ୍ୟକ୍ତିଙ୍କ କାମ ନୁହେଁ। ଏହା ଆମର ସାମୂହିକ ଦାୟିତ୍ୱ। ସେଥିପାଇଁ ଆଜି ମୁଁ ସମଗ୍ର ପ୍ରତିରକ୍ଷା କ୍ଷେତ୍ର ପାଇଁ ରାଜନୈତିକ ଦାୟିତ୍ୱ ଗ୍ରହଣ କରି ସଠିକ୍ ସମୟରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ପଦ ହସ୍ତାନ୍ତର କରିବାକୁ ପଡିବ।’ ଏହି ମାମଲାଟି ଏଷ୍ଟୋନିଆର ପ୍ରତିରକ୍ଷା ନିବେଶ କେନ୍ଦ୍ର ଓ ଇଟାଲୀୟ-ପଞ୍ଜିକୃତ କମ୍ପାନି ଡାଟାସେଲ୍ ଏସ୍ଆରଏଲ୍ ମଧ୍ୟରେ ୨୦୨୪ ମସିହାରେ ହୋଇଥିବା ଏକ ଚୁକ୍ତି ସହିତ ଜଡିତ। ସେହିବର୍ଷ ଭାରତୀୟ କମ୍ପାନି ନେକୋ ଡିଫେନ୍ସ ମ୍ୟୁନିସନ୍ ଦ୍ୱାରା ଡାଟାସେଲ୍ ଏସ୍ଆରଏଲ୍ ଅଧିଗ୍ରହଣ କରାଯାଇଥିଲା।

ଚୁଟ୍‌କୀରେ...

ଲାଣ୍ଡିଂ ବେଳେ ଖୁଣ୍ଟରେ ପିଟିହେଲା ଇଣ୍ଡିଗୋ ପ୍ଲେନ୍

ନୂଆଦିଲ୍ଲୀ, ୪।୯: ଇଣ୍ଡିଗୋ ବିମାନ ପୁଣି ଥରେ ଚର୍ଚ୍ଚାରେ ରହିଛି। ମୁମ୍ବାଇରୁ ଶ୍ରୀନଗରରେ ପହଞ୍ଚିଥିବା ଇଣ୍ଡିଗୋ ବିମାନ ୬ଇ ୨୨୫ ଏକ ବଡ଼ ଧରଣର ଦୁର୍ଘଟଣାର ଶିକାର ହୋଇଛି । ପାର୍କିଂ ସମୟରେ ବିମାନର ବ୍ରେକ୍ ସିଷ୍ଟମ୍‌ରେ ସମସ୍ୟା ଉପୁଜିଥିଲା ଯେଉଁଥିପାଇଁ ଏହା ଅଟକି ପାରିନଥିଲା। ରନ୍‌ୱେରେ ପ୍ଲେନ୍ ପହଞ୍ଚିଥିଲା । କିନ୍ତୁ ବ୍ରେକ୍ ସମସ୍ୟା ହେତୁ ନ ଅଟକି ଏକ ଖୁଣ୍ଟରେ ପିଟି ହୋଇଯାଇଥିଲା । ପ୍ଲେନ୍‌ରେ ଶାନ୍ତ ଭାବେ ବସିଥିବା ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଶ୍ରୀନଗର ବିମାନ ବନ୍ଦରରେ ପାର୍କିଂ ସମୟରେ ଏକ ବିମାନ ଖୁଣ୍ଟରେ ପିଟି ହୋଇଛି ଇଣ୍ଡିଗୋ ପ୍ଲେନ୍ । ପ୍ରାଥମିକ କାରଣ ବ୍ରେକ୍ ଫେଲ୍ କୁହାଯାଉଥିବା ବେଳେ ବର୍ତ୍ତମାନ ଦୁର୍ଘଟଣାର କାରଣ ଖୋଜା ଜାରି ରହିଛି । ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଯାତ୍ରୀଙ୍କ ସମେତ କ୍ରୁ ସଦସ୍ୟ । ଅଧିକାରୀଙ୍କ କହିବାନୁସାରେ,ଇଣ୍ଡିଗୋ ବିମାନ ୬ଇ ୨୨୫ ସକାଳେ ନଭି ମୁମ୍ବାଇରୁ ଉଡ଼ାଣ ଆରମ୍ଭ କରି ଶୁକ୍ରବାର ସକାଳ ପ୍ରାୟ ୯ଟା ସମୟରେ ଶ୍ରୀନଗର ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିଲା ।

ଭାରତ ହାତରେ ଦ୍ରୁତତମ ଇଣ୍ଟରସେପ୍ଟର ଡ୍ରୋନ୍

ନୂଆଦିଲ୍ଲୀ, ୪।୯: ହାଇଦ୍ରାବାଦର ଷ୍ଟାର୍ଟଅପ୍ ଅପୋଲିଅନ୍ ଡାଇନାମିକ୍ସ ଭାରତର ସବୁଠୁ ଦ୍ରୁତ ଇଣ୍ଟରସେପ୍ଟର ଡ୍ରୋନ୍ ‘ଆହୁତି ଏମ୍‌କେ-୨’ ନିର୍ମାଣ କରିଛି । ଏହାର ବେଗ ଘଣ୍ଟାପ୍ରତି ୪୯୮ କିଲୋମିଟର । ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ସରେ ଏହା ସ୍ଥାନ ପାଇଛି । ଅପୋଲିଅନ୍ ଡାଇନାମିକ୍ସର ପ୍ରତିଷ୍ଠାତା ଜୟନ୍ତ ଖତ୍ରୀ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସରେ ପୋଷ୍ଟ କରିଛନ୍ତି, ଏହି ଡ୍ରୋନ୍ ନିଜର ପ୍ରୋଟୋଟାଇପ୍ ମଡେଲର ଘଣ୍ଟା ପ୍ରତି ୩୨୫ କିମି ବେଗର ପୁରୁଣା ରେକର୍ଡ ଭାଙ୍ଗିଛି । ବାୟୁମାର୍ଗରେ ଆସୁଥିବା ଶତ୍ରୁ ଡ୍ରୋନ୍ ବା ମିସାଇଲକୁ ଆଖି ପିଛୁଳାକେ ଖସାଇବା ପାଇଁ ଆହୁତି ଏମ୍‌କେ-୨କୁ ନିର୍ମାଣ କରାଯାଇଛି । ଖତ୍ରୀ କହିଛନ୍ତି, କମ୍ପାନି ପୂର୍ବରୁ ଭାରତୀୟ ଆର୍ମିକୁ ଘଣ୍ଟା ପ୍ରତି ୩୦୦ କିମି ବେଗରେ ସକ୍ଷମ କାମିକେଜ ଡ୍ରୋନ୍ ଯୋଗାଇଥିଲା । କମ୍ପାନି ଅନୁସାରେ, ଯୁଦ୍ଧର ପରିବର୍ତ୍ତିତ ଶୈଳୀକୁ ଦେଖି ଡ୍ରୋନ୍‌ର ବେଗକୁ ବଢ଼ାଇବା ଅତ୍ୟନ୍ତ ଜରୁରି ହୋଇଛି । ତେବେ ବୈଶ୍ୱିକ ସଂଘର୍ଷରେ ଶାହେଦ-୧୬ ଭଳି ଶସ୍ତା ଓ ବିପଦପୂର୍ଣ୍ଣ ଡ୍ରୋନ୍ର ଉପଯୋଗ ଦ୍ରୁତ ବଢ଼ିଛି ।

୨ ନିଖୋଜ ପାରା ସ୍ପେଶାଲ ଫୋର୍ସ ଯବାନଙ୍କ ମୃତଦେହ ଉଦ୍ଧାର

ଚଣ୍ଡୀଗଢ଼, ୪।୯: ହରିୟାଣାର ଯମୁନାନଗର ସ୍ଥିତ ହାଥନୀକୁଣ୍ଡ ବ୍ୟାରେଜ୍ ନିକଟରେ ଯମୁନା ନଦୀରେ ତାଲିମ ସମୟରେ ଡଙ୍ଗା ବୁଡ଼ି ନିଖୋଜ ହୋଇଥିବା ଭାରତୀୟ ସେନାର ୧ ପାରା ସ୍ପେଶାଲ ଫୋର୍ସର ଦୁଇଜଣ ଯବାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗୁରୁବାର ସେନା, ବାୟୁସେନା, ଏନଡିଆରଏଫ୍ ଓ ସ୍ଥାନୀୟ ପ୍ରଶାସନର ମିଳିତ ଖୋଜାଖୋଜି ଓ ଉଦ୍ଧାର ଅଭିଯାନ ପରେ ମୃତଦେହଗୁଡ଼ିକ ଉଦ୍ଧାର ହୋଇଛି। ଗତ ମଙ୍ଗଳବାର ସନ୍ଧ୍ୟାରେ ଏକ ରାତ୍ରିକାଳୀନ ନାଇଟ୍-ଟ୍ରେନିଂ ଅଭ୍ୟାସ ସମୟରେ ୫ ଜଣ ଯବାନଙ୍କୁ ନେଇ ଯାଉଥିବା ସେନାର ଏକ ମୋଟରବୋଟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ବ୍ୟାରେଜର ଗେଟ୍ ନିକଟରେ ସ୍ରୋତ ଅତ୍ୟନ୍ତ ପ୍ରବଳ ଥିବାରୁ ଡଙ୍ଗାଟି ନିୟନ୍ତ୍ରଣ ବାହାରକୁ ଚାଲିଯାଇ ସ୍ରୋତରେ ଫସି ଓଲଟି ପଡ଼ିଥିଲା। ଡଙ୍ଗାରେ ଥିବା ୫ ଜଣ ଯବାନଙ୍କ ମଧ୍ୟରୁ ୩ ଜଣ ସ୍ରୋତ ସହ ଲଢ଼ି ସୁରକ୍ଷିତ ଭାବେ କୂଳକୁ ଆସିବାରେ ସଫଳ ହୋଇଥିବା ବେଳେ, ଅନ୍ୟ ୨ ଜଣ ଯବାନ ପାଣିରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ୪୮ ଘଣ୍ଟାର ନିରବଚ୍ଛିନ୍ନ ଖୋଜାଖୋଜି ପରେ ଶେଷରେ ସେମାନଙ୍କ ଶବ ଉଦ ଧାର କରାଯାଇଛି।

ନେପାଳ ଜଳପ୍ରଳୟ :୨ ଶ୍ରମିକ ଜୀବିତ ଉଦ୍ଧାର

କାଠମାଣ୍ଡୁ, ୪।୯: ନେପାଳର ତ୍ରିଶୁଲିରେ ଥିବା ଏକ ଜଳବିଦ୍ୟୁତ ପ୍ରକଳ୍ପର ସୁଡ଼ଙ୍ଗରୁ ଶୁକ୍ରବାର ଦୁଇଜଣ ଶ୍ରମିକଙ୍କୁ ଜୀବିତ ଉଦ୍ଧାର କରାଯାଇଛି। ଅଗଷ୍ଟ ୨୬ରେ ନେପାଳରେ ଆସିଥିବା ଭୟଙ୍କର ବନ୍ୟା ପରଠାରୁ ଏହି ଶ୍ରମିକମାନେ ସୁଡ଼ଙ୍ଗରେ ଫସି ରହିଥିଲେ ଏବଂ ଶେଷରେ ନଅ ଦିନ ପରେ ସେମାନେ ବାହାରି ଆସିଲେ। ସୁରକ୍ଷିତ ଭାବରେ ବାହାରକୁ ଆସିଥିବା ଶ୍ରମିକମାନଙ୍କ ମଧ୍ୟରୁ ଜଣେ ସଞ୍ଜୟ ସାହ କହିଛନ୍ତି ଯେ ସେ ସୁଡ଼ଙ୍ଗ ଭିତରେ ‘ହରେ କୃଷ୍ଣ’ ମନ୍ତ୍ର ଜପ କରି ଚାଲିଥିଲେ ଏବଂ ତାଙ୍କୁ ଉଦ୍ଧାର କରାଯିବ ବୋଲି ଆଶା ରଖିଥିଲେ। ସଂଯୋଗବଶତଃ, ଫସି ରହିଥିବା ସମୟରେ ନିରନ୍ତର ହରେ କୃଷ୍ଣ ମନ୍ତ୍ର ଜପ କରୁଥିବା ସଞ୍ଜୟ ସାହଙ୍କୁ କୃଷ୍ଣ ଜନ୍ମାଷ୍ଟମୀ ଦିନ ହିଁ ଉଦ୍ଧାର କରାଯାଇଥିଲା।

ଏନ୍‌କାଉଣ୍ଟରରେ ଆତଙ୍କବାଦୀ ନିହତ

ଏକେ-୪୭ ରାଇଫଲ୍ ଜବତ

ନୂଆଦିଲ୍ଲୀ, ୪।୯: ଜଣେ ଆତଙ୍କୀ ନିହତ। ଜମ୍ମୁ-କ

ଘରେ ଘରେ 'ହାତୀଘୋଡ଼ା ପାଲ୍‌କୀ, ଜୟ କହ୍ନେୟା ଲାଲ୍‌କୀ' ନାରା

- ଶଂଖ , ଘଣ୍ଟା, ହରିବୋଲ, ହୁଳହୁଳିରେ କମ୍ପୁଛି ଅଞ୍ଚଳ
- ବିଭିନ୍ନ ସ୍କୁଲରେ ଛୋଟ ଗୋପାଳଙ୍କ ମନୋରମ ବେଶ
- ବ୍ରହ୍ମକୁମାରୀ ଆଶ୍ରମରେ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ

କାକଟପୁର /ଅନ୍ତରଙ୍ଗ(ଅମୃତ ମିଡିଆ): ପବିତ୍ର ଜନ୍ମାଷ୍ଟମୀ। ଆଉ ଏହି ପବିତ୍ର ଦିନରେ ପୁରୀ ଜିଲ୍ଲା ଅନ୍ତରଙ୍ଗ ଯେମିତି ବୈକୁଣ୍ଠ ପୁରୀ ପାଲଟି ଯାଇଛି। ଚାରିଆଡେ ଶଙ୍ଖ ଧ୍ୱନି, ଘଣ୍ଟ ନାଦ, ଭଜନ କୀର୍ତ୍ତନ ଓ ହରିବୋଲ ହୁଳହୁଳିରେ କମ୍ପୁଛି ଅନ୍ତରଙ୍ଗ-କାକଟପୁର। ଘରେ ଘରେ ଆଜି ଗୁଞ୍ଜରି ଉଠୁଛି ଗୋଟିଏ ନାରା - ହାତୀ ଘୋଡା ପାଲକି, ଜୟ କହ୍ନେୟା ଲାଲ କି। ଏହି ଅବସରରେ ଅନ୍ତରଙ୍ଗସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ମହା ଆଡମ୍ବରରେ ପାଳିତ ହୋଇଛି ଶ୍ରୀକୃଷ୍ଣ ଜନ୍ମୋତ୍ସବ।

ବ୍ରାହ୍ମ ମୁହୂର୍ତ୍ତରୁ ଶହ ଶହ ଭକ୍ତ ଆଶ୍ରମରେ ଏକତ୍ରିତ ହୋଇଥିଲେ। ଶ୍ରୀକୃଷ୍ଣଙ୍କ ବାଳ ଲୀଳା, ଗୀତାର ନିଷ୍କାମ କର୍ମ ଓ କୃଷ୍ଣ ଚେତନା ଉପରେ ଆଶ୍ରମର ସଞ୍ଚାଳିକା ବ୍ରହ୍ମାକୁମାରୀ ବି. କେ. ଅଞ୍ଜଳି ଓ ରାଜଯୋଗିନୀ ପ୍ରଭାତୀ ଭଉଣୀ ଦିବ୍ୟ ପ୍ରବଚନ ଦେଇଥିଲେ। ତାଙ୍କ ବାଣୀ ଶୁଣି ଭକ୍ତମାନେ ଭାବ ବିହ୍ୱଳ ହୋଇ ପଡିଥିଲେ। ପରେ ଭଜନ, ସଙ୍କୀର୍ତ୍ତନ ଓ ଆଧ୍ୟାତ୍ମିକ ନୃତ୍ୟରେ ପୂରା ପରିସର ବୃନ୍ଦାବନ ପାଲଟି ଯାଇଥିଲା। ସେପଟେ କାକଟପୁର, ଅନ୍ତରଙ୍ଗ ବ୍ଲକର ସମସ୍ତ ରାଧାକୃଷ୍ଣ ଓ ଜଗନ୍ନାଥ ମନ୍ଦିରରେ ଦିନ ସାରା ସ୍ୱତନ୍ତ୍ର ପୂଜା, ଅଭିଷେକ ଓ ନାମ ସଙ୍କୀର୍ତ୍ତନ ଚାଲିଛି। ହେଲେ ସବୁଠୁ ମନମୋହକ ଦୃଶ୍ୟ ଦେଖିବାକୁ ମିଳିଛି ବିଭିନ୍ନ ସ୍କୁଲରେ। କୁନି କୁନି ପିଲାମାନେ ମୁଣ୍ଡରେ ମୟୂର ପୁଚ୍ଛ, ହାତରେ ବଇଁଶୀ ଓ ରାଧା ବେଶରେ ସଜେଇ ହୋଇ ଯେମିତି ସ୍ୱର୍ଗରୁ ଓହ୍ଲାଇ ଆସିଛନ୍ତି। ସେମାନଙ୍କ ଲୀଳା ଦେଖି ଶିକ୍ଷକ, ଅଭିଭାବକ ସମସ୍ତେ ମନ୍ତ୍ରମୁଗ୍ଧ। ସତରେ ଆଜି ଅନ୍ତରଙ୍ଗରେ ଭଗବାନ ପୁଣି ଥରେ ଜନ୍ମ ନେଇଛନ୍ତି ବୋଲି ଲାଗୁଛି।

ଜନ୍ମାଷ୍ଟମୀରେ ମା'ର କୋଳ ଖାଲିକଲା ଦେବୀନଦୀ

- ନଦୀପଠାରୁ ୭ ବର୍ଷର ଶୁଭ୍ରଜିତର ମୃତଦେହ ଉଦ୍ଧାର
- ଅପହରଣ ସନ୍ଦେହ ପରେ ବୁଡ଼ି ମୃତ୍ୟୁ, ଡଗ୍ ସ୍କ୍ୱାଡ୍ ଦେଲା ସୁରାକ୍



ଅନ୍ତରଙ୍ଗ (ଅମୃତ ମିଡିଆ): ଜନ୍ମାଷ୍ଟମୀ ଖୁସି ପୂର୍ବରୁ ପୁରୀ ଜିଲ୍ଲା ଅନ୍ତରଙ୍ଗରେ ଶୋକ। ଦେବୀ ନଦୀ କୋଳ ଶୂନ୍ୟ କରିଦେଲା ଜଣେ ମା'ର। ଦୁଇ ଦିନ ହେଲା ନିଖୋଜ ଥିବା ୭ ବର୍ଷର କୁନି ପୁଅର ମୃତଦେହ ଗୁରୁବାର ଦେବୀ ନଦୀ ପଠା ଅସନ ନିକଟରୁ ଉଦ୍ଧାର ହୋଇଛି। ଏହି ଘଟଣାରେ ପୂରା ଏଡବାଂଶ ଗାଁରେ ଶୋକର ଛାୟା ଖେଳି ଯାଇଛି। ମୃତ ଶିଶୁ ହେଉଛି ଅନ୍ତରଙ୍ଗ ତହସିଲ ତାଳଦା ପଞ୍ଚାୟତ ଏଡବାଂଶ ଗାଁର ପ୍ରଶାନ୍ତ ବେହେରାଙ୍କ ଏକମାତ୍ର ପୁଅ ଶୁଭ୍ରଜିତ ବେହେରା (୭)। ମଙ୍ଗଳବାର ଅପରାହ୍ନରେ ଘର ସାମ୍ନାରେ ଖେଳୁଥିବା ବେଳେ ସେ ହଠାତ୍ ନିଖୋଜ ହୋଇଯାଇଥିଲା। ପରିବାର ଲୋକେ ସାରା ଗାଁ ଖୋଜିଥିଲେ ହେଁ ପାଇ ନଥିଲେ। ଶେଷ ଥର ପାଇଁ ତାକୁ ଦେବୀ ନଦୀ କୂଳରେ ଦେଖାଯାଇଥିବା କେହି କେହି କହିଥିଲେ। ସେହି ସମୟରେ ଗାଁ ଦାଣ୍ଡରେ ଏକ ଅଚିହ୍ନା ଥାର୍ ଗାଡି ବୁଲୁଥିବା ଖବର ଆସିବାରୁ ଏହା ଅପହରଣ ବୋଲି ସନ୍ଦେହ କରାଯାଇଥିଲା। ଖବର ପାଇ ଅନ୍ତରଙ୍ଗ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ପୁରୀରୁ ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ ଟିମ୍ ଅଣାଯାଇଥିଲା। ଡଗ୍ ସ୍କ୍ୱାଡ୍ ଶୁଭ୍ରଜିତର ପୋଷାକ ଶୁଙ୍ଘି ସିଧା ଘରଠାରୁ ଦେବୀ ନଦୀ କୂଳ ଯାଏଁ ଯାଇ ସେଠାରେ ଅଟକି ଯାଇଥିଲା। ଏହା ପରେ ପୋଲିସ ବୁଡି ଆଶଙ୍କା କରି ଅଗ୍ନିଶମ ବାହିନୀକୁ ଡାକିଥିଲା। ଦୁଇ ଦିନ ଧରି ଦେବୀ ନଦୀରେ ସର୍ଚ୍ଚ ଅପରେସନ ଜାରି ରହିଥିଲା। ଶେଷରେ ଗୁରୁବାର ସକାଳେ ଦେବୀ ନଦୀ ପଠା ଅସନ ନିକଟରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଅନ୍ତରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପରିବାର ଲୋକେ ତାହା ନିଖୋଜ ଶୁଭ୍ରଜିତର ବୋଲି ଚିହ୍ନଟ କରିଛନ୍ତି। ପୁଅର ନିଥର ଶରୀର ଦେଖି ମା' ଓ ପରିବାରର କାନ୍ଦରେ ଫାଟି ପଡିଛି ପୂରା ଗାଁ। ପୋଲିସ ମୃତଦେହ ଜବତ କରି ପ୍ରଥମେ ଅନ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲା ଏବଂ ପରେ ଶବ ବ୍ୟବଚ୍ଛେଦ ପାଇଁ ଚାଚିଇକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଅନ୍ତରଙ୍ଗ ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ଏହା ବୁଡି ମୃତ୍ୟୁ ବୋଲି ଜଣାପଡୁଛି, ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ସ୍ତ୍ରୀକୁ ଜାଳିଦେବା ଘଟଣାରେ ସ୍ୱାମୀ ଗିରଫ

ପୁରୀ (ବ୍ୟୁରୋ): ପାରିବାରିକ କଳହକୁ ନେଇ ସ୍ତ୍ରୀଙ୍କୁ ପେଟ୍ରୋଲ ଢାଳି ଜାଳିଦେବା ଘଟଣାରେ ଗୁରୁବାର ଅଭିଯୁକ୍ତ ସ୍ୱାମୀ ବିକ୍ରମ ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। କୁୟାରପଡ଼ା ଥାନା ପୋଲିସ ଏ ନେଇ ଏକ କେସ୍ (ନଂ. ୪୫୩/୨୬) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ବୁଧବାର ସନ୍ଧ୍ୟାରେ କୁୟାରପଡ଼ା ଥାନା ଅନ୍ତର୍ଗତ ଆଲାମଚଣ୍ଡୀ ଅଞ୍ଚଳରେ ପାରିବାରିକ କଳହକୁ କେନ୍ଦ୍ର କରି ବିକ୍ରମ ତାଙ୍କ ସ୍ତ୍ରୀ ସରୋଜିନୀ ମଲ୍ଲିକଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ସରୋଜିନୀ ପୋଡ଼ିଯାଇ ଗୁରୁତର ହୋଇପଡ଼ିଥିଲେ। ଖବରପାଇ କୁୟାରପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସରୋଜିନୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ତେବେ ଅବସ୍ଥା ସଙ୍କିନ ହେବାରୁ ପରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ବିକ୍ରମଙ୍କୁ ଥାନରେ ଅଟକ ରଖି ପଚରାଉଚରା କରିଥିଲା। ପାରିବାରିକ କଳହକୁ କେନ୍ଦ୍ରକରି ସରୋଜିନୀ ଚିଡି ଦେଖୁଥିବା ସମୟରେ ବିକ୍ରମ ସରୋଜିନୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଅପରପକ୍ଷରେ ଗୁରୁତର ଥିବା ସରୋଜିନୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

ସେବାକୁ ମୂଳମନ୍ତ୍ର କରିଛନ୍ତି ରାକେଶ

- ଛାତ୍ର ଜୀବନରୁ ରାଜନୀତି, ଏବେ ସାଂସଦଙ୍କ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରତିନିଧି
- ସାଂସଦ ବିଭୁ ପ୍ରସାଦ ତରାଇଙ୍କ ଠାରୁ ପାଇଲେ ସମ୍ମାନ

କାକଟପୁର/ଅନ୍ତରଙ୍ଗ (ଅମୃତ ମିଡିଆ): ପୁରୀ ଜିଲ୍ଲା ଅନ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତର ଯୁବ ନେତା ରାକେଶ ବିଶ୍ୱାଳ ଓରଫ ରିଙ୍କୁ। ନାମଟା ଏବେ ଅନ୍ତରଙ୍ଗ-କାକଟପୁର ଅଞ୍ଚଳରେ ସମସ୍ତଙ୍କ ମୁହଁରେ। କାରଣ ସେ କେବଳ ଜଣେ ରାଜନେତା ନୁହଁନ୍ତି ଜଣେ ସେବକ। ଛାତ୍ର ଜୀବନରୁ ସେବା ମନୋବୃତ୍ତି ନେଇ ରାଜନୀତି ଆରମ୍ଭ କରିଥିଲେ। ଆଉ ଆଜି ସେହି ସେବା ତାଙ୍କୁ ସମ୍ମାନ ଆଣି ଦେଇଛି। ରାକେଶ ଏବେ ଜଗତସିଂହପୁର ସାଂସଦଙ୍କ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରତିନିଧି ଭାବେ ନିଯୁକ୍ତ ହୋଇଛନ୍ତି। ସେବା ହିଁ ତାଙ୍କର ପରିଚୟ। ଯେଉଁଠି ଯିଏ ଅସୁସ୍ଥ, ଯେଉଁଠି ସ୍ୱାସ୍ଥ୍ୟ ସେବାରେ ଅବହେଳା ସେଠି ପହଞ୍ଚି ଯାଆନ୍ତି ରାକେଶ। ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ରୋଗୀଙ୍କ ସୁବିଧା ଅସୁବିଧା ବୁଝନ୍ତି ଡାକ୍ତର ଓ ପ୍ରଶାସନ ସହ କଥା ହୋଇ ସମାଧାନ କରନ୍ତି। ତେଣୁ ସମସ୍ତଙ୍କ ପ୍ରିୟ ପାଲଟିଛନ୍ତି ରିଙ୍କୁ। କେବଳ ସରକାରୀ ଦାୟିତ୍ୱ ନୁହେଁ ସାମାଜିକ ସେବାରେ ମଧ୍ୟ ଆଗରେ। ସେ ସିଦ୍ଧିବିନାୟକ ଚାରିଟେବୁଲ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି। ଏହି ଟ୍ରଷ୍ଟ ମାଧ୍ୟମରେ ଗରିବ ଅସହାୟ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା, ଶିକ୍ଷା ଓ ବିଭିନ୍ନ ସହାୟତା ଯୋଗାଇ ଆସୁଛନ୍ତି। ଆଉ ଏହି ସେବା ମନୋବୃତ୍ତିକୁ ସମ୍ମାନ ଜଣାଇଛି କାକଟପୁର ପ୍ରେସ କ୍ଲବ। କାକଟପୁର ପ୍ରେସ କ୍ଲବ ଦ୍ୱାରା ଆୟୋଜିତ ଦ୍ୱିତୀୟ ବାର୍ଷିକ ଉତ୍ସବରେ ରାକେଶଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଯୋଗ ଦେଇଥିଲେ। ନିଜ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରତିନିଧି ଭାବେ ନିଯୁକ୍ତ ହୋଇଥିବା ରାକେଶଙ୍କୁ ସାଂସଦ ନିଜେ ସମ୍ବର୍ଦ୍ଧିତ କରିଥିଲେ। ଏହା ଥିଲା ରାକେଶଙ୍କ ପାଇଁ ଖୁସିର ମୁହୂର୍ତ୍ତ। ସାଂସଦ କହିଥିଲେ ରାକେଶ ଭଳି ଯୁବକ ସମାଜ ପାଇଁ ଆବଶ୍ୟକ। ତାଙ୍କ ସେବା ମନୋବୃତ୍ତି ଅନ୍ୟମାନଙ୍କ ପାଇଁ ପ୍ରେରଣା। ପ୍ରେସ କ୍ଲବର ସମସ୍ତ ସଦସ୍ୟ ମଧ୍ୟ ରାକେଶଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ସମ୍ମାନ ପରେ ରାକେଶ କହିଛନ୍ତି, ମୁଁ ସେବା ପାଇଁ ରାଜନୀତିକୁ ଆସିଛି ପଦ ପାଇଁ ନୁହେଁ। ସାଂସଦଙ୍କ ଭରସା ଓ ଲୋକଙ୍କ ଭଲପାଇବା ମୋତେ ଆହୁରି କାମ କରିବାକୁ ପ୍ରେରଣା ଦେବ। ଛାତ୍ର ଜୀବନରୁ ଆରମ୍ଭ ହୋଇଥିବା ରାକେଶଙ୍କ ଏହି ସେବା ଯାତ୍ରା ଏବେ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛି।

ପୂଜ୍ୟପୂଜା ପକ୍ଷରୁ 'ଜଣା ଅଜଣା' କାର୍ଯ୍ୟକ୍ରମ

ପୁରୀ (ବ୍ୟୁରୋ): ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଧ୍ୟାତ୍ମିକ ଜ୍ଞାନର ପ୍ରସାର ଓ ଜିଜ୍ଞାସା ଜାଗ୍ରତ କରିବା ଉଦ୍ଦେଶ୍ୟ ନେଇ ବିଶ୍ୱମ୍ଭର ବିଦ୍ୟାପୀଠରେ 'ଜଣା ଅଜଣା' ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର 'ପୂଜ୍ୟପୂଜା ଓଡ଼ିଶା' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଭଗବତ ଗୀତା ସମେତ ପୌରାଣିକ କଥାବସ୍ତୁ ସମ୍ପର୍କିତ ପ୍ରଶ୍ନ ପଚରାଯାଇଥିଲା। ଠିକ ଉତ୍ତର ରଖୁଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇ ଉତ୍ସାହିତ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରାଜ୍ଞନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ, ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରାଜ୍ଞ ମେମୋରିଆଲ ଟ୍ରଷ୍ଟ କାର୍ଯ୍ୟକାରୀ ସଭାପତି ଗିରିଶ ଚନ୍ଦ୍ର ନାୟକ, 'ଅଭିନନ୍ଦନିକା' ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଧ୍ୟାତ୍ମିକ ତତ୍ତ୍ୱ ସହଜ ଭାବେ ପିଲାମାନଙ୍କୁ ବୁଝାଇବା ସହ ଓଡ଼ିଶାର ବରପୁତ୍ରମାନଙ୍କ ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ। ପୂଜ୍ୟପୂଜା ଅନୁଷ୍ଠାନର ସମ୍ପାଦକ ରମାକାନ୍ତ ମିଶ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଗୁରୁ ଠୁ କବି, କବି ଠୁ ଗୁରୁ

- ଅନ୍ତରଙ୍ଗର ଚଳନ୍ତି ବିଶ୍ୱବିଦ୍ୟାଳୟ
- ବିନା ଦରମାରେ ୨୨ବର୍ଷ ଧରି ଶିକ୍ଷାଦାନ
- ଜ୍ଞାନର ଆଲୋକ ଜାଳୁଛନ୍ତି ରବୀନ୍ଦ୍ର ମହାନ୍ତି



କାକଟପୁର /ଅନ୍ତରଙ୍ଗ(ଅମୃତ ମିଡିଆ): ସରକାରୀ ଖାତାରେ ସେ ଅବସରପ୍ରାପ୍ତ, ହେଲେ ପିଲାଙ୍କ ଖାତାରେ ସେ ଏବେ ବି ହାଜିର। ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସରେ ବି ପ୍ରତିଦିନ ସକାଳ ୯ଟାରେ ପୁରୀ ଜିଲ୍ଲା ଅନ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟରେ ଘଣ୍ଟି ବାଜେ ଓ ଶ୍ରେଣୀଗୃହରେ ପ୍ରବେଶ କରନ୍ତି ରବୀନ୍ଦ୍ର କୁମାର ମହାନ୍ତି। ଛାତ୍ରଛାତ୍ରୀ ସମସ୍ୱରରେ କୁହନ୍ତି - ଜେଜେ ସାର୍ ଆସିଗଲେ। ଏହି ଦୃଶ୍ୟ ଗତ ୨୨ ବର୍ଷ ଧରି ଅନ୍ତରଙ୍ଗର ପରମ୍ପରା ପାଲଟିଛି। ପିତା ସ୍ୱର୍ଗତ ମାଧବାନନ୍ଦ ମହାନ୍ତି ଓ ମାତା ସ୍ୱର୍ଗତ ଅନ୍ନପୂର୍ଣ୍ଣା ମହାନ୍ତିଙ୍କ ସୁଯୋଗ୍ୟ ପୁତ୍ର। ଜନ୍ମ ୧୭ ଜାନୁଆରୀ ୧୯୪୬। ଅନ୍ତରଙ୍ଗ ହାଇସ୍କୁଲର ପ୍ରଥମ ବ୍ୟାଚ୍ ଛାତ୍ର ଭାବେ ୧୯୬୪ଫେବୃଆରୀ ୧୬ ରେ ମାଟ୍ରିକ ପାସ କରି ୧୫ ଜୁଲାଇ ୧୯୬୪ରେ ସରକାରୀ ଶିକ୍ଷକ ଭାବେ ଯୋଗ ଦେଲେ। ଯେଉଁ ଅନ୍ତରଙ୍ଗ ନୋଡାଲ ବିଦ୍ୟାଳୟରେ ନୂଆ ଭାବେ ଯୋଗ ଦେଇଥିଲେ, ସେହିଠାରେ ଲଗାତାର ୪୦ ବର୍ଷ ଏକାଦିକ୍ରମେ ଶିକ୍ଷକତା କରି ୩୦ ସେପ୍ଟେମ୍ବର ୨୦୦୪ରେ ଅବସର ନେଲେ। ହିସାବ କଲେ ଚକ୍, ଡଷ୍ଟର ଓ ବେତ ଧରି ୬୨ ବର୍ଷ। ଅବସର ପରେ କାହାଣୀ ଆହୁରି ମହାନ। ପରଦିନଠୁ ଆଜି ପର୍ଯ୍ୟନ୍ତ ୨୨ ବର୍ଷ ହେଲା ବିନା ଗୋଟିଏ ଟଙ୍କା ପାରିଶ୍ରମିକରେ ସେହି ସ୍କୁଲରେ ପଢାଉଛନ୍ତି। ନା ସରକାରୀ ଆଦେଶ, ନା ଦରମା। ଅଛି କେବଳ ଗୁରୁର ନିଷ୍ଠା। ଗରିବ ପିଲାଙ୍କୁ ଖାତା, କଲମ ବି ନିଜ ପଇସାରେ ଦିଅନ୍ତି। କେବଳ ଶିକ୍ଷକ ନୁହଁନ୍ତି, ସେ ଜଣେ ସୁସାହିତ୍ୟିକ ଓ ହୃଦୟର କବି। ତାଙ୍କ ଗବେଷଣାତ୍ମକ କୃତି 'ଐତିହାସିକ ଲବଣ ସତ୍ୟାଗ୍ରହରେ ଅନ୍ତରଙ୍ଗର କୁହୁଡି' ପୁସ୍ତକଟି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସ୍ୱୀକୃତି ଲାଭ କରି ସଂସ୍କୃତି ବିଭାଗ ଦ୍ୱାରା ଅନୁମୋଦିତ ହୋଇଛି। 'ମା ଜାଗୁଲେଇ' ସମେତ ଅନେକ ବହି ସେ ଲେଖିଛନ୍ତି। ଅନ୍ତରଙ୍ଗର ଇତିହାସକୁ ସେ ଅକ୍ଷରରେ ବଞ୍ଚାଇଛନ୍ତି। ଗୁରୁ ଦିବସରେ ତାଙ୍କ ଆଖିରେ ଗୋଟିଏ ସ୍ୱପ୍ନ। ଯୁବପିଢିଙ୍କୁ କହିଲେ - 'ଭାଇଚାରା ବଜାୟ ରଖ, ନିଜ ଭିତରେ ଯେତେ ଅନ୍ଦେଇକତା ଅଛି ତାକୁ ଐକ୍ୟରେ ପ୍ରତିଷ୍ଠା କର। ଗାଁକୁ ଭଲ ପାଅ, ବାପା-ମାଆଙ୍କୁ ଭଲ ପାଅ।' ସତରେ, ଆଜିର ଅର୍ଥଲୋଭୀ ଦୁନିଆରେ ରବୀନ୍ଦ୍ର ସାର୍ ଜଣେ ଜୀବନ୍ତ ପାଠଶାଳା, ଅନ୍ତରଙ୍ଗ ମାଟିର ଗର୍ବ।

ନବକଳେବର ରୋଡ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ

ପୁରୀ (ବ୍ୟୁରୋ): ନବକଳେବର ରୋଡ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜନ୍ମାଷ୍ଟମୀ ଉତ୍ସବ ନିଷ୍ଠା ,ଶ୍ରଦ୍ଧା ଓ ଭକ୍ତିର ସହ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ସମରେନ୍ଦ୍ର ମିଶ୍ର, ସମ୍ପାଦକ ରାଜକିଶୋର ମହାନ୍ତି, ପ୍ରଧାନ ଆଚାର୍ଯ୍ୟା ମମତା ମହାନ୍ତି ଉପସ୍ଥିତ ରହି ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପୂଜାର୍ଚ୍ଚନା କରିଥିଲେ । ଛାତ୍ରଛାତ୍ରୀମାନେ ରାଧାକୃଷ୍ଣ ବେଶ ଧାରଣ କରିବା ସହ ଅଷ୍ଟାଦଶ ଶ୍ଲୋକ ଗୀତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ସହକାରୀ ଆଚାର୍ଯ୍ୟ ଆଚାର୍ଯ୍ୟା ପୁଷ୍ପଲତା ପ୍ରଧାନ, ଶ୍ରଦ୍ଧାଞ୍ଜଳି ମହାନ୍ତି, ପ୍ରତିମା ରଥ,ସବିତା ଦାଶ, ଅନିତା ପ୍ରିୟଦର୍ଶିନୀ ମହାରଣା, ନିତୁ ସିଂ, ମନିଷା ମିଶ୍ର, ସ୍ନେହା ସାହୁ, ଶୁଭଲକ୍ଷ୍ମୀ ପ୍ରଧାନ, ପ୍ରଭୁଦତ୍ତ ରାଉତ, ସୁମିତ୍ରା ରାୟ, ଚିତ୍ରାଙ୍ଗଦା ପରିଡା, ପ୍ରଜ୍ଞା ପ୍ରିୟଦର୍ଶିନୀ, ଲିପା ଦାସ, ସତ୍ୟଭାମା ସ୍ୱାଇଁ,ଲିଖିତା ରାଉତ, ଜବିତା ନାୟକ, ସାଗ୍ନିକା ସ୍ୱାଇଁ, ଶିବାରଞ୍ଜନି ଦାସ, ମାଉସୀ ସରୋଜିନୀ ଶତପଥୀ, ମୀନା ବଳିୟାରସିଂହ, ଲିଜୁମ୍ ପ୍ରଭା ମିଶ୍ରଙ୍କ ତତ୍ତ୍ୱାବଧାନରେ ରାଧାକୃଷ୍ଣଙ୍କୁ ବନ୍ଦାପନା କରାଯାଇ ଶୋଭାଯାତ୍ରା କରାଯାଇଥିଲା । ଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ଧର୍ମେନ୍ଦ୍ର

ପୁରୀ (ବ୍ୟୁରୋ): ସମ୍ବଲପୁର ଏମ୍ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ପୁରୀ ଗସ୍ତରେ ଆସି ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଆଶିଷ ଲାଭ କରିଛନ୍ତି। ପ୍ରଧାନ ସପତ୍ନୀକ ଶଙ୍କରାଚାର୍ଯ୍ୟ ଜଗଦଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଦର୍ଶନ କରିବା ସହ ପ୍ରାୟ ୩୦ ମିନିଟ ଧରି ଆଲୋଚନା କରିଥିଲେ। ପରେ ସେ କହିଛନ୍ତି, ପବିତ୍ର ଜନ୍ମାଷ୍ଟମୀ ଅବସରରେ ମହାପ୍ରଭୁଙ୍କ ଆଶୀର୍ବାଦ ଓ ଦର୍ଶନର ଅନେକ ଆକର୍ଷଣ ଥାଏ। ସନାତନ ପରମ୍ପରା ଅନୁଯାୟୀ, ମହାପ୍ରଭୁଙ୍କ ଦର୍ଶନ ପୂର୍ବରୁ ସନାତନ ଧର୍ମଗୁରୁଙ୍କୁ ଦର୍ଶନ ଲାଳସା ରହିଥାଏ। ତେଣୁ ପୂଜ୍ୟ ଗୁରୁଜୀଙ୍କ ଦର୍ଶନ ସାନ୍ନିଧ୍ୟ ସୌଭାଗ୍ୟ ପ୍ରାପ୍ତ ହୋଇଛି। ତାଙ୍କ ମାର୍ଗଦର୍ଶନ

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଓ ଶ୍ରୀକୃଷ୍ଣ ମେଳା

ଛତ୍ରପୁର (ଅମୃତ ମିଡିଆ): ଛତ୍ରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଓ ଶ୍ରୀକୃଷ୍ଣ ମେଳା ବର୍ଣ୍ଣାଢ୍ୟ ପରିବେଶରେ ପାଳିତ ହୋଇଯାଇଛି । ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା, ମାତୃ ସମ୍ମିଳନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟବକ୍ତା ଭାଗବତ ଭାସ୍କର ଜଗନ୍ନାଥ ପଣ୍ଡା ଯୋଗଦେଇ ଶ୍ରୀକୃଷ୍ଣଙ୍କ ଧରାବତରଣର ଲକ୍ଷ୍ୟ ଓ ମହତ୍ତ୍ୱ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ । ମୁଖ୍ୟ ଅତିଥି ଆଦାନୀ ଫାଉଣ୍ଡେସନର ଜନମଙ୍ଗଳ ଅଧିକାରୀ ଦେବଦତ୍ତ ମିଶ୍ର ଶ୍ରୀକୃଷ୍ଣଙ୍କ ମହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ । ସଭାପତି ପଦ୍ମଚରଣ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାରୀ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଛୋଟ ଛୋଟ ଶିଶୁମାନେ ରାଧା ଓ କୃଷ୍ଣ ବେଶରେ ସଜ୍ଜିତ ହୋଇ ବରିଷ୍ଠ ଆଚାର୍ଯ୍ୟା ସୁଶୀଳା ଗୁରୁମାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିଥିଲେ । ଶିଶୁମାନଙ୍କ ଦ୍ୱାରା ପ୍ରସ୍ତୁତ ଶ୍ରୀକୃଷ୍ଣଙ୍କ ଚିତ୍ରରେ ବିଦ୍ୟାଳୟ ପରିସର ସଜ୍ଜିତ ହୋଇଥିଲା । ଆଲୋକମାଳା, ଫୁଲ ଓ ତୋରଣରେ ବିଦ୍ୟାଳୟ ପରିସର ଆକର୍ଷଣୀୟ ହୋଇଥିଲା । ଶେଷରେ ଶିଶୁମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମାତୃଭାରତୀ ସଦସ୍ୟାମାନଙ୍କ ଉପସ୍ଥିତିରେ ଉତ୍ସବ ଉତ୍ସାହମୟ ହୋଇଥିଲା । ସଂସ୍କୃତ ଆଚାର୍ଯ୍ୟ ଶ୍ରୀକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁଜୀ, ଗୁରୁମା, ମଉସା ଓ ମାଉସୀମାନେ କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିଲେ ।

ନବବଧୂଙ୍କ ମୃତ୍ୟୁ ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ, ସ୍ୱାମୀ ଅଟକ

ଭଞ୍ଜନଗର (ଅମୃତ ମିଡିଆ): ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପଞ୍ଚଭୂତି ଗ୍ରାମରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ । ଏନେଇ ହତ୍ୟା ଅଭିଯୋଗ ଆଣିଛନ୍ତି ବାପଘର ଲୋକେ । ଏହି ଘଟଣାରେ ମୃତ ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ପୋଲିସ । ମୃତକ ଝିଲେ ସେହି ଗାଁର ବିଶ୍ୱମିତ୍ର ନାଇକଙ୍କ ପତ୍ନୀ ଝୁଟୁରି ନାଇକ (୨୩) । ଝୁଟୁରିଙ୍କୁ ହତ୍ୟା କରାଯାଇଥିବା ନେଇ ବାପଘର ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ, ସ୍ୱାମୀଙ୍କୁ ଅଟକ ରଖିଛି ପୋଲିସ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ, ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ତେବେ ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ କଥା କୁହାଯାଉଥିବା ବେଳେ, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି ।

ଭାଟକୁମରଡ଼ା ପିଏମଶ୍ରୀ ଉଚ୍ଚବିଦ୍ୟାଳୟରେ ଜୋନାଲସ୍ତରୀୟ କ୍ରୀଡ଼ା ଉତ୍ସବ

ପୁରୁଷୋତ୍ତମପୁର (ଅମୃତ ମିଡିଆ): ପୁରୁଷୋତ୍ତମପୁର ଭାଟକୁମରଡ଼ା ସ୍ଥିତ ପି.ଏମ.ଶ୍ରୀ ଶ୍ରୀ ନରସିଂହ ପଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବାଘଜା, ଭାଟକୁମରଡ଼ା ଓ ଷୋଳଘର ଏହି ତିନି କ୍ଲଷ୍ଟରର ସମସ୍ତ ଟଚଏ, ଐଏ, ଐଏଏ ଏବଂ ଡଇଠ ର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜୋନାଲ ସ୍ତରୀୟ କ୍ରୀଡାପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭାଟକୁମରଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରି ଶ୍ରୀ ପ୍ରଦୀପ କୁମାର ପ୍ରଧାନ ଯୋଗ ଦେଇ ଜୀବନ ପାଇଁ କ୍ରୀଡାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।ସରପଞ୍ଚ ଶ୍ରୀମତୀ ମନମୋହିନୀ ପୋଲାଇ ଏବଂ ଇଇରଡ ଶ୍ରୀ ଭକ୍ତ ବତ୍ସଲ ଜାନି ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଭାଟକୁମରଡ଼ା ଝଇଓ ର ଶାଖା ପରିଚାଳକ ଶ୍ରୀ ଦୁଷ୍ମନ୍ତ କୁମାର ନାୟକ କ୍ୟାସିଅର ଶ୍ରୀ ଜୟ ପ୍ରକାଶ ବେହେରା , ଚଐରଡ ଶ୍ରୀମତୀ ନମିତା ପାତ୍ର,ହେଲଥ ସୁପରଭାଇଜର ଶ୍ରୀ ଲିଙ୍ଗରାଜ ବେହେରା, ସିଆରସିସି ଶ୍ରୀ ଏସ.ଲକ୍ଷ୍ମୀ ନାରାୟଣ ପାତ୍ର, ଶ୍ରୀ ପ୍ରତାପ ଚନ୍ଦ୍ର ପଣ୍ଡା,ଶ୍ରୀ ସୁଶାନ୍ତ ପୋଲାଇ, କ୍ଲଷ୍ଟର ର ସମସ୍ତ ଟଚଏ, ଐଏ ର ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଏହି ଜୋନ ର ତିନି କ୍ଲଷ୍ଟରରୁ ପ୍ରାୟ ୩୫୦ ଜଣ ପ୍ରତିଯୋଗୀ ଙ୍କଭୟରଙ୍କ ୧୪ ଓ ଙ୍କଭୟରଙ୍କ ୧୭ ଏହି ଦୁଇ ବର୍ଗରେ ବିଭିନ୍ନ ପ୍ରକାର କ୍ରୀଡାରେ ଭଗନେଇଥିଲେ ।ବ୍ଲକର ସମସ୍ତ କ୍ରୀଡା ଶିକ୍ଷକ ଖେଳ ସବୁକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ସମ୍ପାଦନରେ ପୂର୍ଣ୍ଣ ସହଯୋଗ କରିଥିଲେ ।ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବାସନ୍ତି ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସଫଳତାର ସହ ବହୁତ ସୁନ୍ଦର ଭାବରେ ସମ୍ପାଦିତ ହୋଇଥିଲା ।

ବିଜେପିର ବଡ଼ ଘୋଷଣା : ୧୭ରୁ ମାସେବ୍ୟାପୀ ସେବା ସଂକଳ୍ପ ଅଭିଯାନ

ବ୍ରହ୍ମପୁର (ଅମୃତ ମିଡିଆ): ଶାସକ ବିଜେପି ପକ୍ଷରୁ ସେପ୍ଟେମ୍ବର ୧୭ରୁ ମାସେବ୍ୟାପୀ ସେବା ସଂକଳ୍ପ ଅଭିଯାନ ପାଳନ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନର ୨୫ ବର୍ଷ ଏବଂ ତାଙ୍କ ଜନ୍ମଦିନ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଦେଶବ୍ୟାପୀ ଭାଜପା କରିବାକୁ ଯୋଜନା କରିଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକମାନଙ୍କୁ ସାମିଲ କରିବାକୁ ଦଳ ପକ୍ଷରୁ ନିଷ୍ପତ୍ତି ହୋଇଛି । ଏହି କାର୍ଯ୍ୟକ୍ରମର ପ୍ରଥମ ଦିନ ଜନସେବକ ମହାଜୁଝ କରାଯିବ । ପଞ୍ଚାୟତରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ସବୁ ଜନପ୍ରତିନିଧିମାନେ ବନ୍ଦେ ମାତରମ୍ ?ର ସମସ୍ତ ୬ଟି ସ୍ତବକର ସାମୂହିକ ଗାନ କରିବେ । ଏହି କାର୍ଯ୍ୟକ୍ରମରେ ଆନୁମାନିକ ୧.୨୫ ଲକ୍ଷ ଜନପ୍ରତିନିଧି ସାମିଲ ହେବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ମାସେବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ଭିତରେ ଦଳ ପକ୍ଷରୁ ଛାତ୍ର ଏବଂ ଯୁବଗୋଷ୍ଠୀଙ୍କ ସହିତ ଅଧିକ ଯୋଡ଼ିହେବାକୁ ଲକ୍ଷ୍ୟ ରଖାଯାଇଛି । ନିକଟରେ ନୂଆଦିଲ୍ଲୀଠାରେ

ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ? ନବୀନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଦଳ ପକ୍ଷରୁ ଅଧିକରୁ ଅଧିକ ଯୁବଗୋଷ୍ଠୀ ସହ ଯୋଡ଼ିହେବା ଲାଗି କାର୍ଯ୍ୟକ୍ରମ କରିବା ପାଇଁ ଆଲୋଚନା ହୋଇଥିଲା । ତାକୁ ବାସ୍ତବରୂପ ଦେବା ଲାଗି ରାଜ୍ୟ , ଜିଲ୍ଲା, ନିର୍ବାଚନ ମଣ୍ଡଳୀ, ବ୍ଲକ,ମଣ୍ଡଳ, ବୁଥ୍ ସ୍ତରରେ ମଧ୍ୟ ଦଳ ପକ୍ଷରୁ ଯୋଜନା କରାଯାଉଥିବା ଜଣାପଡିଛି ।

ଏହିପରି ଭାବରେ ଆଜି ଗଞ୍ଜାମ ଜିଲ୍ଲା ସ୍ତରୀୟ ସ୍ଥାନୀୟ ଗିରି ରୋଡ ସ୍ଥିତ ପାଟୀ ସେଲିବ୍ରେସନ ଠାରେ ଜିଲ୍ଲା ସଭାପତି ସରୋଜ ଶାବତ ଙ୍କ ଅଧ୍ୟକ୍ଷତାରେ ଜିଲା ସ୍ତରୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ପରିବହନ ଖଣି ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ କବିପୂର୍ଯ୍ୟ ନଗର ତଥା ସେବା ସଂକଳ୍ପ ଅଭିଯାନ ର ରାଜ୍ୟ ରାଜ୍ୟ ପ୍ରମୁଖ ଶ୍ରୀ ପ୍ରତାପ ନାୟକ ,ଛତ୍ରପୁର ର ବିଧାୟକ ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି, ସୁରେଶ ପାଢୀ, ମହନ୍ତ ଚିନ୍ମୟାନନ୍ଦ, ଜିଲ୍ଲା ସାଧାରଣ ସମ୍ପାଦକ(ସଙ୍ଗଠନ) ଗୌରୀ ସାମନ୍ତରାୟ, ଏବଂ ଜିଲ୍ଲା ପଦାଧିକାରୀ, ମଣ୍ଡଳ ସଭାପତି ଓ ପ୍ରଭାରୀ ଏବଂ ଜିଲାର ମୋର୍ଚା ମାନଙ୍କ ର ସଦସ୍ୟ ଗଣ ଯୋଗଦେଇ ଥିଲେ । ଏହି ଅଭିଯାନକୁ ସଫଳକରିବା ଲାଗି ଗଠିତ ଜିଲ୍ଲା ସ୍ତରୀୟ କମିଟି, ନିର୍ବାଚନ ମଣ୍ଡଳୀ ସ୍ତରରେ ଏବଂ ମଣ୍ଡଳ ସ୍ତରରେ ଟୋଲି ମାନଙ୍କୁ ଚୟନ କରାଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ଗରିବ, ଅସହାୟ, ମହିଳା, ଯୁବ, କୃଷକ ଓ ବଞ୍ଚିତ ବର୍ଗଙ୍କ ନିକଟରେ ସେବା ପହଞ୍ଚାଇବା ସହ ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ସାମାଜିକ ସଚେତନତା ଭଳିବିଭିନ୍ନକ୍ଷେତ୍ରରେ କାର୍ଯ୍ୟକ୍ରମ ଆୟୋଜନ କରିବା । ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଘରକୁଘରକୁ ଦାପ ପ୍ରଜ୍ଜ୍ୱଳନ କରାଯିବ । ଜିଲ୍ଲା, ନିର୍ବାଚନମଣ୍ଡଳୀ ସ୍ତରରେ ରକ୍ତଦାନ ଶିବିର ଏବଂ ସ୍ୱାସ୍ଥ୍ୟ ଶିବିର କରାଯିବ । ଆସନ୍ତା ୧୭ରୁ ଅକ୍ଟୋବର ୭ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ସବୁବିଦ୍ୟାଳୟରେ ଚିତ୍ରାଙ୍କନ, ଭାଷଣ, ବକ୍ତୃତା ଆଦି ପ୍ରତିଯୋଗିତା କରାଯିବ । ବ୍ଲକ୍ ?ସ୍ତରରେ ସେବା ସେତୁ ଶିବିରର ଆୟୋଜନ କରାଯିବ । ଆଜି ଅନୁଷ୍ଠିତ କର୍ମଶାଳା କର୍ମଶାଳା ରଶେଷରେ ବରିଷ୍ଠ ନେତା ପଦ୍ମ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଆସିକା ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ

ଆସିକା (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଆସିକା ସହର ଉପକଣ୍ଠ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଜନ୍ମାଷ୍ଟମୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ପି.ନାଗେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରବଚକ ପଣ୍ଡିତ ଗୋପାଳ ଚନ୍ଦ୍ର ରାଜଗୁରୁ ଯୋଗଦେଇ ଲୀଳାମୟ ଭଗବାନ ଶ୍ରୀକୃଷ୍ଣ ଦୁଷ୍ଟ ଶକ୍ତିର ବିନାଶ କରି ସଂସାରର ମଙ୍ଗଳ କାମନା କରି କିପରି ଲୀଳାଖେଳ କରିଥିଲେ ସେନେଇ ମତବ୍ୟକ୍ତ କରିଥିଲେ ।ନିଜ ଶିଶୁ ମାନଙ୍କୁ କିପରି ଉତ୍ତମ ସଂସ୍କାର ଦେବେ ସେ ବିଷୟରେ ମଧ୍ୟ ସମବେତ ମାତୃ ମଣ୍ଡଳୀ ଓ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ । ଆଚାର୍ଯ୍ୟ ଦାଶରଥି ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ଗୌଡ଼ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ରାଧାକୃଷ୍ଣ ବେଶଧାରୀ ଶିଶୁ ମାନଙ୍କୁ ନେଇ ଗୁରୁଜୀ ଗୁରୁମା ମନ୍ଦିର ଭ୍ରମଣ କରିଥିଲେ । ଏହାପରେ କୃଷ୍ଣ ବେଶଧାରୀ ମାନଙ୍କୁ ବନ୍ଦାପନା କରାଯାଇ ଦୋଳିରେ ଝୁଲା ଯାଇଥିଲା ।

ସହରତଳି କମିଟିର ବଡ଼ ସଫଳତା

୧୪ ପଞ୍ଚାୟତର ବିଏମସିରେ ମିଶ୍ରଣ ପାଇଁ ରାଜ୍ୟ ସରକାର ଜନଗଣନା ନିର୍ଦ୍ଦେଶକଙ୍କୁ ଚିଠି ଲେଖିଲେ

ବ୍ରହ୍ମପୁର (ଅମୃତ ମିଡିଆ): ବ୍ରହ୍ମପୁର ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଦୀର୍ଘ ୧୨ ବର୍ଷର ଲଗାତାର ସଂଘର୍ଷ ପରେ ଶେଷରେ ବଡ଼ ସଫଳତା ମିଳିଛି । ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରଥମ ଥର ପାଇଁ ଆମ ଦାବିକୁ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି । ସୂଚନାଯୋଗ୍ୟ ଯେ ଫାଇଲ ନଂ ଏଚଯୁଡି-ଇଏଲଇ-ଏମ୍ଆଇଏସସି-୦୦୭୪ - ୨୦୨୬, ଚିଠି ନଂ. ୨୧୧୨୬, ତା. ୨୪.୦୭.୨୦୨୬ ରେ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀ ଶୁଭେନ୍ଦୁ କୁମାର ସାହୁ ଜନଗଣନା ନିର୍ଦ୍ଦେଶକ, ଓଡ଼ିଶା ଙ୍କୁ ସ୍ପଷ୍ଟ ଲେଖିଛନ୍ତି ଯେ ବ୍ରହ୍ମପୁର ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର ଆମର ପ୍ରାପ୍ତ ହୋଇଛି । ଯେଉଁଥିରେ ୧୪ ଗୋଟି ପଞ୍ଚାୟତକୁ ବିଏମସି ରେ ମିଶ୍ରଣ ନିମନ୍ତେ ବୃତ୍ତାନ୍ତ ବିଜ୍ଞପ୍ତି ଶୀଘ୍ର ପ୍ରକାଶ କରିବା ପାଇଁ ଅନୁରୋଧ କରାଯାଇଛି । ଏହି ବୃତ୍ତାନ୍ତ ବିଜ୍ଞପ୍ତି ପ୍ରକାଶ କଲେ ଜନଗଣନା-୨୦୨୬ ରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସେଥିରେ ଉଲ୍ଲେଖ କରାଯାଇଛି । ଅଧିକନ୍ତୁ, ଏହି ପରିପ୍ରେକ୍ଷୀରେ ବିଭାଗ ଜନଗଣନା ନିର୍ଦ୍ଦେଶକଙ୍କୁ ସ୍ପଷ୍ଟୀକରଣ ସକଶେ ୨ଟି ପ୍ରଶ୍ନ ପଚାରିଛନ୍ତି - ୧) ଫ୍ରିଜ୍ ଅବଧିରେ ବୃତ୍ତାନ୍ତ ବିଜ୍ଞପ୍ତି ପ୍ରକାଶ କଲେ ଜନଗଣନା-୨୦୨୬ ରେ ପ୍ରତିକୂଳ ପ୍ରଭାବ ପଡ଼ିବ କି ? ୨) ଏଥିରେ ଆପଣଙ୍କର ଆପତ୍ତି ଅଛି କି ? ଏଥିରୁ ଏହା ପ୍ରମାଣ କରୁଛି ଯେ ରାଜ୍ୟ ସରକାର ଆମ ଦାବିକୁ ଗ୍ରହଣ କରିଛନ୍ତି । ପୂର୍ବରୁ ସରକାର କହୁଥିଲେ ଫ୍ରିଜ୍ ପିରିୟଡ ବାଧା, ଏବେ ନିଜେ ସ୍ପଷ୍ଟୀକରଣ ମାଗିଛନ୍ତି । ଏ ସମ୍ବନ୍ଧରେ କମିଟି ସଭାପତି ଶ୍ରୀ ସଞ୍ଜୀବ କୁମାର ପଟ୍ଟନାୟକ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଦୀର୍ଘ ୧୨ ବର୍ଷର ନିରନ୍ତର ସଂଘର୍ଷ , ତପସ୍ୟା ଓ ତ୍ୟାଗ ପରେ ଏହା ଆମର ପ୍ରଥମ ବିଜୟ । ଅତିରିକ୍ତ ଶାସନ ସଚିବ ଶ୍ରୀ ଶୁଭେନ୍ଦୁ କୁମାର ସାହୁଙ୍କୁ ଅଶେଷ ଧନ୍ୟବାଦ । ଜନଗଣନା ନିର୍ଦ୍ଦେଶକ ଏହାକୁ ବିଚାର କରି ତୁରନ୍ତ ଏନଓସି ଦେବେ ବୋଲି କମିଟି ଆଶା କରୁଛି । ଜନ ଗଣାନା ନିର୍ଦ୍ଦେଶକଙ୍କ ଅନୁମତି ପାଇବାର ୭ ଦିନ ମଧ୍ୟରେ୍ଭାଗ ଫାଇନାଲ ନୋଟିଫିକେସନ୍ ଜାରି କରିବ ବୋଲି କମିଟି ସଭାପତି ସ୍ପଷ୍ଟ କରିଛନ୍ତି । ଲୋଚାପଡ଼ା, ହଳଦିଆପଦର, ଜଗଦଲପୁର, ଦକ୍ଷିଣପୁର ସମେତ ୧୪ଆ ପଞ୍ଚାୟତର ୩ ଲକ୍ଷ ଲୋକ ଲାଇଟ୍, ଡ୍ରେନ୍, ପାଣି ଭଳି ମୌଳିକ ସୁବିଧା ପାଇବା ନିମନ୍ତେ ଯନ୍ତ୍ରଣା ଭୋଗୁଛନ୍ତି । ତେଣୁ ମିଶ୍ରଣ ସପକ୍ଷରେ ସମସ୍ତେ ଅପେକ୍ଷାରତ ଓ ବିକାଶ ନେଇ ଆଶାବାଦୀ ଥିବା କମିଟି କହିଛି । ତେଣୁ ଖୁବ୍ ଶୀଘ୍ର ବୃତ୍ତାନ୍ତ ବିଜ୍ଞପ୍ତି ପ୍ରକାଶ କରନ୍ତୁ । ସେହିପରି ବିଏମସି ୧୪ ପଞ୍ଚାୟତକୁ ଆଗାମୀ ନିର୍ବାଚନ ଓ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟରେ ସାମିଲ କରନ୍ତୁ ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି ।

ଯୋଡା ମହିଳା ମହାବିଦ୍ୟାଳୟରେ ବିପର୍ଯ୍ୟୟ ପ୍ରସ୍ତୁତି ପ୍ରଶିକ୍ଷଣ

ଯୋଡା (ଅମୃତ ମିଡିଆ): ଯୋଡା ମହିଳା ମହାବିଦ୍ୟାଳୟରେ ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ଏନ୍ ଡି ଆର୍ ଏଫ୍ ତରଫରୁ ଏକ ପ୍ରଶିକ୍ଷଣ କର୍ମଶାଳା କଟକ ମୁଖ୍ୟଲି ସ୍ଥିତ ତୃତୀୟ ବାଟାଲିୟନ ଏନ୍ ଡି ଆର୍ ଏଫ୍ ଇନ୍ସପେକ୍ଟର ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଛଅ ଜଣିଆ ଟିମ୍ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ! ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ କଲେଜର ଯୁବ ରେଡକ୍ରସ ସଂସ୍ଥା ଆୟୋଜନ କରିଥିଲା ଏଥିରେ ବିଶେଷଜ୍ଞ ପ୍ରଶିକ୍ଷକ ଦଳର ପରିଚୟ ପ୍ରଦାନ କରିଥିଲେ କଲେଜର ଯୁବ ରେଡକ୍ରସ +୩ ପରାମର୍ଶଦାତା ପବିତ୍ର ମୋହନ କର , ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା ବିଶେଷଜ୍ଞମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଭାଷଣ ଦେଇଥିଲେ ଓ ଯୁବ ରେଡକ୍ରସ +୨ ପରାମର୍ଶଦାତା ଐଶ୍ୱର୍ଯ୍ୟାମୟୀ ପାତ୍ର ପ୍ରଶିକ୍ଷଣ ଶେଷରେ ବିଶେଷଜ୍ଞମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କର୍ମଶାଳାକୁ ପରିଦର୍ଶନ କରିବା ସହିତ ନିଜର ବାର୍ତ୍ତା ମାଧ୍ୟମରେ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ କେନ୍ଦ୍ରୁଝରସ ରେଡକ୍ରସ ଶାଖାର ଯୁଗ୍ମ ସଚିବ, ଏ ଆର୍ ଖାନ୍ ଓ ରେଡକ୍ରସର ଆଜୀବନ ସଦସ୍ୟ ଏବଂ ସୁନାମଧନ୍ୟ ଦାନ୍ତ ବିଶେଷଜ୍ଞ ଡାକ୍ତର ସଂଜୀବ କୁମାର ଓଡା । ଏଥିରେ କଲେଜର ଛାତ୍ରୀମାନଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରିଥିବା ଅଧ୍ୟାପକ ଓ କର୍ମଚାରୀମାନେ ହେଲେ ଶୁଶ୍ରୀ ଶୁଭଦର୍ଶିନୀ ପଣ୍ଡା, ସୁମନ ପ୍ରଭା ତିର୍କୀ, ଲିତା ପାତ୍ର, ବତିତାରାଣୀ ସିଂହ, ଜଗମୋହନ ଝଙ୍କାର, ଭାରତୀ ଭଗବତୀ, ସ୍ୱାଗତିକା ସାହୁ, ସୁହାସିନୀ ରଥ, ରୁଦ୍ରେନ୍ଦ୍ର ସାହୁ, ରୁକ୍ମିଣୀ ବେହେରା, ପଙ୍କଜ ଦାସ, ବିଷ୍ଣୁପ୍ରିୟା ପତି ଓ ହେମନ୍ତ ପାତ୍ର ।

ଚମ୍ପୁଆ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

ଚମ୍ପୁଆ (ଅମୃତ ମିଡିଆ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ

ମାଙ୍କଡ଼, ଷଣ୍ଢ ଓ ବାର୍‌ହା ଉପଦ୍ରବରୁ ରକ୍ଷା ପାଇଁ ଆନ୍ଦୋଳନ କରିବେ ଚାଷୀ

ଜଗତସିଂହପୁର (ଅମୃତ ମିଡ଼ିଆ) : ଉପକୂଳ ଓଡ଼ିଶାର ଜଗତସିଂହପୁର ଜିଲ୍ଲାରେ ମାଙ୍କଡ଼, ଷଣ୍ଢ ଓ ବାରାହା ଉପଦ୍ରବରେ ଚାଷୀକୁଳ ଅତିଷ୍ଠ ହୋଇପଡିଲେଣି। ଏହି ଉପଦ୍ରବ ଚାଷୀକୁଳର ଆର୍ଥିକ ଦୁର୍ଗତିର ଅନ୍ୟତମ ପ୍ରମୁଖ କାରଣ ପାଲଟିଛି। ଗ୍ରାମୀଣ ଅର୍ଥନୀତି ବିପର୍ଯ୍ୟସ୍ତ ହେଉଛି। ଉକ୍ତ ମାଙ୍କଡ଼, ଷଣ୍ଢ ଓ ବାରହା ଉପଦ୍ରବୁ ରକ୍ଷା ପାଇଁ ପ୍ରତି ବ୍ଲକ ଓ ତହସିଲସ୍ତରରୁ ଆନ୍ଦୋଳନ ଆରମ୍ଭ କରାଯାଇ ଆବଶ୍ୟକ ସ୍ଥଳେ ରାଜ୍ୟ ସ୍ତରକୁ ନିଆଯିବ ବୋଲି ଜଗତସିଂହପୁର ନବ ନିର୍ମାଣ ସଂଗଠନ ପକ୍ଷରୁ ଏକ ପ୍ରେସ ବିବୃତିରେ ଜଣାଯାଇଛି। ଜଗତସିଂହପୁର ଜିଲ୍ଲାରେ ମାଙ୍କଡ଼, ଷଣ୍ଢ, ବାରହା ଉପଦ୍ରବ ଯୋଗୁଁ ଚାଷୀମାନଙ୍କ କ୍ଷେତ ଓ ବାଡ଼ି ବଗିଚାରେ ଫସଲ ପ୍ରଭୃତ ଭାବେ କ୍ଷତି ହେଉଥିବା ସମ୍ପର୍କରେ ସଂଗଠନ ତଥା ଚାଷୀ ମାନଙ୍କ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ସରକାର-ପ୍ରଶାସନକୁ ଜଣାଯାଇ ଆସୁଥିଲେ ମଧ୍ୟ ପ୍ରଶାସନ ଏ କ୍ଷେତ୍ରରେ କିଛି ସାମୟିକ ପଦକ୍ଷେପ ନେଇ ବସି ପଡିଛନ୍ତି। ଚାଷୀମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଆଜି ନଜା ଅସୁବିଧା ମଧ୍ୟରେ ବଜାରରୁ ଚଢା ଦରରେ ଚାଷ ପାଇଁ ଆନୁସାଙ୍ଗିକ ଦ୍ରବ୍ୟ କିଣି ଖର୍ଚ୍ଚାନ୍ତ ହୋଇ ଫସଲ ଅମଳର ଆଶା ବାନ୍ଧିଥିବା ବେଳେ ମାଙ୍କଡ଼, ଷଣ୍ଢ, ବାରହା ଚାଷୀର ଆଶା ଉଜାଡି ଦେଉଛନ୍ତି। ସଂପ୍ରତି ଚାଷୀ ଗହୀର ବିଲମାନଙ୍କରେ ଷଣ୍ଢ ନଷ୍ଟ କରିବା ସହ ରାସ୍ତା ଘାଟରେ ମାତ୍ରାଧିକ ବୁଲା ଷଣ୍ଢ, ଗାଈ ଗୋରୁ ସାଧାରଣ ଲୋକଙ୍କ ଯାତାୟତରେ ଘୋର ଅସୁବିଧା ସୃଷ୍ଟି କରୁଛନ୍ତି। ଯାହା ଫଳରେ ଦୁର୍ଘଟଣା ଘଟି ଜୀବନହାନି ହେଉଛି। ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ମାଙ୍କଡ଼ ବାରହା ବନ୍ୟଜନ୍ତୁ ଓ ଷଣ୍ଢ ଉପଦ୍ରବ ଯୋଗୁଁ ଚାଷୀ ଓ ସାଧାରଣ ଲୋକେ ଦୈନନ୍ଦିନ ଜୀବନରେ କ୍ଷେତ୍ର ସ୍ତରରେ ବେଦନାଦାୟକ ସ୍ଥିତିରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସରକାର-ପ୍ରଶାସନ ଏଥିପ୍ରତି ଉଦାସୀନ ରହିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ମାଙ୍କଡ଼ ଷଣ୍ଢ ଉପଦ୍ରବୁ ସୁରକ୍ଷା ପାଇଁ ସଂଗଠନ ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟକ୍ରମ ସହ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାରମ୍ବାର ସତ୍ୟାଗ୍ରହ ଫଳରେ ପ୍ରଶାସନ ତଥା ଜଙ୍ଗଲ ବିଭାଗ ଦ୍ୱାରା ୨୦୨୩ ମସିହା ଡିସେମ୍ବର ୧୩ ତାରିଖ ଠାରୁ ମାଙ୍କଡ଼ ଧରାଯାଇ ବଡ଼ ବଡ଼ ଜଙ୍ଗଲରେ ଛାଡ଼ିବା କାର୍ଯ୍ୟ ଆରମ୍ଭ କରିଥିଲେ ବି ଏହାକୁ ଏବେ ଏକ ପ୍ରକାର ବନ୍ଦ କରିଦେଇଛନ୍ତି। ଷଣ୍ଢ ସମସ୍ୟା କ୍ଷେତ୍ରରେ ଗୋଶାଳାର ପ୍ରତିଶୃତି ଦେଇ କେତୋଟି ବେସରକାରୀ ସଂସ୍ଥାକୁ (ଏନଜିଓ) ଗୋଶାଳା କରିବା ପାଇଁ ଦାୟିତ୍ୱ ଦେଇ ବସି ପଡିଛନ୍ତି। ହେଲେ ସେଠାରେ ଷଣ୍ଢ ରକ୍ଷାଂବେକ୍ଷଣ ଓ ନିୟନ୍ତ୍ରଣ କଥା ଦେଖିଲେ ଏହା ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି। ଏଠାରେ ସରକାରଙ୍କ ପଶୁ ସମ୍ପଦ ବିଭାଗର ଗାଈ ଗୋରୁ ମାନଙ୍କର ପ୍ରଜନନ ବ୍ୟବସ୍ଥା ବୁଦ୍ଧିଜୀବୀ ଓ ସାଧାରଣରେ ଦାୟୀ କରାଯାଇଛି। ଏ କ୍ଷେତ୍ରରେ ମାଇ ବାଛୁରୀ ଜନ୍ମ ହେଲେ ଏହାକୁ ପାଳି ଦୁଗ୍ଧ ଉତ୍ପାଦନ ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଲୋକମାନେ ଏଥିରେ ଆଗ୍ରହ ରଖୁଛନ୍ତି। ହେଲେ ଅଣ୍ଡିରା ବାଛୁରୀ ଜନ୍ମ ହେଲେ ତାକୁ ପାଳି ଚାଷ କ୍ଷେତ ଓ କେଉଁ କାର୍ଯ୍ୟରେ ନିୟୋଜିତ କରାଯିବ ତାର କୌଣସି ପନ୍ଥା ସରକାର ପ୍ରଦର୍ଶନ କରି ସେ ଦିଗରେ ଚାଷୀ ଓ ଜନସାଧାରଣଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରୁନାହାନ୍ତି ବୋଲି ସମାଲୋଚନା କରାଯାଉଛି। ଏଣୁ ମାଙ୍କଡ଼, ଷଣ୍ଢ, ବାରହା ଉପଦ୍ରବରୁ ସରକାର ନିୟନ୍ତ୍ରଣ କରିବା ପାଇଁ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି ନତୁବା ସଂଗଠନ ତଥା ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

ଆମ ...

ଲକ୍ଷ ଚାଷୀଙ୍କଠାରୁ ୬୭.୪୮ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇ ଇନପୁଟ୍ ସବସିଡି ବାବଦକୁ ରେକର୍ଡ ୫,୬୬୩.୮୪ କୋଟି ଟଙ୍କା ଏବଂ ରବି ଋତୁରେ ୩.୬୩ ଲକ୍ଷ ଚାଷୀଙ୍କୁ ୧,୪୯୪.୮୯ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ଚାଷୀ ପରିବାରର ପିଲାମାନଙ୍କୁ ଉଚ୍ଚ ବୈଷୟିକ ଶିକ୍ଷା କ୍ଷେତ୍ରରେ ସହାୟତା ପାଇଁ 'କୃଷି ବିଦ୍ୟାନିଧି ଯୋଜନା' କାର୍ଯ୍ୟକାରୀ ହେଉଛି। ୨୦୨୫-୨୬ ଶିକ୍ଷା ବର୍ଷରେ ରେକର୍ଡ ସଂଖ୍ୟକ ୬୮,୯୧୦ ଜଣ ହିତାଧିକାରୀଙ୍କ ସନ୍ତାନଙ୍କୁ ୨୯୧.୬୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ସରକାରୀ ସୁବିଧା ପାଇବା ପାଇଁ 'ଫାର୍ମରସ ରେଜିଷ୍ଟ୍ରି' ରେ ଚାଷୀମାନେ ନିଜ ଜମିର ତଥ୍ୟ ସହ ପଞ୍ଜୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ପ୍ରାଣୀପାଳନ, ମାଛ ଚାଷ, 'ଶ୍ରୀ ଅନ୍ନ ଅଭିଯାନ' (ମାଣ୍ଡିଆ ଚାଷ) ଏବଂ ଜାତୀୟ ଡାଲି ମିଶନ ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି ଏବଂ ଗତବର୍ଷ ରାଜ୍ୟରେ ୪,୮୮୬ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ୬.୯୨ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ। ଏଥି ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍‌ଯୋଗ ଯୋଜନାରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି। ଅଭିଭାଷଣ ଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତ ଚାଷୀ ଭାଇଭଉଣୀଙ୍କୁ ଆଗାମୀ ଗଣପର୍ବ 'ନୂଆଁଖାଇ'ର ଆଗୁଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରି କହିଥିଲେ ଯେ, ଚଳିତ ବର୍ଷ ରାଜ୍ୟରେ ଖାଦ୍ୟ ଶସ୍ୟ, ଫଳ ଓ ପନିପରିବା କ୍ଷେତ୍ରରେ ରେକର୍ଡ଼ ପରିମାଣର ଉତ୍ପାଦନ ହୋଇଛି । ଏପରିକି ଓଡ଼ିଶାରେ ଉତ୍ପାଦିତ କପା ଦେଶର ସର୍ବଶ୍ରେଷ୍ଠ ମାନ୍ୟତାପ୍ରାପ୍ତ 'କସ୍ତୁରୀ କଟନ' ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିଛି। ଏହି ସମସ୍ତ ସଫଳତା ଏବଂ ଐତିହାସିକ ଉପଲବ୍ଧି ପାଇଁ ସେ ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଓ ସାଧୁବାଦ ଜଣାଇଥିଲେ। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚାଷୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ବନ୍ୟା ଅଞ୍ଚଳ ଗୁଡ଼ିକୁ ସରକାରଙ୍କ ଅଧିକାରୀଙ୍କ ସମେତ ମନ୍ତ୍ରୀ ମଣ୍ଡଳ ମଧ୍ୟ ଯାଇ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଛନ୍ତି। ବନ୍ୟା ପ୍ରପାଡିତ ଚାଷୀଙ୍କୁ ସରକାରଙ୍କ ତରଫରୁ ସହାୟତା ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବିଷୟରେ ଆଲୋକପାତ କରି କହିଛନ୍ତି ଯେ, ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଯିଏ କି ଚାଷୀମାନଙ୍କୁ ସବୁଠାରୁ ଅଧିକ ସବସିଡି ପ୍ରଦାନ କରୁଛି। ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ପ୍ରଶାନ୍ତ କୁମାର ଜଗଦେବ ସଂମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ସିବିଆଇ...

ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ତଦନ୍ତ ଫାଇଲ ଗାଏବ ଘଟଣାକୁ ନେଇ ଉଦବେଗ ପ୍ରକାଶ କରିଥିଲେ ରାଜ୍ୟର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଥିଲେ, ସ୍ୱାମୀଜୀଙ୍କ ହତ୍ୟା କାଣ୍ଡରେ ଷଡ଼ଯନ୍ତ୍ର ଥିବା ସନ୍ଦେହ ସୃଷ୍ଟି ହେଉଛି। ଜାଣିଶୁଣି କମିସନ୍ ରିପୋର୍ଟକୁ ବିଗତ ସରକାର ହଜେଇ ଦେଇଛନ୍ତି। ହିନ୍ଦୁ ଧର୍ମର ସୁରକ୍ଷା, ଜନଜାତିମାନଙ୍କ ସୁରକ୍ଷା ପାଇଁ ଆଉ ଆଗକୁ ନେବା ପକ୍ଷରେ ସ୍ୱାମୀଜୀଙ୍କର ଲମ୍ବା ବର୍ଷର ଭୂମିକା ରହିଥିଲା । କିନ୍ତୁ ଯେଉଁ ଘଟଣା ଘଟିଲା ତାହା ଅତ୍ୟନ୍ତ ଜଘନ୍ୟ ଘଟଣା ଥିଲା। ତାହାକୁ ଯେତେ ନିନ୍ଦା କଲେ କମ ହେବ। ଏ ସବୁକୁ ଛାଡି ବେଦୀ ଉପରେ କରତା ପରି ଯେଉଁଭଳି ଭାବରେ କମିଶନ ରିପୋର୍ଟକୁ ଜାଣି ଶୁଣି ହଜାଇ ଦିଆଯାଇଛି, ସେ ବାବଦକୁ ନେଇ ସରକାର ଗୁରୁତ୍ୱର ସହିତ ତଦନ୍ତ ଆରମ୍ଭ କରିଛନ୍ତି। କିଏ, କାହିଁକି ତଦନ୍ତ ରିପୋର୍ଟକୁ ଚାପିଥିଲେ ରିପୋର୍ଟ ଆସିଲା ପରେ ଜଣାପଡ଼ିବ। ଆଉ କମିଶନ ରିପୋର୍ଟ ମିଳିବ ବୋଲି ଆମେ ପୂର୍ଣ୍ଣ ଆଶାବଦୀ। ଯେଉଁମାନେ ଦୋଷୀ ଅଛନ୍ତି ସେମାନେ ଧରାପଡିବେ ଆଉ ସମସ୍ତେ ସାମ୍ନାକୁ ଆସିବେ। ସ୍ୱାମୀଜୀଙ୍କର ବଳିଦାନ ବ୍ୟର୍ଥ ଯିବନି। ଯେଉଁ ଉଦ୍ଦେଶ୍ୟରେ ତାଙ୍କର ବଳିଦାନ ହୋଇଛି ଆଉ ଯେଉଁମାନେ ଏହି ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ତାଙ୍କୁ ହତ୍ୟା କରିଛନ୍ତି ତାଙ୍କୁ ଏ ସରକାର କେବେ ବି ଛାଡ଼ିବନି ବୋଲି ସେ କହିଥିଲେ।

ଯୋଗାଣ...

ସିଏ ସମାଧାନ କରିପାରେ। ଲୋକଙ୍କ ସରକାର ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଚେତନ ଅଛନ୍ତି। ଖୁବଶୀଘ୍ର ଚାଷୀଙ୍କ ସମସ୍ୟାର ସମାଧାନ ହେବ। ଏବାବଦରେ ବିଜୁ ଜନତା ଦଳର କୌଣସି ନୈତିକ ଅଧିକାର ନାହିଁ କହିବା ପାଇଁ। କେନ୍ଦ୍ରର ଚାଉଳ ନିଜ ନାଁରେ କରି ବିଜେଡି ବାଣ୍ଟୁଥିଲା। ଆମେ ୫ କେଜି ଚାଉଳ ଅଧିକ ଦେଉଛୁ। ଏଫ୍‌ସିଆଇର ଯାହା ସମସ୍ୟା ଅଛି ଆଗାମୀ ଦିନରେ ସମାଧାନ କରାଯିବ। ଅତୀତରେ ଭୁବନେଶ୍ୱରକୁ ଚାଷୀଙ୍କୁ ବାରଣ କରିଥିଲା ବିଜେଡି। ନେତା ଯେତେ ସ୍ପୋ-ପାଉଡର ମାରିଲେ ବି ଆଉ ଫେରିବ ନାହିଁ। ନବୀନ ଏକ ମାତ୍ର ଲୋକ ଯିଏ ଅନ୍ୟ ଯୋଜନାକୁ ନିଜ ନାରେ ହଡ଼ପ କରିଥିଲେ ବୋଲି ମନୋଜ ମହାପାତ୍ର କହିଛନ୍ତି।

ଯୁବକଙ୍କ...

ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ସହ ରଣପୁର ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ରଣପୁର ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି । ସେପଟେ ମାନସଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ ସହ ପରିବାର ଲୋକେ ନ୍ୟାୟ ଦାବି କରିଛନ୍ତି । ତେବେ ଯୁବକଙ୍କ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି ।

ଜେଏନ କଲେଜର ୪୫ତମ ପ୍ରତିଷ୍ଠା ଦିବସ

ମାହାଙ୍ଗା (ଅମୃତ ମିଡ଼ିଆ) : ମାହାଙ୍ଗା ବ୍ଲକର ଅଗ୍ରଣୀ ଉଚ୍ଚଶିକ୍ଷା ଅନୁଷ୍ଠାନ ଜବାହରଲାଲ ନେହେରୁ ମହାବିଦ୍ୟାଳୟ, କୁଆଁପାଳର ୪୫ତମ ପ୍ରତିଷ୍ଠା ଦିବସ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ଡ. ଦିଲ୍ଲୀପ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଧାୟକ ଶ୍ରୀ ପ୍ରଧାନ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ବିକ୍ରମ କେଶରୀ ବର୍ମା ଓ ପ୍ରତିଷ୍ଠାତା ସଦସ୍ୟମାନଙ୍କ ଅତୁଳନୀୟ ତ୍ୟାଗ ତଥା ଅବଦାନର ସ୍ମୃତିଚାରଣ କରିଥିଲେ। ମାହାଙ୍ଗାର ସମୃଦ୍ଧ ଇତିହାସ, ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ବିକାଶରେ ଅଞ୍ଚଳର ବରପୁତ୍ରମାନଙ୍କ ଭୂମିକା ଉପରେ ଆଲୋକପାତ କରିବା ସହ କଲେଜର ଭିତ୍ତିଭୂମିର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ 'ଜ୍ଞାନୋଦୟ ଶିକ୍ଷାରୁ ସମୃଦ୍ଧି' ଯୋଜନାର ଉଚ୍ଚ ପ୍ରଶଂସା କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅଧକ୍ଷ ଡ. ନାୟକ ସ୍ୱାଗତ ଭାଷଣ ଦେଇ ପବିତ୍ର ଜନ୍ମାଷ୍ଟମୀର ଆଧ୍ୟାତ୍ମିକ ମହତ୍ତ୍ୱ ଏବଂ କଲେଜରେ ସୁସ୍ଥ ଶୈକ୍ଷିକ ପରିବେଶ ଗଠନ ଦିଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ଦୁଇ ଆନ୍ତର୍ଜାତୀୟ ପ୍ରତିଭାସମ୍ପନ୍ନ କ୍ରୀଡ଼ା ବିତ୍ ଶିଶୁ ଶଙ୍କର ଦାସ ଓ ମହମ୍ମଦ ସାହିଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଚଳିତ ବର୍ଷ +୨ ଏବଂ +୩ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ 'ସୌରଭ ମେମୋରିଆଲ ଟ୍ରଷ୍ଟ' ପକ୍ଷରୁ ୧୦ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ସହ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଅଧାପକ ରୁଦ୍ର ନାରାୟଣ ଦାଶ ମଞ୍ଚ ସଂଯୋଜନା କରିଥିବା ବେଳେ ଅଧାପିକା ବିଜୟଲକ୍ଷ୍ମୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଉପଦେଷ୍ଟା ଅଧାପକ ବସନ୍ତ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଅଧାପକ-ଅଧାପିକା, କର୍ମଚାରୀ, ଯୁବ ରେଡକ୍ରସ ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛା ସେବୀମାନେ ସକ୍ରିୟ ସହଯୋଗ କରିଥିଲେ।

ସିଏମ କିଷାନ ଯୋଜନାର ୫ମ କିସ୍ତି ପ୍ରଦାନ

୧ଲକ୍ଷ ୭୦ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୩୫କୋଟିରୁ ଅଧିକ ସହାୟତା

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ରାଜ୍ୟର ଚାଷୀଙ୍କ ଆର୍ଥିକ ସଶକ୍ତିକରଣ ଓ କୃଷି କ୍ଷେତ୍ରର ବିକାଶକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସିଏମ୍ କିଷାନ ଯୋଜନାର ରବି ଋତୁ ପାଇଁ ୫ମ କିସ୍ତି ପ୍ରଦାନ କରାଯାଇଛି। ରାଜ୍ୟର ୪୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକଙ୍କୁ ୮୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଓୟୁଏଟିର କୃଷି ଶିକ୍ଷା ସଦନଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ୍ କିଷାନ ଯୋଜନାର ୫ମ କିସ୍ତି ପ୍ରଦାନ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାଳନୀ କକ୍ଷରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ କଲ୍ୟାଣ ଓ କୃଷିର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ନେବାକୁ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଯାମିନୀ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ପ୍ରଭଞ୍ଜନ ମିଶ୍ର ଏବଂ ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ୍ତ ପ୍ରମୁଖ ଯୋଗଦେଇଥିଲେ।ଏହି ଅବସରରେ ଅଧିକାରୀମାନେ କୃଷକମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା, କୃଷି କ୍ଷେତ୍ରରେ ବିଭାଗୀୟ ପଦକ୍ଷେପ ଓ ସଫଳତା ସମ୍ପର୍କରେ ଅବଗତ କରାଇବା ସହ ଚାଷୀମାନେ ଏହାର ସୁବିଧା ନେଇ ନିଜ ଆୟ ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ସିଏମ୍ କିଷାନ ଯୋଜନାର ୫ମ କିସ୍ତି ବାବଦରେ ୩୩୩୩ ଜଣ ଭୂମିହୀନ ଚାଷୀ ଏବଂ ୧,୭୦,୪୯୪ ଜଣ ଖୁଦ୍ର ଓ ନାମମାତ୍ର ଚାଷୀ, ମୋଟ ୧,୭୦,୮୨୭ ଜଣ ଚାଷୀଙ୍କୁ ୩୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଥିଲେ। ଯୋଜନା ଅନୁଯାୟୀ, ପ୍ରତ୍ୟେକ ଭୂମିହୀନ ଚାଷୀଙ୍କୁ ୫,୦୦୦ ଟଙ୍କା ଏବଂ ଖୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍

ବୟସ ଜାଲିଆତି ମାମଲାରେ

ବିସିସିଆଇ ଏକାସାଙ୍ଗରେ ୬୪ ଖେଳାଳିଙ୍କୁ କଲା ବ୍ୟାନ୍

ନୂଆଦିଲ୍ଲୀ : ବିସିସିଆଇ ନେଲା ବଡ଼ ପଦକ୍ଷେପ । ବୟସ ସମ୍ପର୍କିତ ଜାଲିଆତି ମାମଲାରେ ଏକାସାଙ୍ଗରେ ୬୪ ଜଣ କ୍ରିକେଟରଙ୍କୁ ବ୍ୟାନ୍ କରିଛି ବିସିସିଆଇ । କ୍ରିକେଟ୍ ଆସୋସିଏସନ୍ ଅଫ୍ ବେଙ୍ଗଲ୍ ପକ୍ଷରୁ ଆୟୋଜିତ ପ୍ରି-ସିଜନ୍ ଡକ୍ୟୁମେଣ୍ଟେସନ୍ ଡ୍ରାଇଭରେ ଖେଳାଳିଙ୍କ ଜନ୍ମତାରିଖ ଓ ଅନ୍ୟାନ୍ୟ ଦଲିଲ ଯାଞ୍ଚ ସମୟରେ ଏହି ଅନିୟମିତତା ସାମ୍ନାକୁ ଆସିଛି । ଏହି ତାଲିକାରେ ୨୦୨୨ ଭାରତୀୟ ଅଣ୍ଡର-୧୯ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ରବି କୁମାରଙ୍କ ନାମ ମଧ୍ୟ ରହିଛି । ଅଷ୍ଟ୍ରେଲିଆ ଅଣ୍ଡର-୧୯ ବିପକ୍ଷ ଆଗାମୀ ସିରିଜ୍ ପାଇଁ ଭାରତୀୟ ଅଣ୍ଡର-୧୯ ଦଳରେ ଚୟନ ହୋଇଥିବା ଲେଗ୍ ସ୍ପିନର ରୋହିତ ଯାଦବଙ୍କ ବିରୋଧରେ ମଧ୍ୟ ବୟସ ଜାଲିଆତି ଅଭିଯୋଗ ମିଳିଛି । ବିସିସିଆଇ ପ୍ରି-ସିଜନ୍ ଡକ୍ୟୁମେଣ୍ଟେସନ୍ ଯାଞ୍ଚ ସମୟରେ ରୋହିତ ଯାଦବଙ୍କ ବୟସରେ ୨୭ ମାସର ଅନ୍ତର ଥିବା ଜଣାପଡ଼ିଛି । ଏହା ଜଣାପଡିବା ପରେ ତାଙ୍କୁ ଭାରତୀୟ ଅଣ୍ଡର-୧୯ ଦଳରୁ ବାଦ୍ ଦିଆଯାଇଛି । ରୋହିତ ଅଣ୍ଡର-୧୯ ସ୍ତରରେ ବଙ୍ଗଳା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ଅଷ୍ଟ୍ରେଲିଆ ଅଣ୍ଡର-୧୯ ବିପକ୍ଷରେ ଭାରତୀୟ ଦଳ ପକ୍ଷରୁ ୫ଟି ଦିନିକିଆ ଏବଂ ୨ଟି ମଲ୍ଟି-ଡେ ମ୍ୟାଚ୍ ଖେଳିବା ପାଇଁ ତାଙ୍କୁ ଚୟନ କରାଯାଇଥିଲା । ତେବେ ଯାଞ୍ଚ ପରେ ବିସିସିଆଇ ତାଙ୍କ ଉପରେ ୨ ବର୍ଷର ବ୍ୟାନ୍ ଲଗାଇଛି । ବିସିସିଆଇ ସହ ଜଡ଼ିତ ସମସ୍ତ ରାଜ୍ୟ କ୍ରିକେଟ୍ ସଂଘକୁ ଏନେଇ ଅବଗତ କରାଯାଇଛି । ସେହିପରି ରବି କୁମାରଙ୍କ ବୟସରେ ୪୫ ମାସର ଅନ୍ତର ଥିବା ଜଣାପଡ଼ିଛି । ରବି କୁମାର ୨୦୨୨ ମସିହାରେ ଭାରତର ଅଣ୍ଡର-୧୯ ବିଶ୍ୱକପ୍ ବିଜେତା ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ । ଏହା ବ୍ୟତୀତ ବାମହାତୀ ସ୍ପିନ୍ ଅଲରାଉଣ୍ଡର ବିଶାଲ ଭଟ୍ଟାଙ୍କ ନାମ ମଧ୍ୟ ଏହି ତାଲିକାରେ ରହିଛି । ବୟସ ଜାଲିଆତି ରୋକିବା ପାଇଁ ଖେଳାଳିଙ୍କ ଜନ୍ମ ପ୍ରମାଣପତ୍ର ସହ ସ୍କୁଲ୍ ଓ କଲେଜ୍ର ଶିକ୍ଷାଗତ ରେକର୍ଡ ମଧ୍ୟ ଯାଞ୍ଚ କରାଯାଉଛି । ଏହି ବ୍ୟାପକ ଯାଞ୍ଚ ପ୍ରକ୍ରିୟାରେ ଅନେକ ଖେଳାଳିଙ୍କ ରେକର୍ଡରେ ବର୍ଷ ବର୍ଷର ଅନ୍ତର ମିଳିଥିବା ଜଣାପଡ଼ିଛି ।

ମହିଳା ଏସିଆ କପ୍ ଟ୍ୱେଣ୍ଟି-୨୦ : ଆଜି ଭାରତ-ପାକିସ୍ତାନ ଲଢ଼େଇ

ଦୁବାଇ: ଭାରତୀୟ ମହିଳା କ୍ରିକେଟ୍ ଦଳ ଚଳିତ ଏସିଆ କପ୍ ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ ପ୍ରଥମ ଦୁଇ ମ୍ୟାଚ୍ ଜିତି ସେମିଫାଇନାଲ୍‌ରେ ପହଞ୍ଚି ସାରିଛି । ଶନିବାର ଗ୍ରୁପ୍-ଏ'ର ଶେଷ ତଥା ହାଇଭୋଲ୍ଟେଜ୍ ମ୍ୟାଚ୍‌ରେ ୭ ଥରର ଏସିଆ କପ୍ ବିଜେତା ଦଳ ଭାରତ ଭେଟିବ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ । ଦର୍ଶକଙ୍କ ଆଗ୍ରହକୁ ଦେଖି କିଛି ବର୍ଷ ହେବ ଆୟୋଜକମାନେ ବହୁଦଳୀୟ ପ୍ରତିଯୋଗିତାରେ ଭାରତ-ପାକିସ୍ତାନକୁ ଗୋଟିଏ ଗ୍ରୁପ୍‌ରେ ରଖୁଛନ୍ତି । ହେଲେ ଦୁବାଇ ଇଣ୍ଟରନ୍ୟାସ୍‌ନାଲ୍ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ପାକିସ୍ତାନ ଅପେକ୍ଷା ଭାରତ ପସନ୍ଦର ଦଳ ରହିଛି । ଏସିଆ ଭିତରେ ଭାରତ ଅନ୍ୟ ଦଳ ଅପେକ୍ଷା ବହୁତ ଦୃଢ଼ ଥିବାରୁ ଶନିବାର ମ୍ୟାଚ୍ ଜିତିବା ଭାରତ ପାଇଁ ସେପରି କଷ୍ଟକର ହେବନି । ଗତ ସଂସ୍କରଣରେ ଶ୍ରୀଲଙ୍କାଠୁ ହାରି ଭାରତ ଉପବିଜେତା ହୋଇଥିଲା । ଭାରତ ଚଳିତ ପ୍ରତିଯୋଗିତାରେ ପ୍ରଥମ ମ୍ୟାଚ୍‌ରେ କେବଳ ୨ ଜଣ ବ୍ୟାଟର ସ୍ମୃତି ଓ ଶେଫାଳି

ବ୍ୟାଟିଂରେ ଭଲ କରି ନଥିଲେ ମଧ୍ୟ ଶେଫାଳି ବର୍ମା (୬୪)ଙ୍କ ଅର୍ଦ୍ଧଶତକ ଏବଂ ବୋଲରଙ୍କ ଚମତ୍କାର ବୋଲିଂ ଯୋଗୁଁ ଥାଇଲାଣ୍ଡ ବିପକ୍ଷରେ ବଡ଼ ବିଜୟ ପାଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ହଂକଂକୁ ଭେଟି ଥିଲା ବେଳେ ସ୍ମୃତି ମନ୍ଧାନାଙ୍କ ରେକର୍ଡ ଶତକ ବଳରେ ସହଜ ବିଜୟ ପାଇଥିଲା । ଗତ ଦୁଇ ମ୍ୟାଚ୍‌ରେ ହିଁ ସଫଳ ହୋଇଛନ୍ତି । ଏମାନଙ୍କ ବାଦ୍ ପାକିସ୍ତାନ ବିପକ୍ଷରେ ପ୍ରତୀକା ରାୱଲ, ରିଚା ଘୋଷ, ଅଧିନାୟିକା ହରମନ୍‌ପ୍ରୀତ କୌରଙ୍କଠୁ ଦଳ ବଡ଼ ସ୍କୋର ଆଶା ରଖିଛି । ବୋଲିଂରେ ଓପନିଂରେ କ୍ରାନ୍ତି ଗୌଡ଼ଙ୍କୁ ନନ୍ଦନୀ ଶର୍ମା ଭଲ ସହଯୋଗ କରୁଛନ୍ତି । ଏମାନଙ୍କ ପରେ ସ୍ପିନର ସେମାନଙ୍କ କାର୍ଯ୍ୟ କରିବାରୁ ବିପକ୍ଷ ଦଳ ବଡ଼ ସ୍କୋର କରିପାରୁନି । ପାକିସ୍ତାନ ବିପକ୍ଷରେ ଭାରତର ମଧ୍ୟ ରେକର୍ଡ ଭଲ ରହିଛି । ଉଭୟ ଦଳ ୧୭ ଥର ମୁହାଁମୁହିଁ ହୋଇଥିଲା ବେଳେ ଭାରତ ୧୪ ଓ ପାକିସ୍ତାନ ୩ଟିରେ ଜିତିଛି । ଅନ୍ୟପକ୍ଷରେ ପାକିସ୍ତାନ ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ପାକିସ୍ତାନ ହରାଇଥିଲା । ହେଲେ ଏହି ଦଳ ପାୱର ପ୍ଲେରେ ୩ ୱିକେଟ୍ ହରାଇ ଚାପରେ ରହିଥିଲା । ଶେଷରେ ୧୧୯/୯ରେ ଅଟକିଥିଲା । ହାରିଥିଲେ ମଧ୍ୟ ଥାଇଲାଣ୍ଡ ୮୪/୮ କରି କଡ଼ା ଜବାବ ଦେଇଥିଲା । ସମ୍ଭାବ୍ୟ ଭାରତୀୟ ଏକାଦଶ: ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ପ୍ରତୀକା ରାୱଲ, ହରମନ୍‌ପ୍ରୀତ୍ କୌର (ଅଧିନାୟିକା), ଭାରତୀ ଫୁଲମାଳି, ରିଚା ଘୋଷ (ୱିକେଟ୍‌କିପର), ଦୀପ୍ତି ଶର୍ମା, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼, ନନ୍ଦନୀ ଶର୍ମା, ଶ୍ରୀ ଚାରଣୀ । ସମ୍ଭାବ୍ୟ ପାକିସ୍ତାନ ଏକାଦଶ: ମୁନୀବା ଅଲୀ (ୱିକେଟ୍‌କିପର), ଗୁଲ ଫିରୋଜା, ଆୟେଶା ଜାଫର, ଶୱାଲ ଜୁଲଫିକର, ଫତିମା ସାନା (ଅଧିନାୟିକା), ସଦାଫ ଶାମାସ, ତୁବା ହାସନ, ଉମ-ଇ-ହାନି, ନିଶ୍ରା ସାନ୍ଧୁ, ସାଦିଆ ଇକ୍‌ବାଲ, ଓ୍ୱାହିଦା ଅଖ୍ତର ।

'ବସ-ଉଠ' ହେଲେ ଅଭିଷେକ ଶର୍ମା

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟର ଅଭିଷେକ ଶର୍ମା ଆଜି ତାଙ୍କର ୨୬ତମ ଜନ୍ମଦିନ ପାଳନ କରୁଛନ୍ତି । ୪ ସେପ୍ଟେମ୍ବର ୨୦୦୦ରେ ଜନ୍ମଗ୍ରହଣ କରିଥିବା ଅଭିଷେକ ଟି-୨୦ ଦଳର ଜଣେ ପ୍ରମୁଖ ସଦସ୍ୟ ହୋଇଛନ୍ତି । ଏହି ଅବସରରେ ପୂର୍ବତନ କ୍ରିକେଟର ଯୁବରାଜ ସିଂହ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ପାଇଁ ଏକ ସ୍ୱତନ୍ତ୍ର ଭିଡିଓ ଶେୟାର କରିଛନ୍ତି । ଭିଡିଓରେ ଅଭିଷେକ କିଛି ପ୍ରତିଶ୍ରୁତି ଦେଇ 'ବସ-ଉଠ' କରୁଥିବାର ଦେଖାଯାଉଛି । ଯୁବରାଜ ସିଂହ ଅଭିଷେକ ଶର୍ମାଙ୍କ ମେଣ୍ଟର ଏବଂ ଗୁରୁ । ଯୁବରାଜ ଇନଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି ଯେଉଁଥିରେ ସେ ଅଭିଷେକଙ୍କୁ ତାଙ୍କ କାନ ଧରି 'ବସ-ଉଠ' କରୁଥିବାର ଦେଖାଯାଉଛି । ଯୁବରାଜ କୁହନ୍ତି, 'କୁହନ୍ତୁ, 'ମୁଁ ପ୍ରଥମ ବଲରେ ବହୁତ ସ୍ୱିଙ୍ଗ କରିବି ନାହିଁ।" ଏହି ପ୍ରତିଶ୍ରୁତି ଦେବା ସମୟରେ ଅଭିଷେକ 'ବସ-ଉଠ' କରନ୍ତି। ଯୁବରାଜ ତା'ପରେ ଆହୁରି କହିଛନ୍ତି, 'କୁହନ୍ତୁ, 'ମୁଁ ବ୍ୟାଟିଂ କରିବା ସମୟରେ ମୋର ସମୟ ନେବି।' ତୃତୀୟତଃ, 'ମୁଁ କହିବା ପୂର୍ବରୁ ଭାବିବି।' ଏବଂ ଚତୁର୍ଥତଃ, 'ମୁଁ ପ୍ରଥମ ବଲରୁ ବଡ଼ ସଟ ମାରିବାକୁ ଚେଷ୍ଟା କରିବି ନାହିଁ । ଏହା ସହିତ, ସେ ଅଭିଷେକ ଶର୍ମାଙ୍କ ସହିତ ବିତାଇଥିବା ସ୍ମରଣୀୟ ମୁହୂର୍ତ୍ତଗୁଡ଼ିକୁ କଏଦ କରୁଥିବା ଫଟୋ ମଧ୍ୟ ଶେୟାର କରିଛନ୍ତି । ଭିଡିଓ ସହିତ ଥିବା କ୍ୟାପସନରେ ଯୁବରାଜ ଲେଖିଛନ୍ତି, 'ଅଭିଷେକ ସାର, ଆଜି ଆପଣଙ୍କର ଜନ୍ମଦିନ। କି ଶୁଭ ଦିନ। ଆପଣ ଯେଉଁ ବ୍ୟକ୍ତି ହୋଇଯାଇଛନ୍ତି ସେଥିପାଇଁ ବହୁତ ସ୍ନେହ।

ଭାରତ-ଜାପାନ ମଧ୍ୟରେ ଖେଳାଯିବ ପ୍ରଥମ ଐତିହାସିକ ଟି୨୦ ମ୍ୟାଚ

ନୂଆଦିଲ୍ଲୀ : ଭାରତ ଏବଂ ଜାପାନ ମଧ୍ୟରେ ଖେଳାଯିବ ଏକ ଐତିହାସିକ କ୍ରିକେଟ୍ ମ୍ୟାଚ୍। ଜାପାନ ବିପକ୍ଷରେ ହେବାକୁ ଥିବା ଏହି ମ୍ୟାଚ୍ କ୍ରିଡ଼ାସୂଚୀ ଶୁକ୍ରବାର ଘୋଷଣା କରିଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ। ଭାରତ-ଜାପାନ କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ଉତ୍ସବର ଶୁଭାରମ୍ଭ ଅବସରରେ ଏହି ମ୍ୟାଚ୍ ଖେଳାଯିବ। ୨୦୨୬ ସେପ୍ଟେମ୍ବର ୨୨ ତାରିଖରେ ଜାପାନର ତୋଚିଗି ପ୍ରଦେଶସ୍ଥିତ ସାନୋ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଗ୍ରାଉଣ୍ଡରେ ଏହି ଟି୨୦ ଇଣ୍ଟରନ୍ୟାସନାଲ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚକୁ ନେଇ ବିସିସିଆଇ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ, ଭାରତ-ଜାପାନ କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ଉତ୍ସବର ଶୁଭାରମ୍ଭ ପାଇଁ ଉଭୟ ଦେଶର ପୁରୁଷ ଦଳ ଏକ ଟି୨୦ ଇଣ୍ଟରନ୍ୟାସନାଲ ମ୍ୟାଚ୍ ଖେଳିବେ। ଭାରତ ଏବଂ ଜାପାନ ମଧ୍ୟରେ ଏହା ହେବ ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍। ଅର୍ଥାତ୍ ପୂର୍ବରୁ କୌଣସି ଫର୍ମାଟରେ ଅନ୍ତର୍ଜାତୀୟ ସ୍ତରରେ ଉଭୟ ଦଳ

ପରସ୍ପର ବିପକ୍ଷରେ ଖେଳିନାହାନ୍ତି। ଗୋଟିଏ ପଟେ ବିଶ୍ୱର ଶ୍ରେଷ୍ଠ କ୍ରିକେଟ୍ ଦଳଗୁଡ଼ିକ ମଧ୍ୟରେ ଥିବା ଟିମ୍ ଇଣ୍ଡିଆ ରହିବ। ଅନ୍ୟପଟେ ଅନ୍ତର୍ଜାତୀୟ କ୍ରିକେଟରେ ଏପର୍ଯ୍ୟନ୍ତ ବେଶୀ ନାଁ କରିପାରିନଥିବା ଜାପାନ ଦଳ ରହିବ। ତେଣୁ ଏହି ମୁକାବିଲା କ୍ରିକେଟ୍ ପ୍ରଶଂସକଙ୍କ ପାଇଁ ବେଶ୍ ରୋଚକ ହେବାକୁ ଯାଉଛି। ବିସିସିଆଇ ପକ୍ଷରୁ ଆହୁରି କୁହାଯାଇଛି ଯେ, ଏହି ମ୍ୟାଚ୍ 'ସ୍ମୋର୍ଟ ୭୫' ପଦକ୍ଷେପର ପ୍ରଥମ ପର୍ଯ୍ୟାୟ ହେବ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜାପାନର ପ୍ରଧାନମନ୍ତ୍ରୀ ସାନାଏ ତାକାଇଚିଙ୍କ ମଧ୍ୟରେ ହୋଇଥିବା ବୈଠକରେ ଏନେଇ ସହମତି ପ୍ରକାଶ ପାଇଥିଲା। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି କ୍ରୀଡ଼ା କ୍ଷେତ୍ରରେ ଭାରତ ଓ ଜାପାନ ମଧ୍ୟରେ ଲୋକଙ୍କ ମଧ୍ୟରେ ଆଦାନପ୍ରଦାନ ଏବଂ ସହଯୋଗକୁ ବଢ଼ାଇବା। ଏଥିସହ ୨୦୩୬ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ଆୟୋଜନ କରିବା ପାଇଁ ଭାରତର ଆକାଂକ୍ଷାକୁ ମଧ୍ୟ ଏହି ପଦକ୍ଷେପରେ ଗୁରୁତ୍ୱ ଦିଆଯାଉଛି। ଭାରତ-ଜାପାନ ମ୍ୟାଚ୍ ନେଇ ବିସିସିଆଇ ସଚିବ ଦେବଜିତ ସୈକିଆ କହିଛନ୍ତି ଯେ, ଏହି ଐତିହାସିକ ଅବସରର ଅଂଶ ହୋଇ ବୋର୍ଡ ବେଶ୍ ଖୁସି। ଭାରତ ଓ ଜାପାନର ପୁରୁଷ ଦଳ ଜାପାନରେ ଏକ ସ୍ୱତନ୍ତ୍ର ଟି୨୦ ଇଣ୍ଟରନ୍ୟାସନାଲ ମ୍ୟାଚ୍ ପାଇଁ ଏକାଠି ହେବେ। ତାଙ୍କ କହିବା ଅନୁଯାୟୀ, ଏହା କ୍ରିକେଟ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୂହୂର୍ତ। ଏହା ମାଧ୍ୟମରେ ଭାରତୀୟ ଦଳ ଏକ ନୂଆ ସ୍ଥାନକୁ ଯିବାର ସୁଯୋଗ ପାଇବା ସହ ଜାପାନ ଏବଂ ପୂର୍ବ ଏସିଆରେ ଅଧିକ ଲୋକଙ୍କ ନିକଟରେ କ୍ରିକେଟକୁ ପହଞ୍ଚାଇବାର ସୁଯୋଗ ମିଳିବ।

ଜନ୍ମାଷ୍ଟମୀରେ କୃଷ୍ଣମୟ 'କିଙ୍ଗ୍' କୋହଲି

ନୂଆଦିଲ୍ଲୀ : କ୍ରିକେଟ୍ ମୈଦାନରେ ନିଜ ବ୍ୟାଟିଂରେ ରାଜ କରୁଥିବା ବିରାଟ କୋହଲି ଏବେ ଭକ୍ତିରଙ୍ଗରେ । ଜନ୍ମାଷ୍ଟମୀ ଅବସରରେ ଶ୍ରୀକୃଷ୍ଣଙ୍କୁ ମନେ ପକାଇଛନ୍ତି କିଙ୍ଗ୍ କୋହଲି । ସୋସିଆଲ ମିଡିଆରେ ଭଗବାନ ଶ୍ରୀକୃଷ୍ଣଙ୍କ ଫଟୋ ଶେୟାର କରି ଦେଶବାସୀ ଓ ନିଜ ଫ୍ୟାନ୍‌ଙ୍କୁ ଜନ୍ମାଷ୍ଟମୀର ଶୁଭେଚ୍ଛା ଜଣାଇଛନ୍ତି । ଇନଷ୍ଟାଗ୍ରାମ ଷ୍ଟୋରୀରେ ବିରାଟ କୋହଲି 'ଜୟ ଶ୍ରୀକୃଷ୍ଣ' ଲେଖିବା ସହ ସମସ୍ତଙ୍କୁ ଜନ୍ମାଷ୍ଟମୀର ଶୁଭେଚ୍ଛା ଜଣାଇଛନ୍ତି । ଏହି ଷ୍ଟୋରୀରେ ସେ ବଂଶୀ ବଜାଉଥିବା ଶ୍ରୀକୃଷ୍ଣଙ୍କ ଏକ ସୁନ୍ଦର ଫଟୋ ଶେୟାର କରିଛନ୍ତି । ଫଟୋରେ ଶ୍ରୀକୃଷ୍ଣଙ୍କ ନିକଟରେ ମାଖନ ମଧ୍ୟ ରହିଛି । କୋହଲିଙ୍କ ଏହି ଷ୍ଟୋରୀ ସାମ୍ନାକୁ ଆସିବା ପରେ ଏହାକୁ ନେଇ ଫ୍ୟାନ୍‌ଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି । ବିରାଟ କୋହଲିଙ୍କ ଆଧ୍ୟାତ୍ମିକ ଯାତ୍ରା ମଧ୍ୟ ଏବେ ଚର୍ଚ୍ଚାର ବିଷୟ । ଗତ କିଛି ସମୟ ଧରି ତାଙ୍କୁ ଧାର୍ମିକ ସ୍ଥାନ ପରିଦର୍ଶନ କରୁଥିବା ଦେଖାଯାଉଛି । ବିଶେଷକରି ବୃନ୍ଦାବନ ଯାଇ ପ୍ରେମାନନ୍ଦ ଜୀ ମହାରାଜଙ୍କୁ ଭେଟିବା ଘଟଣା ଅନେକଥର ସାମ୍ନାକୁ ଆସିଛି । ଏବେ ଜନ୍ମାଷ୍ଟମୀରେ ତାଙ୍କ 'ଜୟ ଶ୍ରୀକୃଷ୍ଣ' ବାର୍ତ୍ତା ପୁଣିଥରେ ତାଙ୍କ ଭକ୍ତିଭାବକୁ ସାମ୍ନାକୁ ଆଣିଛି । କ୍ରିକେଟ୍ କଥା କହିଲେ, ନିକଟରେ ଇଂଲଣ୍ଡ ଗସ୍ତରେ ଟିମ୍ ଇଣ୍ଡିଆର ଦିନିକିଆ ସିରିଜ୍‌ରେ ବିରାଟ କୋହଲି ନଜର ଆସିଥିଲେ। ପ୍ରଥମ ମ୍ୟାଚ୍‌ରେ ମାତ୍ର ୫ ରନ୍ କରି ଆଉଟ୍ ହୋଇଥିଲେ। ହେଲେ ଏହାପରେ ଦୁଇଟି ମ୍ୟାଚ୍‌ରେ ଜବରଦସ୍ତ କମ୍‌ବ୍ୟାକ୍ କରିଥିଲେ। ଦ୍ୱିତୀୟ ଦିନିକିଆରେ ୬୫ ରନ୍ କରିଥିବା ବେଳେ ଶେଷ ମ୍ୟାଚ୍‌ରେ ୭୪ ରନ୍‌ର ପାଳି ଖେଳିଥିଲେ।

ବିସିସିଆଇର ୫ ପ୍ଲାନ୍‌ରେ ବଦଳିବ ବୈଭବଙ୍କ ଭବିଷ୍ୟତ

ନୂଆଦିଲ୍ଲୀ : ମାତ୍ର ୧୫ ବର୍ଷ ବୟସରେ କ୍ରିକେଟ ଜଗତରେ ଚର୍ଚ୍ଚା ସୃଷ୍ଟି କରିଥିବା ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ବଡ଼ ସ୍ୱପ୍ନ ଦେଖୁଛି ବିସିସିଆଇ। ଭାରତୀୟ କ୍ରିକେଟ୍ ମହାନ ଖେଳାଳି ସଚିନ ତେନ୍ଦୁଲକରଙ୍କ ଭଳି ବୈଭବଙ୍କ କ୍ୟାରିୟର ମଧ୍ୟ ଦୀର୍ଘ ଓ ସଫଳ ହେଉ ବୋଲି ବୋର୍ଡ ଚାହୁଁଛି। ସଚିନ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଭାରତୀୟ କ୍ରିକେଟର ସେବା କରିଥିଲେ। ଅନେକ ରେକର୍ଡ ଭାଙ୍ଗିବା ସହ ଦେଶକୁ ଅସଂଖ୍ୟ ମ୍ୟାଚ ଜିତାଇଥିଲେ। ଏହି କାରଣରୁ ତାଙ୍କୁ 'କ୍ରିକେଟର ଭଗବାନ' ବୋଲି କୁହାଯାଏ। ଏବେ ବୈଭବଙ୍କୁ ମଧ୍ୟ ଭବିଷ୍ୟତର ମହାନ କ୍ରିକେଟର ଭାବେ ଗଢ଼ିବାକୁ ବିସିସିଆଇ ଚାହୁଁଛି। ବିସିସିଆଇ ସଚିବ ସାଇକିଆ ମଧ୍ୟ କହିଛନ୍ତି ଯେ ବୈଭବଙ୍କ ଭଳି ଯୁବ ପ୍ରତିଭାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଟିମ ଇଣ୍ଡିଆ ପାଇଁ ଖେଳୁଥିବା ଦେଖିବାକୁ ସେ ଚାହୁଁଛନ୍ତି। ୧. ଦେବାକୁ ହେବ ସମ୍ପୂର୍ଣ୍ଣ ସମର୍ଥନ : ଜଣେ ଖେଳାଳି ଫ୍ଲୋରରୁ ଶୀର୍ଷକୁ ସେତେବେଳେ ପହଞ୍ଚେ, ଯେତେବେଳେ ତାଙ୍କ ଉପରେ ଦଳ ଓ ବୋର୍ଡର ସମ୍ପୂର୍ଣ୍ଣ ଭରସା ଥାଏ। ଖରାପ ସମୟରେ ମଧ୍ୟ ଟିମ ତାଙ୍କ ସହ ଛିଡ଼ା ହେବା ଜରୁରୀ। ସଚିନ ତେନ୍ଦୁଲକର, ବିରାଟ କୋହଲି, ଏମଏସ ଧୋନୀ ଓ ରୋହିତ ଶର୍ମାଙ୍କ ଭଳି ଖେଳାଳିଙ୍କୁ ମଧ୍ୟ ଏଭଳି ସମର୍ଥନ ମିଳିଥିଲା। ବୈଭବଙ୍କୁ ମଧ୍ୟ ସେହିଭଳି ଭରସା ଦେବାକୁ ପଡ଼ିବ। ୨. ଦୁର୍ବଳତା ଦୂର କରିବାକୁ ହେବ: ପ୍ରତିଭା ଥିବା ସହ ଜଣେ ମହାନ ଖେଳାଳି ହେବା ପାଇଁ ନିରନ୍ତର ଶିଖିବା ଜରୁରୀ। ବୈଭବଙ୍କ ଭିତରେ ପ୍ରତିଭାର ଅଭାବ ନାହିଁ। କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟରେ ଦୀର୍ଘ ସମୟ ରାଜ୍ କରିବାକୁ ହେଲେ ତାଙ୍କୁ ନିଜ ଦୁର୍ବଳତା ଉପରେ କାମ କରିବାକୁ ପଡ଼ିବ। ୩. ଫିଟନେସ ଉପରେ ଗୁରୁତ୍ୱ: ଦୀର୍ଘ କ୍ରିକେଟ କ୍ୟାରିୟର ପାଇଁ ପ୍ରତିଭା ସହ ଫିଟନେସ ମଧ୍ୟ ଅତ୍ୟନ୍ତ ଜରୁରୀ। ସଚିନ, ଧୋନୀ ଓ ବିରାଟଙ୍କ ଦୀର୍ଘ କ୍ୟାରିୟର ପଛରେ ଫିଟନେସ୍ ମଧ୍ୟ ବଡ଼ ଭୂମିକା ରହିଛି। ବୈଭବ ଅତି କମ ବୟସରୁ ଅନ୍ତର୍ଜାତୀୟ ସ୍ତରରେ ପାଦ ରଖିଛନ୍ତି। ତେଣୁ ଦୁଇ ଦଶନ୍ଧିରୁ ଅଧିକ ସମୟ ଖେଳିବାକୁ ହେଲେ ତାଙ୍କୁ ଫିଟନେସ, ଡାଏଟ ଓ ୱର୍କଲୋଡ ମ୍ୟାନେଜମେଣ୍ଟ ଉପରେ ନିୟମିତ ଧ୍ୟାନ ଦେବାକୁ ହେବ। ୪. ଅତିରିକ୍ତ ଚାପରୁ ଦୂରେଇ ରଖିବାକୁ ହେବ : ବୈଭବଙ୍କୁ ଅତିରିକ୍ତ ଚାପରୁ ଦୂରରେ ରଖିବା ମଧ୍ୟ ବିସିସିଆଇର ବଡ଼ ଦାୟିତ୍ୱ ହେବ। ଏତେ କମ ବୟସରେ ତାଙ୍କୁ ଅତିରିକ୍ତ ଦାୟିତ୍ୱ, ବିଶେଷକରି କ୍ୟାପ୍ଟେନ୍ସି ଦେଲେ ଏହା ତାଙ୍କ ଖେଳ ଉପରେ ପ୍ରଭାବ ପକାଇପାରେ। ଯଦିଓ ଅଧିନାୟକତ୍ୱ ଜଣେ ଖେଳାଳିଙ୍କୁ ନିଜ ଖେଳ ଉନ୍ନତ କରିବାର ସୁଯୋଗ ଦିଏ, ତଥାପି ଏହା ସହ ଅତିରିକ୍ତ ଚାପ ମଧ୍ୟ ଆସିଥାଏ। ସଚିନ ତେନ୍ଦୁଲକରଙ୍କ ଦୀର୍ଘ କ୍ୟାରିୟରରେ ମଧ୍ୟ ଅଧିନାୟକତ୍ୱ ଏକ ସମୟରେ ଚ୍ୟାଲେଞ୍ଜ ହୋଇଥିଲା। ୫. ଜଣେ ଭଲ ମେଣ୍ଟରଙ୍କ ଆବଶ୍ୟକତା: ବୈଭବଙ୍କୁ ଜଣେ ବଡ଼ କ୍ରିକେଟର ଭାବେ ଗଢ଼ିବାରେ ମେଣ୍ଟରଙ୍କ ଭୂମିକା ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। ତାଙ୍କୁ ଏଭଳି ପରିବେଶ ଦେବା ଦରକାର, ଯେଉଁଠି ବରିଷ୍ଠ ଓ ମହାନ ଖେଳାଳିମାନଙ୍କଠାରୁ ସେ ନିରନ୍ତର ମାର୍ଗଦର୍ଶନ ପାଇପାରିବେ। ରାହୁଲ ଦ୍ରାବିଡ଼ ମଧ୍ୟ ବୈଭବଙ୍କ ସହ ସମୟ ସମୟରେ କଥା ହେଉଥିବା କୁହାଯାଉଛି।

ଶତକ ମାରି ମିଥାଲି ରାଜଙ୍କ 'ମହାରେକର୍ଡ' ଭାଙ୍ଗିଲେ ସ୍ମୃତି

ମହିଳା ଆନ୍ତର୍ଜାତିକ କ୍ରିକେଟ୍‌ରେ ସର୍ବାଧିକ ଶତକ

ନୂଆଦିଲ୍ଲୀ ; ୧୪ ଚୌକା, ୭ ଛକା । ୬୪ ବଲ୍‌ରେ ୧୨୬ ରନ୍‌ର ଦମଦାର ଇନିଂସ । ଷ୍ଟ୍ରାଇକ୍ ରେଟ୍ ୧୯୩

ବନ୍ଦର ଅଧ୍ୟକ୍ଷଙ୍କ ଓଡ଼ିଶାର ବରିଷ୍ଠ ଅଧିକାରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତକାର

ପାରାଦୀପ (ଅମୃତ ମିଡିଆ) : ପାରାଦୀପ ବନ୍ଦର ପ୍ରାଧିକରଣ ର ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତ, ରାଜ୍ୟ ସରକାର ଓ ପାରାଦୀପ ବନ୍ଦର ପ୍ରାଧିକରଣ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରଠାରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ସହ ଗୁରୁବାର ଦିନ ଏକ ସୌଜନ୍ୟମୂଳକ ସାକ୍ଷାତକାର କରିଥିଲେ। ଏହି ଅବସରରେ ପୁରୋହିତ, ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟଶାସନ ସଚିବ, ଗୃହ ବିଭାଗ; ଡ.ଅରବିନ୍ଦ କୁମାର ପାଢ଼ୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ; ଉଷା ପାଢ଼ୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ; ଏନ୍.ବି.ଏସ୍. ରାଜପୁତ, ପ୍ରମୁଖ ସଚିବ, ବାଣିଜ୍ୟ ଓ

ପରିବହନ ବିଭାଗ ଏବଂ ସତ୍ୟବ୍ରତ ସାହୁ, ସଦସ୍ୟ, ବୋର୍ଡ ଅଫ୍ ରେଭିନ୍ୟୁ, ଓଡ଼ିଶା ଏବଂ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ସହ ମଧ୍ୟ ପୃଥକ ଭାବେ ସୌଜନ୍ୟମୂଳକ ସାକ୍ଷାତକାର କରିଥିଲେ। ଏହି ଆଲୋଚନାଗୁଡ଼ିକରେ ଭୂମି ମ୍ୟୁଟେସନ, ଜାହାଜ ନିର୍ମାଣ ଓ ଜାହାଜ ମରାମତି କ୍ଲଷ୍ଟରର ବିକାଶ, ପ୍ରସ୍ତାବିତ ପୁରୀ କୁରୁ ଟର୍ମିନାଲ, ସ୍ଥାୟୀ ଜଳ ଯୋଗାଣ ଭିତ୍ତିଭୂମି ସହିତ ପାରାଦୀପ ବନ୍ଦରର ଚାଲୁଥିବା ବିକାଶ ଓ ସମ୍ପ୍ରସାରଣ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଶ୍ରୀ ପୁରୋହିତ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଏବଂ ପ୍ରଧାନ ମୁଖ୍ୟ ପରିଚାଳନା ପ୍ରବନ୍ଧକ ତଥା ସଦସ୍ୟ ଶ୍ରୀ ସଞ୍ଜୟ କୁମାର ମିଶ୍ରଙ୍କ ସହ ମଧ୍ୟ ପୃଥକ ଭାବେ ସୌଜନ୍ୟମୂଳକ ସାକ୍ଷାତକାର କରିଥିଲେ। ଏହି ଆଲୋଚନାରେ ବନ୍ଦର ସଂଯୋଗୀକରଣ, ରେଳ ଭିତ୍ତିଭୂମି, ଲଜିଷ୍ଟିକ୍ସ ଏବଂ ପାରାଦୀପ ବନ୍ଦରର ନିରନ୍ତର ଅଭିବୃଦ୍ଧିକୁ ସହାୟତା କରୁଥିବା ଅନ୍ୟାନ୍ୟ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସୌଜନ୍ୟମୂଳକ ସାକ୍ଷାତକାରଗୁଡ଼ିକ ପାରାଦୀପ ବନ୍ଦର ପ୍ରାଧିକରଣ, ଓଡ଼ିଶା ସରକାର ଏବଂ ପୂର୍ବତଟ ରେଳପଥ ମଧ୍ୟରେ ଆଞ୍ଚଳିକ ସାମୁଦ୍ରିକ ଓ ଶିଳ୍ପ ବିକାଶ ପାଇଁ କୌଶଳଗତ ଗୁରୁତ୍ୱ ବହନ କରୁଥିବା ବିଷୟଗୁଡ଼ିକରେ ସମନ୍ୱୟକୁ ଆହୁରି ଦୃଢ଼ କରିବାର ସୁଯୋଗ ପ୍ରଦାନ କରିଥିଲା। ଆଲୋଚିତ ପଦକ୍ଷେପଗୁଡ଼ିକ ଶିଳ୍ପ ବିକାଶ, ରୋଜଗାର ସୃଷ୍ଟି, ସାମୁଦ୍ରିକ ଭିତ୍ତିଭୂମି, ଉପକୂଳୀୟ ପର୍ଯ୍ୟଟନ, ଲଜିଷ୍ଟିକ୍ସ ଏବଂ ବାଣିଜ୍ୟକୁ ଗତିଶୀଳ କରିବା ସହିତ ଭାରତର ପୂର୍ବ ଉପକୂଳର ଏକ ପ୍ରମୁଖ ସାମୁଦ୍ରିକ ପ୍ରବେଶଦ୍ୱାର ଭାବେ ପାରାଦୀପର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ସଦର ଥାନା ଅଧିନ କଂସାର ସାହସପୁର ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତିଲତା ମହାରଣାଙ୍କୁ ବିଦ୍ୟାଳୟ ଭିତରେ ପଶି ଆକ୍ରମଣ କରାଯିବା ଘଟଣାରେ ଅଭିଯୁକ୍ତ ରଞ୍ଜନ ମହାପାତ୍ରଙ୍କୁ ଗିରଫ କରାଯାଇଛି। କେନ୍ଦ୍ରାପଡା ସଦର ଥାନା ପୋଲିସ କାଙ୍କଦିଆ ଗ୍ରାମର ଅଭିଯୁକ୍ତ ରଞ୍ଜନ ମହାପାତ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ରଞ୍ଜନକୁ ବାରିମୂଳ ଉପ କାରାଗାରକୁ ପଠାଇ ଦିଆଯାଇଛି। ଅଭିଯୋଗରୁ ପ୍ରକାଶ ଯେ ସଦର ଥାନା ଅଧିନ କଂସାର ସାହସପୁର ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତିଲତା ମହାରଣାଙ୍କୁ ବୁଧବାର ବିଦ୍ୟାଳୟ ଭିତରେ ପଶି ଆକ୍ରମଣ କରିବା ସହ ତାଙ୍କ କାର୍ଯ୍ୟାଳୟର ବେଞ୍ଚ, ଟେବୁଲକୁ ଅଭିଯୁକ୍ତ ରଞ୍ଜନ ଭଙ୍ଗାରୁଜା କରିଥିଲା। ସେହିପରି ଅଭିଯୁକ୍ତ ଜଣକ କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଫିଙ୍ଗା ଫୋପଡା କରିଥିଲା। ଏହାସହ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଜୀବନରୁ ମାରି ଦେବାକୁ ମରଣାସ୍ତ ଦେଖାଇ ଧମକ ମଧ୍ୟ ଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମହାରଣା ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଆଜି ଅଭିଯୁକ୍ତ ରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ମୃତକଙ୍କ ପରିବାରକୁ ଭେଟିଲେ କଂଗ୍ରେସ ନେତା ଦେବେନ୍ଦ୍ର

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) : ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧିନ କୋଲଣପୁର ଗ୍ରାମ ପଞ୍ଚାୟତ ୫ନଂ ୱାର୍ଡ଼ର ନିରୁପମା ସାମଲଙ୍କ ବିୟୋଗ ଖବର ପାଇ ମାହାଙ୍ଗା କଂଗ୍ରେସ ନେତା ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ସାହୁ ସ୍ୱର୍ଗତାଙ୍କ କୋଲଣପୁର ସ୍ଥିତ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଶାନ୍ତ୍ୱନା ପ୍ରଦାନ କରିଥିଲେ । ଶ୍ରୀଯୁକ୍ତ ସାହୁଙ୍କ ସହିତ ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁଙ୍କ ସମେତ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ ।

ସମାଜସେବୀଙ୍କୁ ସ୍ମୃତି ଶ୍ରଦ୍ଧାଞ୍ଜଳି

ମାହାଙ୍ଗା (ଅମୃତ ମିଡ଼ିଆ) : ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଣି ଯୋରୀ ସହିଦ ଭବନ ଠାରେ ଦିବଂଗତ ସରଳ, ନିଷ୍କପଟ ଧର୍ମ ପରାୟଣ ବ୍ୟକ୍ତି, ଆଦର୍ଶ ଚାଷୀ ଶତ୍ରୁଘ୍ନ ସାହୁ ଓ ସଫଳ ଚାଷୀ ସୁନାକର ସାହୁଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହିମା ଧର୍ମ ଗବେଷକ ଡଃ ଏକାଦଶୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମାଜସେବୀ ନଳିନୀ କାନ୍ତ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉକ୍ତ ସଭାରେ ଡଃ ଭାବଗ୍ରାହୀ ରାଉତ, ଜନାର୍ଦ୍ଦନ ରାଉତ, ରମେଶ ଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ଶୈଳେନ୍ଦ୍ର ସାହୁ, ନିର୍ବାଣ ସାମ୍ବାଦିକ ବିଜୟ କୁଅଁର, ବିଜୟ କୁମାର ନାୟକ, ଅନନ୍ତ ମହାରଣା, ଅକ୍ଷୟ କୁମାର ଖୁଣ୍ଟିଆ, ଭ୍ରମର ବର୍ ଦାସ, ଅପୂର୍ବ କୁମାର୍ ମହାନ୍ତି, ରାଜକିଶୋର ଜେନା, ମନୋଜ କୁମାର ସାହୁ, ସନ୍ତୋଷ କୁମାର ସାହୁ, ହଳଧର ଦାସ, ଉପେନ୍ଦ୍ର ନାଥ ମଙ୍ଗରାଜ, ରବୀନ୍ଦ୍ର ସାହୁ, ତ୍ରିଲୋଚନ ସାହୁ, ମାଧବ ଚନ୍ଦ୍ର ଜେନା, ସର୍ବେଶ୍ୱର ବାରିକ୍ ପ୍ରମୁଖ ଯୋଗ ଦେଇ ଦିବଂଗତ ବ୍ୟକ୍ତି ଦ୍ୱୟ ଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଅକ୍ଷୟ କୁମାର ଖଟୁଆ କବିତା ପାଠ କରିଥିବା ବେଳେ ଜାନକୀ ବଲ୍ଲଭ ସ୍ୱାଇଁ ଭାଗବତ ପାଠ କରିଥିଲେ। କୈବଲ୍ୟ ପ୍ରସାଦ ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଦିବଂଗତଙ୍କ ଆତ୍ମାର ଶାନ୍ତି ଓ ସଦାଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

ଯୁବକଙ୍କ ବିୟୋଗରେ ଶୋକ

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କଟରପଡା ପଞ୍ଚାୟତ ମୁରଦାବାଦ ଗ୍ରାମର ବେଶ୍ ଜଣାଶୁଣା ଫକୀର ସାରଙ୍କ କନିଷ୍ଠ ପୁତ୍ର ଦିନେଶ କୁମାର ନାୟକ(ବାପୁନି)୫୧ ବର୍ଷଙ୍କର କଟକ ବଡ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ବୁଧବାର ରାତ୍ରିରେ ଅକାଳ ବିୟୋଗ ଘଟିଛି । ଗତ ୯ ଦିନ ଧରି ନିମୋନିଆ ରୋଗରେ ପିଡୀତ ହୋଇ ସେ ଚିକିତ୍ସିତ ହେଉଥିଲେ । ମୃତ ବାପୁନି ଜଣେ ଉଦ୍‌ଯୋଗୀ ଯୁବକ ଥିବାରୁ ତାଙ୍କ ବିୟୋଗରେ ଏ ଅଂଚଳରେ ଗଭୀର ଶୋକ ପ୍ରକାଶ ପାଇଛି । ମୃତ୍ୟୁଶଯ୍ୟା ନିକଟରେ ବଡଭାଇ ଦିପ୍ତିରଂଜନ ନାୟକ, ଭାଉଜ ତଥା ପୂର୍ବତନ ସରପଞ୍ଚ ଇତିବାଳା ନାୟକ, ଭଉଣୀ ଇତିଶ୍ରୀ ନାୟକ, ଭିଣୋଇ ଆଡଭୋକେଟ ସୁବ୍ରତ ନାୟକ, ମୁରଲୀଧର ମଲ୍ଲିକ, ରେବତୀ ମଲ୍ଲିକ, ଅଞ୍ଜନା ସ୍ୱାଇଁ, ପ୍ରସନ୍ନ ସ୍ୱାଇଁ, ସନ୍ତୋଷ ପାତ୍ର, ବିଜୟାନନ୍ଦ ପାତ୍ର, ସୁଧୀର ପାତ୍ରଙ୍କ ସମେତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ । ଖବର ପାଇ ସରପଞ୍ଚ ରାକେଶ ସାମଲ, ପ୍ରାକ୍ତନ ସମିତିସଭ୍ୟ ପିତାମ୍ବର ମହାନ୍ତି, ନାଏବ ସରପଞ୍ଚ ଅଲେଖ ମହାରଣା, ଜ୍ଞାନରଂଜନ ଦାସ, ସୁରେନ୍ଦ୍ର ସାଆୁଆ, ଶେଷଦେବ ସ୍ୱାଇଁ, କୈଳାସ ସ୍ୱାଇଁ, ପୁରୁଷୋତ୍ତମ ପାତ୍ର, ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ପୁତ୍ର ଅନିକେତ ମୁଖାଗ୍ନି ଦେଇଥିଲେ ।

ରୋଟାରୀ କ୍ଲବ ପକ୍ଷରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଚକ୍ଷୁ ପରୀକ୍ଷା ଶିବିର

ପାରାଦୀପ (ଅମୃତ ମିଡିଆ) : ପାରାଦୀପ ରୋଟାରୀ କ୍ଲବ୍ ଏବଂ କଟକର ଅଗ୍ରୱାଲ ଆଇ ହସ୍ପିଟାଲର ମିଳିତ ସହଯୋଗରେ ପାରାଦୀପସ୍ଥିତ ସଞ୍ଜୟ ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଗୁରୁବାର ଦିନ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମୋଟ ୨୫୦ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା, ଯେଉଁଥିରୁ ୪୦ ଜଣ ଛାତ୍ରଛାତ୍ରୀଙ୍କ ଆଖିରେ ତ୍ରୁଟି ବା ଦୃଷ୍ଟିଶକ୍ତି ସମସ୍ୟା ଚିହ୍ନଟ ହୋଇଥିଲା। ରୋଟାରୀ କ୍ଲବ୍ ପକ୍ଷରୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅବଗତ କରାଯାଇଛି ଯେ, ଏହି ଶିବିରରେ ଚିହ୍ନଟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନରେ ଅଗ୍ରୱାଲ ଆଇ ହସ୍ପିଟାଲରେ ସମ୍ପୂର୍ଣ୍ଣ ମାଗଣାରେ କରାଯିବ। ଏହି କାର୍ଯ୍ୟକ୍ରମକୁ ପାରାଦୀପ ପୌରପାଳିକାର ଅଧ୍ୟକ୍ଷ ବସନ୍ତ ବିସ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଔପଚାରିକ ଭାବେ ଉଦ୍ଘାଟନ କରିଥିବା ବେଳେ ପାରାଦୀପ ପୌରପାଳିକାର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପାରାଦୀପ ରୋଟାରୀ କ୍ଲବ୍ ର ସଭାପତି ଅକ୍ଷୟ ଚନ୍ଦ୍ର ସୁତାର, ସମ୍ପାଦକ କାଳୀ ପ୍ରସାଦ ମିଶ୍ର ଏବଂ କ୍ଲବ ର ନିର୍ଦ୍ଦେଶକ ଡା. ଦୁର୍ଗା ପ୍ରସାଦ ସେଠୀ, କ୍ୟାପ୍ଟେନ ଅଲେଖ ଚନ୍ଦ୍ର ସାହୁ, ଡ଼ଃ.କୈଳାଶ ଚନ୍ଦ୍ର ମହାରାଣା, ଡା.ପ୍ରଶାନ୍ତ କୁମାର ମହାପାତ୍ର, ପ୍ରଫେସର ଅକ୍ଷୟ ଚନ୍ଦ୍ର ମିଶ୍ର, ବିପ୍ଳବ କୁମାର ଜେନା, ଦୀପକ କୁମାର ଷଡଙ୍ଗୀ, ରଞ୍ଜିତ କୁମାର ବୋମାଲି ଏବଂ ଧର୍ମେନ୍ଦ୍ର କୁମାର ପତି ଙ୍କ ସକ୍ରିୟ ସହଯୋଗ ଓ ପ୍ରୟାସ ଯୋଗୁଁ ଏହି ଅଭିଯାନ ସଫଳ ହୋଇଥିଲା। ସଭାପତି ଏବଂ ନିର୍ଦ୍ଦେଶକ ମାନଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ପ୍ରଶଂସନୀୟ ଅବଦାନକୁ ଉପସ୍ଥିତ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ, ସମାଜସେବୀ ତଥା ସାମ୍ବାଦିକ କର୍ମେଶ୍ୱର ସ୍ୱାଇଁ ଏବଂ ଅଗ୍ରୱାଲ ଆଇ ହସ୍ପିଟାଲର ଡାକ୍ତର ଓ ଚିକିତ୍ସା କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ

ରାଇଘର (ଅମୃତ ମିଡିଆ) : ନବରଂଗପୁର ଜିଲ୍ଲା ରାଇଘର ସଦମହକୁମା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତୀୟ ସଂସ୍କୃତି ଆଧାରରେ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୁଡିକରେ ବିଭିନ୍ନ ପର୍ବ ପର୍ବାଣି ପାଳିତ ହେଉଥିବାବେଳେ ସ୍ଥାନୀୟ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ବହୁ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସଂଶ୍ରୁତିକ କର୍ଯ୍ୟକର୍ମ। ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଗୁରୁଜୀ ଗୁରୁମା ପରିଚାଳନା କରିଥିବା ସହିତ ପ୍ରଧାନ ଆଚାର୍ଯ୍ୟ ମାନସିଂ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବରେ ଛାତ୍ରଛାତ୍ରୀ, ଶିଶୁ ବିଦ୍ୟାମନ୍ଦିରର ସଭାପତି କୈଳାଶ ଚନ୍ଦ୍ର ମହାରଣା, ସମ୍ପାଦକ ଜ୍ୟୋତି ରଞ୍ଜନ ମହାନ୍ତିଙ୍କ ସମେତ ବିଦ୍ୟାଳୟର କମିଟିର ସମସ୍ତ ସଦସ୍ୟ ତଥା ବିଦ୍ୟାଳୟର ଗୁରୁଜୀ, ଗୁରୁମା ଓ ଅଭିଭାବକମାନେ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

ଜୁଆଆଡ୍ଡା ଉପରେ ଚଢ଼ଉ

୬ ବାଇକ୍, ନଗଦ ୨୯୨୦୦ ଜବତ



ରାଇଘର (ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଧୋଡ଼ାପାରେ ଠାରେ ଚାଲିଥିବା ଜୁଆ ଆଡ୍ଡା ଉପରେ ରାଇଘର ପୋଲିସ ଚଢ଼ାଉ କରି ୬ଟି ବାଇକ୍ ସହ ୨୯୨୦୦ ଟଙ୍କା ଜବତ କରିଛି। ସୂଚନା ଅନୁଯାୟୀ ରାଇଘର ଥାନା ଅଧିକାରୀ ବହୁବଳି ଟିକି ଚାନ୍ଦ ଖଟୁଆ, ଟିମ୍ ସହ ସନ୍ଧ୍ୟା ୫,୩୦ରୁ ୬ଟା ବେଳେ ପେଟ୍ରୋଲିଙ୍ଗ କରିବା ସମୟରେ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲେ। ଚଢାଉ ବେଳେ ୬ଟି ବାଇକ, ୨୯୨୦୦ ଟଙ୍କା, ୧୧ଟି ମୋବାଇଲ ଜବତ ସହ ୧୩ ଜଣ ଜୁଆଡି ଙ୍କୁ ଗିରଫ କରିଥିବା ଜଣାପଡିଛି। ଗିରଫ ହୋଇଥିବା ସମସ୍ତେ ଜୁଆଡି ସ୍ଥାନୀୟ ରାଇଘର, ଝୁନିକି ପାରା, ଧୋଡ଼ା ପାରା ଅଞ୍ଚଳ ର ବୋଲି ପୋଲିସ ସୂଚନା ଦେଇଛି।

ଗ୍ରାମ୍ୟ ରାସ୍ତା ଅବସ୍ଥା ଶୋଚନୀୟ : ଗମନାଗମନରେ ବାଧକ

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବୁହାଳ ପଂଚାୟତ ୧ ନମ୍ବର ୱାର୍ଡର ଗ୍ରାମ୍ୟ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ବିଗତ ସରକାରଙ୍କ ଅମଳରେ ଗତ ୧୨ ବର୍ଷ ତଳେ ଉକ୍ତ ରାସ୍ତାକୁ ଢଳେଇ ରାସ୍ତା କରାଯାଇଥିବା ବେଳେ ଏହାର ମରାମତି ଅଭାବରୁ ବିଭିନ୍ନ ସ୍ଥାନରେ ରାସ୍ତା ଫାଟି ଦବି ଯାଇଥିବା ଦେଖାଯାଇଛି । ଏହି ରାସ୍ତାଟି ୮(ବି)୧ କେନାଲ ବନ୍ଧ ରାସ୍ତା ପରିଡାସାହି ଛକ ପାଖରୁ ବାହାରି ବେହେରା ସାହି ମଧ୍ୟକୁ ଯାଇଅଛି । ଉକ୍ତ ରାସ୍ତାର ଦୈର୍ଘ୍ୟ ୬୦୦ ମିଟର ହୋଇଥିଲା ବେଳେ ଏହାର କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଦୀର୍ଘ ଦିନ ହେବ ଏଭଳି ଅବସ୍ଥା ଦେଖାଦେଇଛି । ରାସ୍ତାର ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ ହୋଇ ପଡିଥିବାରୁ ଯାତାୟାତ ପାଇଁ ବୁହାଳ ଓ ଜମରା ଗ୍ରାମର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଜରୁରୀକାଳିନ ପରିସ୍ଥିତିରେ ଉକ୍ତ ରାସ୍ତା ଦେଇ ଦମକଳ କିମ୍ବା ଆମ୍ବୁଲାନ୍ସ ଯିବା ସମ୍ଭବପର ହେଉ ନାହିଁ । ତୁରନ୍ତ ଉକ୍ତ ରାସ୍ତାକୁ ପୁନର୍ବାର ଢଳେଇ ରାସ୍ତାରେ ପରିଣତ କରିବା କିମ୍ବା ଉକ୍ତ ରାସାକୁ ଭଲ ଭାବରେ ମରାମତି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଉପରେ ଚଢ଼ଉ ଓ ଯାଞ୍ଚ

ପାରାଦୀପ (ଅମୃତ ମିଡିଆ) : ପାରାଦୀପ ପୌରପାଳିକାର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଓ ଜଗତସିଂହପୁର ଖାଦ୍ୟ ନିରାପତ୍ତା ବିଭାଗର ମିଳିତ ସହଯୋଗରେ ପାରାଦୀପ ବଡପଡ଼ିଆ ଅଞ୍ଚଳର ବିଭିନ୍ନ ହୋଟେଲ ଓ ଖାଦ୍ୟ ପ୍ରତିଷ୍ଠାନରେ ଏକ ସ୍ୱତନ୍ତ୍ର ଯାଞ୍ଚ ଓ ଏନଫୋର୍ସମେଣ୍ଟ ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ହୋଟେଲଗୁଡ଼ିକରେ ପ୍ରସ୍ତୁତ ଓ ପରିବେଷିତ ଖାଦ୍ୟର ମାନ, ଗୁଣବତ୍ତା ଓ ଖାଦ୍ୟ ନିରାପତ୍ତା ମାନଦଣ୍ଡ ଯାଞ୍ଚ କରାଯିବା ସହ ଏକକ ବ୍ୟବହୃତ ପଲିଥିନ୍/ପ୍ଲାଷ୍ଟିକ୍ ବ୍ୟବହାର ସମ୍ପର୍କରେ ମଧ୍ୟ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ କରିଥିବା ୦୬ଟି ହୋଟେଲ/ଖାଦ୍ୟ ପ୍ରତିଷ୍ଠାନ ବିରୋଧରେ ନିୟମାନୁଯାୟୀ ଜୋରିମାନା ଆଦାୟ କରାଯାଇଥିଲା। ଏହି ଅଭିଯାନରେ ମୋଟ ୫ ,୦୦୦/- ଜୋରିମାନା ଆଦାୟ କରାଯାଇଛି।

ଜନ୍ମାଷ୍ଟମୀ ଉତ୍ସବ ପାଳିତ

ବଲାଣି/ବଡବିଲ (ଅମୃତ ମିଡ଼ିଆ) : କେନ୍ଦୁଝର ଜିଲ୍ଲା ସୀମାନ୍ତ ଖଣି ଅଞ୍ଚଳ ବଲାଣି ଟାଉନସିପ୍ ଏବଂ ଆଖପାଖ ଅଞ୍ଚଳରେ ଥିବା ବିଷ୍ଣୁ ମନ୍ଦିର, ହନୁମାନ ମନ୍ଦିର, ରାଧାକୃଷ୍ଣ ମନ୍ଦିର ତଥା ବଲାଣି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟରେ ଶୁକ୍ରବାର ଦିନ ମହାସମାରୋହରେ ଜନ୍

ସମନ୍ୱିତ ଓ ପ୍ରଭାବଶାଳୀ ସରକାରୀ ଯୋଗାଯୋଗ ପାଇଁ ଆଇଏମପିସିସି ବୈଠକରେ ଗୁରୁତ୍ୱ

ଭୁବନେଶ୍ୱର (ବ୍ୟୁରୋ) : କେନ୍ଦ୍ର ସରକାରଙ୍କ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା 'ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି' (ଆଇଏମପିସିସି) - ଓଡ଼ିଶା ମଣ୍ଡଳର ସେପ୍ଟେମ୍ବର ମାସର ବୈଠକ ଆଜି ଭୁବନେଶ୍ୱରସ୍ଥିତ ଏନଏବିଏମ୍ ପ୍ରସାର ଭାରତୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ସଦସ୍ୟ ସଂଗଠନର ପ୍ରମୁଖ ସଫଳତା ଓ ଶ୍ରେଷ୍ଠ ପ୍ରଚଳନ ସମ୍ପର୍କରେ ଉପସ୍ଥାପନା ସହିତ ଜନସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଉଦୀୟମାନ ପ୍ରଯୁକ୍ତି ଓ ଡିଜିଟାଲ୍ ଉପକରଣର ବ୍ୟବହାର ନେଇ ଆଲୋଚନା କରାଯାଇଥିଲା। ପିଆଇବି ଓ ସିବିସି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଆଇଏମପିସିସିର ଅଧ୍ୟକ୍ଷ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ସଦସ୍ୟ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ସରକାରୀ ଯୋଗାଯୋଗକୁ ଅଧିକ ସମନ୍ୱିତ ଓ ପ୍ରଭାବଶାଳୀ କରିବା ସମ୍ପର୍କରେ ମତବିନିମୟ କରିଥିଲେ। ସୂଚନାର ପ୍ରସାର, ବିଭିନ୍ନ ମାଧ୍ୟମର ସମନ୍ୱିତ ବ୍ୟବହାର ଏବଂ ଜନସାଧାରଣଙ୍କ ନିକଟରେ ସଠିକ୍ ସୂଚନା ପହଞ୍ଚାଇବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ମୁଖ୍ୟ ଅଭିଭାଷଣରେ ଶ୍ରୀ ମିଶ୍ର ଫ୍ରାଞ୍ଜ କାଫ୍କାଙ୍କ ୧୯୧୫ ମସିହାର ପ୍ରସିଦ୍ଧ କୃତି 'ମେଟାମର୍ଫୋସିସ୍'ର ଉଦାହରଣ ଦେଇ ଯୋଗାଯୋଗର ଗୁରୁତ୍ୱ ଓ ଏହାର ଅଭାବର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଗ୍ରେଗର ସାମସାଙ୍କ ଚରିତ୍ର ମାଧ୍ୟମରେ ଏକାକୀତ୍ୱ, ବିଚ୍ଛିନ୍ନତା, ଅବମାନବୀକରଣ ଓ ନିରବତା କିପରି ବ୍ୟକ୍ତିର ପରିବାର, କର୍ମକ୍ଷେତ୍ର ଓ ସାମାଜିକ ସମ୍ପର୍କକୁ ପ୍ରଭାବିତ କରେ, ସେ ତାହା ବ୍ୟାଖ୍ୟା କରିଥିଲେ। ସଂଗଠନାତ୍ମକ ପରିବେଶରେ ଯୋଗାଯୋଗର ଅଭାବ ସୂଚନା ପ୍ରବାହ, ସମନ୍ୱୟ ଓ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରୁଥିବା ଦର୍ଶାଇ ସେ କହିଥିଲେ ଯେ, ନିରବତା ଯୋଗାଯୋଗ ପ୍ରକ୍ରିୟାର ମୃତ୍ୟୁ ସଦୃଶ। ମତଭେଦ କିମ୍ବା ଅସନ୍ତୋଷ ଥିଲେ ମଧ୍ୟ ଖୋଲା ଆଲୋଚନା ଜାରି ରଖିବା ନିରବତାଠାରୁ ଅଧିକ ଫଳପ୍ରଦ ବୋଲି ସେ ଉଲ୍ଲେଖ କରି, ବ୍ୟକ୍ତି, ବିଭାଗ ଓ ସଂସ୍ଥା ମଧ୍ୟରେ ନିରନ୍ତର ଓ ଖୋଲା ଯୋଗାଯୋଗ ବ୍ୟବସ୍ଥା ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ। ବୈଠକରେ ସଦସ୍ୟ ସଂସ୍ଥାଗୁଡ଼ିକ ପକ୍ଷରୁ ଗ୍ରହଣ କରାଯାଇଥିବା ନବୀନ ଜନସମ୍ପର୍କ ପଦକ୍ଷେପ ଓ ସଫଳ ଯୋଗାଯୋଗ ମଡେଲଗୁଡ଼ିକ ସମ୍ପର୍କରେ ଅଭିଜ୍ଞତା ବିନିମୟ କରାଯାଇଥିଲା। ବିଭିନ୍ନ ସଂସ୍ଥାର ଉତ୍ତମ ଅଭ୍ୟାସଗୁଡ଼ିକୁ ଅନ୍ୟମାନଙ୍କ ସହ ବାଣ୍ଟିବା ସହିତ ସେଗୁଡ଼ିକର ସମ୍ଭାବ୍ୟ ଅନୁପ୍ରୟୋଗ ଉପରେ ମତବିନିମୟ ହୋଇଥିଲା। ଏହା ମାଧ୍ୟମରେ ସରକାରୀ ସୂଚନା ଓ ବାର୍ତ୍ତାକୁ ବିଭିନ୍ନ ମାଧ୍ୟମରେ ଅଧିକ ସୁଗମ ଓ ପ୍ରଭାବଶାଳୀ ଭାବେ ପହଞ୍ଚାଇବାର ଉପାୟ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ପ୍ରୋଭିଡେଣ୍ଟ ଫଣ୍ଡ, ଭୁବନେଶ୍ୱରର ଅତିରିକ୍ତ କମିଶନର ଶ୍ରୀ ଜୁଲିଆନ୍ ଟୋବିଆସ୍, ଆଇଏମଏମଟି, ଭୁବନେଶ୍ୱରର ବୈଜ୍ଞାନିକ-ଜି ସତ୍ୟଜିତ ରଥ, ନ୍ୟାସନାଲ୍ ପ୍ରଡକ୍ଟିଭିଟି କାଉନସିଲ୍‌ର ଉପ-ନିର୍ଦ୍ଦେଶକ ଶ୍ୟାମ ପ୍ରସାଦ, ଆରଆଇଇର ସହକାରୀ ପ୍ରାଧ୍ୟାପକ ଡଃ ଦେବାଶିଷ ମହାପାତ୍ର, ଆଇସିଏଆର-ସିଫା, ଭୁବନେଶ୍ୱରର ପ୍ରିନ୍ସିପାଲ୍ ସାଇଣ୍ଟିଷ୍ଟ ହିମାଂଶୁ କେ. ଦେ, ସିଆରଆରଆଇ, କଟକର ବରିଷ୍ଠ ବୈଜ୍ଞାନିକ ସୁଦୀପ୍ତ ପଲ୍, ସିଆରଆରଆଇ, କଟକର ବୈଷୟିକ ଅଧିକାରୀ ସନ୍ଧ୍ୟାରାଣୀ ଦଲାଲ, ଆକାଶବାଣୀ କଟକର ଟ୍ରାନ୍ସମିସନ୍ ଏକ୍ଜିକ୍ୟୁଟିଭ୍ ରାଜୀବ କୁମାର ମାହୁନ୍ତ, ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରର ପ୍ରୋଗ୍ରାମ୍ ଏକ୍ଜିକ୍ୟୁଟିଭ୍ ସୁମନ କୁମାର ଝା, ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରର ନ୍ୟୁଜ୍ ଏଡିଟର ସୁଦର୍ଶନ ସାହୁ, ଆକାଶବାଣୀ ଆରଏନୟୁର ନ୍ୟୁଜ୍ ଏଡିଟର ନିର୍ମାଲ୍ୟ ବେହେରା, ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର କେନ୍ଦ୍ର ମୁଖ୍ୟ କପିଲ ଜୈନ୍, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ସହକାରୀ ଜନସମ୍ପର୍କ ଅଧିକାରୀ ଜାଗୃତି ମୟୀ ଦାଶ, ଏଏସଆଇ, ଭୁବନେଶ୍ୱରର ଏସଏସଏ ଅମିତ କୁମାର ଆଚାର୍ଯ୍ୟ, କେଭିଆଇସିର ସହକାରୀ ନିର୍ଦ୍ଦେଶକ ବିଚିତ୍ରାନନ୍ଦ ପଣ୍ଡା, ବିଏସଏନଏଲ୍, ଭୁବନେଶ୍ୱରର ପ୍ରିନ୍ସିପାଲ୍ ଜେନେରାଲ୍ ମ୍ୟାନେଜର, ଏଚଆର୍ ଓ ପ୍ରଶାସନ ଇନ୍ଦ୍ର ଗୋବିନ୍ଦ ସୋରେନ୍, ଇଗ୍ନୋ ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡଃ ବିମଳ ଚନ୍ଦ୍ର ନନ୍ଦ, ଇଗ୍ନୋ, ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡଃ ସନ୍ତୋଷ କେ. ପାଣିଗ୍ରାହୀ, ଏମପିଇଡିଏ, ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ଡଃ ବିଜି ଭି.ଏନ., ଇପିଏଫଓ, ଭୁବନେଶ୍ୱରର ଆଞ୍ଚଳିକ ପିଏଫ୍ କମିଶନର କାଶୀନାଥ ସାହୁ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସ୍ମିତା କର, ଏନସିଏସସିର ସହକାରୀ ନିର୍ଦ୍ଦେଶକ ସନାତନ ଦାସ, ଏନଏସଏସର ଆଞ୍ଚଳିକ ନିର୍ଦ୍ଦେଶକ ଅଜିତ କୁଶୱାହା, ଆଇଆଇଟି ଭୁବନେଶ୍ୱରର ଜନସମ୍ପର୍କ ଅଧିକାରୀ ଧରିତ୍ରୀ ଶତପଥୀ, ମାଇ ଭାରତ, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ଏଏସଓ ରୋହିତ ନନ୍ଦେଶ୍ୱର, ଜନଗଣନା କାର୍ଯ୍ୟ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖୀ, ନ୍ୟାସନାଲ କ୍ୟାରିୟର ସର୍ଭିସ ସେଣ୍ଟର ଫର ଡିଫରେଣ୍ଟଲି ଏବଲ୍ଡ୍‌ର ସହକାରୀ ନିର୍ଦ୍ଦେଶକ, ସନାତନ ଦାସ, ନ୍ୟାସନାଲ କ୍ୟାରିୟର ସର୍ଭିସ ସେଣ୍ଟର ଫର ଏସ୍‌ସି/ଏସ୍‌ଟିର,ସବ୍ ରିଜିଓନାଲ ଏମ୍ପ୍ଲୟମେଣ୍ଟ ଅଫିସର ତପନ କୁମାର ରାଉଳ, କେନ୍ଦ୍ରୀୟ ସଂଚାର ବ୍ୟୁରୋ, ଭୁବନେଶ୍ୱରର ଫିଲ୍ଡ ପବ୍ଲିସିଟି ଅଫିସର ସସ୍ମିତା ପାଇକରାୟ ଏବଂ ପିଆଇବି, ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକର ଆରମ୍ଭରେ ଆଇଏମପିସିସିର ସଦସ୍ୟ ସଚିବ ତଥା କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ (ସିବିସି)ର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଉଦ୍ଦେଶ୍ୟ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ଭାବେ ଅବଗତ କରାଇଥିଲେ। ଆଗାମୀ ଆଇଏମପିସିସି ବୈଠକର ବିଷୟବସ୍ତୁ ଓ କାର୍ଯ୍ୟକ୍ରମ ନେଇ ସଦସ୍ୟମାନେ ମଧ୍ୟ ମତବିନିମୟ କରିଥିଲେ। ଶେଷରେ ପିଆଇବି, ଭୁବନେଶ୍ୱରର ସୂଚନା ସହାୟକ ବିକାଶ ରଞ୍ଜନ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା କ୍ରାଫ୍ଟ ଓଡିସି ଉନ୍ମୋଚନ କରିବ ଚାନ୍ଦୁଆ

ଭୁବନେଶ୍ୱର (ବ୍ୟୁରୋ) : ଏମ୍‌ଜିଏମ୍ ଫାଉଣ୍ଡେସନ୍ ଏବଂ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ୍ ଆର୍ଟ ଆଣ୍ଡ ଡିଜାଇନ୍ ଷ୍ଟୁଡିଓ ର ଏକ ସମ୍ମିଳିତ ପ୍ରୟାସ ଓଡ଼ିଶା କ୍ରାଫ୍ଟ ଓଡ଼ିସି (ଓସିଓ) 'ଚାନ୍ଦୁଆ: କ୍ୟାନୋପିଜ୍ ଅଫ୍ ଲେବର', ଓଡ଼ିଶା ରିସର୍ଚ୍ଚ ସେଣ୍ଟର (ଓଆରସି) ଅଡିଟୋରିମ୍, ସାମନ୍ତପୁରୀ, ଭୁବନେଶ୍ୱର ଠାରେ ଉନ୍ମୋଚନ କରିବ, ଯେଉଁ ଦ୍ୱିଭାଷୀ ପ୍ରକାଶନରେ ଓଡ଼ିଶାର ଜୀବନ୍ତ ଚାନ୍ଦୁଆ ପରମ୍ପରାଗୁଡିକ ସ୍ଥାନ ପାଇଛି। ସନ୍ଧ୍ୟା ୫ଟାରେ ଏହାର ଉନ୍ମୋଚନ ଓସିଓର ପ୍ରଥମ ପୂର୍ଣ୍ଣ ଦିବସୀୟ ଆଲୋଚନାଚକ୍ର 'ମ୍ୟାପିଂ ଟ୍ରାଜିସନ୍‌ସ୍: ଆର୍ଟ, କ୍ରାଫ୍ଟ ଆଣ୍ଡ ଦି ଏଥନୋଗ୍ରାଫିକ୍ ଟର୍ଣ୍ଣ'ର ସମାପ୍ତକାଳୀନ ବିଷୟବସ୍ତୁ ହେବ। ଚାନ୍ଦୁଆ: କ୍ୟାନୋପିଜ୍ ଅଫ୍ ଲେବର ଓଡ଼ିଶାର ଚାନ୍ଦୁଆ ପରମ୍ପରା ଏବଂ ସେଗୁଡିକୁ ବଜାୟ ରଖିଥିବା ସମୁଦାୟଙ୍କ ସହିତ ଗବେଷଣା ଭିତ୍ତିକ ନିୟୋଜନତାର ପରିଣାମ ଅଟେ। ପୂର୍ଣ୍ଣ ପ୍ରସ୍ତୁତ ବସ୍ତୁର ଊର୍ଦ୍ଧ୍ୱକୁ ଯାଇ ଏହା କାରିଗରୀକୁ ମୂର୍ତ୍ତିମନ୍ତ ଜ୍ଞାନ ଏବଂ ଜୀବନ୍ତ ନିଦର୍ଶନ ଭାବରେ ଉପସ୍ଥାପନ କରୁଛି, ଯାହା ଏହାର ପ୍ରସ୍ତୁତ ମଧ୍ୟରେ ରହିଥିବା ଶ୍ରମ, ସ୍ୱତ, ଇତିହାସ ଏବଂ ସାଂସ୍କୃତିକ ଜ୍ଞାନକୁ ଖୋଜିଛି। ୨୦୨୬ ସଂସ୍କରଣ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ଉପସ୍ଥାପିତ ହେବାକୁ ଯାଉଛି ଏବଂ ଏହାର ସମ୍ପାଦନା ପ୍ରେମଜିଶ୍ ଆଚାରୀ ଓ ଶିବଦାସ ସେନଗୁପ୍ତ କରିଥିବାବେଳେ ଓସିଓ ଫେଲୋ ମଧୁଲିକା ଏସ୍.ନାଇତ୍ତୁ, ରିସର୍ଚ୍ଚ ଫେଲୋ ଏବଂ ରାଜ୍ ମୌର୍ଯ୍ୟ, ଆର୍କାଇଭିଷ୍ଟ ଫେଲୋ ଗବେଷଣା ତଥା ଦସ୍ତାବିଜ ଏକତ୍ରିତ କରିଛନ୍ତି। ଏହି ପୁସ୍ତକ କ୍ରୟ କରିବାକୁ ସମସ୍ତ ଟିକସ ସହିତ ୬୫୦୦ ଟଙ୍କାରେ ଉପଲବ୍ଧ ହେବ। ଆର୍ଟ ଆଜ୍ ସୋସିଆଲ ପ୍ରାକ୍ଟିସ (ଆର୍ଟିଷ୍ଟସ୍ ଆଜ୍ ଏଥନୋଗ୍ରାଫରସ୍: ରିଇମାଜିନିଂ ଲୋକାଲ ନଲେଜ ସିଷ୍ଟମସ୍), ଦି ଇନଷ୍ଟିଚ୍ୟୁସନାଲ ବ୍ରିଜ୍ (ଇନଷ୍ଟିଚ୍ୟୁସନ ବିଲଡିଂ ବିଟ୍ୱିନ ଆର୍ଟ, କ୍ରାଫ୍ଟ ଆଣ୍ଡ ଅନ୍ଥ୍ରୋପୋଲୋଜି) ଏବଂ ମ୍ୟାପିଂ ଟ୍ରାଜିସନ୍‌ସ୍ (ଆର୍ଟ, କ୍ରାଫ୍ଟ, ଆଣ୍ଡ ଦି ଏଥନୋଗ୍ରାଫିକ ଟର୍ଣ୍ଣ) ଆଦି ତିନିଟି ବିଷୟକୁ ନେଇ ପ୍ରସ୍ତୁତ ଆଲୋଚନାଚକ୍ରରେ କଳାକାର, ଗବେଷକ, ସାଂସ୍କୃତିକ ଅଭ୍ୟାସକାରୀ ଏବଂ ସଂସ୍ଥାନଗତ ବ୍ୟକ୍ତିବିଶେଷ ଏକତ୍ରିତ ହୋଇ କଳା, କାରିଗରୀ ଏବଂ ଜାତିଗତ କାର୍ଯ୍ୟାଭ୍ୟାସ ପ୍ରତି ପରିବର୍ତ୍ତିତ ଆଭିମୁଖ୍ୟ ସମ୍ପର୍କରେ ପରୀକ୍ଷା ନିରୀକ୍ଷା କରିବେ। ଆଲୋଚକମଣ୍ଡଳୀରେ ସାମିଲ ହେବାକୁ ଜୀବେଶ ବାଗଚୀ, ରାକ୍‌ସ୍ ମେଡିଆ କଲେକ୍ଟିଭ; ପ୍ରଫେସର ବିଷ୍ଣୁ ମହାପାତ୍ର, ପଲିଟିକାଲ ସାଇଣ୍ଟିଷ୍ଟ ଓ କବି; ରିତା ଅଗରୱାଲ, ସିଇଓ, ଇମାମି ଆର୍ଟ ଓ ଚେୟାରପର୍ସନ, କୋଲକାତା ସେଣ୍ଟର ଫର କ୍ରିଏଟିଭିଟି (କେସିସି); ଅନୁପମ ରୟ, ଦି ପଞ୍ଜୋରୀ ଆର୍ଟିଷ୍ଟସ' ୟୁନିଅନ; ମନିଶା ଅହମଦ, କୋ-ଫାଉଣ୍ଡର, ଲଦାଖ ଆର୍ଟସ୍ ଆଣ୍ଡ ମିଡିଆ ଅର୍ଗାନାଇଜେସନ (ଏଲଏଏମ୍ଓ); ଏବଂ ଜଗନ୍ନାଥ ପଣ୍ଡା, ବିଶିଷ୍ଟ ଓଡ଼ିଶା କଳାକାର ତଥା ସ୍ଥପତି ନିଜର ସ୍ୱୀକୃତି ପ୍ରଦାନ କରିସାରିଛନ୍ତି। ଏହି ଆଲୋଚନାଚକ୍ରକୁ ପୁସ୍ତକ ଉନ୍ମୋଚନ ସହିତ ଏକ ବାର୍ଷିକ କାର୍ଯ୍ୟସୂଚୀ ଭାବରେ ଯୋଜନା କରାଯାଇଛି। ପୁସ୍ତକ ଉନ୍ମୋଚନ ପରେ ମୁଖ୍ୟ ଅତିଥି ଏବଂ ସମ୍ମାନନୀୟ ଅତିଥିବୃନ୍ଦ ସେମାନଙ୍କର ବକ୍ତବ୍ୟ ରଖିବେ, ଯେଉଁମାନଙ୍କ ମଧ୍ୟରେ ବିଶିଷ୍ଟ ଡିଜାଇନର ଏବଂ କ୍ୟୁରେଟର ରାଜୀବ ସେଠୀ ରହିଛନ୍ତି ଏବଂ ସେ ପୁସ୍ତକରେ ନିଜର ମନ୍ତବ୍ୟ ଦେଇ କହିଛନ୍ତି, "ଦି କ୍ୟାନୋପି, ସେଥିପାଇଁ ବ୍ୟବସାୟର ଏକ ବସ୍ତୁ ହେବା ପୂର୍ବରୁ ସହଯୋଗର ଏକ ଉତ୍ପାଦ ହୋଇଛି। ଯେତେବେଳେ ସାମାଜିକ ଏବଂ ରାଜନୈତିକ ଘଟଣାକ୍ରମଗୁଡିକ ଗୋଷ୍ଠୀଗୁଡିକୁ ସରଳୀକରଣ କରିବାକୁ ଚାହୁଁଛି, ସେତେବେଳେ ଚାନ୍ଦୁଆ ଏକ ଭିନ୍ନ ବର୍ଣ୍ଣନା ଉପସ୍ଥାପନ କରୁଛି। ଏହା ତିଷ୍ଠିରହିବା ପୃଥକୀକରଣ ଉପରେ ନୁହେଁ, ଆନ୍ତଃନିର୍ଭରଶୀଳତା ଉପରେ ନିର୍ଭର କରୁଛି।

ଡମଣା ଗୋପୀନାଥ ଜିଉ ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ
ଏଥର ସ୍ୱତନ୍ତ୍ର ଆକର୍ଷଣୀୟ ତୋରଣ

ଭୁବନେଶ୍ୱର (ବ୍ୟୁରୋ) : ଚନ୍ଦ୍ରଶେଖରପୁର ଅଞ୍ଚଳର ସର୍ବ ବୃହତ ଦୁର୍ଗାପୂଜା ଡମଣା ଗୋପୀନାଥ ଜିଉ ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତବର୍ଷ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଡମଣା ଦୁର୍ଗାପୂଜା ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଡମଣା ଦୁର୍ଗାପୂଜାର ପ୍ରତିଷ୍ଠାତା ସଭାପତି ନିଶାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୋପୀନାଥ କ୍ଲବ, କ୍ରିଷ୍ଣା କ୍ଲବ, ଲକ୍ଷ୍ମୀନାରାୟଣ କ୍ଲବ, ମା ବାଉଡି ମହିଳା ସମିତି ଓ ଡମଣା ଗ୍ରାମ କମିଟିର ସଦସ୍ୟମାନେ ଯୋଗଦାନ କରିଥିଲେ। ଚଳିତ ବର୍ଷର ଦୁର୍ଗାପୂଜା ମହାଆଡମ୍ବରରେ ଶୃଙ୍ଖଳାର ସହ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପୂର୍ବବର୍ଷ ତୁଳନାରେ ଏବର୍ଷର ବଜେଟ ବୃଦ୍ଧି କରାଯାଇ ପ୍ରାୟ ୬୫ ଲକ୍ଷ ଟଙ୍କା ରଖାଯାଇଛି। ଏଥି ମଧ୍ୟରେ କେବଳ ତୋରଣ ପାଇଁ ୪୦ ଲକ୍ଷ, ବିଜୁଳି ସାଜସଜ୍ଜା ୧୨ ଲକ୍ଷ ରହିଥିଲା ବେଳେ ମୂର୍ତ୍ତି, ମେଢ଼, ଭୋଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ୧୩ ଲକ୍ଷ ରଖାଯାଇଛି। ଏଥର ପଶ୍ଚିମବଙ୍ଗ କାରିଗର ମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଚିତ୍ତାକର୍ଷକ ତୋରଣ ନିର୍ମାଣ କରାଯିବ। ଆକର୍ଷଣୀୟ ତୋରଣ ସାଙ୍ଗକୁ ଅତ୍ୟାଧୁନିକ ଲାଇଟ୍ ସାଜସଜ୍ଜା ଓ ମୀନାବଜାର ସମସ୍ତଙ୍କୁ ଆକର୍ଷିତ କରିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ମା ଦୁର୍ଗାଙ୍କ ଆଶୀର୍ବାଦ, ଗ୍ରାମବାସୀଙ୍କ ଏକତା, ମହିଳା, ଯୁବକ ଓ ହିତେଶୁ ମାନଙ୍କ ସାହାର୍ଯ୍ୟ ସହଯୋଗରେ ଡମଣା ଦୁର୍ଗାପୂଜା ଆଗକୁ ଆଗକୁ ବଢି ଚାଲିଛି ବୋଲି ସଭାପତି ଶ୍ରୀଯୁକ୍ତ ସାହୁ କହିଛନ୍ତି।

ଦିଲ୍ଲୀ ଇଞ୍ଜିନ୍ ଓଡ଼ିଶା ଇଞ୍ଜିନ୍ କଥା ଶୁଣିବାରେ ଫେଲ୍
ଚାଉଳ ନ ଉଠିଲେ ଖରିଫ୍ ଧାନ ବିକ୍ରି ପାଇଁ ଚାଷୀ ଭୋଗିବେ କଷ୍ଟ: କଂଗ୍ରେସ

ଭୁବନେଶ୍ୱର (ବ୍ୟୁରୋ) : ଚାଷୀଙ୍କ ରୋଷରୁ ମୁକୁଳିବା ପାଇଁ ଡବଲ ଇଞ୍ଜିନ୍ ବିଜେପି ସରକାରର ନୂଆ ସୂତ୍ର। କେନ୍ଦ୍ର ଓ ରାଜ୍ୟର କଳି ଚାଷୀ ପଡ଼ିବେ ବଳି। ଧାନ ଉଠାଇବା କେନ୍ଦ୍ର ଦାୟିତ୍ୱ। ଏବେ ଡବଲ ଇଞ୍ଜନ ସରକାରରେ ରାଜ୍ୟରୁ କାହିଁକି ଚାଉଳ ଉଠୁନାହିଁ ସରକାର ଓ ଦଳୀୟ ନେତାଙ୍କ ପାଟି ବନ୍ଦ। ପୂର୍ବ ଘୋଷଣା ଅନୁଯାୟୀ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ହେଲେ ଓଡ଼ିଶାର ଚାଷୀ ହେବେ ଖୁସି। କିନ୍ତୁ ଦୁଃଖର ବିଷୟ ଏବେ ଚାଷୀ ସବୁଠାରୁ ଦୁଃଖୀ। ପ୍ରତି କ୍ୱିଣ୍ଟାଲରେ ଜବରଦସ୍ତ ୫ ରୁ ୧୫ କେଜି କଟନୀ ଛଟନୀ। ଧାର୍ଯ୍ୟ ମୂତାବକ ୫୦ କ୍ୱିଣ୍ଟଲ୍ସ୍;ାଲ ଟୋକନ ପାଇଥିବା ଚାଷୀଙ୍କଠାରୁ ୨୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଉଛି। ଆବଶ୍ୟକ ସଂଖ୍ୟକ ଗୋଦାମ ଘର ନାହିଁ। ଭାରତୀୟ ଖାଦ୍ୟ ନିଗମ ଜାଣିଶୁଣି ଓଡ଼ିଶାରୁ ଚାଉଳ ଉଠାଉନାହିଁ। ଏପରିକି ୩୦ ଲକ୍ଷ ଟନ୍ ଚାଉଳରୁ ଏବେ ମାତ୍ର ଏହାର ଏକ ଚତୁର୍ଥାଂଶ ଅର୍ଥାତ ୭.୨୮ଲକ୍ଷ ଟନ୍ ଧାନ ଉଠିଛି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ପିସିସି ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଡବଲ ଇଞ୍ଜିନ ସରକାର ଚାଷୀଙ୍କ ପ୍ରତି କେତେ ଦରଦ ଓ ପାରିବା ପଣିଆ କଥା ପଦାକୁ ଆସିଛି ବୋଲି କହିଛନ୍ତି। ଖୋଦ୍ ବିଭାଗୀୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅସହାୟ ପ୍ରକାଶ କଲେଣି। ଓଡ଼ିଶା ରାଜ୍ୟରୁ ବିଜେପି ଦଳର ୨୦ଜଣ ସାଂସଦ ଦିଲ୍ଲୀକୁ ଯାଇଥିବା ବେଳେ ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଆଗରେ ପାର୍ଟି ଫିଟାଇବାରେ ଚୁପ୍ କାହିଁକି ? ଅପର ପକ୍ଷରେ ମିଲର ସଂଘ ଏଫ୍.ସି.ଆଇ. ଚାଉଳ ନ ଉଠାଇଲେ ଚଳିତ ବର୍ଷର ଖରିଫ୍ ଧାନ ଆଉ ଉଠାଇବେ ନାହିଁ ବୋଲି ରୋକ୍ ଠୋକ୍ ମନା କଲେଣି। ଯାହା ଫଳରେ ଆଗାମୀ ଖରିଫ୍ ଧାନ ବିକ୍ରି ପାଇଁ ଚାଷୀ ଯେଉଁ ଜଟିଳ ସମସ୍ୟାର ସମ୍ମୁଖୀନ ହେବେ ତାହା ଜଳଜଳ ଜଣାପଡୁଛି। ଏଣୁ ଏହି ସମସ୍ୟାର ସମାଧାନ ପାଇଁ ଚାଷୀଙ୍କୁ ପୂର୍ବ ପ୍ରତିଶ୍ରୁତି ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ୨୦ଜଣ ବିଜେପି ସାଂସଦ ଚାଷୀଙ୍କ ସହିତ ଆଉ ଖେଳ ନ ଖେଳି ଏଫ୍.ସି.ଆଇ. ରାଜ୍ୟରୁ ତୁରନ୍ତ ଚାଉଳ ଉଠାଇବା ସହ ଆଗାମୀ ଦିନର ଚାଉଳକୁ ଉଠାଇବା ପାଇଁ ପ୍ରସ୍ତୁତ ହେବାକୁ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି। ନଚେତ୍ ରାଜ୍ୟର ଚାଷୀଙ୍କ କ୍ଷୋଭ ପାଇଁ ଆଗାମୀ ଦିନରେ ଡବଲ ଇଞ୍ଜିନ୍ ସରକାର ଏଥିପାଇଁ ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି।

ପାର୍ବଣ ଋତୁରେ ଆମାଜନ ଇଣ୍ଡିଆ ପକ୍ଷରୁ କର୍ମଚାରୀ ନିଯୁକ୍ତି ସୁଯୋଗ ସୃଷ୍ଟି

ଭୁବନେଶ୍ୱର (ବ୍ୟୁରୋ) : ଆଗାମୀ ପାର୍ବଣ ଋତୁ ପୂର୍ବରୁ ଆମାଜନ ଇ

କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମ୍ବେଦନଶୀଳତା ଓ ପୋଷଣ ଅଭିଯାନ ସମ୍ପର୍କରେ କର୍ମଶାଳା

ଭୁବନେଶ୍ୱର (ବ୍ୟୁରୋ) : ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଆଜି କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ପୋଷଣ ଓ ସୁସ୍ଥ ଜୀବନଶୈଳୀ ବିଷୟବସ୍ତୁକୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଛି। ଏହି କର୍ମଶାଳାରେ କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମାନତା, ସମ୍ବେଦନଶୀଳତା ଓ ସୁରକ୍ଷିତ ପରିବେଶର ଗୁରୁତ୍ୱ ସହିତ ସନ୍ତୁଳିତ ପୋଷଣ ଓ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି ଓ ଜ୍ଞାନ ବିନିମୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ପତ୍ର ସୂଚନା କାର୍ଯ୍ୟାଳୟ ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ପୂର୍ବତନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଫଏସ୍ ଶ୍ରୀ ପ୍ରମୋଦ କୁମାର ମର୍କାପ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ବିଷୟବସ୍ତୁ ଉପରେ ନିଜର ମତାମତ ରଖିଥିଲେ। ଶ୍ରୀ ମିଶ୍ର ନିଜ ଅଭିଭାଷଣରେ କହିଥିଲେ ଯେ, ଲିଙ୍ଗଗତ ନ୍ୟାୟ କେବଳ ମହିଳାଙ୍କ ସହ ଜଡ଼ିତ ବିଷୟ ନୁହେଁ, ବରଂ ଉଭୟ ପୁରୁଷ ଓ ମହିଳାଙ୍କ ସମାନ ଅଧିକାର, ସୁଯୋଗ ଓ ସମ୍ମାନ ସହ ସମ୍ପର୍କିତ। କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମ୍ବେଦନଶୀଳତା ଓ ସଚେତନତା ବୃଦ୍ଧି ସହିତ ଏକ ସମାବେଶୀ, ସୁରକ୍ଷିତ ଓ ସମ୍ମାନଜନକ ପରିବେଶ ଗଠନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆଇସିସି ସମ୍ପର୍କିତ ବ୍ୟବସ୍ଥା ଓ ଅଧିକାର ବିଷୟରେ

କର୍ମଚାରୀମାନେ ସଚେତନ ହେବା ସହ ଏ ସମ୍ପର୍କିତ ପ୍ରଶ୍ନ ନିର୍ଭୟରେ ପଚାରିବା ଏବଂ ଖୋଲା ମନରେ ଆଲୋଚନା କରିବାକୁ ସେ ଆହ୍ୱାନ ଦେଇଥିଲେ। 'ହଁ' କହିବାର ସ୍ୱାଧୀନତା ଯେତିକି ଗୁରୁତ୍ୱପୂର୍ଣ୍ଣ, 'ନା' କହିବାର ସ୍ୱାଧୀନତା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ଶ୍ରୀ ମିଶ୍ର କହିଥିଲେ ଯେ, 'ନା'ର ଅର୍ଥ 'ନା' ହିଁ ଏବଂ ଏହାକୁ କୌଣସି ଯୁକ୍ତି, ବ୍ୟାଖ୍ୟା କିମ୍ବା ଚାପ ଦ୍ୱାରା ପରିବର୍ତ୍ତନ କରାଯାଇପାରିବ ନାହିଁ। ଅନ୍ୟ ବ୍ୟକ୍ତିଙ୍କ ଇଚ୍ଛା, ସମ୍ମତି ଓ ବ୍ୟକ୍ତିଗତ ସୀମାକୁ ସମ୍ମାନ କରିବା ଏକ ସୁସ୍ଥ ସାମାଜିକ ଓ କାର୍ଯ୍ୟ ପରିବେଶର ମୂଳ ଆଧାର ବୋଲି ସେ କହିଥିଲେ। ଏହି ମୂଲ୍ୟବୋଧ କେବଳ କାର୍ଯ୍ୟକ୍ଷେତ୍ରରେ ସୀମିତ ନ ରହି ପାରିବାରିକ ଓ ସାମାଜିକ ଜୀବନରେ ମଧ୍ୟ ପ୍ରତିଫଳିତ ହେବା ଆବଶ୍ୟକ ବୋଲି ଶ୍ରୀ ମିଶ୍ର ମତ ପ୍ରକାଶ କରିଥିଲେ। ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ପୂର୍ବତନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଫଏସ୍ ପ୍ରମୋଦ କୁମାର ମର୍କାପ କହିଥିଲେ ଯେ, କ୍ଷୁଧା ଏବେ ଦାନର ବିଷୟ ନୁହେଁ, ବରଂ ଏହା ନ୍ୟାୟର ବିଷୟ। ସରକାରଙ୍କ ବିଭିନ୍ନ ଖାଦ୍ୟ ସୁରକ୍ଷା ଯୋଜନା ସତ୍ତ୍ୱେ ପୋଷଣ ଅଭାବ ଏକ ବଡ଼ ଚ୍ୟାଲେଞ୍ଜ ବୋଲି ସେ କହିଥିଲେ। ଗର୍ଭବତୀ ଓ ପ୍ରସୂତି ମା'ଙ୍କ ସମେତ ଶିଶୁମାନଙ୍କ ପୋଷଣ ପ୍ରତି ବିଶେଷ ଯତ୍ନ ନେବା ସହ ଜୀବନର ପ୍ରଥମ ୧୦୦୦ ଦିନର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ମିଲେଟ୍ ଭଳି ପୋଷଣଯୁକ୍ତ ଖାଦ୍ୟକୁ ଦୈନନ୍ଦିନ ଖାଦ୍ୟାଭ୍ୟାସରେ ସାମିଲ କରିବା ଏବଂ କାର୍ଯ୍ୟକ୍ଷେତ୍ରରେ ପୌଷ୍ଟିକ ଖାଦ୍ୟ ଓ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ, ଲିଙ୍ଗଗତ ସମ୍ବେଦନଶୀଳତାକୁ ଅକ୍ଷରେ ଅକ୍ଷରେ ନୁହେଁ, ବରଂ ଏହାର ମର୍ମକୁ ବୁଝି କାର୍ଯ୍ୟକାରୀ କରିବା ସହ ମହିଳାଙ୍କ ପ୍ରତି ରହିଥିବା ରୁଢ଼ିବାଦୀ ଧାରଣା ଦୂର କରି ସୁରକ୍ଷିତ ଓ ସମ୍ମାନଜନକ କାର୍ଯ୍ୟପରିବେଶ ସୁନିଶ୍ଚିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରଥମ ବୈଷୟିକ ଅଧିବେଶନରେ 'କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମ୍ବେଦନଶୀଳତା' ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ୟୁନିସେଫ୍ ?ର ରାଜ୍ୟ ପରାମର୍ଶଦାତା ଜୟାଜ୍ୟୋତି ପଣ୍ଡା, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଭୁବନେଶ୍ୱରର ସଦସ୍ୟ ଡ. ହିମାଦ୍ରି ତନୟା ମିଶ୍ର ଏବଂ ଇଡକୋର ଲ୍ୟାଣ୍ଡ ଅଫିସର ଶ୍ରୀମତୀ ପଦ୍ମଜା ଦାଶ ଯୋଗଦେଇ କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମାନତା, ସମ୍ବେଦନଶୀଳତା ଓ ସୁରକ୍ଷିତ ପରିବେଶ ସୃଷ୍ଟି ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ବୈଷୟିକ ଅଧିବେଶନରେ 'ପୋଷଣ ଓ ସୁସ୍ଥ ଜୀବନଶୈଳୀ' ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରମୋଦ କୁମାର ମର୍କାପ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗର ମୁଖ୍ୟ ଡ. ବିଭାବରୀ ବଳ ଏବଂ ଶ୍ରୀମତୀ ଜୟାଜ୍ୟୋତି ପଣ୍ଡା ଯୋଗଦେଇ ପୋଷଣର ଗୁରୁତ୍ୱ, ସୁସ୍ଥ ଖାଦ୍ୟାଭ୍ୟାସ ଓ ସୁସ୍ଥ ଜୀବନଶୈଳୀ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ମତବିନିମୟ କରିଥିଲେ। କର୍ମଶାଳାର ଶେଷ ପର୍ଯ୍ୟାୟରେ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣକାରୀମାନେ କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମ୍ବେଦନଶୀଳତା, ପୋଷଣ ଓ ସୁସ୍ଥ ଜୀବନଶୈଳୀ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଉପସ୍ଥାପନ କରି ବିଶେଷଜ୍ଞମାନଙ୍କ ସହ ମତବିନିମୟ କରିଥିଲେ। ସିବିସି, ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣରେ କର୍ମଶାଳାର ଉଦ୍ଦେଶ୍ୟ ଓ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିବା ସହ ସମସ୍ତଙ୍କୁ ସକ୍ରିୟ ଭାବେ ଆଲୋଚନାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସିବିସି, ଭୁବନେଶ୍ୱରର କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ କାର୍ଯ୍ୟକ୍ଷେତ୍ରକୁ ଅଧିକ ସମାବେଶୀ, ସୁରକ୍ଷିତ ଓ ସମ୍ବେଦନଶୀଳ କରିବା ସହିତ ସନ୍ତୁଳିତ ପୋଷଣ ଓ ସୁସ୍ଥ ଜୀବନଶୈଳୀ ଆପଣାଇବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ସିବିସି ଏବଂ ପିଆଇବି ଭୁବନେଶ୍ୱରର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଏଆଇ+ ପକ୍ଷରୁ ସ୍ୱଚ୍ଛ ସଫ୍ଟୱେୟାର ଭର୍ସନ ଓ ନେଟ୍‌ୱର୍କ ଡାଇଗ୍ନୋଷ୍ଟିକ୍ସ ସହିତ ନେକ୍ସଟ କ୍ୱାଣ୍ଟମ୍ ଓଏସ

ଭୁବନେଶ୍ୱର (ବ୍ୟୁରୋ) : ଏଆଇ+ ସ୍ମାର୍ଟଫୋନ ପକ୍ଷରୁ ନେକ୍ସଟ କ୍ୱାଂଟମ ଓଏସ ଭି୧.୧ର ଶୁଭାରମ୍ଭ କରାଯାଇଛି ଯାହା ଏହାର ଗୋପନୀୟତା ଢାଂଚାକୁ ସୁଦୃଢ କରିଛି ଏବଂ ଆପ୍ଲିକେଶନଗୁଡିକ କିଭଳି ନିଜର ଡିଭାଇସ ଓ ଡାଟା ଆକ୍ସେସ କରୁଛନ୍ତି ତାହା ଉପରେ ଉପଭୋକ୍ତାଙ୍କୁ ଉନ୍ନତ ଦୃଶ୍ୟମାନତା ଓ ନିୟନ୍ତ୍ରଣ ପ୍ରଦାନ କରିଥାଏ। ଡାଟା ଅଖଣ୍ଡତା ଓ ସୁରକ୍ଷା ପାଇଁ ପ୍ରତିବନ୍ଧତାର ଅଂଶ ଭାବେ ନେକ୍ସଟ କ୍ୱାଂଟମ ଏକ କଠୋର ସାର୍ବଭୌମ୍ୟ ଡାଟା ସୀମା ଲାଗୁ କରିଥାଏ, ଯାହା ନିଶ୍ଚିତ କରିଥାଏ ଯେ, ୧୦୦% ଆପ୍ଲିକେଶନ ଡାଟା ଟ୍ରାଫିକ ସ୍ଥାନୀୟ, ଭାରତ-ଆୟୋଜିତ ଭିତିଭୂମି ମାଧ୍ୟମରେ ପଠାଯାଇଛି। ଏହି ମଜବୁତ ସିଷ୍ଟମ ପରିଧି ସୁରକ୍ଷା ନିଶ୍ଚିତ କରିବା ପାଇଁ ୧୦୦୦ରୁ ଅଧିକ କନେକ୍ସନ ଓ ୧୭୨ଟି ସ୍ୱତନ୍ତ୍ର ଡେଷ୍ଟିନେଶନ ଆଇପିଓରେ ସୋର୍ସ ନିୟମଗୁଡିକର ସ୍ୱୟଂଚାଳିତ ବିଶ୍ଳେଷଣ କରିଥାଏ। ଉଲ୍ଲେଖନୀୟ ଯେ, ସମସ୍ତ ଡାଟା ଟ୍ରାଫିକ୍ ଓ ଆଇ ପିଙ୍ଗ୍ ଭାରତ ମଧ୍ୟରେ ଅନ୍ତର୍ଭୁକ୍ତ, ବାହ୍ୟ ଟ୍ରାଫିକ୍ ଜରୁରୀ ଗୁଗଲ କୋର୍ ସେବା ପର୍ଯ୍ୟନ୍ତ ସୀମିତ ଯାହା କେବଳ କାଲିଫର୍ନିଆ ଏବଂ ସିଙ୍ଗାପୁରକୁ ନିର୍ଦ୍ଦେଶିତ, ଏହା ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ୍ କାର୍ଯ୍ୟ ପାଇଁ ଆବଶ୍ୟକ। ଏହି ପଦ୍ଧତି କେବଳ ଡାଟା ଏକତାକୁ ପ୍ରାଥମିକତା ଦିଏ ନାହିଁ ବରଂ ନେକ୍ସଟକ୍ୱାଂଟମ୍ ଅପଡେଟ୍ ଉପରେ ମନ୍ତବ୍ୟ ଦେଇ, ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିସ୍ ଅଏଆଇ+ ସ୍ମାର୍ଟଫୋନ)ର ସିଇଓ ମାଧବ ସେଠ କହିଛନ୍ତି, "ଟେକ୍ନୋଲୋଜିର ଭବିଷ୍ୟତ ଏହା କ'ଣ କରିପାରିବ ତାହା ଦ୍ୱାରା ପରିଭାଷିତ ହୋଇନଥାଏ। ବରଂ ଏହା ଲୋକମାନେ ଏହାକୁ କେତେ ବିଶ୍ୱାସ କରିପାରିବେ ଏବଂ ଏହା ଆକାଂକ୍ଷାଗୁଡିକୁ କିଭଳି ସକ୍ଷମ କରିପାରିବ ତାହା ଦ୍ୱାରା ପରିଭାଷିତ ହୋଇଥାଏ। ସେହି ବିଶ୍ୱାସ ଆମର ନେକ୍ସଟକ୍ୱାଂଟମ ଓଏସ୍‌ର ନିର୍ମାଣର କେନ୍ଦ୍ରବିନ୍ଦୁ ଅଟେ। ଭି୧.୧ ସହିତ, ନେକ୍ସଟକ୍ୱାଂଟମ ଓଏସ, ନେକ୍ସଟପ୍ରାଇଭେସି ଡ୍ୟାଶବୋର୍ଡ ମାଧ୍ୟମରେ ଏକ ଅଧିକ ଶୃଙ୍ଖଳିତ ଗୋପନୀୟତା ଅନୁଭୂତି ପ୍ରଦାନ କରିଥାଏ, ଯାହା ଏକକ ଇଂଟରଫେସରେ ଆପ୍ଲିକେଶନ ଅନୁମତିଗୁଡିକୁ ଏକତ୍ରିତ କରିଥାଏ। ଉପଭୋକ୍ତାମାନେ ଅନୁମତିଗୁଡିକୁ ଅଧିକ ସହଜରେ ସମୀକ୍ଷା, ପରିବର୍ତ୍ତନ ଓ ପ୍ରତ୍ୟାହାର କରିପାରିବେ ଯାହା ଆପ୍ଲିକେସନଗୁଡିକ ଡିଭାଇସ୍ ସଂଶାଧନ ଓ ବ୍ୟକ୍ତିଗତ ଡାଟା ସହିତ କିପରି ଯୋଗାଯୋଗ କରନ୍ତି ତାହା ଉପରେ ଅଧିକ ନିୟନ୍ତ୍ରଣ ପ୍ରଦାନ କରିଥାଏ। ଉନ୍ନତ ପୃଷ୍ଠଭୂମି କାର୍ଯ୍ୟ ଦୃଶ୍ୟମାନତା ଉପଭୋକ୍ତାଙ୍କୁ ସକ୍ରିୟ ବ୍ୟବହାର ବାହାରେ ପରିଚାଳନା ସମୟରେ ଆପ୍ଲିକେସନଗୁଡିକ ସମ୍ବେଦନଶୀଳ ଡିଭାଇସ୍ ସଂଶାଧନକୁ ଆକ୍ସେସ କରିବା ସମୟରେ ତାହାକୁ ଭଲ ଭାବେ ବୁଝିବାରେ ସାହାଯ୍ୟ କରିଥାଏ।

ରାଜ୍ୟ ଅନୁସୂଚିତ ଜାତି କଂଗ୍ରେସର ଅହୋରାତ୍ର ଧାରଣା ଆରମ୍ଭ

ଭୁବନେଶ୍ୱର (ବ୍ୟୁରୋ) : ଆଜି ସକାଳ ୧୦ ଘଟିକା ସମୟରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ପରାମର୍ଶ କ୍ରମେ ଉତ୍ତରାଖଣ୍ଡ ରାଜ୍ୟ ହଲଦ୍ୱାନିରେ ରାମଲୀଳା ମୈଦାନ ଶୁଦ୍ଧିକରଣ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନାମରେ ଉତ୍ତରାଖଣ୍ଡରେ ହୋଇଥିବା ଏତଲା ବିରୁଦ୍ଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଭୁବନେଶ୍ୱରର ଧାରଣାସ୍ଥଳରେ ଅହୋରାତ୍ର ଧାରଣା

ବିଭାଗର ରାଜ୍ୟ ଅଧ୍ୟକ୍ଷ ଆଇନଜୀବି ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଅଛି। ଯେପର୍ଯ୍ୟନ୍ତ ଶୁଦ୍ଧିକରଣରେ ଲିପ୍ତଥିବା ଦକ୍ଷିଣପନ୍ଥି ବିଜେପି ଆରଏସଏସ କର୍ମକର୍ତ୍ତାମାନେ ଆଇନ ଅନୁଯାୟୀ ଦଣ୍ଡିତ ନ ହୋଇଛନ୍ତି ଏବଂ ଯେପର୍ଯ୍ୟନ୍ତ ଆମ ନେତା ଜନନାୟକ ରାହୁଲ ଗାନ୍ଧୀଙ୍କ ନାମରେ ରୁଜୁ କରାଯାଇଥିବା ଏତଲାକୁ ଉତ୍ତରାଖଣ୍ଡ ସରକାର ରଦ୍ଦ ନକରିଛନ୍ତି, ସେ ପର୍ଯ୍ୟନ୍ତ ଏ ଧାରଣା ଜାରି ରହିବ ବୋଲି ବିଭାଗର ଅଧ୍ୟକ୍ଷ ଆଇନଜୀବି ମାନସ କୁମାର ମଲ୍ଲିକ କହିଛନ୍ତି। ଆଜି ପ୍ରଥମ ଦିନରେ ଧାରଣା ସ୍ଥଳରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ଜୟଦେବ ଜେନା ଯୋଗଦେଇ ଦେଶରେ ବର୍ତ୍ତମାନ ଅରାଜକତା ଚାଲିଛି, ଗରିବ ଦଳିତ, ଆଦିବାସୀ ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପାଟି ଖୋଲୁଥିବା ବ୍ୟକ୍ତିମାନଙ୍କ ନାମରେ ବିଜେପି ସରକାର ଦ୍ୱାରା ମିଥ୍ୟା ମାମଲା କରାଯାଇ ସେମାନଙ୍କୁ ଚୁପ ରହିବା ପାଇଁ ଚାପ ପକାଯାଉଅଛି ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ। ରାଜ୍ୟ କଂଗ୍ରେସର ଅନୁସୂଚିତ ଜାତି ବିଭାଗର ଶତାଧିକ ରାଜ୍ୟ କର୍ମକର୍ତ୍ତା ଓ ଜିଲ୍ଲା ଅଧ୍ୟକ୍ଷମାନେ ଆଜି ଧାରଣାରେ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଆଜିର ଧାରଣାରେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ଆଇୟୁଏନଟିସର ରାଜ୍ୟ ଉପସଭାପତି ସତ୍ୟବ୍ରତ ନାୟକ, ମନୋରଞ୍ଜନ ରାଉତରାୟ, ଶୈଳେନ୍ଦ୍ର ଦାସ, ଯଜାତି ପଟ୍ଟନାୟକ, ଆଦିବାସୀ ବିଭାଗର ରାଜ୍ୟ ସାଧାରଣ ସଂପାଦକ ମୋଟରାଜ ଡୁଙ୍ଗଡୁଙ୍ଗ, ଇଂ ଇମ୍ରାନ ଅଲ୍ଲୀ ଖାନ, ଶିବ ପ୍ରସାଦ ଦାସ, ଅନୁସୂଚିତ ଜାତି ବିଭାଗର ବାଲେଶ୍ୱର ସଭାପତି ବିଧାନ ଜେନା, ପୁରୀ ସଭାପତି ଗୋବିନ୍ଦ ମଲ୍ଲିକ, କଟକ ସଭାପତି ପ୍ରତାପ ମଲ୍ଲିକ, ବରଗଡ଼ ସଭାପତି ଅଭିଷେକ ସେଠ, ଖୋର୍ଦ୍ଧା ସଭାପତି ଜୟନ୍ତ ଭୋଇ, ଭୁବନେଶ୍ୱର ଜମ୍ବେଶ୍ୱର ମଲ୍ଲିକ, ନୟାଗଡ଼ ସଭାପତି ଯିତେନ୍ଦ୍ର ଦେଳଇ, ବିଭାଗର ରାଜ୍ୟ ଉପାଧ୍ୟକ୍ଷ ଲକ୍ଷ୍ମଣ ଭରାସାଗର, ଆଇନଜୀବି ଭୋକାଲୀ ସେଠୀ, ଆଇନଜୀବି ସଂଜୟ ମଲ୍ଲିକ, ବିନୟ ମଲ୍ଲିକ, ତାପସ ସେଠୀ, ରାଜ୍ୟ ସାଧାରଣ ସଂପାଦକ ଅଭିଷେକ ଦଳବେହେରା, ଆଶିଷ ମଲ୍ଲିକ, ସୁରେନ୍ଦ୍ର ଦାସ, ରଞ୍ଜନ ଭୋଇ, ରାଜେନ୍ଦ୍ର ଜେନା, ରାଜ୍ୟ ସଂଯୋଜକ ପ୍ରମୋଦ ମଲିକ, ସୁକାନ୍ତ ଡିଆଡ଼ି, ଶ୍ରୀ ଜେନା, ପ୍ରକାଶ ଜେନା, ପ୍ରତାପ ଡାଣ୍ଡି, ସଚିଦାନନ୍ଦ ନାୟକ, ରାଜେନ୍ଦ୍ର ମଲ୍ଲିକ, ଜ୍ୟୋତି ରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

ଟାଟା ଡଟ୍ କାର୍‌ସ ପକ୍ଷରୁ କର୍ଭଭି ସିରିଜ ଏକ୍ସର ଶୁଭାରମ୍ଭ

ଭୁବନେଶ୍ୱର (ବ୍ୟୁରୋ) : ଭାରତର ଅଗ୍ରଣୀ ଏସୟୁଭି ନିର୍ମାତା ଓ ଦେଶର ସର୍ବବୃହତ ଚାରିଚକିଆ ଇଭି ନିର୍ମାତା ଟାଟା ଡଟ୍ କାର୍‌ସ ପକ୍ଷରୁ ଆଜି ନୂଆ କର୍ଭଭି ସିରିଜ ଏକ୍ସର ଲଂଚ୍ ଘୋଷଣା କରାଯାଇଛି, ଯାହା ଭାରତର ପ୍ରଥମ ଏସୟୁଭି କୁପର ମୂଲ୍ୟ ପ୍ରସ୍ତାବକୁ ଆହୁରି ସୁଦୃଢ କରିଛି। ଏହି ସିରିଜରେ କର୍ଭଭି ସିରିଜ ଏକ୍ସ ପ୍ୟୋର ଏକ୍ସ+ ପର୍‌ସୋନା ଏବଂ କର୍ଭଭି ସିରିଜ ଏକ୍ସ କ୍ରିଏଟିଭ ଏକ୍ସ+ ପର୍‌ସୋନା ସାମିଲ ରହିଛି। ଏହି ନୂଆ ସିରିଜର ପ୍ରାରମ୍ଭିକ ମୂଲ୍ୟ ୯.୯୯ ଲକ୍ଷ ଟଙ୍କା ରହିଛି। କର୍ଭଭି ସିରିଜ ଏକ୍ସ ମହତ୍ୱାକାଂକ୍ଷୀ ଏସୟୁଭି କୁପ୍ ଡିଜାଇନ ସହ, ଉନ୍ନତ କାର୍ଯ୍ୟଦକ୍ଷତା, ପ୍ରିମିୟମ ଫିଚର ସହ ଆକର୍ଷଣୀୟ ଇଂଟେରିୟର ଏବଂ ଟାଟା ସେଫ୍ଟି ଡୋମ୍‌ର ସୁରକ୍ଷାକୁ ଏକ ପ୍ୟାକେଜରେ ଏକତ୍ରିତ କରିଛି। ଏହା ପ୍ୟୋର ଏକ୍ସ ଓ କ୍ରିଏଟିଭ ଏକ୍ସର ପର୍‌ସୋନା ମାଧ୍ୟମରେ ସ୍ପଷ୍ଟ ଭାବେ ପ୍ରକାଶିତ ହେଉଛି। ୧୦.୯୯ ଲକ୍ଷ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ପ୍ୟୋର୍ ଏକ୍ସ, କର୍ଭଭିର ସିଗ୍ନେଚର ଏସୟୁଭି କୁପ୍ ଡିଜାଇନକୁ ଅଲଟ୍ରାଭ୍ୟୁ ୧୦.୨୫ ଇଂଚ ଇନ୍‌ଫୋଟେନ୍‌ମେଂଟ ସିଷ୍ଟମ ବାଏ ହରମନ୍, ୱାୟାରଲେସ ଆଣ୍ଡ୍ରଏଡ ଅଟୋ ଓ ଆପ୍ପଲ କାର୍‌ପ୍ଲେ, କ୍ରୁଜ କଂଟ୍ରୋଲ, ସ୍ମାର୍ଟ କୀ ସହ ପାସିଭ ଏଂଟ୍ରି ପାସିଭ ଷ୍ଟାର୍ଟ, ୬ ସ୍ପିକର, ଫୁଲି ଅଟୋମାଟିକ ଟେମ୍ପରେଚର କଂଟ୍ରୋଲ,

ଏଲଇଡି ହେଡ୍‌ଲ୍ୟାମ୍ପ ଓ ଟେଲ୍ ଲ୍ୟାମ୍ପ, ସେଫ୍ଟି ଡୋମ୍ ଭଳି ପ୍ରିମିୟମ ଫିଚରଗୁଡିକୁ ଏକତ୍ରିତ କରିଛି। ଅଧିକ ଆରାମ ଚାହୁଁଥିବା ଗ୍ରାହକଙ୍କ ପାଇଁ ପ୍ୟୋର ଏକ୍ସ+ ଅତିରିକ୍ତ ୮୦,୦୦୦ ଟଙ୍କାରେ ଉନ୍ନତ ପ୍ଲସନେସ୍ ଓ ଆର୧୭ ଡାଇମଣ୍ଡ କଟ୍ ଆଲୟ ହ୍ୱିଲ ଯୋଗ କରିଥାଏ। ସେହିପରି ଡାର୍କ ଏଡିସନ ୧୧.୯୯ ଲକ୍ଷ ଟଙ୍କାରେ ପ୍ୟୋର ପର୍‌ସୋନାରୁ ଉପଲବ୍ଧ ହେଉଛି। ସେହିପରି କ୍ରିଏଟିଭ ଏକ୍ସ+ ୧୨.୯୧ ଲକ୍ଷ ଟଙ୍କାରେ ଏରୋଡ୍ୟୁ ପାନୋରାମିକ ସନ୍‌ରୁଫ, ୩୬୦° ସରାଉଣ୍ଡ ଭ୍ୟୁ ସହ ବ୍ଲାଇଣ୍ଡ ଭ୍ୟୁ ମନିଟର, ଆର୧୮ ଡାଇମଣ୍ଡ-କଟ୍ ଆଲୟ ହ୍ୱିଲ, ଟ୍ୱିନ ସ୍କ୍ରିନ ଅଲ୍‌ଟ୍ରା ଭ୍ୟୁ ୨୬.୦୩ ସେମି (୧୦.୨୫ ଇଂଚ) ଇନ୍‌ଫୋଟେନମେଂଟ ବାଏ ହରମନ୍ ସହ ୨୬.୦୩ ସେମି ଡିଜିଟାଲ କକ୍‌ପିଟ, ନାଭିଗେଶନ ଡିସ୍‌ପ୍ଲେ ଏବଂ ରିକ୍ଲାଇନିଂ ରିୟର ସିଟ୍ ସହ ଏକ ଲେଦରେଟ କ୍ୟାବିନ ପ୍ରଦାନ କରୁଛି। କର୍ଭଭି ଏକ୍ସ ସିରିଜ , କର୍ଭଭି ଡଟ୍ ଇଭି ସିରିଜ ଏକ୍ସ ସହିତ ଚଳିତ ବର୍ଷ ଆରମ୍ଭରେ ଶୁଭାରମ୍ଭ କରାଯାଇଥିବା ସମାନ ଗ୍ରାହକ ପ୍ରଥମ ଆ

ସାମୁଦ୍ରିକ ଜୁଆର ମାଡ଼ରେ ଧସିଲା ୧୦୦ ଫୁଟ ଲମ୍ବର ଘେରିବନ୍ଧ

ମହାକାଳପଡ଼ା(ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ସାମୁଦ୍ରିକ ଝଡ଼ ଜୁଆର ମାଡ଼ିବା ଅଞ୍ଚଳକୁ ସୁରକ୍ଷା ବ୍ୟବସ୍ଥା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ସରକାରଙ୍କ ଜଳସେଚନ ବିଭାଗ ପକ୍ଷରୁ ବ୍ୟୟ ଅଟକଳ କରାଯାଇଛି । ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ଲୁଣା ଘେରିବନ୍ଧ ସାମୁଦ୍ରିକ ଜୁଆର ମାଡ଼ରେ ଭୁଶୁଡ଼ି ପଡ଼ିବା ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ, ବ୍ଲକ ଅଧୀନ ଜକସେଚନ ବିଭାଗ (ନଦୀ ତଟବନ୍ଧ) ବିଜୟନଗର ସେକ୍ସନର ରଡ଼ିଆ-କଂସାର-ବଡ଼ ଦାଣ୍ଡୁଆ ଲୁଣା ଘେରିବନ୍ଧ କଂସାର ଗ୍ରାମ ସଂଲଗ୍ନ ଗୋବରୀ ନଦୀ କୂଳରେ ଶହେ ଫୁଟ ଲମ୍ବର ଏକ ଉଚ୍ଚ ମାଟିବନ୍ଧ ଗୁରୁବାର ବିଳମ୍ବିତ ରାତିରେ ଭୁଶୁଡ଼ି ପଡ଼ିବା ଦେଖିବାକୁ ମିଳିଛି । ତେବେ ସାମୁଦ୍ରିକ ଜୁଆର ମାଡ଼ରେ ନିମ୍ନମାନର ବନ୍ଧ

ନିର୍ମାଣ ଓ ନିକଟ ଚିଙ୍ଗୁଡ଼ି ଘେରିର (କଙ୍କଡ଼ା କୋଚିଆ ଗାତ) ଘଳିଆ ଯୋଗୁ ଭୁଶୁଡି ପଡ଼ିଛି ବୋଲି କହିଛନ୍ତି ସ୍ଥାନୀୟ ଲୋକମାନେ । ଅଦ୍ୟାବଧି ଘଟଣା ସ୍ଥଳରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ନ ଥିବା ଅଭିଯୋଗ ହେଉଛି । ଆଗାମୀ ସପ୍ତାହ ମଧ୍ୟରେ ମୁଖ୍ୟ ଘେରି ନଦୀବନ୍ଧ ସମ୍ପୂର୍ଣ୍ଣ ଗୋବରୀ ନଦୀରେ ଲୀନ ହୋଇ କଂସାର ଗ୍ରାମକୁ ଗ୍ରାସ କରିବ ବୋଲି ବୋଲି ଗ୍ରାମର ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି । ଗ୍ରାମର ସୁନାକର ସ୍ୱାଇଁ, କ୍ଷୀରୋଦ ଲେଙ୍କା କହିବା କଥା ଏହି ଘେରି ବନ୍ଧ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ ଗୋବରୀ ନଦୀ କୂଳ ଭୁଶୁଡ଼ି ଥିବା ଗୁରୁତର ଅଭିଯୋଗ କରିଛନ୍ତି । ତୁରନ୍ତ ଯୁଦ୍ଧ କାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ପାଇଁ ଦାବି କରିଛନ୍ତି ନଚେତ୍ ? ଚାଷ ଜମି ନଷ୍ଟ ହେବ ବୋଲି କହିଛନ୍ତି । ଏ ସଂକ୍ରାନ୍ତରେ ଆଳିସ୍ଥିତ ନଦୀ ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ସାହୁଙ୍କ ମତାମତ ନେବାରେ ଧସିବା ଖବର ମିଳିଛି । ଉକ୍ତ ସ୍ଥାନରେ ମାଟି ବନ୍ଧ ରହୁନି ସେଥିପାଇଁ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଖୁବ୍‌ଶୀଘ୍ର ଘଟଣାସ୍ଥଳ ପରିଦର୍ଶନ କରିବେ ବୋଲି କହିଛନ୍ତି ।

ଜିଲ୍ଲାର ୮୮,୨୮୯ ଚାଷୀଙ୍କୁ ୧୭.୮୮ କୋଟିର ସିଏମ୍-କିଷାନ ସହାୟତା

କୋରାପୁଟ(ଅମୃତ ମିଡିଆ): ରବି ଋତୁରେ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ସିଏମ୍-କିଷାନ ଯୋଜନାର ୫ମ କିସ୍ତି ଶୁକ୍ରବାର ପ୍ରଦାନ କରାଯାଇଛି । ଭୁବନେଶ୍ୱରସ୍ଥିତ ଓୟୁଏଟିର କୃଷି ଶିକ୍ଷା ସଦନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କିସ୍ତିର ଶୁଭାରମ୍ଭ କରିଥିଲେ । ଏହାର ସିଧାପ୍ରସାରଣ କୋରାପୁଟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ କରାଯାଇଥିଲା । କୋରାପୁଟ ଜିଲାର ୧୪ଟି ବ୍ଲକ୍‌ର ୮୮,୨୮୯ ଜଣ ଚାଷୀଙ୍କୁ ମୋଟ ୧୭ କୋଟି ୮୮ ଲକ୍ଷ ୮୨ ହଜାର ୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥିରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସମେତ ଭୂମିହୀନ କୃଷି ପରିବାରକୁ ସାମିଲ କରାଯାଇଛି । ସୂଚନା ଅନୁଯାୟୀ, ଜିଲାର ୮୭,୨୮୧ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୧୭ କୋଟି ୪୫ ଲକ୍ଷ ୬୨ ହଜାର

ଟଙ୍କା ପ୍ରଦାନ କରାଯାଉଛି । ସେହିପରି ୧,୦୦୮ ଜଣ ଭୂମିହୀନ କୃଷି ପରିବାରଙ୍କୁ ୪୩ ଲକ୍ଷ ୨୦ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଛି । ବ୍ଲକ୍‌ସ୍ତରୀୟ ହିସାବ ଅନୁଯାୟୀ, କୋଟପାଡ଼ରେ ସର୍ବାଧିକ ୯,୪୪୨ ଜଣ ଏବଂ ବୋରିଗୁମ୍ମାରେ ୯,୩୨୧ ଜଣ ହିତାଧିକାରୀ ରହିଛନ୍ତି । ଜୟପୁରରେ ୪,୨୮୫, କୋରାପୁଟରେ ୫,୬୨୮, ଲମତାପୁଟରେ ୭,୭୫୨, ନନ୍ଦପୁରରେ ୭,୭୦୧ ଏବଂ ସେମିଲିଗୁଡ଼ାରେ ୭,୭୧୨ ଜଣ ହିତାଧିକାରୀ ଅଛନ୍ତି । ରବି ଋତୁରେ ଏହି ସହାୟତା ଚାଷୀଙ୍କ ପାଇଁ ଆର୍ଥିକ ଭାବେ ସହାୟକ ହେବ ବୋଲି ଆଶା କରାଯାଉଛି । ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ମାଛ, ସ୍ୱତନ୍ତ୍ର ଉନ୍ନୟନ କମିଟି ଅଧ୍ୟକ୍ଷ ଭଗବାନ ମୁଦୁଲି, ଜିଲାପାଳ ମନୋଜ ସତ୍ୟବ୍ୟାନ ମହାଜନ ଏବଂ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ଉପସ୍ଥିତ ଥିଲେ । ଏଥିସହ ମୁଖ୍ୟ ଜିଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ଅନୁର୍ଯ୍ୟାମୀ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ଅଶୋକ ସେନାପତି, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ କୃଷି ଓ ଆନୁଷଙ୍ଗିକ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ଜିଲାର ବିଭିନ୍ନ ବ୍ଲକ୍‌ରୁ ୧୦୦ ଜଣ ଚାଷୀ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ସିଧାପ୍ରସାରଣ ଦେଖିଥିଲେ । ରବି ଚାଷ ପୂର୍ବରୁ ମିଳୁଥିବା ଏହି ଆର୍ଥିକ ସହାୟତା ଚାଷୀଙ୍କୁ ବିହନ, ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀ କିଣିବାରେ ସହାୟକ ହେବ । କାର୍ଯ୍ୟକ୍ରମରେ ଅତିଥିମାନେ କହିଥିଲେ ଯେ, ଚାଷୀଙ୍କ ଆର୍ଥିକ ସଶକ୍ତିକରଣ ସହ କୃଷି କ୍ଷେତ୍ରର ବିକାଶ ଦିଗରେ ସିଏମ୍-କିଷାନ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହାଦ୍ୱାରା ଚାଷୀଙ୍କୁ ଚାଷ ସମୟରେ ଆବଶ୍ୟକ ଆର୍ଥିକ ସହାୟତା ମିଳିବା ସହ କୃଷି କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବାରେ ଏହା ସହାୟକ ହେବ ।

ଚର୍ଚ୍ଚାରେ ଆଫ୍ରିକାନ୍ ଛେଳି 'ଶେରା'

ଉମରକୋଟ(ଅମୃତ ମିଡିଆ): ଉମରକୋଟ ଅଞ୍ଚଳରେ ଏକ ବିଶେଷ ପ୍ରଜାତିର ଆଫ୍ରିକାନ ଛେଳି ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଛେଳିର ଆକାର, ଶାରୀରିକ ଗଠନ ଓ ଓଜନ ସାଧାରଣ ଛେଳିଠାରୁ ଭିନ୍ନ ହୋଇଥିବାରୁ ଏହାର ମୂଲ୍ୟ ୨ ଲକ୍ଷ ୫୦ ହଜାର ଟଙ୍କାରୁ ଅଧିକ ଧାର୍ଯ୍ୟ କରାଯାଇଛି । ସ୍ଥାନୀୟ ଛେଳି ବ୍ୟବସାୟୀ ସୁଲତାନ୍ ଆଲମ୍‌ଙ୍କ ନିକଟରେ ଥିବା ଏହି ଛେଳିର ନାମ ଶେରା ରଖାଯାଇଛି । ମାତ୍ର ବର୍ଷକର ଏହି ଛେଳିର ଓଜନ ପ୍ରାୟ ୬୦ କେଜି ଓ ଉଚ୍ଚତା ପ୍ରାୟ ୨.୫ ଫୁଟ ରହିଛି । ଛେଳିକୁ ପ୍ରାଣୀ ଚିକିତ୍ସାଳୟରେ ପଞ୍ଜୀକରଣ ମଧ୍ୟ କରାଯାଇଛି । ସୁଲତାନ୍ ୭ ବର୍ଷ ହେଲା ଛେଳି ଚାଷ କରି ବ୍ୟବସାୟ କରି ଆସୁଥିଲେ । ପ୍ରଥମେ ସେ ଦେଶୀ ଛେଳି ବ୍ୟବସାୟ କରୁଥିଲେ । ସେଥିରୁ ବିଶେଷ ଲାଭ ନମିଳିବାରୁ ଏବେ ଆଫ୍ରିକାନ ପ୍ରଜାତିର ଛେଳି ଚାଷ ଆରମ୍ଭ କରିଥିବା କହିଛନ୍ତି । ଏହି ବିରଳ ପ୍ରଜାତିର ଛେଳିକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଛି । ଅସାଧାରଣ ଆକାର ଓ ଅଧିକ ମୂଲ୍ୟ ଯୋଗୁ 'ଶେରା' ଏବେ ଲୋକଙ୍କ କୌତୁହଳର କେନ୍ଦ୍ର ପାଲଟିଛି ।

ସ୍କୁଲ ଭିତରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ

କେନ୍ଦ୍ରାପଡ଼ା(ଅମୃତ ମିଡିଆ): ସ୍କୁଲ ଭିତରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ସହ ଅସଦାଚରଣ । କେନ୍ଦ୍ରାପଡ଼ା ସଦର ଥାନା କଂସାର-ସାହସପୁର ନୋଡାଲ ହାଇସ୍କୁଲରୁ ଆସିଛି ଏପରି ଅଭିଯୋଗ । ଏନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ସମସ୍ତ ଶିକ୍ଷକ ସଂଘ ସଦର ଥାନାରେ ଅଭିଯୋଗ କରିଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଦାବିପତ୍ର ମଧ୍ୟ ଦେଇଛନ୍ତି । ଯଦି ନ୍ୟାୟ ନମିଳେ ତେବେ ଆସନ୍ତା ୭ ତାରିଖଠାରୁ ପାଠପଢା ବନ୍ଦ କରି ସ୍କୁଲ ସମୁଖରେ ଧାରଣାରେ ବସିବାକୁ ଚେତାବନୀ ଦେଇଛି ଶିକ୍ଷକ ସଂଘ। ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତିଲତା ମହାରଣା ବୁଧବାର ଦିନ ମଧ୍ୟାହ୍ନ ଭୋଜନ ତଦାରଖ କରି ତାଙ୍କ କାର୍ଯ୍ୟାଳୟକୁ ଫେରୁଥିବା ବେଳେ କାଙ୍କଦିଆ ଗାଁର ରଞ୍ଜନ ମହାପାତ୍ର ସ୍କୁଲ ଭିତରେ ପଶି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପ୍ରତିବାଦ କରିବାରୁ ବିଧା, ଗୋଇଠା ମାରିଥିବା ଅଭିଯୋଗ କରିଛନ୍ତି ଭକ୍ତିଲତା । ତେବେ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପହଞ୍ଚିବାରୁ ସେ ବାଇକ୍ ଛାଡ଼ି ଦୌଡ଼ି ପଳାଇଥିଲା । ସ୍କୁଲ କମିଟି ଗଡ଼ା ହେବା ସମୟରେ ମଧ୍ୟ ସ୍କୁଲ କ୍ୟାମ୍ପସରେ ପଶି ତାଙ୍କୁ ଗାଳିଗୁଲଜ କରିଲା ବୋଲି ଅଭିଯୋଗ ହୋଇଛି । ସଦର ପୋଲିସର ଏକ ଟିମ୍ ସ୍କୁଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତକୁ ଗିରଫ ବିଳମ୍ବ ହେବାରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ସମସ୍ତେ ଶିକ୍ଷକ ଶିକ୍ଷୟିତ୍ରୀ ଓ ସଂଘ ଜିଲ୍ଲା ଶିକ୍ଷା ଅଧିକାରୀ ,ଜିଲ୍ଲାପାଳଙ୍କୁ ଭେଟି ଅଭିଯୁକ୍ତ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଯଦି ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ବିଳମ୍ବ ହୁଏ ତେବେ ସୋମବାର ଠାରୁ ଆନ୍ଦୋଳନ କୁ ଓହ୍ଲାଇ ବୋଲି ସଂଘ କହିଛି । ଅନ୍ୟପଟେ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ବାରିକ ଘଟଣା କୁ ନିନ୍ଦା କରିବା ସହ ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

କଲେଜର ବିଭିନ୍ନ ସମସ୍ୟା ନେଇ ଏବିଭିପି ପକ୍ଷରୁ ସ୍ମାରକପତ୍ର

ଭଦ୍ରକ(ଅମୃତ ମିଡିଆ): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭିନ୍ନ ଅସମାପ୍ତ ନିର୍ମାଣ କାର୍ଯ୍ୟ ଏବଂ ଛାତ୍ରସଂସଦ ନିର୍ବାଚନ କରାଇବାକୁ ଦାବି କରି ଆଜି (ବୁଧବାର) ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଜିଲ୍ଲା ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, କଲେଜରେ ଗଣତାନ୍ତ୍ରିକ ପରମ୍ପରା ବଜାୟ ରଖିବା ପାଇଁ ଶୀଘ୍ର ଛାତ୍ରସଂସଦ ନିର୍ବାଚନ ତାରିଖ ଘୋଷଣା କରାଯାଉ। ଏହା ସହିତ କଲେଜ ପରିସରର ଜରୁରୀ ସମସ୍ୟାଗୁଡ଼ିକର ସମାଧାନ କରାଯାଉ ଯେପରି, କଲେଜ

ଫାଟକରୁ କ୍ୟାଣ୍ଟିନ୍ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମ ଶୀଘ୍ର ଆରମ୍ଭ କରିବା, ଆମେଦକର ତଥା ପଶ୍ଚିମ ହଷ୍ଟେଲ ରାସ୍ତାର ଅସ୍ଥାୟୀ ସମାଧାନ କରିବା, କଲେଜ କ୍ୟାଣ୍ଟିନ୍ ପାଖରେ ପାଚେରୀ କାମ ଶେଷ କରିବା ଏବଂ ଜନିକା ହଷ୍ଟେଲ ତଥା ସେଣ୍ଟ୍ରାଲ୍ ହଷ୍ଟେଲର ଅଧ୍ୟାପନ୍ତରିଆ ମରାମତି କାମକୁ ତୁରନ୍ତ ସାରିବା। ସରକାର ଅନୁଦାନ ଦେଉଥିବା ସତ୍ତ୍ୱେ ଭଦ୍ରକ କଲେଜର ରାସ୍ତା, ଗେଟ୍ ଓ ପାଚେରୀ ତିଆରି ପାଇଁ ପୂର୍ଣ୍ଣ ବିଭାଗ କାର୍ଯ୍ୟ ଆରମ୍ଭ କରୁ ନାହିଁ। ତୁରନ୍ତ କାର୍ଯ୍ୟ ଆରମ୍ଭ ନହେଲେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି । ଏହି ଅବସରରେ ଏବିଭିପିର ଜିଲ୍ଲା ସଂଯୋଜକ ଓମକାର ମହାନ୍ତି, ପ୍ରାନ୍ତ ଏସ୍‌ଏଫ୍‌ଡି ସହ-ସଂଯୋଜକ ଗୌରାଙ୍ଗ ବଳ, ଭଦ୍ରକ ନଗର ସହ-ସମ୍ପାଦକ ଶୁଭମ୍ ପାଢ଼ୀ, କ୍ୟାମ୍ପସ ୟୁନିଟ୍ ସଭାପତି ପ୍ରଜ୍ଞାନ ସାହୁ, ସମ୍ପାଦକ ଦିବ୍ୟରଞ୍ଜନ ଦାସ, ପ୍ରିୟବ୍ରତ ସାହୁ, ପ୍ରିୟଙ୍କା ଦାସ, ଶୁଭସ୍ମିତା ଦାସ, ମହେଶ ପ୍ରଧାନ ପ୍ରମୁଖ କାର୍ଯ୍ୟକର୍ତ୍ତା ଏବଂ ବହୁ ଛାତ୍ରଛାତ୍ରୀ ସଦସ୍ୟ ଉପସ୍ଥିତ ଥିଲେ ।

ବିପଦ ସଙ୍କେତ ତଳେ ସୁବର୍ଣ୍ଣରେଖା

ଜଳେଶ୍ୱର(ଅମୃତ ମିଡିଆ): ବିପଦ ସଙ୍କେତ ତଳେ ସୁବର୍ଣ୍ଣରେଖା । ନଦୀରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି । ଜଳେଶ୍ୱରଠାରେ ନଦୀର ଜଳସ୍ତର ବିପଦ ସଙ୍କେତ ତଳକୁ ଖସିଥିବାବେଳେ ପ୍ରଭାବିତ ଅଞ୍ଚଳରେ ପ୍ରଶାସନର ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସୂଚନା ଅନୁସାରେ, ଗତକାଲି ଜଳେଶ୍ୱରଠାରେ ସୁବର୍ଣ୍ଣରେଖାର ଜଳସ୍ତର ସର୍ବୋଚ୍ଚ ସୀମାରେ ପହଞ୍ଚିଥିଲା । ଏବେ ପାଣି କମୁଛି । ଆଉ ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ନାହିଁ । ନୂଆ ସୂଚନା ମିଳିଲେ ତୁରନ୍ତ ଲୋକଙ୍କୁ ଅବଗତ କରାଯିବ । ବନ୍ୟାରେ ପ୍ରାୟ ୪୦ଟି ପଞ୍ଚାୟତ ପ୍ରଭାବିତ ହୋଇଛି । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଏସଓପି ଅନୁସାରେ ପ୍ରଭାବିତ ଲୋକଙ୍କୁ ଖାଦ୍ୟ, ପଲିଥିନ୍, ପିଇବା ପାଣି ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି । ପ୍ରଶାସନର ତଥ୍ୟ ଅନୁଯାୟୀ, ପ୍ରାୟ ଏକ ଲକ୍ଷ ପାଣି ବୋତଲ ଓ ୪୦୦ ମେଟ୍ରିକ୍ ଟନ୍ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ୭୫ଟି ସ୍ଥାନରେ ରନ୍ଧା ଖାଦ୍ୟ ଦିଆଯାଉଛି । ଲୋକଙ୍କ ସୁରକ୍ଷା ପାଇଁ ୪ଟି ଓଡ୍ରାଫ୍ ଟିମ୍ , ୪ଟି ଘଉଜର ଟିମ୍ ଓ ୧୨ ଅଗ୍ନିଶମ ବାହିନୀ ଦଳ ନିୟୋଜିତ ହୋଇଛନ୍ତି । ସ୍ଥାନୀୟ ଟିମ୍ ଓ ଡଙ୍ଗାଗୁଡ଼ିକୁ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ଲଗାଯାଇଛି । ସେହିପରି ୩ଟି ମେଡିକାଲ୍ ଟିମ୍ ବିଭିନ୍ନ ପ୍ରଭାବିତ ଅଞ୍ଚଳ ବୁଲି ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି । ବନ୍ୟା ପରେ ଜଳବାହିତ ରୋଗ ଯେପରି ନ ବ୍ୟାପେ ସେଥିପାଇଁ ମଧ୍ୟ ପ୍ରତିଷେଧକ ପଦକ୍ଷେପ ନିଆଯାଉଛି ।

ମାଲକାନଗିରିରେ ହୁ ହୁ ହୋଇବଢୁଛି ମ୍ୟାଲେରିଆ

ମାଲକାନଗିରି(ଅମୃତ ମିଡିଆ): ମାଲକାନଗିରିରେ ମ୍ୟାଲେରିଆ ଅଣାୟତ । ଜିଲ୍ଲାରେ ହୁ ହୁ ହୋଇ ବଢୁଛି ସଂକ୍ରମଣ । ଜୁଲାଇ ମାସରେ ରୋଗୀ ସଂଖ୍ୟା ୨୮୦୦ ପାର୍ । ଚଳିତ ବର୍ଷ ୩ ମୃତ୍ତ ନେଲାଣି ମ୍ୟାଲେରିଆ । ସ୍ଥିତି ଅନୁଧ୍ୟାନ ପାଇଁ ଖୁବଶୀଘ୍ର ଜିଲ୍ଲା ଗସ୍ତ କରିବ ରାଜ୍ୟସ୍ତରୀୟ ଟିମ୍। ମାଲକାନଗିରି ମ୍ୟାଲେରିଆ ନେଇ ଏବେ ସାରା ରାଜ୍ୟରେ ଉଦବେଗ । ମ୍ୟାଲେରିଆ ନିୟନ୍ତ୍ରଣ ଦିଗରେ ସଫଳତା ହାସଲ କରିଥିବା ମାଲକାନଗିରି ଜିଲ୍ଲାରେ ପୁଣି ଥରେ ସଂକ୍ରମଣ ଉପରମୁହାଁ । ୨୦୨୬ ଜୁନ୍ ସୁଦ୍ଧା ଜିଲ୍ଲାରେ ୪ ହଜାର ୪୨୩ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ । ଜୁଲାଇ ମାସରେ ଆହୁରି ୨ ହଜାର ୮୧୬ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି । ଚଳିତ ବର୍ଷ ମ୍ୟାଲେରିଆରେ ମୋଟ ୩ ଜଣଙ୍କ ମୃତ୍ୟୁ ହୋଇଛି । ଜିଲ୍ଲାରେ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ଏବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଣ୍ଟା ଭିଡ଼ିଛି । ଲୋକଙ୍କ ରକ୍ତ ପରୀକ୍ଷା ସହ ଚିକିତ୍ସା, ସଚେତନତା ଓ ମଶାରି ବଣ୍ଟନ କରାଯାଉଛି । ଜିଲ୍ଲାରେ ଏଯାବତ୍ ପ୍ରାୟ ୪ ଲକ୍ଷ ୧୫ ହଜାର ମଶାରି ବଣ୍ଟନ ହୋଇଛି । ମାଲକାନଗିରିର ମ୍ୟାଲେରିଆ ସ୍ଥିତିକୁ ନେଇ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ବୈଠକରେ ଆଲୋଚନା ହୋଇଛି । ଖୁବଶୀଘ୍ର ଅତିରିକ୍ତ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଟିମ୍ ଜିଲ୍ଲାର ବିଭିନ୍ନ ଅଞ୍ଚଳ, ସ୍ୱାଭିମାନ ଅଞ୍ଚଳ ଓ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିବ। ରାଜ୍ୟସ୍ତରୀୟ ଟିମ୍ ଆସି ସ୍ଥିତି ସମୀକ୍ଷା କରିବେ । ମାଲକାନଗିରିକୁ ପୂଣି ମ୍ୟାଲେରିଆ ନିୟନ୍ତ୍ରଣର ମଡେଲ୍ ଜିଲ୍ଲା କରିବାକୁ ରାଜ୍ୟ ସରକାରଙ୍କ ଫୋକସ୍। ମୃତ୍ୟୁ ସଂଖ୍ୟା ଶୂନ୍ୟ ସହ ମେଲେରିଆକୁ ନିୟନ୍ତ୍ରଣ ପାଇଁ ଏବେ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

ଜିଲ୍ଲାରେ ୩ଟି ନୂଆ ଏନ୍‌ଏସି ଓ ୪ଟି ସ୍ୱତନ୍ତ୍ର ବ୍ଲକ୍ ଗଠନ ଦାବି

ଭଦ୍ରକ(ଅମୃତ ମିଡିଆ): ନିକଟରେ ରାଜ୍ୟ ସରକାର ଭଦ୍ରକ ଜିଲ୍ଲାରେ ୨ଟି ବ୍ଲକକୁ ବିଚ୍ଛପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ମାନ୍ୟତା ପ୍ରଦାନ କରିଛନ୍ତି । ତେବେ ଆଗକୁ ତ୍ରିସ୍ତରୀୟ ପଞ୍ଚାୟତି ଓ ପୌରପରିଷଦ ନିର୍ବାଚନ ଥିବାରୁ ଏହାକୁ ନେଇ ରାଜନୀତି ବୃଦ୍ଧିପାଇବାରେ ଲାଗିଛି । ବର୍ତ୍ତମାନ ପୁଣି ଆଉ ୩ଟି ଏନ୍‌ଏସି ଓ ୫ଟି ବ୍ଲକ୍ ଗଠନ କରିବାକୁ ବିଭିନ୍ନ ମହଲରୁ ଦାବି ଜୋର ଧରିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ହରେକୃଷ୍ଣ ମହତାବଙ୍କ ଜନ୍ମମାଟି ଆଗରପଡ଼ା, ବନ୍ତ ଓ ଧାମରାକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିବାକୁ ବିଭିନ୍ନ ରାଜନୈତିକ ଦଳର ନେତା ଓ ବୁଦ୍ଧିଜୀବୀ ସଂଗଠନ ଦାବି କରିଛନ୍ତି । ସେହିପରି ଜିଲ୍ଲାରେ ଭୌଗୋଳିକ ସୀମା ଓ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ନୂତନ ଭାବରେ ୪ ଟି ବ୍ଲକ ଗଠନ ପାଇଁ ଦାବି ଜୋର ଧରିଛି । ଅସୁରାଳି, ସାବରଙ୍ଗ , ପୀରହାଟ ଓ ବିଦେଇପୁରକୁ ନୂତନ ବ୍ଲକ କରାଯାଉ ବୋଲି

ବିଭିନ୍ନ ବିଦ୍ୟାଳୟରେ ଜନ୍ମାଷ୍ଟମୀ ପୂଜା ପାଳିତ

ଶ୍ରୀକ୍ଷେତ୍ର ଦୋରା ସମାଜ ପକ୍ଷରୁ ତାଳବଣିଆ ଠାରେ ତାଳମଞ୍ଜି ରୋପଣ

ଏମ୍‌ଏମ୍‌ଡିଆର ଆଇନ୍ ସଂଶୋଧନରେ ଲାଭକ୍ଷତିର ତର୍ଜମା କଲେ ଓଡ଼ିଶା ନାଗରିକ ସମାଜ

ଭୁବନେଶ୍ୱର(ବ୍ୟୁରୋ): ଓଡିଶା ନାଗରିକ ସମାଜ ତରଫରୁ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଏବଂ ନିୟନ୍ତ୍ରଣ ସଂଶୋଧିତ(ଏମଏମଡିଆର) ଆଇନ୍ ୨୦୨୬ ସମ୍ପର୍କରେ ଏକ ଗୋଲ ଟେବୁଲ୍ ବିଚାର ବିମର୍ଶ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସଂଶୋଧନ ଆଇନ୍‌ରେ ଓଡ଼ିଶାର ଲାଭ କେତେ ଓ କ୍ଷତି କେତେ ? ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷରେ ଓଡିଶା ନାଗରିକ ସମାଜର ପ୍ରତିଷ୍ଠାତା ସଭାପତି ଡ଼ଃ ଭଗବାନ ପ୍ରକାଶଙ୍କ ପୌରାହିତ୍ୟରେ ସଦସ୍ୟ ସଚିବ ମନୋଜ ଜେନାଙ୍କ ଆବାହକତ୍ୱ ଏବଂ ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଷୋୟୀଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା । ଦେଶର ଖଣିଜ ସମ୍ପଦର ସିଂହ ଭାଗ ଓଡ଼ିଶାରେ ଗଚ୍ଛିତ ରହିଥିବା ସତ୍ତ୍ୱେ କେନ୍ଦ୍ର ସରକାର ଓଡ଼ିଶାର ବିକାଶ ପାଇଁ ସେପରି ଆଖିଦୃଶିଆ ସହାୟତା କରିପାରିନାହିଁ । କେନ୍ଦ୍ର ସରକାରଙ୍କ ଏମଏମଡିଆର ଆକ୍ଟ ବା ଖଣି

ଓ ଖଣିଜ ସମ୍ପଦ ବିକାଶ ସଂଶୋଧନ ଅଧିନିୟମ ୨୦୧୬କୁ ନେଇ ବେଶ ପ୍ରତିକ୍ରିୟା, ବିବାଦ, ଆରୋପ ପ୍ରତ୍ୟାରୋପ ସହିତ ଓଡ଼ିଶାବାସୀଙ୍କ ମନରେ ଗଭୀର ଭାବାବେଗ ସୃଷ୍ଟି ହୋଇଛି । ଏହାକୁ ଓଡ଼ିଶାର ଖଣିଜ ସମ୍ପଦ ଲୁଟ୍‌ର ଷଡ଼ଯନ୍ତ୍ର ଓ ବିନାଶ ପାଇଁ ଅନ୍ତର୍ଘାତି କାର୍ଯ୍ୟ ବୋଲି ବୁଦ୍ଧୀଜୀବୀ ଓ ବିରୋଧୀ କହୁଥିବା ବେଳେ ଶାସକ ଏହାକୁ ଓଡ଼ିଶାର ବିକାଶ ପାଇଁ ନୂଆ ଦିଗଦର୍ଶନ ବୋଲି ସଫେଇ ଦେଉଛନ୍ତି । ଆଲୋଚନାରେ ଅନେକ ବୁଦ୍ଧିଜୀବୀ କହିଲେ ଏହି ଆଇନ୍‌ରେ ଆମ ରାଜ୍ୟ ଅନେକ କ୍ଷତିଗ୍ରସ୍ତ ହେବ । ଖଣି ଉପରେ ରାଜ୍ୟର କୌଣସି ହକ୍ ରହିବନି ଏବଂ ଖଣି ଅଞ୍ଚଳର ଜଙ୍ଗଲ, ଆଦିବାସୀ ଓ ବିଶେଷ କରି ରାଜ୍ୟ ପ୍ରଶାସନର କିଛି କ୍ଷମତା ଓ ଅଧିକାର ରହିବନି ବୋଲି ସନ୍ଦେହ ପ୍ରକାଶ କରିଛନ୍ତି । କେନ୍ଦ୍ର ଓ କର୍ପୋରେଟ୍ ଲାଭବକ୍ଷନ ହେବ ଓ ଓଡ଼ିଶାରେ ଗଭୀର ପରିବେଶ ପ୍ରଭାବ ସହ ସାମଗ୍ରିକ କ୍ଷତି ହେବ ବୋଲି ଆକଳନ ପରିବେଶବିତ୍ ଓ ସାମାଜିକ ସଂଗଠନ ଓ କର୍ମୀ ମତ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପୂର୍ବତନ ସାଂସଦ ଓ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସିପିଆଇଏମ୍‌ର ସମ୍ପାଦକ ସୁରେଶ ପାଣିଗ୍ରାହୀ, ଅଳି କିଶୋର ପଟ୍ଟନାୟକ, ବିଜେଡି ବିଧାୟକ ଡ ଅରୁଣ ସାହୁ, କଂଗ୍ରେସ ନେତା ତଥା ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ, ଓଜେସି ଉପସଭାପତି ପ୍ରଦୀପ ପ୍ରଧାନ, ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର, ବେବି ନାୟକ, ନିରୁପମା ରଥ, ବିନୋଦିନୀ ଦେବୀ, ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ, ମହିଳା ଅଧିକାର ଅଭିଯାନର ରୀନା ରାଉତରାୟ, ଉଦ୍ୟୋଗୀ ପରିବାର ମୁଖ୍ୟ ଶିବ ପ୍ରସାଦ ମିଶ୍ର, କବି ରକ୍ଷକ ନାୟକ, ସମତା କ୍ରାନ୍ତି ଦଳର ପ୍ରଭାତ ସାମନ୍ତରାୟ, ପ୍ରଦ୍ୟୁମ୍ନ ମହାନ୍ତି, ଅଶୋକ ପାଇକରାୟ , ବିଜୟ ପ୍ରଧାନ, ପ୍ରଭାସିନୀ ରାଉତ,ଗିରିଶ ମହାନ୍ତି, ସଚିକାନ୍ତ ପ୍ରଧାନଙ୍କ ସମେତ ରାଜ୍ୟର ସମସ୍ତ ରାଜନୈତିକ ଦଳ, ଗଣ ସଂଗଠନ, ସାମାଜିକ ସଂଗଠନ,ବୁଦ୍ଧିଜୀବୀ, ବିଶେଷଜ୍ଞ ଯୋଗ ଦେଇ ବିଚାର ଆଲୋଚନା କରି ଆଗାମୀ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ ।

ରାଜଧାନୀରେ କନ୍ଦାଉଛି ଟ୍ରାଫିକ୍ ଜାମ୍

ଭୁବନେଶ୍ୱର(ବ୍ୟୁରୋ): ରାଜଧାନୀରେ ଟ୍ରାଫିକ୍ ଜାମ ସ୍ଥିତି ଲୋକଙ୍କୁ ନାକେଦମ କଲାଣି। ସହରର ମୁଖ୍ୟ ରାସ୍ତାରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ସବୁଠି ଗାଡ଼ିର ଲମ୍ବା ଲାଇନ୍ ଲାଗୁଛି। ରାଜମହଲରୁ ବାଣୀବିହାର, ରସୁଲଗଡ଼ରୁ କଳ୍ପନା, ଜୟଦେବିହାରରୁ ପଟିଆ ସହରର ଯେଉଁଆଡ଼େ ଦେଖିଲେ ଚାରିଆଡ଼େ ଖାଲି ଗାଡ଼ିର ଲମ୍ବାଲାଇନ୍ ଦିଶୁଛି। ଗାଡ଼ି ଆଗକୁ ଗଡ଼ିବା କାଠିକରପାଠ ହୋଇପଡ଼ିଛି। ଶୁକ୍ରବାର ଦିନ ଜନ୍ମାଷ୍ଟମୀ ପାଳନ ପାଇଁ ଗୁରୁବାର ସନ୍ଧ୍ୟାରେ ସହରରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। କୌଣସି ପର୍ବପର୍ବାଣି ପୂର୍ବରୁ ରାଜଧାନୀରେ ଏଭଳି ସ୍ଥିତି ଯୋଗୁଁ ଘରୁ ବାହାରିବାକୁ ଲୋକେ ଭୟ କରୁଛନ୍ତି। ଜାମ୍ ଯୋଗୁ ସାଧାରଣ ଲୋକଙ୍କ ସହ ଆମ୍ବୁଲାନ୍ସ, ଦମକଳ ଓ ପୁଲିସ ଭ୍ୟାନ୍ ଭଳି ଜରୁରୀକାଳୀନ ସେବାପ୍ରଭାବିତ ହେଉଛି। କମିସନରେଟ୍ ପୁଲିସର ଟ୍ରାଫିକ୍



ଦୂରଦୃଷ୍ଟିର ଅଭାବ ଓ ଅପରାଗତାକୁ ପଦାରେ ପକାଇଛି। କାରଣ ପୂର୍ବରୁ କୌଣସି ପର୍ବପର୍ବାଣୀ ଥିଲେ ଜାମ୍‌କୁ ଦୃଷ୍ଟିରେ ରଖି କମିସନରେଟ୍ ପୁଲିସ ଲୋକଙ୍କୁ ସତର୍କ କରାଉଥିଲା। ବିଭିନ୍ନ ସମୟରେ, ଜରୁରୀକାଳୀନ ସ୍ଥିତିରେ ଲୋକଙ୍କୁ ସଚେତନ କରାଇବା ପାଇଁ ସ୍ମାର୍ଟ ସିଟିରେ ବଡ଼ ବଡ଼ ଡିସ୍‌ପ୍ଲେ ଲଗାଯାଇଛି। ପ୍ରଚାର ପ୍ରସାର ପାଇଁ ଟ୍ରାଫିକ୍ ଛକଗୁଡ଼ିକରେ ଅଡିଓ ବ୍ୟବସ୍ଥା ରହିଛି। ହେଲେ ଏହି ସବୁ ସେବା ଏକ ପ୍ରକାର ବ୍ୟବସ୍ଥା ଏକପ୍ରକାର ଅଚଳ ହୋଇଯାଇଛି। ଫଳରେ ଲୋକ ଜାମ୍‌ରେ ଫସି ଅଣନିଶ୍ୱାସୀ ହେଉଛନ୍ତି। ଟ୍ରାଫିକ୍ ଡିସିପି ଅନୁପ୍ କାନୁନଗୋ କହିଛନ୍ତି ଯେ, ବିଭିନ୍ନ ରାସ୍ତାରେ ନିର୍ମାଣ କାମ ଚାଲିଛି। ପର୍ବପର୍ବାଣୀ ଯୋଗୁ ଗାଡ଼ି ସଂଖ୍ୟା ବି ବଢ଼ିଯାଉଛି। ଗାଡ଼ି ସଂଖ୍ୟା ହଠାତ୍ ବଢ଼ିବା ସାଙ୍ଗକୁ ରାସ୍ତା ନିର୍ମାଣ କାମ ଯୋଗୁ ସମସ୍ୟା ସୃଷ୍ଟି ହେଉଛି। ଆମେ ବିକଳ୍ପ ବ୍ୟବସ୍ଥା ପାଇଁ ସମସ୍ତ ଦିଗକୁ ନେଇ ଆଲୋଚନା କରୁଛୁ। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ବେହ

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ହ୍ୱାଟ୍ସଆପ୍ ହ୍ୟାକ୍

ଭୁବନେଶ୍ୱର(ପ୍ରୁରୋ): ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଫୋନ୍ / ହ୍ୱାଟ୍ସଆପ୍ ହ୍ୟାକ୍ ହୋଇଯାଇଛି । ସୋସିଆଲ ମିଡିଆରେ ଆଚାର୍ଯ୍ୟ ଏ ନେଇ ଜଣାଇଛନ୍ତି । ତାଙ୍କ ନମ୍ବରୁ ଆସୁଥିବା ଟଙ୍କା କିମ୍ବା ସାହାଯ୍ୟ ମାଗୁଥିବା କୌଣସି ଅନୁରୋଧକୁ ଗ୍ରହଣ ନ କରିବା ପାଇଁ ଆଚାର୍ଯ୍ୟ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଏହି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରାଯାଉଛି ଏବଂ ତାଙ୍କ ନମ୍ବର / ହ୍ୱାଟ୍ସଆପରୁ ଆସୁଥିବା କୌଣସି ସନ୍ଦେହଜନକ ମେସେଜର ଉତ୍ତର ନ ଦେବା ଦିଅନ୍ତୁ ନାହିଁ କିମ୍ବା ସେଥିରେ ଜଡ଼ିତ ନ ହେବା ପାଇଁ ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଏଠାରେ ସୂଚନା ଥାଉକି, ଶୁକ୍ରବାର ମୋବାଇଲ ନମ୍ବର ୭୦୦୮୧ ୩୦୫୩୩୩ରୁ ପ୍ରସନ୍ନ ଆଚାର୍ଯ୍ୟଙ୍କ ନାମରେ ଏକ ମ୍ୟାସେଜ୍ ଲେଖା ହୋଇ ଅନେକ ଲୋକଙ୍କ ପାଖକୁ ମ୍ୟାସେଜ ଆସିଛି ଏବଂ ଏହା ଚର୍ଚ୍ଚାର ବିଷୟ ହୋଇଛି ।

କ୍ୟାପିଟାଲ ହସ୍ପିଟାଲରେ ଧାଡ଼ି ଯନ୍ତ୍ରଣା

ରୋଗୀଙ୍କୁ ରୋଗଠୁ ଅଧିକ କଷ୍ଟ ଦେଉଛି ଲମ୍ବା ଲାଇନ୍

ଭୁବନେଶ୍ୱର(ବ୍ୟୁରୋ): ଯେଉଁଆଡ଼େ ଦେଖିବ ଲମ୍ବାଧାଡ଼ି । ରାସ୍ତାରେ ଅଟୋ ବାଲା ଓହ୍ଲାଇଦେଲା । ଭାରି କଷ୍ଟରେ ପଞ୍ଜୀକରଣ କେନ୍ଦ୍ର ପାଖକୁ ଆସିଲି । ସେଠି ବି ଅସମ୍ଭାଳ ଭିଡ଼ । ଭିତରେ ଠିଆ ହେଲେ ଅଣନିଶ୍ୱାସୀ ଲାଗୁଛି । ଲାଗୁଛି, ଆଜି ଡାକ୍ତରଙ୍କ ସହ ଦେଖା ହୋଇପାରିବନି । ଏବେ ଘରକୁ ଯାଇପାରିବିନି । ଭାବୁଛି, ଆଜି ଏଇଠି ଶୋଇପଡ଼ିବି, ପୁଣି କାଲି ସକାଳକୁ ଟିକଟ କରିବି । ଯଦି ଏମିତି ଠିଆ ହେବି, ତାହେଲେ ମରିଯିବି । ଏଭଳି କହିଥିଲେ ନୟାଗଡ଼ର କମଳା ସେଠୀ(୫୨) । ଦୀର୍ଘଦିନ ଧରି ପେଟ ସମସ୍ୟାରେ କଲବଲ କମଳାଙ୍କ ଏହି କରୁଣ କଥା, ଭୁବନେଶ୍ୱରର ବଡ଼ ମେଡିକାଲ କ୍ୟାପିଟାଲ ହସ୍ପିଟାଲର ଅବ୍ୟବସ୍ଥାକୁ ସ୍ପଷ୍ଟ ଦେଖାଇଥିଲା । କେବଳ କମଳା ନୁହନ୍ତି, ଖୋର୍ଦ୍ଧାରୁ ଆସିଥିବା ବୟସ୍କ ରଘୁନାଥ ସ୍ୱାଇଁଙ୍କ ମଧ୍ୟ ସମାନ ଅଭିଯୋଗ । ଦୁଇମାସ ହେବେ ସ୍ୱାସ୍ଥ୍ୟ ବିଭାଗକୁ ଦୌଡୁଛନ୍ତି । ହେଲେ ସବୁବେଳେ ଧାଡ଼ିରେ ଫସିରହୁଛନ୍ତି । ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଟିକଟ୍ କାଉଣ୍ଟର ଅଛି, ହେଲେ ସେଠି ସମସ୍ତେ ଠିଆ ହୋଇ ଟିକଟ କାଟୁଛନ୍ତି । କାଉଣ୍ଟରରେ ଥିବା କର୍ମଚାରୀମାନେ ପ୍ରତିବାଦ କରୁନାହାନ୍ତି । ସକାଳୁ ଆସି ଠିଆ ହେବା ପରେ ବି ଠିକ୍ ସମୟରେ ଟିକଟ ମିଳୁନି । କ୍ୟାପିଟାଲ ହସ୍ପିଟାଲରେ ଏବେ ଧାଡ଼ି ଯନ୍ତ୍ରଣା ସମସ୍ତଙ୍କ ପାଇଁ ଚିନ୍ତା ପାଲଟିଛି । ପୂର୍ବରୁ ଧାଡ଼ିରେ ଠିଆ ହୋଇ ମହିଳା ରୋଗୀମାନେ ବେହୋଶ ହୋଇଯିବାର ନଜିର ରହିଛି । ଏବେ ହସ୍ପିଟାଲରେ ପିଜିଆଇଏମ୍‌ଏଆର୍ ଖୋଲିବା ପରେ ବିଶେଷଜ୍ଞମାନେ ଯୋଗଦେଇଛନ୍ତି । ସେହି ଅନୁସାରେ ଭୁବନେଶ୍ୱର ସମେତ ଖୋର୍ଦ୍ଧା, ନୟାଗଡ଼, ପୁରୀ ସହ ଜଗତସିଂହପୁର, କେନ୍ଦ୍ରାପଡ଼ା ଏପରିକି ପଶ୍ଚିମ ଓଡ଼ିଶାରୁ ରୋଗୀ ଏଠାକୁ ଆସୁଛନ୍ତି । ଦୈନିକ ଓପିଡ଼ିରେ ୩ହଜାରରୁ ଅଧିକ ରୋଗୀଙ୍କୁ ଡାକ୍ତର ଦେଖୁଛନ୍ତି । ଦିନକୁଦିନ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ ଭିତ୍ତିଭୂମି କମ୍ ପଡୁଛି । ଏପର୍ଯ୍ୟନ୍ତ ବ୍ୟବସ୍ଥିତ ପାର୍କିଂ ସ୍ଥଳ ହୋଇପାରିନି । ଲୋକେ ମନଇଚ୍ଛା ଗାଡି ଏଣେତେଣେ ରଖୁଛନ୍ତି । ଅଟୋଚାଳକ ହସ୍ପିଟାଲ ରାସ୍ତାକୁ ମାଡ଼ିବସୁଛନ୍ତି । ଏଭଳି ସ୍ଥିତିରେ ଚାଲିଚାଲି ଯିବା ବି କଷ୍ଟକର ହୋଇପଡୁଛି । ଟିକଟ ପଞ୍ଜୀକରଣ କାଉଣ୍ଟରରୁ ନେଇ ନିରାମୟ(ଔଷଧ କେନ୍ଦ୍ର), ଆହାର କେନ୍ଦ୍ର, ନିଦାନ ସହ ବିଭିନ୍ନ ବିଭାଗୀୟ ଓପିଡି ସମ୍ମୁଖରେ ଘଣ୍ଟାଘଣ୍ଟା ଧରି ରୋଗୀ ଓ ପରିଜନମାନେ ଲାଇନ୍ ଲଗାଉଛନ୍ତି । ସକାଳ ୮ଟାରୁ ଦିନ ୧୧ଟା ଓ ଅପରାହ୍ନ ୨ଟାରୁ ୫ଟା ଯାଏ ଟିକଟ କାଉଣ୍ଟର ଖୋଲିଥାଏ । ଅପରାହ୍ନ ଅପେକ୍ଷା ସକାଳେ ଅଧିକ ଭିଡ଼ । ଭୋର ସମୟରୁ ରୋଗୀ ପରିଜନମାନେ ପାଣିବୋତଲ, ଚପଲ ରଖି ଜାଗା ମାଡ଼ିବସୁଛନ୍ତି । ସେଥିପାଇଁ କାଉଣ୍ଟର ଖୋଲୁଖୋଲୁ ଗହଳି ଲାଗିରହୁଛି । ଖରା ଗୁଳୁଗୁଳି ଓ ବର୍ଷାରେ ରୋଗୀ ସେମିତି ଠିଆ ହେଉଛନ୍ତି । ହସ୍ପିଟାଲରେ ଇ-ଟିକଟ ମେସିନ୍ ଲାଗିଛି, ତାହା କିଛିଦିନ ଚାଲୁଥିବା ବେଳେ କିଛିଦିନ ବନ୍ଦ ରହୁଛି । ବୁଧବାର ପୂର୍ବାହ୍ନରେ ହସ୍ପିଟାଲ ବାହାରେ ଲମ୍ବା ଧାଡି ଲାଗିଥିଲା । ଟିକଟ କାଟିବାକୁ ଲୋକେ ରାସ୍ତା ପର୍ଯ୍ୟନ୍ତ ଠିଆ ହୋଇରହିଥିଲେ । ମହିଳାଙ୍କ ଧାଡିରେ ଜଣେ ଅସୁସ୍ଥ ମହିଳା ଠିଆ ହୋଇ ବେହୋଶ ଅବସ୍ଥାକୁ ଆସିଯାଇଥିଲେ । ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା । କର୍ତ୍ତୃପକ୍ଷଙ୍କ କହିବା କଥା, ବର୍ତ୍ତମାନ ଦୁଇଟି ସ୍ଥାନରେ ଟିକଟ ପଞ୍ଜୀକରଣ ହେଉଛି । ଲୋକଙ୍କୁ ଅଧିକ ଭିଡ଼ ନ'ଜମାଇବାକୁ ମଧ୍ୟ ପରାମର୍ଶ ଦିଆଯାଉଛି । ରୋଗୀ ସଂଖ୍ୟା ବଢୁଥିବାରୁ ଏଭଳି ସ୍ଥିତି ଉପୁଜିଛି ।

ଏଫସିଆଇ ପ୍ରସଙ୍ଗରେ ବିଜେଡି ଓ ବିଜେପି ମୁହାଁମୁହିଁ

ଭୁବନେଶ୍ୱର(ବ୍ୟୁରୋ): ଏଫସିଆଇ ଆଗରେ ମନ୍ତ୍ରୀ ଅସହାୟ । ଯୋଗାଣ ମନ୍ତ୍ରୀଙ୍କ କଥା ଶୁଣୁନି ଫୁଡ୍ କର୍ପୋରେସନ ଅଫ୍ ଇଣ୍ଡିଆ । ଏ କଥାକୁ ନିଜେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସ୍ୱୀକାର କରିବା

ପରେ ସାମ୍ବାଦିକ ସମ୍ମିଳନୀ କରି ଘେରିଛି ବିଜେଡି । ବିଜେଡି ବରିଷ୍ଠ ନେତା ସଞ୍ଜୟ ଦାସବର୍ମା କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ନୂଆ ସରକାର ଗଠନ ବେଳେ କୁହାଗଲା, ଆମକୁ ସରକାର ଦିଅ ଆମେ ଓଡ଼ିଶାକୁ ଆଗେଇ ନେବୁ । ହେଲେ ଏବେ ଯୋଗାଣ ମନ୍ତ୍ରୀ ନିଜେ ଅସହାୟତା ପ୍ରକାଶ କରୁଛନ୍ତି । କଟଣି ଛଟଣି ଠାରୁ ମିଲର ମାନଙ୍କ ଅରାଜକତା ପର୍ଯ୍ୟନ୍ତ, ଯାହା ସମସ୍ୟା ଥିଲା ଆମେ ଉପସ୍ଥାପନା କରୁଥିଲୁ, ଏବେ ସେ ସବୁକୁ ମନ୍ତ୍ରୀ ମାନିଲେ । କେନ୍ଦ୍ର ସରକାର ଶୁଣୁନାହାନ୍ତି ଅର୍ଥାତ୍, ଓଡ଼ିଶାର ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ୨୦ଜଣ ସାଂସଦ ଏବଂ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଯାଇଥିଲେ, ଯୋଗାଣ ମନ୍ତ୍ରୀ ମଧ୍ୟ ୭ଥର କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟ କରିସାରିଲେଣି ତଥାପି କେନ୍ଦ୍ର ସରକାର ରାଜ୍ୟ କଥା ଶୁଣୁନାହାନ୍ତି ବୋଲି ସଞ୍ଜୟ କହିଛନ୍ତି । ଏଫସିଆଇ କ'ଣ ପାଇଁ ପାତରଅନ୍ତର କରୁଛି ଏ କଥା ସ୍ୱୀକାର କରିଛନ୍ତି ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଅନ୍ୟ ରାଜ୍ୟରୁ ଧାନ ଉଠୁଛି ମାତ୍ର ଓଡିଶାରୁ କାହିଁକି ଉଠୁନି ପ୍ରଶ୍ନ କରିଛି ବିଜେଡି । ଚାଷୀଙ୍କୁ ଏମ୍‌ଏସପି ଦେବୁ, ଇନପୁଟ୍ ସବ୍‌ସିଡି ପ୍ରଦାନ କରିବୁ ବୋଲି କହୁଥିଲେ । ହେଲେ ଆଜି ସେମାନେ ବିଫଳ ହୋଇଛନ୍ତି । କେଉଁ ଆଳ କଲେ ଚାଷୀ ଇନପୁଟ୍ ସବସିଡି ପାଇବେ ନାହିଁ ସରକାର ଏବେ ସେ ଚିନ୍ତା କରୁଛନ୍ତି । ଉଚ୍ଚସ୍ତରୀୟ ଡେଲିଗେସନରେ ରାଜ୍ୟର ୨୦ଜଣ ସାସଂଦ ଏଫସିଆଇକୁ ଭେଟି ଓଡ଼ିଶାରେ ଯାହା ବଳକା ଚାଉଳ ଅଛି ଉଠାଇ ନେବାକୁ ଅନୁରୋଧ କରିଥିଲେ । ମାତ୍ରର ସେମାନଙ୍କୁ ଅଣଦେଖା କରାଗଲା । ୧୮ ଲକ୍ଷ ମେଟ୍ରିକ୍ ଟନ ଚାଉଳ ପଡ଼ିଛି, ନେବାକୁ କେହି ନାହାନ୍ତି । ଯୋଗାଣ ବିଭାଗ ସମ୍ପୂର୍ଣ ଭାବେ ଫେଲ୍ ହୋଇଛି ବୋଲି ବିଜେଡି ବରିଷ୍ଠ ନେତା ସଞ୍ଜୟ ଦାସବର୍ମା କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ଯୋଗାଣ ମନ୍ତ୍ରୀ ଯେଉଁ ଭୟଙ୍କର କଥାକୁ ସ୍ୱୀକାର କରିଛନ୍ତି ତାକୁ ଓଡିଶା ବିଧାନସଭାରେ ଉଠାବୁ । ଓଡ଼ିଶା ଲୋକେ ଜାଣିଥିଲେ ଆଳୁ ଉପରେ ତାଙ୍କର ଅଭିଜ୍ଞତା କଣ, ଏ୍ୱେ ଚାଉଳ କଥା କହିଲେଣି । ପରିସ୍ଥିତି ଏମିତି ହୋଇଛି ଯେ ଯଦି ରଉଓ ଚାଉଳ ନଉଠାଉଛି, ତେବେ ଆଗାମୀ ଦିନରେ ଅର୍ଥାତ୍ ଖରିଫ୍ ଅମଳ ବେଳେ ଧାନ ରଖିବାକୁ କେଉଁଠି ଜାଗା ନଥିବ । ଯୋଗାଣ ମନ୍ତ୍ରୀ କହିଛନ୍ତି ଆମେ ହାତ ବାନ୍ଧିକି ବସିଛୁ । ଆର୍ଥାତ୍ ରଉଓର ଜଣେ ଜେନେରାଲ ମ୍ୟାନେଜରଙ୍କ ଆଗରେ ହାତ ଟେକିଦେଲେ ମନ୍ତ୍ରୀ । ତାଙ୍କର ସାହସ ନାହିଁ ଦିଲ୍ଲୀରେ କହିବା ପାଇଁ । ଖୁବଶୀଘ୍ର ଅବ୍ୟବସ୍ଥାର ସୁଧାର ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାଇ ଦେଇଛନ୍ତି ସଞ୍ଜୟ ଦାସବର୍ମା ।

ରକ୍ଷଣାବେକ୍ଷଣ ଅଭାବରୁ ରାଜଧାନୀରେ ରୁଗ୍ଣ ହୋଇପଡ଼ିଛି 'ପାର୍କ'

ଭୁବନେଶ୍ୱର(ବ୍ୟୁରୋ): ଦ୍ରୁତ ସହରୀକରଣ ଭିତରେ ରାଜଧାନୀ ଭୁବନେଶ୍ୱରର ଖୋଲା ଜାଗା ହଜିଗଲାଣି । ଲୋକଙ୍କ ମୁକ୍ତ ବିଚରଣର ସ୍ଥାନାଭାବ ଦେଖାଦେଲାଣି । ରାଜଧାନୀବାସୀଙ୍କ ଏହି ଅଭାବ ପୂରଣ ପାଇଁ ରାଜ୍ୟ ସରକାର ପାର୍କ ନିର୍ମାଣ ଓ ଏହାର ଭିତ୍ତିଭୂମି ଉନ୍ନତୀକରଣକୁ ଗୁରୁତ୍ୱ ଦେଇଛନ୍ତି । ଅବସର ବିନୋଦନ, ଖେଳକୁଦ ଓ ବ୍ୟାୟାମ ପାଇଁ ପ୍ରକୃଷ୍ଟ ପରିସର ଯୋଗା ?ଇଦେବାକୁ ପାର୍କର ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି । ଏଥିପାଇଁ କୋଟି କୋଟି ଟଙ୍କାରେ ପାର୍କ ପ୍ରାଚୀର, ଘାସ ଗାଲିଚା, ପାଦଚଲା ରାସ୍ତା ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି । କୋଟି କୋଟି ଟଙ୍କାର ଖେଳ ଓ ବ୍ୟାୟାମ ଉପକରଣ ବି କିଣାଯାଉଛି । କିନ୍ତୁ ଦୂରଦୃଷ୍ଟି ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ରାଜଧାନୀ ଭୁବନେଶ୍ୱର ପ୍ରାୟ ସବୁ ପାର୍କ ଉଜୁଡ଼ିଗଲାଣି । ପାର୍କରେ ଅନାବନା ଘାସ ମାଡ଼ିଯାଇଥିବାରୁ, ଲୋକେ ପଶିବାକୁ ଡରୁଛନ୍ତି । କେତେକ ପାର୍କରେ କାଦୁଅ ପଚପଚ ହେଉଛି । ଖେଳ ଓ ବ୍ୟାୟାମ ଉପକରଣ ସବୁ ଭାଙ୍ଗିଗଲାଣି । ଯେଉଁ ଉଦ୍ଦେଶ୍ୟରେ ଏହି ପାର୍କର ବିକାଶ କରାଯାଇଥିଲା, ତାହା ଲକ୍ଷ୍ୟଚ୍ୟୁତ ହେବାରେ ଲାଗିଛି । ପାର୍କ ଆଉ ଅଞ୍ଚଳବାସୀଙ୍କୁ ସେଭଳି ସେବା ଯୋଗାଇ ପାରୁନି । ବିଡିଏ ପାର୍କ ସ୍ଥିତି ଚଳନୀୟ ଓ ଅଧିକ ଆକର୍ଷଣୀୟ । କିନ୍ତୁ ବିଏମ୍‌ସି ଯେଉଁ ପାର୍କ ସବୁ ପରିଚାଳନା କରୁଛି, ସବୁ ଦୟନୀୟ ସ୍ଥିତିରେ । ଅନେକ ପାର୍କ ନିଶାଡ଼ିଙ୍କ ଦଖଲକୁ ଚାଲିଗଲାଣି । ରାତି ହେଲେ ଏଠାରେ ଖୋଲାଖୋଲି ନିଶା ସେବନ ଚାଲୁଛି । ଏଣୁ ମହିଳା, ପୁରୁଷମାନେ ବି ପାର୍କକୁ ଯିବାକୁ ଅସୁରକ୍ଷିତ ମଣିଲେଣି । ବିଏମ୍‌ସି ମେୟର ସୁଲୋଚନା ଦାସଙ୍କ କହିବା କଥା, ବିଏମ୍‌ସି ୧୬୩ଟି ପାର୍କର ପରିଚାଳନା ଓ ରକ୍ଷଣାବେକ୍ଷଣ କରୁଛି । ପୂର୍ବରୁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ(ମୁକ୍ତା)ରେ ଏହି ପାର୍କ ସବୁର

ରକ୍ଷଣାବେକ୍ଷଣ କରାଯାଉଥିଲା । ଏବେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯ

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.137, Saturday, 5 September 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୭, ଶନିବାର, ୫ ସେପ୍ଟେମ୍ବର ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା